ସଂସ୍କୃତ ଓ ସଂସ୍କୃତି

(ପୁରୀ ସଂସ୍କୃତ କଲେଜରେ ପ୍ରଦତ୍ତ ବକ୍ତୃତା)

ବକ୍ତା—

ପଣ୍ଡିତ ନୀଳକଣ୍ଠ ଦାସ

ପ୍ରକାଶକ

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋରସ୍ ଲିଃ

ବ୍ରହ୍ମପୁର : କଟକ

୧୯୫୮

Digitized by srujanika@gmail.com

ପ୍ରକାଶକ ଓ ପ୍ରାପ୍ତିସ୍ଥାନ
ନଉଷ୍ଟ୍ରେଣ୍ଣସ୍ ଷ୍ଟୋରସ୍ ଲିମିଟେଡ୍,
ବ୍ରହ୍ମପୁର (ଗଞ୍ଜାମ)
ଏବଂ
ନନ୍ଦକିଶୋର ରୋଡ୍, କଟକ—୨

ପ୍ରଥମ ମୁଦ୍ରଣ
ଏ କ ହ ଜା ର
୧୯୫୧

ମୁଦ୍ରାକର—ବନମାଳୀ ମିଶ୍ର ବି.ଏ.
ନବଭାରତ ପ୍ରେସ,
କଟକ—୨

Digitized by srujanika@gmail.com

ମୂଳକଥା

ତତ୍‌କାଳୀନ ଓଡ଼ିଶା ସଂସ୍କୃତ ଅସୋସିଏସନ୍‌ର ସମ୍ପାଦକ, ପୁରୀ ସଂସ୍କୃତ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାସ, ଏମ୍. ଏ, ୧୯୪୭ ମସିହାର ସମାବର୍ତ୍ତନ ଉତ୍ସବରେ ମୋତେ ସଭାପତି କରି ଡାକି ଥିଲେ । ସେହି ସମ୍ପର୍କରେ ମୁଁ ୨୧ । ୨ । ୧୯୪୭ରେ ପୁରୀ ସଂସ୍କୃତ କଲେଜରେ ଯେଉଁ ବକ୍ତୃତାଟି ଦେଇଥିଲି, ତାହାହିଁ ଦୀର୍ଘ କୋଡ଼ିଏ ବର୍ଷ ପରେ ଏ ପୁସ୍ତକରେ ପ୍ରକାଶ କରା ଯାଉଛି । କଟକ ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋରସ୍ ଏହା ପ୍ରକାଶ କରୁଛନ୍ତି । ସେଥିପାଇଁ ତାଙ୍କୁ ବହୁମାନ ଜଣାଉଛି ।

ବକ୍ତୃତାଟି ପ୍ରାୟ ଅଢ଼ାଇ ଘଣ୍ଟାବ୍ୟାପୀ ହୋଇଥିଲା । ସେଥିରୁ ସାମାନ୍ୟ କେତେକ ଅଂଶରୁ ଲେଖି ନେଇଥିଲି । ମାତ୍ର ବାକିତକ ମୁହଁରୁ କହିଥିଲି । ଘରେ ଆସି ସମସ୍ତଟି ଲେଖାଇ ପକାଇ ଥିଲି । ଏବେ ପ୍ରେସ କାର୍ଯ୍ୟ ଚାଲୁଥିବା ବେଳେ ପୁଣି ଥରେ ତାକୁ ଅଧ୍ୟାୟ, ପାରାଗ୍ରାଫ୍ ବିଷୟ ନିର୍ଦ୍ଦେଶ ଓ ପରିଶିଷ୍ଟରେ ମୂଳ ପ୍ରମାଣାଦିର ସୂଚନା ଓ ସଙ୍କେତ ସହ ଅନ୍ତ୍ୟରେ ଭଲକରି ଲେଖି ଦେଇଛି ।

କହିଦିଏ, ବକ୍ତୃତା ଦେଲାବେଳେ ଅସୋସିଏସନ୍‌ର ତତ୍‌କାଳୀନ ସଭାପତି ଏମାରମଠ ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ, ଜଗନ୍ନାଥ 'ପତିତ ପାବନ' ନୁହନ୍ତି ବୋଲି ଶୁଣି, ସ୍ତମ୍ଭିତ ହୋଇ ଚମକି ପଡ଼ିଥିଲେ; ପୁଣି ଶ୍ରୋତାଙ୍କ ଭିତରେ କେତେକ ପଣ୍ଡିତ, ଫଳିତ ଜ୍ୟୋତିଷ, ବିଦ୍ୟା ନୁହେଁ ବୋଲି ଶୁଣି ସମ୍ଭବତଃ ଖୁବ୍

Digitized by srujanika@gmail.com

ବିମନା ହୋଇ ଯାଇଥିଲେ । ପ୍ରାଣର ପ୍ରତିଷ୍ଠିତ ସଂସ୍କାରରେ ହଠା
ବାଧା ପଡ଼ିଲେ ଏହା ହେବା ସ୍ୱାଭାବିକ । ତେଣୁ ସେମାନଙ୍କୁ ତ
ପାଠକ ସାଧାରଣଙ୍କୁ ବିନୀତ ଅନୁରୋଧ, ସେମାନେ ଅନାସ
ଚିତ୍ତରେ ଦେଖିବେ, ଜଗନ୍ନାଥ 'ପତିତ ପାବନ' ନୁହନ୍ତି ବୋ
କହିବାରେ ଜଗନ୍ନାଥଙ୍କ ମହିମା କ୍ଷୁର୍ଣ୍ଣ ହୋଇ ନାଇ, ବରଂ ଶା
ସତ୍ୟରେ ଉଜ୍ଜ୍ୱଳ ହୋଇଛି । ପୁଣି ଫଳିତ ଜ୍ୟୋତିଷକୁ ଅପବି
ବା ଅବିଦ୍ୟା କହିବାରେ ବିଦ୍ୟାର ଅପବାଦ ବା ସତ୍ୟର ଅପଳା
ହୋଇ ନାଇ । ବରଂ ସ୍ପଷ୍ଟତର ପ୍ରେରଣା ଜାଜ୍ୱଲ୍ୟମାନ ହୋଇ
ବିଦ୍ୟା-ବିନୟ-ବନ୍ତଙ୍କୁ ଅଧିକ କହିବା ନିଷ୍ପ୍ରୟୋଜନ ।

ନବଭାରତ ଅଫିସ, କଟକ,
୬ ୭ । ୩ । ୧୯୩୮

ନୀଳକଣ୍ଠ ଦାସ

ବିଷୟ-ସୂଚୀ *

ପୃଷ୍ଠା

୧ । ଆର୍ଯ୍ୟଭାଷା— ୧—୨୭

ସଂସ୍କୃତ ସାହିତ୍ୟର ମୂଲ୍ୟମାପ—୧ । ଭାରତର ଆଦିମ ଆର୍ଯ୍ୟ ଓ ଅସୁର—୨ । ଆର୍ଯ୍ୟ-ଅସୁର ବିବାଦର ଫଳ—ପାରସ୍ୟରେ—୨ । ଭାରତରେ—୪ । ଆର୍ଯ୍ୟଙ୍କ ପ୍ରତିଷ୍ଠାର ସାଧନ—ଭାଷା—୬ । ତତ୍ତ୍ୱବିଦଙ୍କ ମତ—୬ । ସେ ମତର ମୂଲ୍ୟ—୭ । ବୌଦ୍ଧର ମୂଳ ପ୍ରକାଶ, ଆର୍ଯ୍ୟ ଭାଷାରେ ନୁହେଁ—୮ । ତାହାର ସଙ୍କେତ—ବୌଦ୍ଧ ମନ୍ତ୍ର ଓ ବେଦ ମନ୍ତ୍ର—୮ । ମନ୍ତ୍ରର, ପରଂପରା—୯ । 'ନିଗମ' ଓ 'ଆଗମ'—୧୧ । ସବୁ 'ଆଗମ' ଏକା ପର ନୁହନ୍ତି—୧୩ । ଶାକ୍ତ ଓ ଶୈବଧର୍ମ—୧୪ । ଭକ୍ତିଧର୍ମ—ବୈଷ୍ଣବ ଧର୍ମ—୧୪ । ସୁମେର ପ୍ରଭୃତି ପଶ୍ଚିମ ଭୂମିର ଦେଖ—୧୬ । ବେଦର ଭାଷା—୧୭ । ସଂସ୍କୃତ, ମଲ୍ଲଭାଷା ?—୧୮ । ସଂସ୍କୃତ ବ୍ୟାକରଣ—୧୯ । ସଂସ୍କୃତ, ଚଳିତ ଭାଷା ?—୨୨ । ଏ କ୍ଷେତ୍ରରେ ଆର୍ଯ୍ୟର ଓ ପରଂପରା—୨୪

୨ । ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତର ସମୀକରଣ ୨୮—୬୪

ପ୍ରାକୃତର ପ୍ରଭାବ—୨୮ । ଦ୍ରାବିଡ଼ ପ୍ରାକୃତ—୨୯ । ଶବର ବା ନିଷାଦ—୩୦ । ସଂସ୍କୃତ—ପ୍ରାକୃତ—୩୧ । ବ୍ୟାକରଣ ଓ ଶବ୍ଦର ବ୍ୟୁତ୍ପତ୍ତି—୩୩ । ମଳୟ—୩୪ । ଯବନ, ଯବନିକା—୩୫ । ସଂସ୍କୃତ ବ୍ୟାକରଣର ଶୃଙ୍ଖଳା—୩୭ ।

* ଏଥିରେ ଅଙ୍କ ହେଉଛି, ସବୁ ଗ୍ରନ୍ଥର ପୃଷ୍ଠାଙ୍କ ।

Digitized by srujanika@gmail.com

ବୈଦିକ, ଯୋଗ ଓ ଦର୍ଶନ—୩୯ । ଶକ୍ତି ଓ ତନ୍ତ୍ର—୪୧ । ଭକ୍ତି ଧର୍ମ—୪୨ । ଦ୍ରାବିଡ଼ ସଂସ୍କୃତିର ପ୍ରତିଷ୍ଠା—୪୩ । ସଂସ୍କୃତିର ସ୍ୱରୂପ—୪୫ । ଆର୍ଯ୍ୟ ପରଂପରା ଓ ଧାରଣା—୪୫ । ବେଦରେ—୪୭ । ନାସଦୀୟ ସୂକ୍ତ—୪୮ । ଅଥର୍ବବେଦ—୪୯ । ଉପନିଷଦରେ—୫୦ । ସ୍ମୃତି—୫୨ । ଦର୍ଶନ—୫୨ । ପୁରାଣ, ପୀଠ ଓ ତୀର୍ଥ—୫୩ । 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'—୫୫ । ପ୍ରାକୃତ ଉପରେ ସଂସ୍କୃତର ପ୍ରଭାବ—୫୬ । ଜୈନ ଓ ବୌଦ୍ଧ ପ୍ରାକୃତ—୫୭ । ଦ୍ରାବିଡ଼ ପ୍ରାକୃତ ଓ ବୈଦିକ—୫୮ । ସାଧୁଭାଷା—୬୦ । ତତ୍ସମର ଅମଦାନୀ—୬୧ । ତାହାର ଫଳ—୬୨ । ଏଥିରେ ଦ୍ରାବିଡ଼ ଓ ଆର୍ଯ୍ୟ ପ୍ରାକୃତର ଭେଦ ନାହିଁ—୬୩ ।

୩ । ଲିପି ୬୪—୭୮

ଲିପିର ମୂଳ—୬୪ । ଭାରତୀୟ ଲିପିର ପ୍ରାରମ୍ଭ—୬୬ । ଭାରତୀୟ ଲିପିର ପରଂପରା ସ୍ୱତନ୍ତ୍ର—୬୭ । ଫିନିସୀୟ ଲିପିମାଳା—୬୭ । ଲିପି ଓ ବର୍ଣ୍ଣ—୬୯ । ଭାରତରେ 'ଶ୍ରୁତି'—୭୦ । ଶ୍ରୁତିର ସାଧନା, ଲିପିକୁହେଁ, ବର୍ଣ୍ଣ—୭୧ । ବର୍ଣ୍ଣ ଚତୁର—୭୩ । ପାଣିନିଙ୍କ ଦୃଷ୍ଟି—୭୪ । ବର୍ଣ୍ଣର ଉଚ୍ଚାରଣ ଓ ଲିପି—୭୫ । ପ୍ରାକୃତ ଲିପିର ଭିନ୍ନଭିନ୍ନ ରୂପ—୭୬ । ଭାରତୀୟ ସଂସ୍କୃତିରେ ଲିପିର ବରଣୀ—୭୭ ।

୪ । ଆର୍ଯ୍ୟଭାଷା, ସନାତନ ଓ ସାର୍ବଜନୀନ—୭୮—୮୩

ବର୍ଣ୍ଣ ବିଜ୍ଞାନର ଅନ୍ତରୋଟିଏ ଦିଗ—୭୮ । ଏବେବି ଇଉରୋପରେ ପାଣିନିଙ୍କୁ ଚିହ୍ନିଲେ—୭୯ । ପଣ୍ଡିତରୁ ଭାଷା ଓ ସମାଜ ବନ୍ଧନ—୮୧ । ସଂସ୍କୃତ ପଣ୍ଡିତଙ୍କ ଧର୍ମ—୮୨ ।

Digitized by srujanika@gmail.com

୫। ସ୍ୱର୍ଗତ ପଣ୍ଡିତ ହରିହର ଦାସ   ୮୩—୯୯

ହରିହରଙ୍କ ସାମାନ୍ୟ ପରିଚୟ—୮୩। ଭକ୍ତଚନ୍ଦ୍ର ମଧୁସୂଦନଙ୍କ ଉପରେ ତାଙ୍କ ପ୍ରଭାବ—୮୫। ପାଣିନିଙ୍କ ପ୍ରଭାବ ଓ ଏ ଦେଶର ମୁଖ୍ୟ ଉଦ୍ୟୋଗୀଦ୍ୱୟ—୮୬। ବୀମ୍‌ସ୍ ସାହେବ ଓ ହରିହର—୮୭। ଦୁଇ ବିଦ୍ୟାବନ୍ତଙ୍କ ଅସ୍ୱୀକୃତା—୮୮। ଗେଡ଼ସ୍ ସାହେବ—୮୮। ପୁରୀ ସଂସ୍କୃତ ବିଦ୍ୟାଳୟ—୮୯। ଏକ ବିଦ୍ୟାଳୟର କଳ୍ପନା—୯୦। ସେଥିପାଇଁ ଚିନ୍ତା—୯୧। ‘ନଅଂଙ୍କ’—୯୨। ଛାପରେ—୯୩। ସ୍ୱାମୀ ଦୟାନନ୍ଦ ଓ ହରିହର—୯୪। ବେଥୁନ୍ କଲେଜରେ ବକ୍ତୃତା—୯୪। ହରିହରଙ୍କ ପ୍ରତିଭାର ସାର୍ଟିଫିକେଟ—୯୫। ଶେଷ ଯାତ୍ରା—୯୬। ଯତ୍ କିଂଚିତ୍ ସ୍ମାରକ ମଧ୍ୟ ହଜିଗଲେ—୯୭।

୬। ସଂସ୍କୃତ ଶିକ୍ଷା—ଚିକିତ୍ସା ବିଜ୍ଞାନ   ୯୯—୧୦୬

ହରିହରଙ୍କ ସ୍ମୃତି—୯୯। ଚିକିତ୍ସା ଶାସ୍ତ୍ର—୧୦୦। ଚିକିତ୍ସା ବିଦ୍ୟାର ମୂଳ ଭାରତରେ—ବୈଦିକଯୁଗ—୧୦୦। ବୌଦ୍ଧ-ଯୁଗ—‘ଥେରପୁତ୍ତ’—୧୦୧। ୟୁନାନୀ—୧୦୨। ଏବେ ଆମର କର୍ତ୍ତବ୍ୟ—୧୦୨। ବିଜ୍ଞାନ—୧୦୪। ଚିନ୍ତା—୧୦୫।

୭। ଫଳିତ ଜ୍ୟୋତିଷ ଓ ଜ୍ୟୋତିଷ   ୧୦୬—୧୨୦

ଆକାଶ ଦର୍ଶନର ଇତିହାସ—୧୦୬। ଆମ ଜ୍ୟୋତିଷ—୧୦୮। ସିଦ୍ଧାନ୍ତ ଓ ସଂହିତା—୧୦୯। ଏବ ଜ୍ୟୋତିଷ ବିଦ୍ୟା—୧୧୦। ଶୂନ୍ୟଦେଶ ଓ ଜଗତ୍—୧୧୧। ମୂଳ ବସ୍ତୁ—ଶକ୍ତି—୧୧୩। ଏହି ଶକ୍ତିର ବିଜ୍ଞାନମୟ ବିଶ୍ୱରୂପ—୧୧୪। ଫଳିତ ଜ୍ୟୋତିଷର ପ୍ରକୃତି—୧୧୫। ତା ମୂଳ ଓ

Digitized by srujanika@gmail.com

ଗତ—୧୧୫ । ତନ୍ତ୍ରରେ ରୂପକ ଓ ଉପାଖ୍ୟାନ—୧୧୭ । କୁସଂସ୍କାର ଏବଂ କୃତିତ୍ୱ ଫୁଟାଇବାକୁ ହେବ—୧୧୯ ।

୮ । ଉଦାରଶିକ୍ଷା—ମଠ—ଜଗନ୍ନାଥ—ସଦାବ୍ରତ ୧୨୦-୧୪୩

ଉଦାରଶିକ୍ଷା—ଉଚ୍ଚ ସ୍ତରରେ—୧୨୦ । ନିମ୍ନ ସ୍ତରରେ—୧୨୧ । ଧନର ବ୍ୟବସ୍ଥା—ମଠ—୧୨୨ । ଅଭ୍ୟାରେ ସାଧୁ ସେବା—୧୨୬ । ସାଧୁ ଓ ମନ୍ଦବନ୍ଦିନା—୧୨୩ । ମନ୍ଦବନ୍ଦିନା ସମାଜକୁ ଉଠିଯିବା ଖେଳିବା—୧୨୪ । ପତିତପାବନ ଧର୍ମ ଓ ଦରିଦ୍ରନାରାୟଣ-ସେବା, ଅମ କୁଳଧର୍ମ ନୁହେଁ—୧୨୫ । ଅମ ଠୈଣୀ ଧର୍ମର ଢାଳରେ ଗଢ—ମହାଯାନର କରୁଣା—୧୨୬ । ପଶ୍ଚିମ ଏସିଆର ପତିତପାବନ ଧର୍ମ ପ୍ରସ୍ଥବର ସଂଘଟନ—୧୨୭ । ଅନ୍ୟଆ ଅଦାନ-ପ୍ରଦାନର ନିଦର୍ଶନ—୧୨୮ । ପତିତପାବନ ଧର୍ମର ନବ୍ରୂପ—କାଂଗାଳ ସେବା—୧୨୯ । ପତିତପାବନ ଧର୍ମରେ ଯଥାର୍ଥ ଅମ୍ବିକତା ନାଇ—୧୩୦ । ଡେଣ୍ଣ ସମାଜରେ ଅନିବାର୍ଯ ବଦ୍ରୋହ ଓ ଦ୍ୱନ୍ଦ୍ୱ—୧୩୧ । 'ଜଗନ୍ନାଥ' ପତିତପାବନ ନୁହନ୍ତି—୧୩୨ । ଚତୁର୍ଧାମୂର୍ତ୍ତି ପୁରୁଷୋତ୍ତମ ଜଗନ୍ନାଥରେ ସମାଧାନ—୧୩୪ । ପୁରୁଷୋତ୍ତମ ଧାରଣାଇ ମୁକ୍ତିର ପନ୍ଥା—୧୩୫ । ଏହୁ ଭରତ ଧମର ଅଧିଷ୍ଠାନ—ଜଗନ୍ନାଥ ଭୂମି—୧୩୬ । ଶତ ଶତାବ୍ଦୀ ସତ୍ତ୍ୱେ ତା ଅଜ୍ଞ ଜଗତର ଗତି ପାଇଁ ଜୀବନ୍ତ ଅଛି—୧୩୬ । ଏ ମନ୍ଦର ପାରମ୍ପରିକ ସାଧନା—ବୌଦ୍ଧାଗୁରବେ—୧୩୭ । ବର୍ଣ୍ଣାଶ୍ରମରେ—୧୩୮ । ଗୁରୁଶିଷ୍ୟ, ବ୍ରାହ୍ମଣପାତ, ସେବା ଓ ପରଶୁର୍ଣ୍ଣ—୧୩୯ । ଶେଷକୁ ମହାସଙ୍ଘ—୧୪୦ । ମଠ ଓ ସଦାବ୍ରତ—୧୪୦ ।

ସଂସ୍କୃତ ଓ ସଂସ୍କୃତି *

(୧)

ଆର୍ଯ୍ୟଭାଷା

ଏଇ ପୁଣ୍ୟ ପୁରାଣ ଜଗନ୍ନାଥ ଭୂମିରେ ଆଜି ମାନବ ସଭ୍ୟତାର ଆଧ୍ୟାତ୍ମିକ ଓ ଭୌତିକ ମହା ସମାଧାନ ରୂପ ସେଇ ଜଗନ୍ନାଥ ନାମ ସ୍ମରଣ କରି ଆପଣମାନଙ୍କ ଶିକ୍ଷାନୁଷ୍ଠାନର ଏଇ ମହାପର୍ବ ଦିନରେ ଆପଣମାନଙ୍କ କୁଳପତିକଳ୍ପଙ୍କ ଅନୁରୋଧ ତଥା ଆକାଂକ୍ଷା ଅନୁବର୍ତ୍ତନ କରି କିଛି କହୁଛି । ଅନୁଗ୍ରହ କରି ଅବଧାନ ଦିଅନ୍ତୁ ।

ସଂସ୍କୃତ ସାହିତ୍ୟର ମୂଲ୍ୟମାପ

ସଂସ୍କୃତ ସାହିତ୍ୟ ବିଶେଷଭାବରେ ଏଠି ଆପଣମାନଙ୍କର ଅଧ୍ୟେତବ୍ୟ । ଦର୍ଶନାଦି ସବୁ ଏଠାରେ ସାହିତ୍ୟର ଅଙ୍ଗୀଭୂତ । ଆଜି ନାନା କାରଣରୁ ବିଦ୍ୟା ଅର୍ଥକରୀ ନ ହେଲେ, ତାର ଅନ୍ୟ ମୂଲ୍ୟମାପ ନାଇ । ସେ ହିସାବରେ ମୁଁ ଆପଣମାନଙ୍କ ଅଧ୍ୟେତବ୍ୟ ତଥା ଅଧ୍ୟୟନର ସାଧନା ଏଠି ମାପିବାକୁ ଆସିନାଇ—ମାପିପାରିବି ନାଇ । ସଂସ୍କୃତ ସାହିତ୍ୟର ମୂଲ୍ୟ ମୋ ପକ୍ଷରେ ସେପରି ମାପିବାର ବସ୍ତୁ ନୁହେ ।

---

*୧୨-୨-୧୯୬୭ ଦିନ ଓଡ଼ିଶା ସଂସ୍କୃତ ଆସୋସିଏସନ୍ ସମାବର୍ତ୍ତନ ଉତ୍ସବରେ ପୁରୀ ସଂସ୍କୃତ କଲେଜରେ ଦିଆହୋଇଥିବା ବକ୍ତୃତା ।

Digitized by srujanika@gmail.com

ଭାରତର ଆଦିମ ଆର୍ଯ୍ୟ ଓ ଅସୁର

ବହୁକାଳ ତଳେ—ଠିକ୍ କେତେ କାଳ, କିଏ କହିବ, ଅନ୍ତତଃ ଅଳ୍ପରୁ ସାଢେ ତିନିହଜାର ବର୍ଷରୁ ଊଣା ନୁହେଁ—ସଂସ୍କୃତର ମୂଳଭାଷା-ଭାଷୀ ଆର୍ଯ୍ୟମାନେ ଭାରତର ଗାନ୍ଧାର ଓ ଅଙ୍ଗର ସପ୍ତନଦ ପ୍ରଦେଶରେ ଦେଖା ଦେଇ ଥିଲେ । ସେମାନେ ଥିଲେ ଦେବ-ଉପାସକ । ଏ ଦେଶରେ ସେମାନେ ଆଦିମ ନ ଥିଲେ । ଏ ଦେଶର ନଦୀମାତୃକ ଭୂମିମାନ—ଅର୍ଥାତ୍, ସିନ୍ଧୁ ନଦୀଠାରୁ ଗଙ୍ଗା ନଦୀ ପର୍ଯ୍ୟନ୍ତ ଯେତେ ନଦୀ ଅଛି, ଉପନଦୀ ସହିତ ସେମାନଙ୍କ ଅବବାହିକା ଭୂମିମାନ—ବିଶେଷରେ ଏବେ ସ୍ପଷ୍ଟ ପ୍ରମାଣ ମିଳୁଥିବା ଏବ କରାଚିଠାରୁ ପ୍ରାୟ ସିମଳା ପର୍ଯ୍ୟନ୍ତ ସିନ୍ଧୁର ପଞ୍ଚନଦ ଦେଶ—ଗୋଟିଏ ବିଶିଷ୍ଟ ସଭ୍ୟତାର ଲୀଳାଭୂମି ଥିଲା । ଅନୁମାନ ହୁଏ, ଏହି ସଭ୍ୟତା ନାନା ଆଦାନ ପ୍ରଦାନରେ ଇରାଣ, ଇରାକ୍ ତଥା ଏସିଆ ମାଇନର, ସିରିଆ, ଏପରିକି ଇଜିପ୍ଟ ଓ କ୍ରୀଟ୍ ପର୍ଯ୍ୟନ୍ତ ସମସ୍ତ ଅପ୍ରେ-ସିଅରେ ବ୍ୟାପ୍ତ ଥିଲା । ଏମାନେ ଥିଲେ ମୋଟାମୋଟି ଅସୁର-ଉପାସକ । ଦେବୋପାସକ ଆର୍ଯ୍ୟମାନେ ଏହି ଅସୁରଉପାସକ ମହାସଭ୍ୟ ଜାତିଙ୍କୁ ଭେଟି, ହୁଏତ ବିସ୍ମିତ ହୋଇ, କହି ପକାଇ ଥିଲେ—

"ମହତ୍ ଦେବାନାମସୁରତ୍ୱମେକଂ"
(ଋଗ୍‌ବେଦ-୩.୫୫.୧)

ଅର୍ଥାତ୍, ଦେବ ଓ ଅସୁରଙ୍କ ମହିମା ଏକ—ଯେ ଦେବ, ସେଇ ଜାଣ ଅସୁର ।

ଆର୍ଯ୍ୟ-ଅସୁର-ବିବାଦର ଫଳ—ପାରସ୍ୟରେ—

ଆର୍ଯ୍ୟଙ୍କର ଏ ଅଦମ ଗୁଣଗ୍ରାହିତା ଓ ଉଦାରଭାବ ବେଶିଦିନ ତିଷ୍ଠିଲା ନାହିଁ । ଆଗନ୍ତୁକ ଓ ପ୍ରତିଷ୍ଠିତଙ୍କ ମଧ୍ୟରେ ଅଧିକାର ନେଇ

Digitized by srujanika@gmail.com

ଯେ ବିବାଦ ସ୍ଥାପିତ, ସେ ବିବାଦ ସୃଷ୍ଟିଥିଲା । ଆର୍ଯ୍ୟମାନେ ଥିଲେ, ବଳଶାଳୀ ଓ ତେଜସ୍ୱୀ । ଭୂମିରେ ଅଧିବାସ ଓ ଅଧିକାରରେ ସେମାନେ ହେଲେ, ବିଜେତା । ହେଲେହେଁ, ଅସୁର ସଭ୍ୟତାକୁ ଦୂରାଇ ଅବଲୁପ୍ତ କରିବା ଭଳି ଅବସ୍ଥାକୁ ଆର୍ଯ୍ୟମାନେ ଉଠି ନଥିଲେ । ଭୂଷ-ଇରଣ (ପାରସ୍ୟ) ଭୂମିରେ ଏଇ ଆର୍ଯ୍ୟମାନେ ପୂର୍ବପୁର ଅସୁର ଉପାସନାରେ ପ୍ରଭାବିତ ହେଲେ । ସେଇ ଉପାସନାର ଶ୍ରେଷ୍ଠତ୍ୱ ସ୍ୱୀକାର କରି ସେମାନେ ତାକୁଇ ନିଜର କରିଥିଲେ ।

ବରଂ କୁହାଯାଇପାରେ, ସେକାଳ ପାରସିକ ଆର୍ଯ୍ୟମାନେ ସେଠା ଅସୁର ସଭ୍ୟତାରେ ଏକ ପ୍ରକାର ଅନୁଦାନ କରି, ନିଜ ଅଦମ ସଭ୍ୟତାକୁ ସେଇ ଛାଞ୍ଚରେ ଢାଳି, ତାକୁଇ ନିଜର ବୋଲି ପ୍ରକାଶ ଓ ପ୍ରଚାର କରିଥିଲେ । ସେକାଳ ଜୋରୋଅଷ୍ଟ୍ରୀୟ ବା ଜାର୍-ଥୁଷ୍ଟ୍ରୀୟ ଧର୍ମ ଓ ତାର ଦାସ୍ୱାଦ, ଏବ ପାର୍ସିମାନଙ୍କ ଧର୍ମରେ ସେ ସଂକେତ ସ୍ପଷ୍ଟ । ସେଇ ପାରସ୍ୟରେ ଅସୁର ହେଲେ, ସୃଷ୍ଟିର ଶ୍ରେଷ୍ଠଦେବ ତଥା ପାଳକ ଓ ପୋଷକ । ପ୍ରକୃତ ଅସୀରିଆ ବା ଅସୁର ସଭ୍ୟତାର ଉପାସ୍ୟ, 'ଅସୁର' ଓ ସୁମେର ତଥା ବାବିଲନ୍‌ର ମେରୋଡାକ୍ ବା ମାର୍ଦୁକ୍ ଅଥବା ମରଦ୍—ଦୁହେଁ ମିଶି ହେଲେ, ଆର୍ଯ୍ୟପାରସିକଙ୍କ ଅସୁର-ମରଦ୍, ଅହୁର-ମାଜ୍‌ଦା ବା ଅର୍‌ମଜ୍ । ଇନ୍ଦ୍ରାଦିଦେବ ସେଠି ହେଲେ, କିମ୍ବା ହୀନ ସୃଷ୍ଟି-ନାଶକ ଦୁରାତ୍ମା । ଜାଗତିକ ଭଲ-ମନ୍ଦ ବା ସୁଖ-ଦୁଃଖାଦି ଦ୍ୱନ୍ଦ୍ୱର ସମାଧାନ ପାଇଁ, ସେମାନେ ଗ୍ରହଣ କଲେ, ସେଇ ଅସୁରଙ୍କୁ—ବାବିଲନ୍ ବା ଇହୁଦୀଙ୍କ ଧର୍ମର 'ବାଳ-ସୁଲଭ ଯୁକ୍ତି ବା ଦର୍ଶନ-ହୀନ କଳ୍ପନାକୁ । ପରବର୍ତ୍ତୀ ବାଇବେଲ୍ ଓ କୋରାଣର ସଇତାନ୍, ତଥାକଥିତ ସର୍ବଶକ୍ତି-ମାନ, ସର୍ବଜ୍ଞ ଏକ ଈଶ୍ୱରଙ୍କ ସାଙ୍ଗେ ଲଗିଲାପରି ସେକାଳେ ଆର୍ଯ୍ୟ-ପାରସିକଙ୍କ ଧର୍ମରେ ଅର୍‌ମନ୍‌ଙ୍କ ପାଖେ ପ୍ରକାଶ ପାଇଥିଲେ, ଏକ ସୃଷ୍ଟି-

Digitized by srujanika@gmail.com

ଦାନବ ଦୁର୍ବସ୍ଥା 'ଅହ୍ରିମନ୍' 'ବା ଅଂଗ୍ରମୈନ୍ୟୁ' । ଏଇ ଗଣ୍ଡି ଭିତରେ ହୋମ ବା ସୋମ, ଯଜ୍ଞ, ମନ୍ତ୍ର ପ୍ରଭୃତି ଅନୁଷ୍ଠାନ ଓ 'ଋତ' ବା 'ଅସ' ପରି ବ୍ୟାପକ କଳ୍ପନା ଓ ସେ ସବୁ ସଙ୍ଗେ ଦେବମାନଙ୍କ ନାମମାନ ମଧ୍ୟ ବେଶ୍ ବ୍ୟବହାରରେ ଚଳିଲା । 'ଅଗ୍ନି' ବା 'ଅତସ୍' ହେଲେ ସେଠି 'ଅହୁର୍ମଜ୍ଦ'ଙ୍କ ପୁଅ ।

ଭାରତରେ—

ଅତିପ୍ରାଚୀନ କାଳରୁ ପାରସ୍ୟର ପଶ୍ଚିମ ବାବେରୁ (ବାବିଲନ୍) ଓ ଅସୁର (Assyria) ସଙ୍ଗେ ସମୁଦ୍ରବାଟେ ତଥା ପାରସ୍ୟର ଦକ୍ଷିଣକୂଳ ବାଟେ ସେକାଳ ଅନାର୍ଯ୍ୟ ଭାରତର ଖୁବ୍ ଆଦାନ ପ୍ରଦାନ ଥିଲା ଓ ସେନେଇ ନିଜର ସମସ୍ତ ଦେବ ଦେବୀ ଓ ପରମ୍ପରା ସହିତ ସେଇ ଭାରତୀୟମାନେ ସେଇ ସଦୁର୍କ୍ ଓ ଅସୁର ସଭ୍ୟତା ପରି ଏକ ଅତି ପ୍ରତିଷ୍ଠିତ ସଭ୍ୟତାର ଅଧିକାରୀ ଥିଲେ । ଭାରତର ସେଇ ଜନଗୋଷ୍ଠୀମାନଙ୍କ—ବିଶେଷରେ ଖୁବ୍ ସମ୍ଭବ ଦ୍ରାବିଡ଼ମାନଙ୍କ ଭିତରେ ନିଶ୍ଚୟ ଅସୁର-ଉପାସକ ଥିଲେ । କିମ୍ବା ସେଠାର ଅସୁର-ଉପାସକ ବା 'ଅସୁର'ଙ୍କ ପରି ସଭ୍ୟତା-ଓ ଐଶ୍ବର୍ଯ୍ୟବନ୍ତ କୌଣସି ଗୋଷ୍ଠୀ ବା ଜାତିକୁ ଆର୍ଯ୍ୟମାନେ 'ଅସୁର' ବୋଲି କହୁଥିଲେ । ପାରସ୍ୟରେ 'ଅସୁର' ଓ ଅହୁର ବା ମଜ୍ଦାଙ୍କ ଉପାସକଙ୍କ ପ୍ରତି କାଳକ୍ରମେ ବଢ଼ିଥିବା ଭାରତୀୟ ଆର୍ଯ୍ୟଙ୍କ ବିମନସ୍କତା ଓ ଦ୍ୱେଷଭାବ କ୍ରମେ ଏଇ ଭାରତୀୟ ଅସୁରଙ୍କ ପ୍ରତି ପ୍ରଯୁକ୍ତ ହୋଇଥିଲା ।

ଭାରତରେ—

ଏଠାରେ ବି ଆର୍ଯ୍ୟମାନେ ଏଠା ଅସୁର ଉପାସକଙ୍କ ପ୍ରତି ଅତି-କାଳର ସମାଦର ଓ 'ବହୁମାନ ଛାଡ଼ି କ୍ରମେ ସେମାନଙ୍କ ଉପରେ

Digitized by srujanika@gmail.com

ଆଧିପତ୍ୟ ଲୋଡ଼ୁଥିଲେ ଓ ପାଉଥିଲେ । ସେଇ ପାରସିକ ଆର୍ଯ୍ୟଙ୍କ ପର ପୁଣି ଏମାନେ ବି ଅସୁର ସଭ୍ୟତା ଓ ଧର୍ମରେ ଯଥେଷ୍ଟ ପ୍ରଭାବିତ ହୋଇଥିଲେ । କିନ୍ତୁ ଏବେ ଏ ପୂର୍ବଦେଶୀୟ ଭାରତର ନଦୀମାତୃକ ଭୂମିରେ ପ୍ରତିଷ୍ଠିତ ଓ ଅଗନ୍ତୁକ ଦୁର୍ଦ୍ଧର୍ଷଙ୍କ ପାଇଁ କ୍ରମେ ସ୍ଥାନ ହୋଇ ଯାଉଥିଲା । ସେତିକି ନୁହେଁ । ପ୍ରକୃତିର ବିଭୂତି ଓ ଭୟକାରିଣୀ ଶକ୍ତି ତଥା ପୂର୍ବପୁରୁଷ ଓ ତାଙ୍କ ସ୍ମାରକ କୀର୍ତ୍ତିକୁ ବିଭିନ୍ନ ଦେବତା ଓ ସେଇ ଦେବତାଙ୍କ ଭିତରେ ସୁକୃତି ଓ ଦୁରସ୍ଥା ତଥା ଉଚ୍ଚ ନୀଚ ବର୍ଗ କଳ୍ପନା କରି ତାଙ୍କ ସ୍ତୁତି ଓ ପୂଜାକରିବା [illegible] ବହୁ ପୂର୍ବରୁ ଏଠା ଅସୁରଙ୍କ ଭିତରେ ମନୀଷୀମାନେ ଜୀବନ ମୁକ୍ତି-ଲାଗି ବ୍ୟକ୍ତି ଓ ସମାଜର ନିତ୍ୟବାସ୍ତବ ସଂବନ୍ଧର ଯଥାଯଥ କଳନା-ମୂଳକ ଆତ୍ମଦର୍ଶନରେ ଉଚ୍ଚ ସ୍ତରକୁ ଉଠିଥିଲେ । ସମ୍ଭବତଃ କୈବଲ୍ୟ-ଓ ନିର୍ବାଣ ସେବୀ ଜୈନ ତଥା ବୌଦ୍ଧର ମୂଳ ଏଇଠାରେ । ସେତେବେଳେ ପ୍ରକୃତିର ବିଭୂତି ବା ଶକ୍ତିମାନଙ୍କୁ ଇନ୍ଦ୍ର, ଅଗ୍ନି ମାତରିଶ୍ୱା ପ୍ରଭୃତି ନାମରେ ପୂଜା କରୁଥିବା ଓ ବେଳେ ବେଳେ ଅଭିଭୂତ ହୋଇ ସେଇ ସବୁ ଶକ୍ତିକୁ ଅନିର୍ଦ୍ଦିଷ୍ଟ କୌଣସି ଏକ ମହାଶକ୍ତି ବା 'ବିଶ୍ୱଦେବ'ର ପ୍ରକାଶମାତ୍ର ବୋଲି ମନେ କରୁଥିବା ଆର୍ଯ୍ୟମୁଖ୍ୟମାନଙ୍କ ଉପରେ ଏଇ ଆତ୍ମ ଦର୍ଶନର ଅଲଂଘ୍ୟ ପ୍ରଭାବ ପଡ଼ିଥିଲା । ଜୀବନ ଯାତ୍ରାର ସ୍ୱାଚ୍ଛନ୍ଦ୍ୟ ହେତୁରୁ ଏଇ ଅନାର୍ଯ୍ୟ-ଦର୍ଶନ ଏ ଭୂମିରେ କ୍ରମେ ମାନବ ସମାଜର ବ୍ୟକ୍ତି-ସଂସ୍ଥିତି-ସଂବନ୍ଧର ସ୍ୱାଭାବିକ ଓ ତାତ୍ତ୍ୱିକ ବ୍ୟାଖ୍ୟାରେ ଏକ ଅନାଲିଂବ ବିଶ୍ୱ ସତ୍ୟ ଅଧ୍ୟାତ୍ମ-ବିଦ୍ୟାର ପରଂପରା ପୋହାଇଥିଲା । ଏଣେ ମଧ୍ୟ ସମାଜର ପ୍ରାକୃତଧର୍ମୀଙ୍କର କାଳକ୍ରମେ ଏହି ଭୂମିର ପୁରାଣ ପରଂପରା, ନୀତିର ପ୍ରଭାବ, ଦ୍ୱନ୍ଦ୍ୱ ଓ ପ୍ରକ୍ରିୟାରେ ହୋଇ ତାର ନାମଧରି ଆର୍ଯ୍ୟଧର୍ମରୂପେ ନାନାଭାବରେ ଆତ୍ମପ୍ରକାଶ କରିଥିଲା ।

Digitized by srujanika@gmail.com

ଆର୍ଯ୍ୟଙ୍କ ପ୍ରତିଷ୍ଠାର ସାଧନ—ଭାଷା

ମାତ୍ର ଏ ସବୁ ସ୍ଥଳରେ ଅଛି ବେଶି କହିବା ଲୋଡ଼ା ନାହିଁ। ପ୍ରତିଷ୍ଠିତ ସଭ୍ୟତାର ଉପାସନା ଓ ଅନୁସନ୍ଧାନରେ ଅନୁଦାନ କରି ତାକୁ ସବୁ ନିଜର କରନ୍ତୁ, ଅବଶ୍ୟକ ମତେ ଗ୍ରହଣ କରନ୍ତୁ ବା ଦର୍ଶନରେ ପ୍ରଭାବିତ ହୁଅନ୍ତୁ, ଏ ସମସ୍ତ ବିଜୟ ପରାଜୟ ଭିତରେ ଅଗଣିତ ଆର୍ଯ୍ୟମାନେ ଏକା ପ୍ରାୟ ସବୁଠି ନିଜନାମରେ ସମାଜ ଓ ସଭ୍ୟତାକୁ ପରିଚିତ କରିବାରେ ସମର୍ଥ ହୋଇ ପ୍ରତିଷ୍ଠା ଲାଭ କରି ଥିଲେ; ଓ ଅଦ୍ୟମଧ୍ୟ ଖ୍ରୀଷ୍ଟ ମୁସଲମାନ ଧର୍ମର ପ୍ଲାବନୀ ପ୍ରତିଷ୍ଠା ଭିତରେ ଆର୍ଯ୍ୟଙ୍କର ଏ ପ୍ରଭାବ ଓ କୃତିତ୍ୱ ଦେଖିବାରେ ଅସୁବିଧା କିଛି ନାହିଁ। ଗ୍ରୀସ ରୋମ ତଥା ଇଂରେଜ, ଫରାସୀ, ଜର୍ମାନ୍ ପ୍ରଭୃତିର ସଭ୍ୟତା କିନା ଇଉରୋପର ଖ୍ରୀଷ୍ଟ ସଭ୍ୟତା ଦର୍ଶନ-ହୀନ। ପରସ୍ୟ ମଧ୍ୟ ନିଜ ସଭ୍ୟତାର ନାମ ଦେଲଣି ପହ୍ଲବୀ। ପୃଥିବୀର ସଭ୍ୟତାରେ ଆର୍ଯ୍ୟଙ୍କର ଏ ପ୍ରଭାବ ଓ ପ୍ରତିଷ୍ଠା ଅନନ୍ୟସାଧାରଣ। ହୁଏତ ଖୋଜି ଦେଖିଲେ, କୌଣସି ସଭ୍ୟତା ମୂଳତଃ ତାଙ୍କ ନିଜର ନୁହେଁ। ମାତ୍ର ସବୁ ସଭ୍ୟତା ପୁଣି ତାଙ୍କରି। ଏ ପ୍ରଭାବ ଓ ପ୍ରତିଷ୍ଠାର ସାଧନ ତେବେ କଣ ? ଏଥିର ପ୍ରକୃଷ୍ଟ ସାଧନ ହେଉଛି, ଭାଷା। ପୃଥିବୀରେ ପ୍ରାଚୀନ ସଭ୍ୟତା ତ ବହୁତ ଥିଲା। ଆର୍ଯ୍ୟଙ୍କ ପୂର୍ବରୁ ଆର୍ଯ୍ୟଙ୍କ ସଭ୍ୟତାକୁ ଟପି ବଡ଼ ବଡ଼ ସଭ୍ୟତାମାନ ବହୁତ ଥିଲା। କିନ୍ତୁ ଆର୍ଯ୍ୟଙ୍କ ଭାଷାର କୌଶଳ ଓ ପୁଷ୍କଳ ପ୍ରକାଶପଣ ତଥା ସୂକ୍ଷ୍ମାତିସୂକ୍ଷ୍ମ-ଭାବରେ ପ୍ରୟୋଗ-ପ୍ରବଣ ଓ ନମନୀୟ ଚିନ୍ତା-ଓ ଭାବ-ପ୍ରକାଶରେ ସାଧନ ଅନ୍ୟ କାହାରି ନ ଥିଲା।

ତତ୍ତ୍ୱବିଦଙ୍କ ମତ

ପ୍ରାଚୀନ୍ ପ୍ରତ୍ନ-ତତ୍ତ୍ୱବିତ୍ ଗୁଇଲଡ୍ ସାହେବ (Gordon Childe) ଯଥାର୍ଥ କହିଛନ୍ତି—"ମୂଳ ଓ ତତ୍ତ୍ୱରୁ ଜାତ ଆର୍ଯ୍ୟଭାଷା

Digitized by srujanika@gmail.com

ମାନଂକ ପରି ଚିନ୍ତା ବ୍ୟକ୍ତ କରିବାରେ ସୂକ୍ଷ୍ମ-ଭେଦ-ପ୍ରକାଶକ ଓ ଜମନୀୟ ଭାଷା ଅତି ନାଇ । ଅସ୍ତିତ୍ୱ-ବାଚକ ଧାତୁର କ୍ରିୟା ଓ ତହିଁ ସଙ୍ଗେ ଯୁକ୍ତ ଶୃଙ୍ଖଳାକୁ ସୁନ୍ଦର ପ୍ରକାଶ କରିବାରେ ବାକ୍ୟାଂଶ ଗଢିବାର ସାଧନ ଏ ଭାଷାରେ ଅଦ୍ୱିତୀୟ । ତେଣୁ ଜଣାଯାଏ, ଭୌତିକ ବିଭବରେ ଉନ୍ନତ ନ ଥିଲେ ବି ଆର୍ଯ୍ୟମାନେ ପ୍ରକୃତିଦତ୍ତ ଅଦ୍ୱିତୀୟ ମାନସିକ ବିଭବର ଅଧିକାରୀ ଥିଲେ । ଏହା କିଛି ଖାଲି ଅନୁମାନ ନୁହେଁ । ପ୍ରାଚୀନ ବାବିଲୋନୀୟ ଓ ମିଶରୀୟମାନେ ଭୌତିକ ବିଭବରେ ଅତି ଉନ୍ନତ ଓ ଜ୍ୟୋତିଷ ତତ୍ତ୍ୱମାନ ପର୍ଯ୍ୟ-ବେକ୍ଷଣରେ ସ୍ଥିର କରିବାଭଳି ପ୍ରୟୋଗ-ଶିଳ୍ପରେ ଅତି ସୁଦକ୍ଷ ହୋଇଥିଲେ ମଧ୍ୟ, ଆର୍ଯ୍ୟ ଗ୍ରୀକ୍ ଓ ହିନ୍ଦୁମାନେ ପ୍ରଥମେ ପ୍ରକୃତିତତ୍ତ୍ୱର ସୂକ୍ଷ୍ମ ବିଚାର ଓ ଦର୍ଶନରେ ଯେ ଅଗ୍ରସର ହୋଇଥିଲେ, ଏହା କିଛି ପ୍ରକୃତିର ଆକସ୍ମିକ ଓ ଅହେତୁକ କ୍ରିୟା ନୁହେଁ । ଧର୍ମରେ ନୈତିକତା ପ୍ରତିଷ୍ଠା କରିବାରେ ଆର୍ଯ୍ୟମାନେ ମଧ୍ୟ ସେହିପରି ପ୍ରସିଦ୍ଧି ଲାଭ କରିଥିଲେ । ବୌଦ୍ଧ ଓ ଜୋରୋଅଷ୍ଟ୍ରୀୟ ଧର୍ମପରି ଜନ୍ମ ଓ ସଂସ୍କାର ଭେଦରେ ମାନବମାନଙ୍କୁ ସମାନ ଭାବରେ ଅପଣାର କରିପାରିବା ଭଳି ଧର୍ମ-ମାନ ଅତିପୂର୍ବକାଳରେ ଆର୍ଯ୍ୟମାନଂକ ଦ୍ୱାରା ଉଦ୍ଭାବିତ ଓ ଆର୍ଯ୍ୟ ଭାଷାରେ ପ୍ରଚାରିତ ହୋଇଥିଲା ।" (୧)

ସେ ମତର ମୂଲ୍ୟ

ତଦ୍‌ବିଦ ପଣ୍ଡିତଂକୁ ପ୍ରମାଣ ବୋଲି ଧରି ଏତେ ଗୁଡ଼ାଏ ଉଦ୍ଧାର କରି କହିବା ମୋର ଅଭ୍ୟାସ ନୁହଇ । ତଥାପି ଆପଣ-ମାନଂକୁ ମୋ ଭଳି ଲୋକର କଥାରେ ଏ ତତ୍ତ୍ୱଟି ହୁଏତ ଅତି ସାଧାରଣ, ନ ହେଲେ, ଅସମ୍ଭବ ଲଗନ୍ତା । ଅନେକଙ୍କ ଭାବିଲା ପରି ଏହା ଅତି ସାଧାରଣ ନୁହେଁ; କିମ୍ବା ଅପ୍ରସନ୍ନ କରି ଉଡ଼ାଇ ଦେବାର ବି ବସ୍ତୁ ନୁହେଁ । ଏଇପରି ସ୍ଥଳରେ ଏହା 'ଅପ୍ରାକୃତ' ଲୋକ ।

Digitized by srujanika@gmail.com

ବୌଦ୍ଧର ମୂଳ ପ୍ରକାଶ, ଆର୍ଯ୍ୟ ଭାଷାରେ ନୁହେଁ

ଅବଶ୍ୟ କେହ ଏଠି କହି ପାରନ୍ତି, ଗୁଇଲ୍‌ଡ୍ ସାହେବଙ୍କ ଅନ୍ତତଃ ବୌଦ୍ଧ ଧର୍ମର ଉଦ୍‌ଭାବନ ସମ୍ବନ୍ଧରେ ଯାହା କହୁଛନ୍ତି ତା ହୁଏତ ପୂରା ଠିକ୍ ନୁହେଁ । ଏଠା ଅସୁର ବା ଅନାର୍ଯ୍ୟ ସଭ୍ୟତାରେ ସୃଷ୍ଟ ଥିବା ବୌଦ୍ଧଧର୍ମ, ଖୁବ୍ ସମ୍ଭବ ମୂଳତଃ, ଆର୍ଯ୍ୟ ଭାଷାରେ ଉଦ୍-ଭାବିତ ଓ ପ୍ରଚାରିତ ହୋଇ ନ ଥିଲା । ଶାକ୍ୟମୁନି ବୁଦ୍ଧଙ୍କଠାରୁ ବୌଦ୍ଧ ଧର୍ମ ଆରମ୍ଭ ହୋଇ ନ ଥିଲା । ଏହା ବହୁ ପ୍ରାଚୀନ ଓ ଅଧମ 'ଜଣ'ମାନଙ୍କ ଧର୍ମ ବା ଜୈନ ଧର୍ମର ଏକ ବିକାଶ । ଶାକ୍ୟ-ମୁନି ବୁଦ୍ଧ ଏହାର ଶେଷ ସଂସ୍କାରକ ଓ ପ୍ରଚାରକ ମାତ୍ର । ଶାକ୍ୟ-ମୁନିଙ୍କ ବହୁ ପୂର୍ବରୁ ବୌଦ୍ଧ-ଜ୍ଞାନ ଓ ବୌଦ୍ଧ ସାଧନାର ନିର୍ବାଣ-ତତ୍ତ୍ୱ ବୈଦିକ ସାହିତ୍ୟ ଉପରେ ମଧ୍ୟ ପ୍ରଭାବ ପକାଇ ଥିବାର ପ୍ରମାଣ ମିଳେ । ଋଗ୍‌ବେଦର 'ନାସଦୀୟ ସୂକ୍ତ' (ଋଗ୍‌ବେଦ ୧୦.୧୨୯) ଆପଣମାନଙ୍କୁ ବେଶ୍ ଜଣାଥିବ । ସେଥିରେ ପ୍ରକାଶ ପାଇଛି, ସୃଷ୍ଟି ଶୂନ୍ୟରୁ ସୃଷ୍ଟି ତତ୍ତ୍ୱ ବୁଝି ନ ପାରି ବ୍ୟାକୁଳ ହେଉଛନ୍ତି । ପରବର୍ତ୍ତୀ ବୈଦିକ ସାହିତ୍ୟରେ ବାରମ୍ବାର ଏହି ଭାବ ପ୍ରକାଶ ପାଇଛି । ଶାକ୍ୟମୁନି ପରେ ଏହି ଶୂନ୍ୟ-ତତ୍ତ୍ୱ ଉପରେ ନିଜର ବୌଦ୍ଧ ସାଧନା ପ୍ରତିଷ୍ଠିତ ଓ ପ୍ରଚାର କରି ଥିଲେ ।

ତାହାର ସଂକେତ— ବୌଦ୍ଧ ମନ୍ତ୍ର ଓ ବେଦମନ୍ତ୍ର

ତଥାପି ବୁଝିବାର ଅଛି, ଏହି ଅଧମ ଶୂନ୍ୟ-ବାଦ-ଦର୍ଶନ ଓ ସାଧନାର ମନ୍ତ୍ର ଓ ପ୍ରଣାଳୀମାନ ପରେ ଆର୍ଯ୍ୟ ଭାଷରେ ଓ ବହୁ ଛନ୍ଦମାନଙ୍କରେ ପାତଞ୍ଜଳ ଯୋଗ ସୂତ୍ର ତଥା ତନ୍ତ୍ର ଗ୍ରନ୍ଥରେ ସ୍ପଷ୍ଟତଃ ଆର୍ଯ୍ୟ ଭାଷାରେ ପ୍ରକାଶ ପାଇଛି । ମୂଳତଃ ଏହା କି ଭାଷା-ଛନ୍ଦରେ କେତେ ଲୋକଙ୍କ ଭିତରେ କିପରି ପ୍ରକାଶ ପାଇଥିଲା, ତା ଜାଣି ହେଉ-

Digitized by srujanika@gmail.com

ଯାଇ । ତଥାପି ଗୋଟିଏ ସଙ୍କେତ ୯୮ଟି କହୁଥିଏ । ବୌଦ୍ଧ ସାଧନାର ସାକ୍ଷାତ୍ ସୂତ୍ରଧର ଏ ଦେଶରେ ଯେଉଁ ବୌଦ୍ଧତନ୍ତ୍ର ଓ ତତ୍‌ପ୍ରସୂତ ହିନ୍ଦୁତନ୍ତ୍ରମାନ ନାନା ରୂପରେ ପ୍ରକାଶ ପାଇଛି, ସେ ସବୁର ବଂଶାଗତ ଶବ୍ଦର ହେଉଛି, ହ୍ରୀଂ, କ୍ଲୀଂ, ଶ୍ରୀଂ ଭଳି କେତେ ଗୁଡ଼ିଏ ବୀଜ ମନ୍ତ୍ରର ସଙ୍କେତ ମାତ୍ର । ସେ ସବୁର ଯଥାର୍ଥରେ ଭାଷାରେ ପ୍ରକାଶ ଯୋଗ୍ୟ କୌଣସି ଅର୍ଥ ନାହିଁ—ଖୋଜିଲେ ବି ମିଳୁନାହିଁ । ଶକ୍ତିର ସାଧନାର ପଦ୍ଧତିରେ ଏହି ସବୁ ସଂକେତରେ ଅକ୍ଷର ବିନ୍ୟାସ ତଥା ମୁଦ୍ରାଦିର କଥା ବି ଆପଣମାନେ ଜାଣିଥିବେ । ଆପଣମାନଙ୍କ ମଧ୍ୟରୁ କେହି କେହି ହୁଏତ ମୂଳାର 'ଉଟଗ୍ରର' ରେ ନିତ ଏହି ଅକ୍ଷର ବିନ୍ୟାସ ଓ ମୁଦ୍ରାଦିର ଶୁଷ୍କ, ନୀରସ, ନିରର୍ଥକ ଆବୃତ୍ତି 'ସ୍ୱାଧ୍ୟାୟ' ପରି କରୁଥିବେ । ବେଦରେ ବି ମନ୍ତ୍ର ଅଛି । ସେ ମନ୍ତ୍ରମାନଙ୍କରେ ଉଚ୍ଚାରଣ ସହିତ ଅକ୍ଷର ବିନ୍ୟାସ ବି ଅଛି । ପରବର୍ତ୍ତୀ କାଳରେ ପୁଣି ବୈଦିକ କ୍ରିୟା କାଣ୍ଡ ତଥା ବିଦ୍ୟାର ପରଂପରା ସୁଗମ କରିବା ପାଇଁ ଅତି ସଂକ୍ଷିପ୍ତ ସୂଚନାତ୍ମକ ସୂତ୍ରମାନ ପ୍ରକାଶ ପାଇଥିଲା । ହୁଏତ ବେଶ୍ ଅନୁମାନ କରାଯାଇପାରେ , ସ୍ୱାଧ୍ୟାୟ ତଥା କ୍ରିୟା କାଣ୍ଡରେ ପ୍ରଯୁକ୍ତ ବେଦ-ମନ୍ତ୍ରର ନିର୍ଦ୍ଦିଷ୍ଟ ଅକ୍ଷର ବିନ୍ୟାସ ଓ ସ୍ୱର-ନିୟମ, ଏ ଦେଶର ଆଗମ ପରଂପରାରେ ପୁଷ୍ଟିଥିବା ଜୈନ-ଯୋଗତନ୍ତ୍ରର ପ୍ରଭାବରେ ପଡ଼ି କ୍ରମେ ସୂତ୍ର ସାହିତ୍ୟର ସଂକ୍ଷିପ୍ତ ସୂଚୀ ଆଡ଼କୁ ଗତି କରିଥିଲା । ହେଲେହେଁ, ସୂତ୍ର ସାହିତ୍ୟରେ ପ୍ରକାଶ ପାଇଥିବା ସୂଚୀର ପ୍ରକାର ଭିନ୍ନ । ସେ ସବୁ ସୂଚୀରେ ଅବୋଧ ବୋଲି କିଛି ନାହିଁ ।

ମନ୍ତ୍ରର ପରଂପରା

ପୁଣି କେହି ହୁଏତ କହିପାରନ୍ତି, ଶକ୍ତିସାଧନାର ହ୍ରୀଂ, ଶ୍ରୀଂ, କ୍ଲୀଂ ପ୍ରଭୃତି ମନ୍ତ୍ର ଓ ଷଡ଼ଙ୍ଗ-ଧ୍ୟାନମାନଙ୍କରେ ଅଂ ଙଂ ପ୍ରଭୃତି

Digitized by srujanika@gmail.com

ଅକ୍ଷର ବିନ୍ୟାସ ଅନାର୍ଯ୍ୟ ସୃଷ୍ଟି ନୁହେଁ । କାରଣ, ଏ ସବୁ ବର୍ଣ୍ଣ, ଆର୍ଯ୍ୟ ଭାଷାରୁ ଗୃହୀତ—କେବଳ ଭାଷାରୁ ନୁହେଁ, ଲିପିରୁ ମଧ୍ୟ ଗୃହୀତ ବୋଲି ମନେ ହୁଏ । ଏହା ସତ୍ୟ । ଆର୍ଯ୍ୟଭାଷାର ପ୍ରଭାବରୁ ଏ ସବୁ ବର୍ଣ୍ଣର ସଂକେତ ସୃଷ୍ଟି । ମାତ୍ର ପରଂପରାଗତ ସଂକେତର ଅବୋଧ୍ୟତା ଏ ସବୁରେ ସ୍ପଷ୍ଟ । ପୁଣି ଆଦିମ ଆର୍ଯ୍ୟ ଭାରତୀୟ ପ୍ରଭାବରେ ସୃଷ୍ଟି ଥିବା ବେଦମନ୍ତ୍ର ଓ କ୍ରିୟା କାଣ୍ଡର ବର୍ଣ୍ଣ ଓ ଶବ୍ଦନିର୍ଦ୍ଦେଶ ଅଥବା ସୂତ୍ରର ସୂଚୀ-ସଂକେତ ପରି ଏ ସବୁରେ କିଛି ସ୍ୱର-ବ୍ୟଞ୍ଜନ ବା ସାର୍ଥକତା ନାଇଁ । ପଣ୍ଡିତମାନେ ପୁଣି ପ୍ରମାଣ କରୁଛନ୍ତି, ପରେ ଆର୍ଯ୍ୟପ୍ରଭାବ ଫଳରେ ବେଦମନ୍ତ୍ରପରି ଆର୍ଯ୍ୟଭାଷାରେ ବୌଦ୍ଧ ଉପଦେଶମାନ ପ୍ରଚାର ପାଇବା ପରେ ମଧ୍ୟ, ବୌଦ୍ଧ-ସିଦ୍ଧମାନେ ନିଜର ପରଂପରାଗତ ଶିଷ୍ୟ ସାଧକମାନଙ୍କୁ ସେଇ ଉପଦେଶମାନ କ୍ରିୟା-ସଂକେତ-ସ୍ୱରୂପ ସହଜରେ ମନେ ରଖାଇବାପାଇଁ, ସେଇ ଉପଦେଶମାନଂକର ଆଦ୍ୟ ପ୍ରାନ୍ତ ବର୍ଣ୍ଣ ବା ସେଇଭଳି କିଛି ଧରି ଅର୍ଥହୀନ ଶବ୍ଦମାଳାରେ 'ଧାରଣୀ'ମାନ ତିଆରି କରିଥିଲେ । ଏଥିରୁ ଅର୍ଥହୀନ ବର୍ଣ୍ଣ ବା ଶବ୍ଦ ସଂକେତରେ ସାଧନା ପ୍ରଚାର କରିବାର ପରଂପରା ସ୍ପଷ୍ଟ ହେଉଛି । ଶାକ୍ୟମୁନି ବୁଦ୍ଧ ପ୍ରଥମେ ଆର୍ଯ୍ୟଭାଷା 'ପାଲି' ରେ ଧର୍ମ ସାଧନାର ପନ୍ଥା ପ୍ରଚାର କରିଥିଲେ ବୋଲି ମନେହୁଏ । ସଂଗେ ସଂଗେ ପରଂପରା-ଧାରା ଧରି ଏଥିରୁ ଧାରଣୀମାନ ବାହାରି ଥିଲା । ଏଇଭଳି କେତେକ 'ଧାରଣୀ' ଗ୍ରନ୍ଥ ଖ୍ରୀଷ୍ଟ ପ୍ରଥମ ଶତକରେ ଚୀନ ଭାଷାରେ ଅନୁବାଦିତ ହୋଇଥିଲା । ଧାରଣୀ ସଂବଧରେ ସେତିକି ମାତ୍ର ଗ୍ରନ୍ଥ ମିଳୁଛି । ମନେ ହୁଏ ଏଇ ଧାରଣୀ ସୂତ୍ରରେ ପୁଣି ନୂତନ ଆକାରରେ ଆର୍ଯ୍ୟଭାଷାର ବର୍ଣ୍ଣ-ସଂକେତ ଧରି ଶୂନ୍ୟସାଧନାର ପାରଂପରିକ ମନ୍ତ୍ର ଓ ସେଥିସଂଗେ ଶକ୍ତି-ସାଧନାର ଅକ୍ଷର-ବିନ୍ୟାସ ପ୍ରକାଶ ପାଇଥିଲା । ଏଥିକି ମଧ୍ୟ ଓଡ଼ିଶାରୁ

Digitized by srujanika@gmail.com

ଶୂନ୍ୟସାଧନାରେ ଶିଷ୍ୟ ବାଛି, ଗୁରୁ, ଏଇ ମନ୍ତ୍ରଦୀକ୍ଷାମାନଙ୍କରେ ସାଧନା ଶିଖାନ୍ତି । ସେଇ ସାଧନାରେ ପୁଣି ଶରୀରର ପଦ୍ମମାନଙ୍କରେ ବର୍ଣ୍ଣବିନ୍ୟାସ କାମରେ ଲଗେ । ଏହାଇ ହେଉଛି, ଶୂନ୍ୟ-ସାଧନା ବା ଶରୀର-ସାଧନାର ଯୋଗ । ଏହାଇ ହେଉଛି, ଅଦମ ଜୈନଯୋଗର ବୈଦିକଙ୍ଗ-ଓ ନିର୍ବାଣ-ସାଧନାର ଗୋଟିଏ ପାରଂପରିକ ପ୍ରକାଶ । 'ଜିନବର' ଶାକ୍ୟମୁନି-ବୁଦ୍ଧଙ୍କ ନାମରେ ଯେଉଁ ଶରୀର-ସାଧନା ପୁଷ୍ଟିଥିଲା, ତହିଁରେ ଏହା ଖୁବ ଦେଖାଯାଏ । ଖ୍ରୀଷ୍ଟ ଷୋଡ଼ଶ ଶତକରେ ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ବଳରାମଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ' ଅଚ୍ୟୁତ ଦାସଙ୍କ 'ଶୂନ୍ୟସଂହିତା', ଯଶୋବନ୍ତ ଦାସଙ୍କ 'ପ୍ରେମ-ଭକ୍ତି-ବ୍ରହ୍ମ ଗୀତା' ପ୍ରଭୃତି ସାଧନବ୍ୟାଖ୍ୟାର ଗ୍ରନ୍ଥମାନ, ଏଇ ସଂକେତ-ମାନଙ୍କ ବ୍ୟବହାରରେ ପୂର୍ଣ୍ଣ । ସେ ସବୁ ବ୍ୟାଖ୍ୟାରେ ଏଇ ସଂକେତ ସବୁ ଅର୍ଥକର ବୁଝିବା ଅସାଧକ ପକ୍ଷରେ ଅସାଧ୍ୟ । ଏଇ ବୌଦ୍ଧ ତନ୍ତ୍ରରୁ 'ଓଡ୍ଡିୟାନ' ବା ଓଡ଼ିଶାର ସାଧନା-ମାର୍ଗ ସୂତ୍ରରେ ପରେ ବଂଗଳାରେ ଯେଉଁ ବୌଦ୍ଧ ବଜ୍ରଯାନ ଓ ସହଜଯାନ ତଥା ଉତ୍ତର ଓ ପୂର୍ବଭାରତରେ ହିନ୍ଦୁତନ୍ତ୍ର ବିକାଶ ପାଇଥିଲା, ସେ ସବୁଥିରେ ମଧ୍ୟ ଏଇ ଅର୍ଥହୀନ ମନ୍ତ୍ର ଓ ବର୍ଣ୍ଣ-ସଂକେତର ପୂର୍ଣ୍ଣ ଅନୁକୃତ ଓ ବ୍ୟବହାର ସ୍ପଷ୍ଟ ।

'ନିଗମ' ଓ 'ଆଗମ'

ମାତ୍ର ଏଇ ତନ୍ତ୍ର-ଯୋଗରୁ ପ୍ରକାଶ ପାଇଥିବା ଅର୍ଦ୍ଧ-ସାହିତ୍ୟର ପାତଂଜଳ ଯୋଗରେ ଏପରି ନିରର୍ଥକ ସଂକେତ ନାହିଁ । ଏହା ମଧ୍ୟ ଦେଖିବାର ଅଛି । ପୁଣି ଭାରତର ଏ ଅଦମ ପରଂପରା ସଂଗେ ବୈଦିକ 'ବ୍ରାହ୍ମଣ'ଭାଗର ବିସ୍ତୃତ କ୍ରିୟାକାଣ୍ଡ ଓ ସାମଗାନ ଓ ସେ ସବୁରେ ବେଦ ମନ୍ତ୍ରର ପ୍ରୟୋଗ ପ୍ରଭୃତି ତୁଳନା କରି ଦେଖିଲେ ସ୍ପଷ୍ଟ ଦେଖାଯିବ, ଶୂନ୍ୟସାଧନାର ମନ୍ତ୍ର ପରଂପରା କଦାପି ବୈଦିକ

Digitized by srujanika@gmail.com

ପରଂପରା ନୁହେଁ । କିଂବା ବୈଦିକ ପରଂପରାରୁ ତା ବାହାର ନାହିଁ । ପୁଣି ବେଦକୁ କହନ୍ତି, 'ନିଗମ' । 'ନିଗମ' ବୋଇଲେ, ଯାହା ସୁଖ-ଗମ୍ୟ ବା ବିଶେଷରେ ସୁବୋଧ । ତନ୍ତ୍ରକୁ କହନ୍ତି, 'ଆଗମ', ଅର୍ଥାତ୍, ଯାହା ବାହାରୁ ଆସିଛି । ଏ ସବୁରୁ ବେଶ୍ ଅନୁମାନ କରି ହେବ ଯେ, ଆଦିମ ଜୈନ ସାଧନା ବା ଶୂନ୍ୟସାଧନାର ତନ୍ତ୍ର, ତଥା ତନ୍ତ୍ରରୁ ବାହାରି ଥିବା ହିନ୍ଦୁ ତନ୍ତ୍ର, ବେଦ-ବିଦ୍ୟା ପରି ଭାଷାରେ ପ୍ରକାଶ ପାଇ ନ ଥିଲା । ତେଣୁ 'ଭ ଆଗମ ପରଂପରା ହେଉଛି, ବେଦବହିର୍ଭୂତ ସାଧନା । ହୁଏତ ଅର୍ଥ ଭାଷା ଧରି ପରେ ପ୍ରକାଶ ପାଇ ନ ଥିଲେ, ଏହା ଲୋପ ପାଇ ଥାନ୍ତା— ଏ ସାଧନାର ପରିପୋଷକ ଓ ପରିପୂରକରୂପେ ବୌଦ୍ଧର ସୂତ୍ର, ବିନୟ ଓ ଅଭିଧର୍ମ ତଥା ଅର୍ଥ ସାହିତ୍ୟର ଦର୍ଶନ ଓ ଯୋଗବ୍ୟାଖ୍ୟା ପ୍ରକାଶ ପାଇ ନ ଥିଲେ, ଏହାର ବିକାଶ ହୋଇ ନ ଥାନ୍ତା; ତନ୍ତ୍ର ଓ ସାଧନାର ସମ୍ବାଦ ଏପରି ସୁସ୍ଥଳ ପ୍ରକାଶର ବାଟ ପାଇ ନ ଥାନ୍ତା । ଏପରି କି ଏଇ ଓଡ଼ିଶାପରି ବିଶୁଦ୍ଧ ଜୈନ-ସାଧନାର ଶେଷାଶ୍ରୟ-ଭୂମିରେ ତୁଳାଭିଣା, ବ୍ରହ୍ମାଣ୍ଡ-ଭୂଗୋଳ, ଶୂନ୍ୟସଂହିତା ପରି କେତେ ଖଣ୍ଡ ଗ୍ରନ୍ଥରେ ଏଇ ସାଧନାର ପ୍ରାଣପୀଡ଼ା ଓ ଅସ୍ତିରକ୍ଷାର ପ୍ରଚେଷ୍ଟା ପ୍ରକାଶ ପାଇ ନ ଥିଲେ, ଆଜି ସେ ବିରାଟ ଓ ପ୍ରାଚୀନ ପରଂପରା ସମ୍ବନ୍ଧରେ କିଏ କଣ ବା ଜାଣନ୍ତା ? ହୁଏତ ଖାଲି ବଙ୍ଗ ଦେଶର ତଥାକଥିତ ଚଉରାଅଶି ସିଦ୍ଧଙ୍କ ଦୋହ କ୍ରିୟା ଓ ଅଦ୍ଭୁତ ବିଭୂତି ଓ ତଦନୁକରଣରେ ଓଡ଼ିଶାର ଚଉଷଠୀ ସିଦ୍ଧଙ୍କ ତଦ୍ବିଧ ଆଚରଣରେ କଥା ଶୁଣି ଶୁଣି, ଅଭିଭୂତ ହୋଇ, ଲୋକେ ରହସ୍ୟମୟ ଗୁରୁ-ମନ୍ତ୍ର ଓ ଅନାସ୍ୱାଦିତ ବିଭବ ପ୍ରତୀକ୍ଷାରେ 'କାଳିଅବୋଧା' ପରି 'ପୀଠ-ସ୍ଥାନ' ମାନଙ୍କରେ ଭିଡ଼ ଝାଣିଟାରେ ଲଗି ଥାନ୍ତେ ଓ ସେଥିରେଇ ଯୋଗୀର ଯୋଗସିଦ୍ଧି ଠାରୁ ଭକ୍ତର ଭୋଗ ସିଦ୍ଧି ପର୍ଯ୍ୟନ୍ତ

Digitized by srujanika@gmail.com

ସବୁ ପାଇ କୃତାର୍ଥ ହେଉ ଥାନ୍ତେ । ତା ଯେ ଏବେ ନ ହେଉଛି, ତା ନୁହେ । ଯଥାର୍ଥ ସାଧନାଟି ଦୁଏତ କାର୍ଯରେ ଲୋପ ପାଇଛି । କିନ୍ତୁ ଏଠି କହିବାର ଅଭିପ୍ରାୟ, ଭାଷାରେ, ବିଶେଷତଃ ଅର୍ଦ୍ଧ ଭାଷାରେ ପ୍ରକାଶିତ ହୋଇ ଥିବାରୁ ସାଧନାଟିର ବିଦ୍ୟା-ପରଂପରା ବିଷୟର ଲୋପ ପାଇ ଯାଇ ।

ସବୁ 'ଆଗମ' ଏକା ପର ନୁହେଁ

ଅବଶ୍ୟ ଖାଲି ତନ୍ତ୍ର ବା ଅଦ୍ୱୟ ଜୈନ-ଯୋଗ-ପ୍ରସୂତ ନିର୍ବାଣ-ସାଧନା ଅଥବା ଶୂନ୍ୟ-ସାଧନା ଯେ ଆଗମିକ, ସେତିକି ନୁହେ । ଆମର ସମସ୍ତ ପୌରାଣିକ ଅସୁର ଓ ସେଇ ଅସୁର-ପ୍ରସୂତ ଧର୍ମ ସଙ୍ଗେ ଆମର ଅନେକ ପର୍ବ ପୁଣ୍ୟ ପ୍ରଭୃତି ଆଗମିକ । ପୁଣି ମନ୍ତ୍ରଦ୍ରଷ୍ଟା, ଗୁଣି, ଗାରେଡ଼ି ଓ ଅଭିଚାରିକ କ୍ରିୟାଦି ମଧ୍ୟ ଆଗମିକ । ଅଭିଚାର ମଧ୍ୟ ଖାଲି ପୁରାଣରେ କାହିଁକି, ବେଦରେ ବି ଆଗମିକ କ୍ରିୟା ପଶି ଯାଇ ଥିବାର ସନ୍ଦେହ ହେଉଛି । ବେଦର ବ୍ରାହ୍ମଣଭାଗରେ ବହୁ ପୌରାଣିକ ଉପାଖ୍ୟାନର ମୂଳ ଖୋଜାଯାଇ ପାରେ । ତା ଛଡ଼ା ସେଥିରେ 'ଶାବରୀ ବିଦ୍ୟା'ର ମନ୍ତ୍ର-ପ୍ରୟୋଗଠାରୁ ଅଭିଚାରିକ କ୍ରିୟାଦିର ପ୍ରଭାବ ପର୍ଯ୍ୟନ୍ତ ବେଳେ ବେଳେ ସ୍ପଷ୍ଟ । ଅଥର୍ବ ବେଦରେ ଏ ସବୁର ପ୍ରବେଶ, ଅଧିକ ଅ-ପ୍ରଚ୍ଛନ୍ନ । ମାତ୍ର ବେଦରୁ ଆଗମ ବା ଆଗମିକ ପ୍ରଭାବ ଖୋଜିବା ଆମର ଏଠି ଲକ୍ଷ୍ୟ ନୁହେ । ଅନେକ ଗୁଣି, ଗାରେଡ଼ି ଓ ଅଭିଚାର କ୍ରିୟା, ପରବର୍ତ୍ତୀ କାଳରେ ତନ୍ତ୍ରରେ ପଶି ଯାଇଛି ଓ ଶୂନ୍ୟ-ସାଧନାର ଯୋଗକୁ ବିକୃତ କରିଛି । ଶାସ୍ତ୍ରୀୟ ହଠ-ଯୋଗ ପୁଣି ହେଉଛି, ସେଇ ପ୍ରଭାବର ଫଳ । ସେଇ ଲକ୍ଷ୍ୟରେ ତନ୍ତ୍ରାଶ୍ରୟୀ ସିଦ୍ଧାଦିଙ୍କ କଥା ସଙ୍କେତରେ କୁହାଯାଇଛି । ଏସବୁ ଭିତରେ ଅର୍ଦ୍ଧ ଭାଷାର ପ୍ରଚଳ-ବ୍ୟବହାର-ହୀନ ପରଂପରା ଖୁବ୍ ଖୋଜା ଯାଇ ପାରେ ।

Digitized by srujanika@gmail.com

ଶାକ୍ତ ଓ ଶୈବଧର୍ମ

ଶକ୍ତି ଧର୍ମର ମୋଟାମୋଟି ଦୁଇ ଭାଗ । ଗୋଟିଏ ତନ୍ତ୍ର । ସେ କଥା ପୂର୍ବରୁ ଦିଆଯାଇଛି । ଅନ୍ୟଟି ଶୈବଧର୍ମ । ଏହା ମଧ୍ୟ ଅଟମିକ । କିଂତୁ ବହୁକାଳରୁ ଶିବ ହୋଇଛନ୍ତି ବୈଦିକ 'ପଶୁ-ଦେବ' । ଅନାର୍ଯ୍ୟମାନଙ୍କ ଦେବରୂପୀ 'ଲିଙ୍ଗ', ଏଇ ଶିବଙ୍କ ସଙ୍ଗେ ମିଶି ଏକ ହୋଇଯାଇଛନ୍ତି ଓ ଶୈବ ଧର୍ମଟି ବେଦାନ୍ତ-ଦର୍ଶନ-ପୀଠରେ ବସୁଛି କି ଅର୍ଥଭାଷାରେ ବରାବର ଆତ୍ମପ୍ରକାଶ କରି ଆସିଛି । 'ତନ୍ତ୍ର'ଟି ରହସ୍ୟମୟ ଓ ତମସାଚ୍ଛନ୍ନ ସାଧନାରେ ଲୋପ ପାଇଛି, କହିଲେ ଚଳେ । ଜାଣିବା ପାଇଁ, ''କୈଳାସଶିଖରେ ରମ୍ୟେ ଗୌରୀ-ପୃଚ୍ଛତି ଶଂକରଂ,'' ସତ । କିଂତୁ ଉତ୍ତରରେ ଶଙ୍କର କହୁଛନ୍ତି, ''ଗୋପନୀୟଂ ଗୋପନୀୟଂ ସ୍ୱଯୋନିରିବ ପାର୍ବତି ।'' ଭାଷାରେ ଯେତେ ପ୍ରକାଶ କଲେ ମଧ୍ୟ, ଅସଲ ଗୋପ୍ୟ ବସ୍ତୁଟି ବାହାରିବାର ନୁହେଁ, ତା ବାହାରି ନାଇଁ । ଯଥାର୍ଥ ତନ୍ତ୍ରସାଧନାଟି ଭାଷାରେ ପ୍ରକାଶ ହୋଇନାହିଁ । ସାଙ୍କେତିକ ଦୀକ୍ଷା-ଓ-ସାଧନା-ନିବଦ୍ଧ ସମସ୍ତ ବୌଦ୍ଧ ତନ୍ତ୍ରଟି ଏଥିରେ ପଶି ମଧ୍ୟ ଏକାକାର ହୋଇ ଯାଇଛି । କିଂତୁ ଏହି ଶାକ୍ତଧର୍ମର ଅନ୍ୟ ଭାଗଟି ହେଉଛି, ଶୈବ ଧର୍ମ । ଦର୍ଶନର ଭିତ୍ତିରେ ତଥା ଅନ୍ୟଥା ଅର୍ଥ ଭାଷାର ଅବଲଂବନ ପାଇ ଏହା କିପରି ପ୍ରକାଶ ପାଇଛି, ତା ତୁଳନାରେ ବେଶ୍ ଦେଖି ହେବ । ମାତ୍ର ସମସ୍ତ ଦାର୍ଶନିକ ବ୍ୟାଖ୍ୟା ସତ୍ତ୍ୱେ ଶୈବ ଧର୍ମଟି ଗୋଟିଏ ଭକ୍ତି ଧର୍ମ ।

ଭକ୍ତିଧର୍ମ—ବୈଷ୍ଣବ ଧର୍ମ

ତାତ୍ତ୍ୱିକ ତଥା ଐତିହାସିକ ଦୃଷ୍ଟିରେ ଦେଖିଲେ, ଭକ୍ତି ଧର୍ମଟି ପୃଥିବୀରେ ପ୍ରାକୃତ ମାନବର ଏକମାତ୍ର ଧର୍ମ କହିଲେ, ତୁଏ । ଅତି ଆଦିମ କାଳରୁ ଦେବ ଦେବୀଙ୍କ ଆରାଧନା ଓ ତହିଁରେ

Digitized by srujanika@gmail.com

ମନୁଷ୍ୟର ଭାଗ୍ୟ, ଭବିଷ୍ୟତ, ରୋଗ, କର୍ତ୍ତବ୍ୟାଦିର ପ୍ରକାଶ ଓ ପ୍ରଚାର ମାନବ ସମାଜରେ ଚାଲି ଆସିଛି । ସେହି ପରମ୍ପରାରେ ଅତି ପ୍ରାକୃତ ଓ ପରମ୍ପରାରେ ଗତାନୁଗତିକ ମାନଙ୍କ ଭିତରେ 'କାଳେଶୀ' ଲାଗନ୍ତି, ପୁଣି 'ଗୁରୁ ଦେବ' ଔଷଧ ଦିଅନ୍ତି, ଓ ଭାଗ୍ୟ ଭବିଷ୍ୟତ କହନ୍ତି । ଆଦିମ ସୁସଭ୍ୟ ସୁମେର, ଇଜିପ୍ତ, ଗ୍ରୀସ୍ ପ୍ରଭୃତିରେ ଏହି ଅତିପ୍ରାକୃତ ଅନୁଷ୍ଠାନଟି ବଡ଼ ପ୍ରସିଦ୍ଧ ଓ ପ୍ରତିଷ୍ଠିତ ଥିଲା । ତାକୁ 'ଓରେକ୍ଲ' (Oracle) ବା ଦୈବାଦେଶ ବୋଲି କହୁଥିଲେ । ସେହି ସମ୍ପର୍କରେ ମାନବର ଭକ୍ତିଧର୍ମ ସୃଷ୍ଟି ଓ ପୃଥିବୀରେ ସେହି ଧର୍ମ ଅଧିକ ବ୍ୟାପି ରହିଛି । ଏହି ଭକ୍ତି ଧର୍ମରେ ମାନବ ଗୋଟିଏ ବିଶ୍ୱସମ୍ରାଟ କଳ୍ପନା କରି, ତାଙ୍କଠାରେ ଆପଣାକୁ ଦାସପରି ସମର୍ପଣ କରେ, ତାଙ୍କର ଆଦେଶମାନ ଶୁଣେ, ନିଜ ମଙ୍ଗଳ ଓ ମୁକ୍ତି ପାଇଁ ତାଙ୍କୁହିଁ ସ୍ତୁତି କରେ ଓ ତାଙ୍କର ପ୍ରିୟ ବୋଲି ନିଜକୁ ମଣି ରାଜା, ଅର୍ଥ ଓ ଦର୍ପରେ ସମାଜରେ ଶାନ୍ତି ଓ ସମତା ନାମରେ ଦ୍ୱନ୍ଦ୍ୱ ମମତା ଓ ଭେଦ ପ୍ରଚାର କରେ । ଏହାହିଁ ହେଲା ଭକ୍ତିଧର୍ମ । ମହାପୁରୁଷମାନେ ଈଶ୍ୱରଙ୍କଠାରୁ ସାକ୍ଷାତ୍ ନିର୍ଦ୍ଦେଶ ପାଇଲା ପରି ବା ନିଜେ ଈଶ୍ୱର ହୋଇ କହିଲା ପରି ଏହା ପ୍ରଚାର କରିଯାଇଛନ୍ତି । ଅହୁର୍-ମେଜ୍‌ଦା, ଜରଥୁସ୍ତ୍ର, କୃଷ୍ଣ, ଜିହୋବା, ମୋଶା (Moses), ଈଶା (Jesus), ମହମ୍ମଦ ତାଙ୍କ ସନ୍ଥ ଓ ଶିଷ୍ୟମାନେ ଏହି ଧର୍ମର ପ୍ରତୀକ ଓ ପ୍ରଚାରକ ଓ ପ୍ରତିପାଦକ । ଭାରତ ସାହିତ୍ୟରେ ଏହା ହେଉଛି, 'ନାରାୟଣୀୟ' 'ବାସୁଦେବ-କୃଷ୍ଣ'ଙ୍କ ଧର୍ମ ବା ବୈଷ୍ଣବ ଧର୍ମ । ଏହା ମଧ୍ୟ ଆଗମିକ—ବୈଦିକ ବା ନୈଗମିକ ନୁହେଁ । ତଥାପି ଏହାର ତାତ୍ତ୍ୱିକ ସ୍ୱରୂପ ଓ ବ୍ୟାଖ୍ୟା ଯା ହେଉ, ଆର୍ଯ୍ୟଙ୍କ ଭାଷାରେ ଏହାର ପ୍ରକାଶ ଓ ପ୍ରଚାର ଚିରକାଳ ହୋଇ ଆସିଛି । ଯେତେଦୂର ଜଣାଯାଏ, ଏହି ଭାରତରେ ଏହାର ପ୍ରଚାର ଆରମ୍ଭ

Digitized by srujanika@gmail.com

କରିଥିଲେ, ପ୍ରାଚୀନ ଇରାଣୀୟ ଅର୍ଯ୍ୟ 'ମୀଡ଼ସ୍'-ଜାତୀୟ 'ଜାରଥୁଷ୍ଟ୍ର'। ପୃଥିବୀରେ ଅନ୍ୟ ସମସ୍ତେ ସେଇଠାରୁ ଏ ଧର୍ମରେ ସୂତ୍ର ନେଇ ଚଳନ୍ତି ବୋଲି କହିଲେ ଚଳେ। ଏଣୁ ଭାରତରେ ଆଗମିକ ହେଲେ-ହେଁ, ପ୍ରକାଶ ଓ ପ୍ରଚାରର ଭାଷା ହିସାବରେ ତା' ଅନାର୍ଯ୍ୟ ନୁହେଁ। ଆମେ ଏଠି ଅର୍ଯ୍ୟଭାଷାର ମହତ୍ତ୍ୱ ଓ ବିଶିଷ୍ଟତାର କଥା ବିଚାର କରୁଚୁ ମାତ୍ର।

ସୁମେର ପ୍ରଭୃତି ପଶ୍ଚିମ ଭୂମିରେ ଦେଖ

ପ୍ରାଚୀନ ସୁମେର, ବାବିଲନ୍, ଇଜିପ୍ଟ ପ୍ରଭୃତିର ସାହିତ୍ୟ ଅର୍ଯ୍ୟ ଭାଷାରେ ସୃଷ୍ଟି ନ ଥିଲା। ହେଲେହେଁ, ଏସବୁ ବିଶାଳ ସଭ୍ୟତାରେ ଭାବ ଓ ଚିନ୍ତା ଯେ ପ୍ରକାଶ ପାଇ ନଥିଲା, ତା ନୁହେଁ। ଜ୍ୟୋତିଷିକ ପର୍ଯ୍ୟବେକ୍ଷଣଠାରୁ ବିଶାଳ କାର୍ଯ୍ୟକର ଯୋଜନାରେ କୃତ୍ରିମ ଜଳ-ସେଚନ-ବ୍ୟବସ୍ଥା ଦେଖ, ଯେଉଁଠାରେ ବିସ୍ତୃତ ସାମରିକ ଓ ଶାସନତାନ୍ତ୍ରିକ ଶୃଙ୍ଖଳାରେ ସାମ୍ରାଜ୍ୟମାନ ପୁଷ୍ଟିଥିଲା, ସେଠା ଭୌତିକ ସଭ୍ୟତା କିଛି ଅନୁମାନର କଳ୍ପନା ନୁହେଁ। ସୁନ୍ଦର ଖୋଦନ ଶିଳ୍ପ ଓ ଲକ୍ଷ ସଂଖ୍ୟାରେ ସେ କାଳ ଲେଖମାନ ଏହାର ସାକ୍ଷୀ। ଭାରତରେ ବା ସେ କାଳର କୌଣସି ଅର୍ଯ୍ୟ ଭୂମିରେ ତା ସେପରି ହୋଇ ନାହିଁ। ମାତ୍ର ଏସବୁ ସତ୍ତ୍ୱେ, ମାନବର ଚିନ୍ତା ଓ ଭାବକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ପ୍ରକାଶ କରିବା ଭଳି ଆସ୍ତିକ ଦର୍ଶନର ପରମ୍ପରା ସେ ସବୁ ସଭ୍ୟତାର ମୂଳ ଧର୍ମ ଭାଷାରେ ବିକାଶ ଲଭି ନାହିଁ। ଇହୁଦୀ ଓ ଆରବ ଭାଷାରେ ମୂଳରୁ ପ୍ରକାଶ ପାଇ ଥିବା ଧର୍ମମାନ ଆଜି ପୃଥିବୀରେ ବ୍ୟାପ୍ତ ହୋଇଚି। ମାତ୍ର ସେସବୁରେ ଆମ ଆଗମିକ 'ନାରାୟଣୀୟ' ଧର୍ମ ବା ଭକ୍ତି-ଧର୍ମର ଅତି ଅସଂସ୍କୃତ ପ୍ରାକୃତ ମାନବର ଦର୍ଶନସ୍ଥାନ ବିଶ୍ୱସମ୍ରାଟ୍ ଈଶ୍ୱର, ତଥା ତାଙ୍କ ଉପଦେଶ ପୂର୍ଣ୍ଣ ସେଇ ଆଦର୍ଶର କେତେକ କୃତ୍ରିମ ଓ ସମୟୋପଯୋଗୀ କଳ୍ପନା

Digitized by srujanika@gmail.com

ଛଡ଼ା ଅଉ କଅଣ ଅଛି ? ସାଧନା ଓ ସଂସ୍କାର ଭେଦରେ ମାନବକୁ ତଥା ଜଗତକୁ ଅପଣାର କରିବାଭଳି ବିଶ୍ୱସେବା ଓ ସାର୍ବଜନୀନତା ସେସବୁରେ ନାହିଁ । ଆମେ ଆମ ସମ୍ରାଟଙ୍କ ଦାସତ୍ୱର ଅନୁଗ୍ରହ ଲଭକରି, ତାଙ୍କର ବିଜୟ-ଅଭିଯାନରେ ସମସ୍ତଙ୍କୁ ତାଙ୍କର ସାମ୍ରାଜ୍ୟରେ ଦାସ କରିଦେବାର ଆକାଂକ୍ଷା ଓ ପ୍ରଚେଷ୍ଟାରେ ବେଶ୍ ଅଛୁ ଭାଷା ପ୍ରକାଶର ଆଲୋଚନା କରିବାର ନାହିଁ । ହେଲେହେଁ, ପୁଣି ସେ ସବୁ ସେପରି ଭାବରେ ମୂଳତଃ ଇହୁଦୀ ଓ ଅରବୀଙ୍କର ନିଜର ନୁହେଁ । ସେ ସବୁର ମୂଳ ହେଉଛି, ଆର୍ଯ୍ୟ-ଭାଷା-ଭାଷୀ ପାରସିକ ଜାରଥୁଷ୍ଟ୍ର ଓ ତାଙ୍କ ଅହୁର-ମେଜଦା । ପୁଣି ଏହି ଇହୁଦୀ ଓ ଆରବୀ ଭକ୍ତି ଧର୍ମ ସହିତ, ଭାରତୀୟ ଆର୍ଯ୍ୟ-ଭାଷାରେ ପାଳିତ ଓ ପୁଷ୍ଟ, ତଥା ସେହି ଅହୁରମେଜ୍‌ଦାଙ୍କ ସଙ୍କେତରେ ଉଦ୍‌ଭୂତ, ଆମ ବୈଷ୍ଣବ ଧର୍ମର ବାସୁଦେବ-କୃଷ୍ଣ ତଥା ତାଙ୍କ ଅବତାର-ମାନଙ୍କ ପୁଷ୍କଳ ପ୍ରକାଶକୁ ପୁରାଣ ପ୍ରବଚନଠାରୁ ମଧ୍ୟ ଭାରତୀୟ ନାରାୟଣୀୟ ଧର୍ମ ଓ ଶ୍ରୀମଦ୍-ଭଗବଦ୍-ଗୀତାର ବିଶ୍ୱଦର୍ଶନ ପର୍ଯ୍ୟନ୍ତ ସବୁ ତୁଳନାକରି ଦେଖିଲେ, ଭାଷା ମାଧ୍ୟମର ତଥ୍ୟଟି ଅଧିକ ସୁବୋଧ ହେବ । ସେ ଯା ହେଉ, ଏସବୁ ବିବାଦମୂଳକ ଯୁକ୍ତିରେ ବିଶେଷ ପଶିବା ଦରକାର ନାହିଁ । ଆର୍ଯ୍ୟ ଭାଷାର କଥା କୁହାଯାଉ ଥିଲା । ମାନବଚିନ୍ତାକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ପ୍ରକାଶ କରିବାରେ ଅତି ଆଦିମ କାଳରେ ମଧ୍ୟ ଏହି ଆର୍ଯ୍ୟମାନଙ୍କର ଭାଷା ଅତ୍ୟନ୍ତ ଉପଯୋଗୀ ଥିବାଇ ଏଠାରେ ମୂଲ୍ୟ ଦେବାର କଥା । ପୁଣି ଏହାଇ ବେଦ୍‌ବିଦମାନଙ୍କ ମତ ।

ବେଦର ଭାଷା

ଏହି ଭାଷ ଯେଉଁ ଆର୍ଯ୍ୟମାନେ ଏ ଦେଶରେ ଦେଖା ଦେଇଥିଲେ । ଆଜି ଜଣା ପଡୁଛି, ଇଂରେଜ ସମେତ ସମସ୍ତ ଇଉରୋପ ତଥା

Digitized by srujanika@gmail.com

ପାରସ୍ୟାଦି ଦେଶର ଭାଷା ଏଇ ମୂଳ ଆର୍ଯ୍ୟ ଭାଷାର ବିଭିନ୍ନ ପ୍ରକାଶ । ହେଲେହେଁ ଏହାର ଅଧିକ ଶୃଙ୍ଖଳିତ ଓ ସାହିତ୍ୟିକ ପ୍ରକାଶ ହୋଇଛି ବେଦରେ । ପୁଣି ଏଇ ବେଦର ଭାଷା ହିଁ ଆମ ସଂସ୍କୃତର ତଥା ଓଡ଼ିଆ, ବଙ୍ଗଳା, ହିନ୍ଦି, ମରହଟ୍ଟି, ଗୁଜରାଟି ପ୍ରଭୃତି ଭାଷାର ମୂଳ । ଏଥିରେଇ ବିଶିଷ୍ଟ ଭାରତ ସଭ୍ୟତା ତଥା ଭାରତ ସଂସ୍କୃତି ଓ ସାହିତ୍ୟ ପ୍ରକାଶ ପାଇଛି । ଏ ଅମର କମ୍ ପୈତୃକ ଧନ ନୁହେ । ଆପଣମାନେ ଅନ ଏ ଧନର ସାକ୍ଷାତ୍ ଓ ମୁଖ୍ୟ ଦାୟାଦ ।

ସଂସ୍କୃତ, ମୃତଭାଷା ?

ଶୁଣିଥିବ, କହନ୍ତି, ସଂସ୍କୃତ ଗୋଟିଏ ମୃତ ଭାଷା । ଏହା ଗୋଟିଏ ଇଂରେଜୀ ଅଭ୍ୟସ୍ତ କଥାରୁ ଆସିଛି । ହେଲେହେଁ ଏ କଥା ଟି ବଡ଼ ସାଧାରଣ । ଅନେକେ ପୁଣି ଏଇ ତୁଳାଦଣ୍ଡରେ ହୁଏତ ଆପଣମାନଙ୍କ ବିଦ୍ୟାକୁ ଓଜନ କରୁଥିବେ । ଆପଣମାନେ ହୁଏତ ଅଳ୍ପ ବିସ୍ତର ସେଥିରେ ପ୍ରଭାବିତ ନ ହୋଇଥିବେ, ନୁହେଁ, । ଇଂରେଜ ପ୍ରଭୃତି ଇଉରୋପୀୟ ଚଳିତ ଭାଷାରେ ଗ୍ରୀକ୍ ପ୍ରଭୃତି ପ୍ରାଚୀନ ସାହିତ୍ୟର ଭାଷାକୁ 'ମୃତଭାଷା' ବୋଲି କହନ୍ତି । ମୃତଭାଷା ବୋଇଲେ, ଯାହା ଚଳିତ ଭାଷା ନୁହେଁ; କିନ୍ତୁ ସେଇ ଭାଷାରେ ଲିଖିତ ପ୍ରାଚୀନ ସାହିତ୍ୟ ଆଲୋଚନା କରିବା ପାଇଁ, ଯେଉଁ ଭାଷାକୁ ବ୍ୟାକରଣ ଓ ଶବ୍ଦ କୋଷ ଧରି ଶିଖିବାକୁ ହୁଏ । ସଂସ୍କୃତ ଭାଷା ସମ୍ବନ୍ଧରେ ଏ ଲକ୍ଷଣଗୁଡ଼ିକ କେତେକ ପ୍ରଯୁଜ୍ୟ ହୋଇ ପାରେ । କିନ୍ତୁ ଗ୍ରୀକ୍ ପ୍ରଭୃତି ପରି ସଂସ୍କୃତ ବହୁକାଳରୁ ଅପ୍ରଚଳିତ ହୋଇ ମରି ଯାଇନାହିଁ, କିମ୍ବା ସଂସ୍କୃତ ବ୍ୟାକରଣର ବିକାଶ ଓ ଉପଯୋଗିତା ଗ୍ରୀକ୍ ବ୍ୟାକରଣର ଉପଯୋଗିତା ସଙ୍ଗେ ତୁଳନାରେ ସମାନ ନୁହେଁ ।

Digitized by srujanika@gmail.com

ସଂସ୍କୃତ ଏବେ ବି ଏକ ପ୍ରକାର ପ୍ରଚଳିତ ଭାଷା । ସେତିକି ନୁହେଁ, ଏହା ଏବେ ବି ଭାରତର ଜାତୀୟ ଭାଷା, କହିଲେ ହୁଏ ।

ସଂସ୍କୃତ ବ୍ୟାକରଣ

ସଂସ୍କୃତ ବ୍ୟାକରଣ ହେଉଛି, ମାନବ ମନୀଷାର ଅଦ୍ଭୁତ କୃତି । ପୃଥିବୀର ଭାଷା-ବିଜ୍ଞାନ-ପଣ୍ଡିତମାନଙ୍କର ଏହା ଏବେ ବି ବନ୍ଦନୀୟ ଓ ଶିକ୍ଷଣୀୟ । ସାଧାରଣ ବ୍ୟାକରଣ ବୋଲିଲେ ଆମେ ଯାହା ବୁଝୁଁ, ଏ ତା ନୁହେଁ । ଏହା ପୁଣି ହେଉଛି, ଭାଷାର ସ୍ୱର-ବ୍ୟଞ୍ଜନ ଶାସ୍ତ୍ର । ସେ ହିସାବରେ ଏବେ ବି ପୃଥିବୀରେ ଏହାର ତୁଳନା ନାହିଁ । ଇଉରୋପରେ ମଧ୍ୟ ଏବେ ଯେଉଁମାନେ ଭାଷାର ସ୍ୱର-ବ୍ୟଞ୍ଜନ-ଶାସ୍ତ୍ର ଆଲୋଚନା କରିଛନ୍ତି ବା କରନ୍ତି, ସେ ସମସ୍ତଙ୍କର ଗୁରୁ ହେଉଛନ୍ତି, 'ପାଣିନି' । ପୁଣି ପାଣିନିଙ୍କ ବହୁପୂର୍ବରୁ ବୈଦିକ ବୈୟାକରଣ 'ଯାସ୍କ' ଓ ପ୍ରାତିଶାଖ୍ୟ-କାର ମାନେ ଏ ବିଦ୍ୟା ଓ ବିଜ୍ଞାନର ଚର୍ଚ୍ଚା ଆରମ୍ଭ କରିଥିଲେ । ହେଲେହେଁ, ଏଇମାନଙ୍କଠାରୁ କିଛି ଏହା ଆରମ୍ଭ ହୋଇ ନ ଥିଲା । ନିଜେ 'ଯାସ୍କ' ତତ୍ପୂର୍ବରୁ ଥିବା କୋଡ଼ିଏ ଜଣ ବୈୟାକରଣଙ୍କ ନାମ ଉଲ୍ଲେଖ କରିଛନ୍ତି ଓ 'ପଣିନି' ମଧ୍ୟ ସେମାନଙ୍କ ଭିତରୁ 'ଶାକଲ୍ୟ', 'ଶାକଟାୟନ' ପ୍ରଭୃତିଙ୍କୁ ପ୍ରାମାଣ୍ୟ ବୋଲି ଗ୍ରହଣ କରି ଥିବା କଥା ଆପଣମାନଙ୍କୁ ଅଜଣା ନୁହେଁ । ଏଇମାନଙ୍କ ସମ୍ବନ୍ଧରେ ମାକ୍ସ୍ ମୁଲର୍ (Max Muller) କହନ୍ତି, "ଖ୍ରୀଷ୍ଟପୂର୍ବ ପଞ୍ଚମ ଶତକର ଭାରତୀୟ ସ୍ୱରତତ୍ତ୍ୱବେତ୍ତାମାନେ ଭାଷାର ଗଠନ-ଉପାଦାନ ଗୁଡ଼ିକୁ ଯେପରି ବିଶ୍ଳେଷଣ କରି ଦେଖି ଦେଖାଇ ଥିଲେ, ତା'ଠୁ ଅଧିକ କେହି କରିବାର ଏବେ ବି ପୃଥିବୀରେ ଦେଖାନାହିଁ । ହେଲ୍ମ୍ହୋଲ୍ଜ (Helmholz) ଓ ଏଲିସ୍ (Ellis) ପ୍ରଭୃତିଙ୍କପରି ଭାଷାଗତ ସ୍ୱର-ବ୍ୟଞ୍ଜନ-

Digitized by srujanika@gmail.com

ବିଦ୍‌ମାନେ ମଧ୍ୟ ମୋର ଏ କଥାକୁ ଅସ୍ୱୀକାର କରିବେ ନାହିଁ ।"(୨) ବେନ୍‌ଫେ (Benfey) କହନ୍ତି, ସେ ସବୁ "କୃଷ୍ଣବେଦରେ ପ୍ରକାଶ ପାଇଛି ଗୋଟିଏ ମାତ୍ର ଭାଷାର ବୈଜ୍ଞାନିକ ଚର୍ଚ୍ଚା । ଏହା ନିଖୁଣ । ଯେଉଁ-ମାନେ ଖୁବ୍ ମନଦେଇ ଏହାର ଆଲୋଚନା କରିଚନ୍ତି, ସେମାନେ ଏକାବେଳକେ ଏଥିରେ ବିସ୍ମୟାଭିଭୂତ ହୋଇଯାନ୍ତି । ଏହା ଏବେ ବି ପୃଥିବୀରେ ଅଦ୍ୱିତୀୟ । ଖାଲି ଅଦ୍ୱିତୀୟ ନୁହେଁ, ଆଉ କେହି ଏହା ପାଖ ଆଖରେ ମଧ୍ୟ ପହଞ୍ଚି ପାରି ନାହାନ୍ତି ।"(୩) ଗ୍ରୀକ୍ ବ୍ୟାକରଣର ଏହା ସଂଗେ ତୁଳନା କାହିଁ ? 'କାଏଗି' (Kaegi) ଙ୍କ ମତରେ "ଗମ୍ଭୀରତା ଓ ନିତ୍ୟତାରେ ଏଇ ଭାରତୀୟ ବୈୟାକରଣଙ୍କ ଆଲୋଚନା ସଂଗେ ଗ୍ରୀକ୍ ବୈୟାକରଣଙ୍କ ଆଲୋଚନାର କୌଣସି ତୁଳନା ହୋଇ ନ ପାରେ ।" (୪) ସଂସ୍କୃତ ବ୍ୟାକରଣର ଏଇ ଗମ୍ଭୀରତା ଓ ନିତ୍ୟତାଇ ତାହାର ପ୍ରାଣ । ଏ ଭାଷା ସଂଗେ ବ୍ୟାକରଣର ସଂବନ୍ଧ ଅଚ୍ଛେଦ୍ୟ । 'ସଂସ୍କୃତ' ଶବ୍ଦ-ଟିର ବ୍ୟୁତ୍ପତ୍ତିମୂଳକ ଅର୍ଥ ହେଉଛି, 'ସାଧୁକୃତ' ବା ମାର୍ଜିତ । ଉଚ୍ଚାରଣ, ବ୍ୟୁତ୍ପତ୍ତି ଓ ପ୍ରୟୋଗାଦିରେ ସର୍ବଦା ଜାଗ୍ରତ ଓ ସାବଧାନ ରହି ଭାଷାକୁ ସାଧୁ ଓ ଶୁଦ୍ଧ ରଖିବା ହେଉଛି ଏ ଦେଶର ପରଂପରା । ସେ ପରଂପରା ଏବେ ବି ଜୀବନ୍ତ । ଆପଣମାନଙ୍କୁ ଏ କଥାଟି ହୁଏତ ନୂଆ ନ ଲାଗି ପାରେ । ଅନେକେ ଏହା ଅନୁଭବରେ ଜାଣିଥିବେ । ସଂସ୍କୃତ ନ ଜାଣି ମଧ୍ୟ ଅନେକେ ବର୍ଷର ଶୁଦ୍ଧ କରି ବେଦମନ୍ତ୍ର ପର୍ଯ୍ୟନ୍ତ ଆବୃତ୍ତି କରନ୍ତି । ମୋର ମନେଅଛି, ମୁଁ ପିଲାଦିନେ, ସଂସ୍କୃତ କଥା ଦୂରର କଥା, ଓଡ଼ିଆ ପର୍ଯ୍ୟନ୍ତ ଭଲ କରି ନ ଜାଣି ଥିଲି ବେଳେ ମୋର ଜଣେ ବୟସ୍କ ଜ୍ଞାତି ଭାଇଙ୍କଠାରୁ ସଂଧ୍ୟା ବନ୍ଦନା ଓ ପୂଜାପାଠ ପ୍ରଭୃତି ଶିଖି ଥିଲି । ସେ ମୋତେ ମୁହଁରୁ ଶିଖାଇ ଥିଲେ । ସେ ପୁଣି ଆଦୌ ସଂସ୍କୃତ ଜାଣି ନ ଥିଲେ । କିନ୍ତୁ

Digitized by srujanika@gmail.com

ପରେ ଉତ୍ତର ବୟସରେ ମୁଁ ଯେତେବେଳେ ସେ ସବୁ ବୁଝିବାକୁ ଲାଗିଲି, ଦେଖିଲି ତା ଭିତରେ ଥିବା ବୈଦିକ ମନ୍ତ୍ର ଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ଅତି ପରିଶୁଦ୍ଧ ଭାବରେ ସେ ମୋତେ ଶିଖାଇ ଥିଲେ ଓ ମୁଁ ତା ସେଇପରି କଣ୍ଠସ୍ଥ କରିଥିଲି । ଆଦି ଋଗ୍‌ବେଦ କାଳରୁ ମଧ୍ୟ ଆମର ଏଇ ପରଂପରା । ସଂସ୍କୃତ ବ୍ୟାକରଣ ଏଇ ପରଂପରାରୁ ପ୍ରସୂତ । ସେଥିପାଇଁ ସଂସ୍କୃତ ଆମର ଦେବଭାଷା । ଏହା ଆମର ଶ୍ରେଷ୍ଠ ପୈତୃକ ଧନ । ବଚନ ଅଛି :—

"ପିତରେ ବାକ୍ୟମିଚ୍ଛନ୍ତି
ଭାବ ମିଚ୍ଛନ୍ତି ଦେବତାଃ"

ଏହାର ତାତ୍ପର୍ଯ୍ୟ ହେଉଛି, ପିତୃପିତାମହେ ଲୋଡ଼ନ୍ତି, ଶୁଦ୍ଧ ବାକ୍ୟ, ଦେବତାଙ୍କର ଶ୍ରେଷ୍ଠ ନୈବେଦ୍ୟ ହେଉଛି, ସେଇ ଶୁଦ୍ଧ ବାକ୍ୟରେ ପ୍ରକାଶିତ ଭାବ । ପରଂପରା ପିତୃଙ୍କର କାମ୍ୟ । ସେଇ ପରଂପରାରେ ଭାବପ୍ରକାଶ ଓ ତାଙ୍କ ସଙ୍ଗେ ସଭ୍ୟତାର ଅଭିବୃଦ୍ଧି ସମାଜର ଜୀବନ-ଧର୍ମ । ଯଦି ଶୁଦ୍ଧ ଭାଷାରେ ଭାବର ପ୍ରକାଶ ନ ହେଲେ ପିତୃଲୋକେ ତୃପ୍ତ ହୁଅନ୍ତି ନାହିଁ, କି ଭାବର ବିକାଶ ଅନୁଚ୍ଛିନ୍ନ ରହେ ନାହିଁ । ଅଶୁଦ୍ଧ ଭାଷା ଦୁର୍ବୋଧ୍ୟ ହୁଏ । ସେଥିରେ ଶିକ୍ଷା ତଥା ସଭ୍ୟତାର କ୍ରମିକ ଅଗ୍ରଗତି ପଛେଇ ଯାଏ । ଭାଷା ସଙ୍ଗେ ଆମ ବ୍ୟାକରଣର ସଂପର୍କ ଏଇଠାରେ । ଇଜିପ୍ଟରେ ଆଜି ପିରାମିଡ୍ ଖୋଳାହୋଇ ବାହାରୁଛି ଓ ସେଥିରୁ ସେକାଳ ପଠ ପଢ଼ା ହେଉଛି । ଅସିରିଆ ବା ପ୍ରାଚୀନ ଅସୁର ଦେଶରୁ ସେଇପରି ଲକ୍ଷ ସଂଖ୍ୟାରେ କଞ୍ଚା ଓ ପୋଡ଼ା ଇଟା ପଟାରେ ଲେଖା ହୋଇଥିବା ଲେଖମାନ ଭୂମିତଳୁ ବାହାରୁଛି । କିନ୍ତୁ ଭାବ ପରଂପରାର ବିକାଶ ଆଉ ସେଥିରେ ନାହିଁ । କିନ୍ତୁ ସେକାଳ ଲେଖକ-ପଣ୍ଡିତମାନେ କି ପବନ ସନ୍ତର୍ପଣରେ ସେକାଳେ ହଜାର ହଜାର ବର୍ଷ

Digitized by srujanika@gmail.com

ଧର ଭାରତର ବିକାଶ ପରଂପରା ରକ୍ଷିବାରେ ଲାଗି ଥିଲେ, ତା ଅନ୍ୟ ପଣ୍ଡିତମାନେ ଦେଖି ବିସ୍ମିତ ହେଉଛନ୍ତି । ସେ ବିକାଶ ପରଂପରା ଆଜି ସେଠି ନାହିଁ । ଏବ ଗ୍ରୀସ୍‌ରେ ମଧ୍ୟ ଏବେ ସକ୍ରେଟିସ ପ୍ଲେଟୋଙ୍କୁ କବରରୁ କାଢ଼ି ନୂଆ କରି ଦେଉନ୍ତେନ୍ତି । ଭାରତରେ ତା ହୋଇନାହିଁ । ତାର ଏକ ପ୍ରଧାନ କାରଣ, ସଂସ୍କୃତ ବ୍ୟାକରଣ, ତଥା ଶୁଦ୍ଧ ସୁବୋଧ ଭାଷାର ପରଂପରା । ଏହି ଉଦାହରଣରେ ଦେଖ, ଭାଷାର ସ୍ୱର ପରିଣାମ ଶୈଳୀରେ 'କୃତ'ରୁ 'କର', 'ଅଂଜଳି'ରୁ 'ଅଂଜୁଳା', 'ପୃଷ୍ଠ'ରୁ 'ପୁଡ଼ା' ହେବାରେ ହୁଏତ ବିଶେଷ ଅସୁବିଧା ନାହିଁ । ମାତ୍ର 'କୃତାଂଜଳିପୃଷ୍ଠରେ ନିବେଦନ କଲେ' ନ କହି, କେହି ଯଦି କହନ୍ତି କରାଂଜଳିପୁଡ଼ାରେ ନିବେଦନ କଲେ, ତେବେ ଭାବ ପରଂପରାର କ୍ରମିକ ବିକାଶରେ କି ଦୁର୍ଗତି ଘଟିବ, ତା ବୁଝାଇବା ଦରକାର ନାହିଁ । ସଂସ୍କୃତ ବୈୟାକରଣମାନେ ଏହା ବୁଝି, ସେଥିପାଇଁ ବ୍ୟାଖ୍ୟା କରିବାରେ ଏକ ପ୍ରକାର ବିଶେଷଜ୍ଞ ଥିଲେ । ସଂସ୍କୃତ ବ୍ୟାକରଣର ଉପଯୋଗିତା ଏଇଠାରେ । ଭାରତସଭ୍ୟତାର ପରଂପରାର କ୍ରମିକ ଗତି ବୁଝିବାରେ ମଧ୍ୟ ଏହା କାମରେ ଲାଗିବ । ତେଣୁ ପ୍ରାଚୀନ ଗ୍ରୀକ ପ୍ରଭୃତି ସଙ୍ଗେ ସମାନ କରି ସଂସ୍କୃତକୁ ମଲାଭାଷା କହିବା ଠିକ୍ ନୁହେଁ ।

ସଂସ୍କୃତ, ଚଳିତ ଭାଷା ?

କେତେକ ପଣ୍ଡିତ କହନ୍ତି; 'ସଂସ୍କୃତ' କେବେ ଚଳିତ ଭାଷା ନ ଥିଲା । ଅତି ପ୍ରାଚୀନ କାଳରେ ଭାରତର ଆର୍ଯ୍ୟ ମନୀଷୀମାନେ, ଚଳିତ ପ୍ରାକୃତମାନ ଅନୁସନ୍ଧାନ ଓ ଆଲୋଚନା କରି, ସଂସ୍କୃତ ବୋଲି ବ୍ୟାକରଣ-ନିବଦ୍ଧ ଭାଷାଟିଏ ତିଆରି କରି ଚଳାଇ ଥିଲେ । ତେଣୁ ମୂଳରୁ କୃତ୍ରିମ ; ଓ ବ୍ୟାକରଣ ଧରି ଶାସ୍ତ୍ର ପୁରାଣ ଲେଖିବା ପଢ଼ିବା ଓ ବୁଝି ବୁଝାଇବା ଛଡ଼ା, ଏହାର ଅନ୍ୟ ବ୍ୟବହାର ଓ

Digitized by srujanika@gmail.com

ଉପଯୋଗିତା ନ ଥିଲା । ବେଦର ଭାଷା ତ ଲୋକଭାଷା ନୁହେଁ । ତା ଗୀତର ଭାଷା । ସର୍ବଦା ଗୀତର ଭାଷା ଚଳିତ ଲୋକ ଭାଷାଠାରୁ ସ୍ୱତନ୍ତ୍ର । ଏବେ ଓଡ଼ିଆ କବିତାରେ ମଧ୍ୟ ସେକଥା ବେଶ୍ ଦେଖା-ଯାଇ ପାରେ । 'ତାହାରେ କହିବ' 'ମୋରେ', 'ରେ ରେ,' 'ଯେସନ', 'ଯେସନ୍ତେ', 'ସେସନ୍ତା', 'ପ୍ରବୀଣା', 'ଖାଇବାର ପୁନି' ପ୍ରଭୃତି ପ୍ରୟୋଗ କଲା ଅନୁସଂଧିତ୍ସାରେ ମଧ୍ୟ ଯେ କୌଣସି ଲୋକର ଆଖିରେ ପଡ଼ିବ । ବେଦରେ ମଧ୍ୟ 'ସ୍ୱାହା', 'ସ୍ୱଧା', 'ବଷଟ୍' ପଦ ଶବ୍ଦମାନଙ୍କର ମୂଳ ଓ ବ୍ୟୁତ୍ପତ୍ତି ମିଳେ ନାହିଁ । ବେଦ ମନ୍ତ୍ର ସବୁ କବିତା—ସ୍ତୁତିର ଗାନ । ଏହା ସତ୍ୟ ହେଲେ ବି ସେ ସବୁ କୃତ୍ରିମ ଭାଷାରେ ରଚିତ ନୁହେଁ, କିଂବା ସଂସ୍କୃତ ଲୋକରେ ପ୍ରଚଳିତ ଭାଷା ନ ଥିଲା, ନୁହେଁ । ଛନ୍ଦଃ, ଅର୍ଥାତ୍, ଗାନର ଭାଷା ହୋଇ ଥିବାରୁ ବେଦ ଭାଷାକୁ କହନ୍ତି ଛାନ୍ଦସ ଭାଷା । ଏଇ ଛାନ୍ଦସ ଭାଷା ହେଉଛି, ସେକାଳେ ଲୋକରେ ଚଳୁଥିବା ଭାଷାର ଯେଉଁ ଗାନ ସେହି ଗାନର ଭାଷା । ଏଥିରେ ସନ୍ଦେହ କରିବାର କିଛି ନାହିଁ । ପୁଣି ଅନୁସଂଧାନ ଫଳରେ ପଣ୍ଡିତମାନେ କହନ୍ତି, 'ସଂସ୍କୃତ' ଶବ୍ଦ କି ଭାଷାଟିକୁ ନାମିତ କରିବା, ପହିଲେ ଦେଖାଯାଏ 'ବାଲ୍ମୀକି'ଙ୍କ 'ରାମାୟଣ'ରେ । ବୈଦିକ ବୈୟାକରଣ 'ଯାସ୍କ' ସେଇ ଅର୍ଥରେ ନାମଟି ବ୍ୟବହାର କରିଚନ୍ତି, 'ଭାଷା' । ଏଥିରୁ ଜଣାଯାଏ, ଏହା ଲୋକ କଥିତ 'ଭାଷା'—ଛାନ୍ଦସ ନୁହେଁ । ଏହାଛଡ଼ା, ସଂସ୍କୃତ କଥିତ ଭାଷା ଥିବାର ଅନ୍ୟ ସଂକେତମାନ ମଧ୍ୟ ସେକାଳ ବ୍ୟାକରଣ ଓ ବ୍ୟାକରଣର ଆଲୋଚନାମାନଙ୍କରେ ମିଳେ । ପାଣିନିଙ୍କ ବ୍ୟାକରଣ ଉପରେ 'ମହାଭାଷ୍ୟ' ଲେଖିଥିଲେ, ପତଞ୍ଜଳି । ସେ 'ଛାନ୍ଦସ'ରୁ 'ଭାଷା'କୁ ଛଡ଼ାଇ କହୁଚନ୍ତି, 'ଲୋକରେ' (ଠାହାରେଲେ) । ସଂସ୍କୃତ ଶବ୍ଦ ଓ ପଦମାନଙ୍କୁ ସେ ବର୍ଣ୍ଣନାରେ

Digitized by srujanika@gmail.com

ଶିଖାଇଛନ୍ତି । କେଉଁଠି କେଉଁଠି ଶବ୍ଦକୁ ଦେଖାଇ ସେ ପୁଣି ସ୍ପଷ୍ଟ ଲେଖିଛନ୍ତି, 'ଅମୁକ ସ୍ଥାନରେ ଏପରି ଚଳେ ।' 'ପାଣିନି' ଓ 'ପତଞ୍ଜଳି', ଦୁହେଁ ପୁଣି 'ଭାଷା'ରେ 'ପ୍ରାଚ୍ୟ' (ପୂର୍ବଭୂମିର), ଓ 'ଉଦୀଚ୍ୟ' (ଉତ୍ତର ଭୂମିର) ବୋଲି ଭେଦ ଶିଖାଇଛନ୍ତି । ଏଥିରୁ ଜଣାଯାଉଛି, ସେତେବେଳକୁ ଦେଶର ପୂର୍ବଖଣ୍ଡ ଓ ଉତ୍ତରଖଣ୍ଡରେ ଲୋକବ୍ୟବହାରରେ ଭାଷାର ଭେଦ ପ୍ରକାଶ ପାଇଥିଲା । ତା ଛଡ଼ା ପାଣିନି ଯେ ଭିନ୍ନ ଭିନ୍ନ ବୈୟାକରଣଙ୍କ ନାମଧରି ଶବ୍ଦମାନଙ୍କର ଉଚ୍ଚାରଣ ଭେଦ ଦେଖାଇଛନ୍ତି, ତା ଲୋକ ପ୍ରଚଳିତ ଉଚ୍ଚାରଣ ଭେଦ ନୁହେଁତ ଆଉ କ'ଣ ? ସଂସ୍କୃତ କଥିତ ଭାଷା ଥିବାର ପୁଣି ଗୋଟିଏ ସ୍ପଷ୍ଟ ପ୍ରମାଣ ହେଉଛି, ପାଣିନିଙ୍କ ବ୍ୟାକରଣରେ 'ପ୍ଳୁତ-ସଞ୍ଜ୍ଞା'ର ସୂତ୍ର । ସେଥିରେ ସେ କହିଛନ୍ତି, ଦୂରହ୍ୱାନ, ଗାନ, ରୋଦନ ପ୍ରଭୃତିରେ ସ୍ୱରଟିମାନ ଅତି ଦୀର୍ଘ ବା 'ପ୍ଳୁତ' ହୋଇଯାଏ । ଏହା କଥିତ ବା ଲୋକ ପ୍ରଚଳିତ ଭାଷାର ଲକ୍ଷଣ ଛଡ଼ା ଅନ୍ୟ କିଛି ହୋଇ ନ ପାରେ । ଅତଏବ ସଂସ୍କୃତ ଯେ ମୂଳରୁ କଥିତ ଭାଷା ଥିଲା, ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ଏ କ୍ଷେତ୍ରରେ ଆଚାର ଓ ପରଂପରା

ରାମାୟଣରୁ ସ୍ପଷ୍ଟ ପ୍ରମାଣ ମିଳେ, ଏହା ଥିଲା, ଏପରି ଯୋଗୀଗୀତ ପରି ଗାଇ ଶୁଣାଇବା ପାଇଁ ଏକ ଉପାଖ୍ୟାନ । ସବୁ ପୁରାଣ ଓ ଆଖ୍ୟାୟିକାର ମୂଳ ଏଇଠାରେ । କବି ଗାୟକ ଓ ପରିସ୍ଥିତି ଭେଦରେ ଏକ ଆଖ୍ୟାୟିକା ମଧ୍ୟ ଭିନ୍ନ ଭିନ୍ନ ପ୍ରକାରରେ ରଚିତ ଓ ଗୀତ ହେଉଥିଲା । 'ରଘୁବଂଶ'ରେ 'କାଳିଦାସ' ଯେଉଁ ଆଖ୍ୟାୟିକାଟି ଅବଲମ୍ବନ କରି ଲେଖିଛନ୍ତି, ତା 'ବାଲ୍ମୀକି'ଙ୍କ ରାମାୟଣର ଆଖ୍ୟାୟିକାରୁ ଭିନ୍ନ, ଏହା ଆପଣମାନେ ଜାଣିଥିବେ । ପ୍ରସଙ୍ଗ କ୍ରମେ କାଳିଦାସଙ୍କ ବହୁ ପୂର୍ବବର୍ତ୍ତୀ ଅଶ୍ୱଘୋଷ ନିଜ 'ବୁଦ୍ଧ ଚରିତ'ରେ କହିଛନ୍ତି —

Digitized by srujanika@gmail.com

"ବାଲ୍ମୀକିନାଦଷ୍ଟ ସସର୍ଜ୍ଜ ପଦ୍ୟଂ
ଜଗ୍ରନ୍ଥ ଯସ୍ତ ଚ୍ୟବନୋ ମହର୍ଷିଃ ।"

ଅର୍ଥାତ୍, ବାଲ୍ମୀକି ଗୀତ ବୋଲିବାରେ (ରାମାୟଣ) ପଦ୍ୟ ସୃଷ୍ଟି କଲେ । ସେଇ ବିଷୟବସ୍ତୁନେଇ ଚ୍ୟବନ ମହର୍ଷି ଗ୍ରନ୍ଥ ଲେଖିଥିଲେ । ଏଇ ଚ୍ୟବନ ମହର୍ଷିଙ୍କ ଗ୍ରନ୍ଥରେ ଥିବା ରାମ ଉପାଖ୍ୟାନ ଧରି କାଳିଦାସ ନିଜ ରଘୁବଂଶର ରାମଚରିତ ଲେଖିଥିବେ ବୋଲି କାହାର କାହାର ମତ । ମହାଭାରତରେ ବର୍ଣ୍ଣିତ ରାମଚରିତ ଓ ରାମାୟଣ ର ଠିକ୍ ଏକା ପରି ନୁହେଁ । କାଳିଦାସଙ୍କ ଶକୁନ୍ତଳା ଓ ମହାଭାରତର ଶକୁନ୍ତଳାରେ ପ୍ରଭେଦ ଅଛି । ମହାଭାରତ ଓ ପୁରାଣମାନଙ୍କର ଅନେକ ଉପାଖ୍ୟାନ ସଂବଂଧରେ ତୁଳନାରେ ଏଇ କଥା କୁହା ଯାଇ ପାରେ । କବିମାନେ ବୁଲି ବୁଲି ଏଇ ଅଖ୍ୟାୟିକା ଗୁଡ଼ିକ ନିଜ ନିଜ ଶୁଣାକଥାରେ କବି କଳ୍ପନା ମିଶାଇ ଗାଇ ଗାଇ ବୁଲୁଥିଲେ । ସଂସ୍କୃତଭାଷାରେ ସେମାନେ ବାଲ୍ମୀକିଙ୍କ ରାମାୟଣ କଥା ପରି ଏହା ସବୁ ରଚନା କରୁଥିଲେ ଓ ନିଜେ ବୋଲି ବୁଲୁଥିଲେ ବା ଲବ କୁଶଙ୍କୁ ବୋଲାଇଲା ପରି ବୋଲାଇ ବୁଲାଉ ଥିଲେ । ସଂସ୍କୃତ ଜନସାଧାରଣରେ ପ୍ରଚଳିତ ଭାଷା ନଥିଲେ, ଏହା କେହି ପାରନ୍ତା ନାଇଁ, କି ବୁଝନ୍ତା ନାଇଁ । ପ୍ରାୟ ୪୦୦ । ୫୦୦ ବର୍ଷ ତଳ ପର୍ଯ୍ୟନ୍ତ ପ୍ରାୟ ସବୁ ତାମ୍ରଶାସନ ଓ ଲେଖମାନ ମିଳୁଛି, ସଂସ୍କୃତରେ । କେତେ ପ୍ରବାଦ ଦଳିଲମାନ ଖୁବ୍ ସଂଭବ ଲେଖା ହେଉଥିବ, ସଂସ୍କୃତରେ । ରାଜସଭାର ଦରବାରରେ ପର୍ଯ୍ୟନ୍ତ ରାଜା, ମନ୍ତ୍ରୀ, ସଚିବ, ଅମାତ୍ୟ, ମହାମାତ୍ର ଓ ଯନ୍ତ୍ରିମାନେ ସଂସ୍କୃତରେ କଥାବାର୍ତ୍ତା କରୁଥିଲେ । ଧର୍ମାଧିକରଣରେ ଅଭିଯୋଗ ଯୁକ୍ତି ତର୍କ ସଂସ୍କୃତରେ ହେଉଥିବାର ସ୍ପଷ୍ଟ ପ୍ରମାଣ ମିଳିଛି । ମୌର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କ ସମୟର କାଳର ଏହିପରି ଗୋଟିଏ ଯୁକ୍ତି ତର୍କର ସେ କାଳ ଲିଖିତ ଅବିକଳ ବିବରଣୀ,

Digitized by srujanika@gmail.com

ମନେ ହେଉଛି, ପ୍ରାୟ ତିରିଶ ବର୍ଷ ତଳେ କଲିକତାର ଜଣେ ଅନ୍ଧ-ପଣ୍ଡିତ ତତ୍କାଳୀନ କଲିକତା ୱିକ୍ଲି ନୋଟ୍ସ୍ (Calcutta Weekly Notes) ରେ ନାଗରାକ୍ଷରରେ ପ୍ରକାଶ କରିଥିଲେ । ମଜ୍‌ଲିସ୍ ମାନଙ୍କରେ ସଂସ୍କୃତ ଭାଷା ବ୍ୟବହୃତ ହେଉଥିଲା । ଯାବା ଓ ନାଟକାଦିରେ ସଂସ୍କୃତଇ ମୁଖ୍ୟ ଭାଷା ଥିଲା । ସେଥିରେ ଉଚ୍ଚଶ୍ରେଣୀର ଅଭିନେତାଏ 'ସଂସ୍କୃତ'ରେ କହୁଥିଲେ । ଅନ୍ୟ ଅଭିନେତାଏ, ତଥା ପ୍ରାୟ ନାରୀମାନେ, 'ପ୍ରାକୃତ'ରେ କହୁଥିଲେ ବି, 'ସଂସ୍କୃତ' ବୁଝୁଥିଲେ । ସଂସ୍କୃତ ନାଟକମାନଙ୍କରୁ ଏହା ସ୍ପଷ୍ଟ ଜଣାଯାଏ । ସ୍ତୁତି ସ୍ତୋତ୍ର ପ୍ରାୟ ସବୁ ବୋଲା ହେଉଥିଲା, 'ସଂସ୍କୃତ'ରେ । ସମସ୍ତ କବିତା ଓ କାଦମ୍ବରୀ ପରି ଗଦ୍ୟଗ୍ରନ୍ଥମାନ ଥିଲା, ସଂସ୍କୃତରେ । ଦଶକୁମାର ଚରିତ, କଥାସରିତ୍ ସାଗର ପରି କଥାଗ୍ରନ୍ଥ ଓ ବିଶ୍ୱ-ବିଶ୍ରୁତ ପଞ୍ଚତନ୍ତ୍ରପରି ବାଲବୋଧ ନୀତିକଥା ଗ୍ରନ୍ଥମାନ ମଧ୍ୟ ଲେଖା ଓ ପଢ଼ା ହେଉଥିଲା, 'ସଂସ୍କୃତ'ରେ । ନାଟ୍ୟ କଳାର ସ୍ୱରତାଳ ଲୟ ଓ ସଂଗୀତର ତାନ୍‌ଲୟ ପର୍ଯ୍ୟନ୍ତ ସବୁଠାରେ ସଂସ୍କୃତର ପ୍ରସିଦ୍ଧି ଓ ପ୍ରତିଷ୍ଠା ମଧ୍ୟ ଏଠି ଲକ୍ଷ୍ୟ କରିବାର ବସ୍ତୁ । ଅନେକ ସଂସ୍କୃତ କବିତାର 'ଛନ୍ଦ' ତଥା ଶଙ୍କରାଚାର୍ଯ୍ୟଙ୍କ 'ମୋହମୁଦ୍‌ଗର' ପରି 'ଯାତ୍ରା' ମାନଙ୍କ ବିକାଶରେ ପୁରୁଷର 'ତାଣ୍ଡବ' ନୃତ୍ୟ ଓ ସେନାର ଅଭିଯାନପଦକ୍ଷେପ ଖୁବ୍ ଅନୁସନ୍ଧାନ କରାଯାଇ ପାରେ । ସେଇପରି ନାରୀର 'ଲାସ୍ୟ' ନୃତ୍ୟରେ ଲଟିବା ଭଳି ଲଳିତ 'ଯାତ୍ରା'ର ଦୃଷ୍ଟାନ୍ତ ହେଉଛି, 'ଜୟଦେବ'ଙ୍କ 'ଗୀତଗୋବିନ୍ଦ' । ଏହିପରି କୁଳପତି ଓ ପଣ୍ଡିତଙ୍କ ଶାସ୍ତ୍ର ସଂଗ୍ରହାଦିଠାରୁ ଅନ୍ତେବାସୀ ଓ ସାମାନ୍ୟଜନର ସ୍ତୁତି, କବିତା, କଥା, ସଂଗୀତାଦି, ସବୁ ଶିକ୍ଷଣୀୟ ଓ ପଠନୀୟ ଥିଲା, 'ସଂସ୍କୃତ'ରେ । ଏଥିକିଛି କୌଣସି ଗୋଷ୍ଠୀ ବା ବ୍ୟକ୍ତି ବିଶେଷଙ୍କ ଉଦ୍ୟମର ଅବଦାନ ନ ଥିଲା । ଏହାହିଁ ଥିଲା, ଅସ

Digitized by srujanika@gmail.com

-ଜାତ ସାହିତ୍ୟ; ପୁଣି ଏହାଇ ଥିଲା, ଆମ ଲୋକ ସାହିତ୍ୟ । ଏକ କଥାରେ ମୋଟା ମୋଟି 'ସଂସ୍କୃତ'ହିଁ ଥିଲା, ଆମ 'ଜାତୀୟ ସାହିତ୍ୟ'ର ଏକମାତ୍ର ବାହନ ଓ ଆଦାନ ପ୍ରଦାନର ମାଧ୍ୟମ । ଏହା ପୁଣି କୌଣସି ପ୍ରାଗ୍‌ଐତିହାସିକ କାଳରେ କେତେ ବର୍ଷ ବା କେତେ ଶହ ବର୍ଷର ଚଳଣି ନ ଥିଲା । ହଜାର ହଜାର ବର୍ଷଧରି ଏହାହିଁ ଥିଲା ଆମ 'ଆଗୁର' । ମୁସଲମାନ କାଳର ଶେଷଯାଏ ମଧ୍ୟ ଏହା ଲୋପ ପାଇ ନ ଥିଲା । ପଣ୍ଡିତମାନଙ୍କ ତାଳପତ୍ର 'ପାଦ-ପୂରଣ,' 'ଶାସ୍ତ୍ରାର୍ଥ' ଓ ସଂସ୍କୃତରେ କାବ୍ୟଲେଖା ଏବେ ବି ହୁଏତ ଲୋପ ପାଇନାହିଁ । ଏବେ ବି ଆମ ପଣ୍ଡିତମାନେ ଅନେକ ସଂସ୍କୃତରେ ଚିଠିପତ୍ର ପର୍ଯ୍ୟନ୍ତ ଲେଖନ୍ତି, ସଭାରେ ସଂସ୍କୃତରେ ବକ୍ତୃତା ଦିଅନ୍ତି ଓ ଆପଣା ଭିତରେ ସଂସ୍କୃତରେ କଥାବାର୍ତ୍ତା କରନ୍ତି । ଖାଲି ପଣ୍ଡିତମାନେ କାହିଁକି, ପ୍ରାୟ ୩୫ ବର୍ଷତଳେ ମୁଁ ଥରେ ବିଶାଖାପାଟଣାରେ ଗୋଟିଏ ମୋଚି-ଦୋକାନକୁ ଚଟି (ଚପ୍‌ପଲ) କିଣିବାକୁ ଯାଇଥିଲି । ସେ ମୋଚିଟି ଇଂରେଜି ଜାଣେ ନାହିଁ, ମୁଁ ତେଲୁଗୁ ଜାଣେ ନାହିଁ । ହଠାତ୍ ମୋଚିଟି ସଂସ୍କୃତରେ ଆରମ୍ଭ କଲା । କ୍ରମେ ଯୋତା କିଣା କଥା ପଛକୁ ପଡ଼ିଗଲା ଓ ଆମ ଦୁହିଙ୍କ ଭିତରେ ପ୍ରାୟ ଘଣ୍ଟାଏ ଯାଏ ସଂସ୍କୃତରେ ହୃଦ୍ୟ ଆଳାପ ହୋଇଥିଲା । କହୁ ଦିଏ, ସେ ଲୋକଟି ଥିଲା, ଯୋତା ତିଆରି କରି ବିକିବା ମୋଚି । ଯୋତା କିଣି କରି ବିକିବା ବ୍ୟବସାୟୀ ସେ ନ ଥିଲା । ଏହିପରି ଆମ ସାମାଜିକ ଓ ବ୍ୟକ୍ତିଗତ ଜୀବନର ସମସ୍ତ ବିଭାଗକୁ ଓତପ୍ରୋତ ଭେଦ କରି ସମସ୍ତ ବିକାଶ ଓ ବିଗାଢ଼ରେ ଚିରକାଳ ପ୍ରାଣିତ ଓ ପ୍ରାଣବନ୍ତ କରି ରଖିଥିଲା ଓ ରଖି ଆସିଛି ଯେଉଁ 'ସଂସ୍କୃତ,' ସେ ଯେ ଚାଲିଯିବାର କି ନୁହେଁ, ଏ ସଂଦେହ କରିବାର କୌଣସି ଅବକାଶ ନାହିଁ ।

Digitized by srujanika@gmail.com

ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତିର ସମୀକରଣ

ପ୍ରାକୃତର ପ୍ରଭାବ

ପ୍ରାକୃତ ହେଉଛି, ପ୍ରକୃତି ବା ଜନ-ସାଧାରଣଙ୍କ ଭାଷା । ସଂସ୍କୃତ ମଧ୍ୟ ଥିଲା, ମୂଳରୁ ଏକ ପ୍ରାକୃତ । ବେଦର କବିତା ଓ ଗାନ ଯେଉଁ ଲୋକ-ଭାଷାରୁ ପ୍ରକାଶ ପାଇଥିଲା, ଏହା ସେହି ପ୍ରାକୃତ । ସେହି ପ୍ରାକୃତ ଉପରେ ପ୍ରତିଷ୍ଠିତ ଭାଷାରେ ସବୁ ସୂତ୍ର, ଶାସ୍ତ୍ର, ପୁରାଣ, କାବ୍ୟାଦି ପ୍ରକାଶ ପାଇଥିଲା । ସେହି ଅଭି ଭାଷା ହେଲା, ସଂସ୍କୃତ ବା ଏକ କଥାରେ 'ସାଧୁ ଭାଷା' । ତଥାପି ପ୍ରାକୃତର ଉଚ୍ଚାରଣଗତ ଓ ସ୍ୱର-ପରିଣାମ ବନ୍ଦ ହେବାର ନୁହେ । ସେ ସବୁର ପ୍ରଭାବ ସଂସ୍କୃତ ଉପରେ ପଡ଼ିବା ସ୍ୱାଭାବିକ । ମାତ୍ର ସଂସ୍କୃତ, ସେ ସବୁରେ ବିଚଳିତ ହୋଇ ନାହିଁ, କି ଭ୍ରଷ୍ଟ ହୋଇ ନିଜର ପ୍ରତିଷ୍ଠା ହରାଇ ନାହିଁ; ଅତି ଉଦାର ଭାବରେ ସେ ସବୁକୁ ଆପଣାର କରିଛି । ଏ ସବୁରେ ପ୍ରଧାନ ଦେଖିବାର କଥା, ଉଚ୍ଚାରଣ । ପାଣିନି ଓ ପତଞ୍ଜଳିଙ୍କ 'ପ୍ରାଚ୍ୟ' ଓ 'ଉଦୀଚ୍ୟ' ପ୍ରତି ଲକ୍ଷ୍ୟ କରା ହୋଇଛି । ପାଣିନି ମଧ୍ୟ 'ଶାକଲ୍ୟ' ଙ୍କ ଅଂଚଳରେ ସ୍ୱର-ସନ୍ଧିରେ 'ଅ' ଲୋପ ଓ 'ଭାଗୁରି'ଙ୍କ ଅଂଚଳରେ 'ଅପି' ଓ 'ଅବ' ର 'ଅ' ଲୋପ ହୋଇ 'ଅପିଧାନ' (ପିନ୍ଧିବା) ସ୍ଥଳରେ 'ପିଧାନ' ଓ 'ଅବଗୁଣ୍ଠନ' (ଓଢ଼ଣା) ସ୍ଥଳରେ 'ବଗୁଣ୍ଠନ' ପଦ ଶବ୍ଦମାନ ହୁଏ ଓ ସେ ସବୁ ସାଧୁ ବୋଲି ଦେଖାଇଛନ୍ତି । ସେହି ପରି 'ବାହ୍ୟ' ଶବ୍ଦରେ 'ଯ' ର 'ଜ' ଉଚ୍ଚାରଣ ହୋଇ 'ବାହ୍ଜ' ବା 'ବାହ୍ଜ୍ୟ' ହେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁକ୍ରମେ

Digitized by srujanika@gmail.com

ପରବର୍ତ୍ତୀ କାଳରେ କୌଣସି କୌଣସିଠାରେ ଶ, ଷ ଓ ସ ମିଶି ଯାଇଛି । ଯଥା, ଦୂଷର, ଦୂଶର ଓ ଧୂସର । ମୂର୍ଦ୍ଧଣ୍ୟ 'ଷ', ଉଚ୍ଚାରଣରେ 'ଖ' ହୋଇ ଯାଇଛି । ଯଥା, ପାଷଣ୍ଡ ଓ ପାଖଣ୍ଡ । ଏହି ପ୍ରକାର ଅନୁକରଣ, ସଂସ୍କୃତକୁ ଚଳିତ ଭାଷା କରି ରଖିବାରେ ପ୍ରଧାନ ହେତୁ । ଏହି ବିଶାଳ ଓ ସର୍ବାଂଗସୁନ୍ଦର ଅବଦାନ ଫଳରେ ସଂସ୍କୃତ 'ମୃତ-ଭାଷା' ହୋଇ ନାହିଁ, ଆଜିପର୍ଯ୍ୟନ୍ତ ରହିଛି, ଭାରତର ଜାତୀୟ ଭାଷା । ତଥାପି ଏହିଉଚ୍ଚାରଣ ଭେଦ ଛଡ଼ା, ସଂସ୍କୃତମୂଳକ ପ୍ରାକୃତରୁ ଶବ୍ଦାଦିର ପ୍ରଦାନ ଚଳାଇବା ସେତେ ସହଜ ନୁହେଁ । କାରଣ, ପ୍ରାଗ୍ ଭାରତର ଅଦ୍ଭୁତ ଭାଷା, ଅପଭ୍ରଂଶ ଭାଷା ନଥିଲା । ଭାରତର ଯଥାର୍ଥ ଚଳିତ ଭାଷା ପ୍ରାୟ ସବୁକ ଥିଲା, ଅଣଆର୍ଯ୍ୟତର ଭାଷା । ସଂସ୍କୃତ, ମୂଳରୁ ସେ ସବୁରୁ ଯଥେଷ୍ଟ ଶବ୍ଦ ଗ୍ରହଣ କରି, ସେ ସବୁ ଭାଷାକୁ ପ୍ରଭାବିତ କରି ଅଦ୍ଭୁତ ଭାବରେ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ରଖି ଆସିଛି ।

ଦ୍ରାବିଡ଼ ପ୍ରାକୃତ

ଅବୈଦିକ ଅନ୍ୟାନ୍ୟ ଭାଷାଭିତରେ ଖୁବ୍ ସଂଭବ, ପ୍ରଧାନ ଲୋକ ଭାଷା ବା ପ୍ରାକୃତ ଥିଲା, ଦ୍ରାବିଡ଼ । ମନେହୁଏ, ଅତି ପ୍ରାଚୀନ କାଳରୁ ଦ୍ରାବିଡ଼ମାନେ ନିଜର ଲିପି ଉଦ୍ଭାବନ କରି, ତା ବ୍ୟବହାର କରୁଥିଲେ । ଖୁବ୍‌ସଂଭବ, ଏହି ଦ୍ରାବିଡ଼ଙ୍କର ସଭ୍ୟତାର ପ୍ରତିଷ୍ଠିତଭୂମି ଥିଲା, ଏବର ଦ୍ରାବିଡ଼ ଓ ସିନ୍ଧୁନଦୀର ଉପତ୍ୟକା ଭୂମି । ମହେଞ୍ଜୋଦାରୋ ଓ ହରପ୍ପାରୁ ଯେଉଁ ସବୁ ପ୍ରତ୍ନ-ବିଭବ ଓ ଲିପି-ସଂକେତମାନ ବାହାରିଛି ଓ ଦ୍ରାବିଡ଼ ଭୂମିରେ ପରଂପରା ଓ ପ୍ରତ୍ନ-ତତ୍ତ୍ୱ ଉଦ୍‌ଘାଟନର ଯେଉଁ ଉଦ୍ୟମ ଆରଂଭ ହୋଇଛି, ସେ ସବୁର ଭୂତ୍ତ୍ୱାବକାଶ ପ୍ରତୀକ୍ଷାରେ ନ ରହି, ଏ ସଂବଂଧରେ ଅଧିକ କହିବା ଏବେ ଠିକ୍ ହେବନାହିଁ । ତଥାପି ଯାହା ଜଣାପଡୁଛି

ସେଥିରୁ ଏତିକି ମାତ୍ର ଜଣା ହେବ ଯେ, ଏଇ ଦ୍ରାବିଡ଼ ପ୍ରାକୃତରେ ଯେଉଁ ସଭ୍ୟତାଟି ଗଢ଼ିଥିଲା, ତା ଗ୍ରାମରେ ପ୍ରଥମେ ଗଢ଼ିଥିବା ସଭ୍ୟତାରୁ କ୍ରମଶଃ ନାଗରୀ ସଭ୍ୟତାରେ ପରିଣତ ହୋଇ ଯାଇଥିଲା । ପୂର୍ବ ଅନ୍ତତଃ ପ୍ରାୟ ୫୦୦୦ ବର୍ଷତଳ ବେଳକୁ ଏଇ ନାଗର ସଭ୍ୟ-ତାର ପଶ୍ଚିମରେ ସୁମେର ଆଦି ଦେଶର ସଭ୍ୟତା ସଂଗେ ଖୁବ୍ ଆଦାନ ପ୍ରଦାନ ଚାଲୁଥିଲା । ଏଠି ଜୈନ ଯୋଗୀ ସାପ ଫଣା ଭିତରେ ସ୍ଥିର ହୋଇ ସାଧନାରେ ବସି ଥିବାର ମୋହରର ଛାପ (Seal) ମିଳୁଛି । ସେଠି ମଧ୍ୟ ଉଲଂଗ ଜୈନତୀର୍ଥଙ୍କରଙ୍କ ମୂର୍ତ୍ତି ପର ମୂର୍ତ୍ତି ଖୋଦିତ ହୋଇ ରହିଥିବାର ଦେଖାଯାଉଛି । ଜୈନଙ୍କ ଯୋଗର ପ୍ରଧାନ ଉଦ୍ଦେଶ୍ୟ 'ଜୀବ' ବା 'ଜୀବନ-ତତ୍ତ୍ୱ,' ସେଟି 'ଜୀ' ନାମରେ ଠିକ୍ ସେଇ ଅର୍ଥରେ ସେକାଳ ସାହିତ୍ୟରେ ମିଳୁଛି । ଏହା ଛଡ଼ା ଆମ ଆଗମିକ ପୁରାଣ ଆଖ୍ୟାୟିକାର ଅନେକ ଗ୍ରନ୍ଥ ଓ ସଂଗ୍ରହ ସେଠି ମଧ୍ୟ ସେକାଳେ ଥିବାର ଦେଖାଯାଏ । ଆମ 'ଗରୁଡ଼' 'କର୍ଣ୍ଣ' 'ଭୀମ' 'ଶକୁନ୍ତଳା' ପ୍ରଭୃତି ଅନେକ ପାରଂ-ପରିକ ଉପାଖ୍ୟାନ ଏ ଅଡ଼୍ ଯାଇଥିଲା, ବା ସେଅଡ଼୍ ଆସିଥିଲା ବୋଲି ସ୍ପଷ୍ଟ ଅନୁମାନ ହୁଏ । ହୁଏତ ଅତି ପ୍ରାଚୀନ ଲୋକ-ପ୍ରଚଳିତ ଆଖ୍ୟାୟିକାମାନ ଭିନ୍ନ ଭିନ୍ନ ପରିସ୍ଥିତି ଓ ସାମାଜିକ ଚଳଣି ତଥା ଚରିତ୍ର ଅନୁସାରେ ଟିକିଏ ଟିକିଏ ଭିନ୍ନ ରୂପରେ ଏଇ ଦେଶମାନଙ୍କରେ ପ୍ରକାଶ ପାଇଥିଲା । ଏଦେଶରେ ସେ ସବୁଥିଲା ଦ୍ରାବିଡ଼ ସଭ୍ୟତାର ଅଂଗୀଭୂତ । ଦ୍ରାବିଡ଼ ଭାଷାରେ ତା ସବୁ ଚାଲୁଥିଲା ।

ଶବର ବା ନିଷାଦ

ପ୍ରଚଳିତ ଆଦିମ ଦ୍ରାବିଡ଼ ପ୍ରାକୃତ କଥା କହିଲା ବେଳେ, ଆଉ ଗୋଟିଏ କଥା ମନେ ରଖିବାର ଅଛି । ପୂର୍ବଭାରତରେ

Digitized by srujanika@gmail.com

ଅତି ପ୍ରାଚୀନ କାଳରୁ, ତଦ୍‌ଭବମାନେ କହନ୍ତି, ଦ୍ରାବିଡ଼ଙ୍କଠାରୁ ହୁଏତ ଅଧିକ ପ୍ରାଚୀନ କାଳରୁ 'ଶବର' ଭାଷା ଚଳୁଥିଲା । ଏହି ଶବରମାନଙ୍କୁ ପଣ୍ଡିତମାନେ ଜନତତ୍ତ୍ୱ ଆଲୋଚନାରେ 'ନିଷାଦ' ଜାତୀୟ ଲୋକ ବୋଲି କହନ୍ତି । ଟୁଲ୍‌ ଭାଷା, କନ୍ଧଭାଷା, ଓରାଂଙ୍କ ଭାଷା ପ୍ରଭୃତି ଅପବଶେତ ଦ୍ରାବିଡ଼ ପ୍ରାକୃତମାନ ଏବେ ଯେପରି ଚଳେ ସେହିପରି ସାନ୍ତାଳ, ଗାରୋ, ଖାସି ପ୍ରଭୃତି ନିଷାଦ ପ୍ରାକୃତ ଏବେ ବି ପୂର୍ବ ଭାରତର ଜଙ୍ଗଲମାନଙ୍କରେ ପ୍ରଚଳିତ ଅଛି । ଏହି ନିଷାଦମାନଙ୍କ ଭିତରୁ ଶବରମାନେ ବହୁ ପ୍ରାଚୀନ କାଳରେ ସୁସଭ୍ୟ ଥିବାର ପ୍ରମାଣ ମିଳେ । ସେମାନଙ୍କର ସ୍ଥାନ ମୁଖ୍ୟତଃ ଥିଲା, ବିନ୍ଧ୍ୟର ଦକ୍ଷିଣକୁ ଏବଂ ଓଡ଼ିଶାର ଉପକୂଳ ଯାଏ । ଏବଂ ଛୋଟ-ନାଗପୁର ଅନ୍ଧ୍ର ଓଡ୍ର—ସମ୍ଭବତଃ ଏହି ଓରାଂମାନଙ୍କ ପୂର୍ବପୁରୁଷଙ୍କ ସମକାଳ—ନାମକ ଦ୍ରାବିଡ଼ ଜାତି, ଏହି ଶବରଙ୍କ ସଙ୍ଗେ ଭାଷା ଓ ଚଳଣିରେ ଏକ ହୋଇ ଯାଇଥିଲେ । ଏହି ଶବର ବା ଓଡ୍ର ଭୂମିର ଭାଷା, ଏକ ପ୍ରକାର ଶବର-ପ୍ରଭାବିତ ଦ୍ରାବିଡ଼ ପ୍ରାକୃତରେ ପରିଣତ ହୋଇଯାଇଥିଲା । ପରେ ଏହାର ନାମ ହୋଇଥିଲା, 'ଓଡ୍ର' ପ୍ରାକୃତ ବା 'ଔଡ୍ର' ପ୍ରାକୃତ । ଦ୍ରାବିଡ଼ ଦର୍ଶନର ଶୂନ୍ୟ-ସଂକେତ 'ଜଗନ୍ନାଥ' ତଥା ଦ୍ରାବିଡ଼ ସାଧନାର ନିର୍ଯ୍ୟାସ, 'ଯୋଗ' ବା 'ତନ୍ତ୍ର', ବହୁକାଳ ଏହି ଓଡ୍ର ପ୍ରାକୃତର ସଂକେତରେ ସୁରକ୍ଷିତ ଥିଲା । ଏବେ ବି ତାର ସେହି ପ୍ରକାଶ ଜୀବନ୍ତ ଅଛି । ସେକଥା ଏବେ ଥାଉ ।

ସଂସ୍କୃତ—ପ୍ରାକୃତ

ଭାରତର ଆଦିମ ଆର୍ଯ୍ୟଭୂମି—ଏବର ଉତ୍ତର-ପଶ୍ଚିମସୀମାନ୍ତ, ଅଫଗାନିସ୍ତାନ, ପଞ୍ଜାବ ଓ ଯୁକ୍ତପ୍ରଦେଶ (ଏବେ ଉତ୍ତର ପ୍ରଦେଶ) ପ୍ରଭୃତି—ରେ ସଂସ୍କୃତକୁ ଯେତେ ବ୍ୟାକରଣ ନିବଦ୍ଧ କରି

Digitized by srujanika@gmail.com

ରକ୍ଷିଲେ ମଧ୍ୟ, ଜନ ସାଧାରଣଙ୍କ ଭାଷା ତଥା ପରେଇ ଭାଷାରେ ତା କ୍ରମେ ଖୁବ ପରିଣାମରେ ବଦଳିବାରେ ଲାଗିଥିଲା । ସଙ୍ଗେ ସଙ୍ଗେ ବହୁ ଦ୍ରାବିଡ ସଭ୍ୟତାର ବିଶାଳ ପ୍ରାକୃତ ବା ପ୍ରକୃତ-ମାନଙ୍କ ପ୍ରଭାବ ସେଥିରେ ଖୁବ୍ ପ୍ରକାଶ ପାଇଲା । ତେଣୁ ସେ ପ୍ରଭାବ ମଧ୍ୟ ସଂସ୍କୃତରେ ଖୁବ୍ ପଶିଲା । ଏ ଦେଶରୁ ହେଉ, ଯେଉଁଠାରୁ ହେଉ, ନୂତନ ଚିନ୍ତା ସଙ୍ଗେ ସେହି ଚିନ୍ତାରେ ପ୍ରତିଷ୍ଠିତ ଆର୍ଯ୍ୟେତରଙ୍କ ଶବ୍ଦ ଆର୍ଯ୍ୟମାନେ ଗ୍ରହଣ କରିବାକୁ କେବେ କୁଣ୍ଠିତ ନଥିଲେ । ଏପରି କି 'ଅର୍ଯ୍ୟ' ଶବ୍ଦଟି ପର୍ଯ୍ୟନ୍ତ ମଧ୍ୟ ଦ୍ରାବିଡ 'ଅରିଅ' (ଅସାମାନ୍ୟ), ଏହି ଦ୍ରାବିଡ ଶବ୍ଦରୁ ବୋଲି କୌଣସି କୌଣସି ଦ୍ରାବିଡ-ବିତ୍ଙ୍କ ମତ । ଅପସ୍ ବା ଅପ୍ (ସୁମେର୍ ଲେଖରେ ମିଳୁ-ଥିବା, 'ଅପସୁ'), ତମସ୍ (ସୁମେର୍, 'ତିଅମତ୍') ଜୀବ୍ (ସୁମେର, 'ଜୀ') ଅମ୍ବନ୍ (ଅସୁର ଦେଶ ଓ ଇଜିପ୍ତର ('ଅଟେନ') 'ନାସ' (ଦ୍ରାବିଡ) ପ୍ରଭୃତି ମୂଳତଃ ଅର୍ଯ୍ୟଭାଷାର ଶବ୍ଦ ବୋଲି ମନେ ହୁଏ ନାହିଁ । ଏ ସବୁ ସୃଷ୍ଟି ତତ୍ତ୍ୱ ବିଗ୍ରହ ଓ ଅମ୍ବ-ଦର୍ଶନର ପାରିଭାଷିକ ଶବ୍ଦ । ଅଧମ ବୈଦିକ ଅର୍ଯ୍ୟଙ୍କ ଭାଷା ନିଜ ଗୁଣରେ ଥିଲା, ଅତ୍ୟନ୍ତ ଚିନ୍ତା-ପ୍ରକାଶ-ପର, ଓ ତେଣୁ ସର୍ବଗ୍ରାସୀ । କିନ୍ତୁ ଅତି ଅଧମ ବେଦ-କାଳରେ ତତ୍ତ୍ୱାଲୋଚନା ଓ ବିଶେଷରେ ଅମ୍ବ-ଦର୍ଶନ ତଳର ନ ଥିଲା । ସେ ଯା ହେଉ, ପରବର୍ତ୍ତୀ କାଳରେ ଦ୍ରାବିଡ଼ାଦି ଭାରତୀୟ ପ୍ରାକୃତରୁ—ହୁଏତ ସଂସ୍କୃତ ପ୍ରାକୃତ ବାଟେ—ବହୁ ଶବ୍ଦ ସଂସ୍କୃତରେ ପଶିଥିଲା । ଦ୍ରାବିଡ଼-ଭାଷା-ତତ୍ତ୍ୱବିତ୍ ପାଦ୍ରୀ ରେଭରେଣ୍ଡ କିଟେଲ ସାହେବ (Kittel) ନିଜକୃତ କାନାଡ଼ୀ ଅଭିଧାନର ମୁଖବନ୍ଧରେ ଏହି ପରି ଶବ୍ଦମାନଙ୍କ ଭିତରୁ ୪୨୦ଟି ବାଛି ଦେଇଚନ୍ତି । ଏ ସବୁରୁ ଅନେକ ସଂସ୍କୃତ ଗାତରେ ବଦଳାଇ ସଂସ୍କୃତ କରି ନିଅଯାଇଚି । ଉଦାହରଣ ସ୍ୱରୂପ—ଅଙ୍ଗ (ଦେହ); ଅଂଗନ

Digitized by srujanika@gmail.com

(ଅଗଣା), ଅଛ (ଅଚ୍), ଡୋଛ (ଦୁର୍ଗ),ଗଣ୍ଡ (ଗାଲ), ମଣ୍ଡ (ମୁଣ୍ଡ), ମୁଖ, ମେଖଳା, ବସ୍ତି (ଡଳପେଟ), କରଟ—କାକ (କ୍ରୁଦ୍ଧ), କଙ୍କଟ (କଂକଡ଼ା), ଖର (ଯୁଅ), କୁକ୍କୁଟ, କୁକ୍କୁର, ଗରୁଡ଼, କନକ (ସୁନା), ତାମ୍ର (ତମ୍ବା) ପ୍ରଭୃତି ଶବ୍ଦ ଦ୍ରାବିଡ଼ ପ୍ରାକୃତରୁ ଆସି ସଂସ୍କୃତ ହୋଇ ଯାଇଛି । (୫)—(ଅଉ ଅନେକ ଶବ୍ଦ ଦେଖିବା ପାଇଁ ଏଇ ପୁସ୍ତକ ଶେଷରେ ଦିଆଯାଇ ଥିବା ତାଲିକା ଦେଖ ।) ଏ ସବୁ ଶବ୍ଦମାନଙ୍କ ଭିତରୁ ଅନେକ ଏବେ ଦ୍ରାବିଡ଼ରୁ ଆସିଥିବାଟା ସହଜରେ ଜାଣି ହେବ ନାଇ । ଏପରକି, ନିଜେ ଦ୍ରାବିଡ଼ ଶବ୍ଦଟିର ମୂଳ ହେଉଛି, 'ଦାମିଳ' ବା ଏବର 'ତାମିଲ' । ଦ୍ରାବିଡ଼, କର୍ (କଳା) ଓ ନାଡ୍ ବା ନାଟ୍ (ଦେଶ)—ଏ ଦୁଇଟି ମିଶି ହୋଇଛି, 'କର୍ଣାଟ' । ସେଇପରି, କିଟେଲ କହନ୍ତି, କଲ୍ (ଶିଖିବା) ରୁ ହୋଇଛି, କଳିଙ୍ଗ । ସେ କହନ୍ତି, ଏହାର ଅର୍ଥ ହେଉଛି, ପଣ୍ଡିତ ଓ ବିଚକ୍ଷଣ (Clever) ଙ୍କ ଦେଶ । ଏ ସବୁ ଯା ହେଉ, କିଟେଲ୍ ସାହେବ ବାଛି ଦେଖାଇ ଥିବା ଶବ୍ଦ ଗୁଡ଼ିକ ମାତ୍ର ଆଲୋଚନା କଲେ, ସେକାଳ ଦ୍ରାବିଡ଼ ସଭ୍ୟତାର ବିଶାଳତା ଓ ଗଭୀରତା ସଂକେତରେ ବେଶ୍ ଜାଣିହେବ । ଅମ ସୁପରିଚିତ 'ମୁନି' ଶବ୍ଦ ଆସିଛି ଦ୍ରାବିଡ଼ରୁ । ମୁନିର ଅର୍ଥ, ଯେ ସଦ୍‌ଗତିରେ ଆଗକୁ ପ୍ରଯତ୍ନ କରେ (One who strives forward); 'ମୌନ' ହେଉଛି, ମୁନିର ଆଚରଣ । ଏଇ 'ମୁନି', ଅର୍ଥାତ୍, ଧ୍ୟାନ ଯୋଗୀ ହେଉଛି, ଦ୍ରାବିଡ଼ ସଭ୍ୟତାର ଶ୍ରେଷ୍ଠ ସଂପଦ ।

ବ୍ୟାକରଣ ଓ ଶବ୍ଦର ବ୍ୟୁତ୍ପତ୍ତି

ଏଇ ପ୍ରକାର ଶବ୍ଦମାନଙ୍କ 'ଆଗମ' ବା ବାହାରୁ ଆସି ପଶିବାରେ 'ସଂସ୍କୃତ' କ୍ରମେ ମିଶ୍ରଭାଷାରେ ପରିଣତ ହୋଇ ଓ ଫଳରେ ମିଶ୍ରଭାଷାରୁପେ ପରିଣତ ହୋଇ ପରଂପରା ହରାଇବାର ଶଂକା ସଂଗେ ସେଇ ଶଂକାର ସମାଧାନ-ଉଦ୍ୟମ ଆଦିମ ବୈଦିକ କାଳରୁ ପ୍ରକାଶ

Digitized by srujanika@gmail.com

ପାଉଥିଲା । ବିଶେଷତଃ ବ୍ୟାକରଣ ଆଲୋଚନାରୁ ଏହା ଜଣାପଡ଼େ । ବୈଦିକ 'ନିରୁକ୍ତ'-କାର ଯାସ୍କ ଶବ୍ଦମାନଙ୍କ ବ୍ୟୁତ୍ପତ୍ତି ସଂପର୍କରେ ବିସ୍ତୃତ କରି ସୂଚନା ଦେଇଛନ୍ତି, ତାଙ୍କର ବହୁପୂର୍ବରୁ ଶବ୍ଦମାନଙ୍କର ଉତ୍ପତ୍ତିକ୍ରମ ନେଇ ବୈୟାକରଣମାନଙ୍କ ଭିତରେ ମତଭେଦ ଦେଖାଦେଇ ଥିଲା । 'ଶାକଟାୟନ' ଙ୍କ ମତରେ 'କ୍ରିୟା' ବା କ୍ରିୟାର୍ଥକ 'ଧାତୁ'ରୁ ଶବ୍ଦମାନଙ୍କର ଉତ୍ପତ୍ତି । ପକ୍ଷାନ୍ତରେ 'ଗାର୍ଗ୍ୟ' ପ୍ରଭୃତି ବୈୟାକରଣମାନଙ୍କ ମତରେ ସବୁ ଶବ୍ଦର ଉତ୍ପତ୍ତି ଏପରି କ୍ରିୟାର୍ଥକ ମୂଳ ବା ନିରୁକ୍ତା ସଂସ୍କୃତ ଧାତୁରୁ ହୋଇଛି ବୋଲି କୁହାଯାଇ ନପାରେ । ମାତ୍ର 'ଗାର୍ଗ୍ୟ' ପ୍ରଭୃତିଙ୍କର ଏ ଆପତ୍ତିକୁ 'ଯାସ୍କ' ମାନି ନଥିଲେ । 'ଶାକଟାୟନ' ଓ 'ଯାସ୍କ'ଙ୍କୁ ଅନୁବର୍ତ୍ତନ କଲେ, ପାଣିନି । 'ପାଣିନି'ସେଥିପାଇ ବିରାଟ 'ଧାତୁପାଠ' ଓ ବିଶେଷତଃ 'ଉଣାଦି-ସୂତ୍ର'ର ମଧ୍ୟ ବ୍ୟବସ୍ଥାକଲେ । ସେହି ପାଣିନିଙ୍କ ଅନୁବର୍ତ୍ତନରେ ଏବେ ଆମ ପଣ୍ଡିତମାନେ ସମସ୍ତ ଶବ୍ଦର ସଂସ୍କୃତ 'ଧାତୁ' ଖୋଜନ୍ତି ଓ ଦରକାର ଅନୁସାରେ ଅନେକ ସ୍ଥଳରେ 'ନିପାତନ' ପୁଣି 'ଉଣାଦି' ବୋଲି ସିଦ୍ଧ କରନ୍ତି ବ୍ୟୁତ୍ପତ୍ତି ବିସ୍ତୃତ କରିଥିବା ଯେ କୌଣସି 'ଶବ୍ଦକୋଷ' ଫିଟାଇ ଦେଲେ, ଏହାର ଭୁରି ଭୁରି ଉଦାହରଣ ଆଖିରେ ପଡ଼ିବ । ଏବେ ପ୍ରକାଶିତ ହୋଇଥିବା ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ଓଡ଼ିଆ ଭାଷାକୋଷ' ଦେଖନ୍ତୁ । ସେଥିରେ ପ୍ରହରାଜ ମହାଶୟ ଶବ୍ଦର ବ୍ୟୁତ୍ପତ୍ତିମାନ ପୂର୍ବ କୋଷକାରମାନଙ୍କ ଲେଖାରୁ ଉଦ୍ଧାର କରିଛନ୍ତି ମାତ୍ର । ଏଠାରେ ଉଦାହରଣ ସ୍ୱରୂପ, ଉପରେ ଦିଆଯାଇଥିବା ଦ୍ରାବିଡ଼ ମୂଳକ 'ମେଖଳା'ର ବ୍ୟୁତ୍ପତ୍ତି ଦିଆ ହୋଇଛି, 'ମି' ଧାତୁ ('କ୍ଷେପଣ କରିବା')ରୁ କର୍ମବାଚ୍ୟରେ ଖଲ ପ୍ରତ୍ୟୟ ହୋଇ, ସ୍ତ୍ରୀ ଲିଙ୍ଗରେ 'ଆ', ଅର୍ଥହେବ, କ୍ଷେପଣ କରାଯାଏ ଯାହାକୁ; ମୁଣ୍ଡର ବ୍ୟୁତ୍ପତ୍ତି ହୋଇଛି 'ମୁଣ୍ଡ୍'ଧାତୁ (ଛେଦନ କରିବା)

Digitized by srujanika@gmail.com

ରୁ କର୍ମବାଚ୍ୟରେ 'ଅ' ପ୍ରତ୍ୟୟ—ଛେଦନ କରାଯାଏ ଯାହାକୁ; ମୂଳ ହେଲ, 'ଖନ୍' ଧାତୁ (ଖୋଳିବା) ରୁ କର୍ମବାଚ୍ୟରେ 'ଅ' ପ୍ରତ୍ୟୟ ହୋଇ, 'ନିପାତନ'ରେ 'ମ୍' ଆସି, ମିଳିଲ—(ଖୋଳାଯାଏ ଯାହାକୁ ?)

'ମଳୟ'

'ମଳୟ' ଶବ୍ଦର ଦୃଷ୍ଟାନ୍ତମାନ ପୁଣି ଅତି କୌତୁକା-ବହ । ଉତ୍ତର ଭାରତୀୟମାନେ—ହୁଏତ ମୌର୍ଯ 'ଚନ୍ଦ୍ରଗୁପ୍ତ'ଙ୍କ ପର କୌଣସି ସମ୍ରାଟଙ୍କ ସେନା ବା 'ଭଦ୍ରବାହୁ'ଙ୍କ ପରି କୌଣସି ଜୈନ ଯୋଗୀ ଓ ତାଙ୍କ 'ଗଣ', 'ଗଣଧର' ପ୍ରଭୃତି, ଅଥବା 'ଅଶୋକ'ଙ୍କ ପ୍ରେରିତ ଭିକ୍ଷୁମାନେ—ଫେରି ଯାଇ ପ୍ରଚ୍ଚର କରି ଥିଲେ, 'ମଳୈ'-ରେ ଚନ୍ଦନ ଗଛ ଅଛି । 'ମଳୈ' ହେଉଛି, 'ତାମିଲ' ଶବ୍ଦ । ଏହାର ଅର୍ଥ, ପର୍ବତ ବା ପାହାଡ଼ । ତେଣୁ ସଂସ୍କୃତରେ ହେଲ, 'ମଳୟ ପର୍ବତ', 'ମଳୟାନିଳ' ପ୍ରଭୃତି ଶବ୍ଦମାନ । ମାତ୍ର 'ଭାଷାକୋଷ'ରେ ବ୍ୟୁତ୍ପତ୍ତି କରା ହୋଇ ଅର୍ଥ ଦିଆ ହୋଇଛି, 'ମଲ୍'ଧାତୁ—ଧାରଣ କରିବା+କର୍ତ୍ତୃ, 'ଅୟ' ପ୍ରତ୍ୟୟ, ଯାହା ଚନ୍ଦନ ବୃକ୍ଷକୁ ଧାରଣ କରେ ।

ଯବନ, ଯବନିକା

'ଯବନ' ଶବ୍ଦଟି ବିଦେଶାଗତଶବ୍ଦ । ଏହା ଆସିଛି 'ଆଇଓନି ଅନ' (Ionian) ଶବ୍ଦରୁ । ପରେ ଏମାନେ ହେଲେ, 'ଗ୍ରୀକ୍' । ଏ ହେଉଛନ୍ତି ଗୋଟିଏ ମିଶ୍ର ଜାତି । ଅସିରିଅ ଓ ପାଲେଷ୍ଟାଇନ୍‌ରେ ଏମାନଙ୍କ ସଂପର୍କରେ ଥିବା ଓ ମିଶ୍ରଣରେ ହୋଇଥିବା ଯେ କୌଣସି ଜାତିକୁ ଖ୍ରୀଷ୍ଟପୂର୍ବ ୮ମ ଶତାବ୍ଦିରେ 'ଯବାନ' (୯) ଓ 'ଜବନ' (୧୦) ବୋଲି କହୁଥିଲେ । (ଉଚ୍ଚାରଣରେ, ଯ=ୟ; ବ=ଓ୍ୱ ବା ଶୀଘ୍ର ଓ ଏକକ ଉଚ୍ଚାରିତ 'ଉ+ଅ' ସେଇ ଅନୁକ୍ରମେ

ଭାରତରେ ଉତ୍ତର ପଶ୍ଚିମ ସୀମାନ୍ତରୁ ଗ୍ରୀସ୍ ଯାଏ ସମସ୍ତେ ହୋଇ ଥିଲେ 'ଯବନ'। 'ପାଣିନି' ମିଶ୍ରଜାତ ଅର୍ଥରେ 'ଯବନ' ଶବ୍ଦ ବ୍ୟବହାର କରିଛନ୍ତି। 'ଅଶୋକ'ଙ୍କ ଶିଳା-ଲେଖରେ ଏହି ଅର୍ଥରେ 'ୟୋନ' (ଯବନ) ଶବ୍ଦ ବ୍ୟବହୃତ ହୋଇଛି। ଲୋକମୁଖର ଉଚ୍ଚାରଣରେ ଏହି ଯବନ, 'ଜବନ' ମଧ୍ୟ ହୁଏ। ପାଣିନି ନିଜେ 'ବାହ୍ୟ' ଶବ୍ଦକୁ 'ବାହ୍ଲିକ' ବା 'ବାହ୍ଲିକ୍ୟ' ଉଚ୍ଚାରଣ କରିବା ପାଇଁ ନିର୍ଦ୍ଦେଶ ଦେବା କଥା ଜଣା ଯାଇଛି। ବରରୁଚି ପ୍ରାକୃତ ବ୍ୟାକରଣରେ ସ୍ପଷ୍ଟ ସୂତ୍ର ଦେଇଛନ୍ତି, 'ଆଦେର୍ଯୋଜଃ (୨।୩୨), ଶବ୍ଦ ଆଦ୍ୟରେ ଥିବା 'ଯ', 'ଜ' ହୋଇଯାଏ। ଏହି 'ଯବନ' ବା 'ଜବନ'ମାନେ ବକ୍‌ଟ୍ରିୟାରୁ ଭାରତର ପଶ୍ଚିମାଂଶରେ ଅଶୋକଙ୍କ ପରଠାରୁ ପ୍ରାୟ ୪୦୦ ବର୍ଷରୁ ଅଧିକ କାଳ ରାଜତ୍ୱ କରିଥିଲେ। ସେମାନଙ୍କ ଭିତରୁ ଅନେକେ ଏ ଦେଶର ଜନତାରେ ଓ ସଭ୍ୟତା ତଥା ଧର୍ମରେ ମିଶି ମଧ୍ୟ ଯାଇଥିଲେ। ଗ୍ରୀସର ସଭ୍ୟତା ଓ ସାହିତ୍ୟ ସଂଗେ ସେମାନଙ୍କର ବହୁକାଳ ଯାଏ ସଂପର୍କ ଥିଲା ଓ ସେତେବେଳେ ଗ୍ରୀକ୍ ଭାଷା ଓ ସାହିତ୍ୟକୁ ସେମାନେ ନିଜର କରିଥିଲେ। ଅତି ପ୍ରାଚୀନ କାଳରୁ ନାଟକ ଓ ନାଟକାଭିନୟ ଗ୍ରୀକ୍ ସାହିତ୍ୟରେ ପ୍ରତିଷ୍ଠା ଓ ପ୍ରକାଶ ପାଇଥିଲା। ସେହି ନାଟକାଭିନୟରେ ତାଙ୍କର ପର୍ଦ୍ଦା ବ୍ୟବହାର ହେଉଥିଲା। ଗ୍ରୀକ୍ ପ୍ରଭାବରେ ନାଟକାଭିନୟ ଓ ସେଥିସଂଗେ ପର୍ଦ୍ଦା, ଭାରତ ସାହିତ୍ୟରେ ପ୍ରବେଶ କରିଥିଲା। ଯବନଙ୍କର ଥିବାରୁ ଓ ସେହି ଯବନଙ୍କଠୁ ଭାରତ ସାହିତ୍ୟକୁ ଆସି ଥିବାରୁ ସେହି ପର୍ଦ୍ଦାକୁ 'ଯବନିକା' ବା 'ଜବନିକା' ଅର୍ଥାତ୍, ଯବନଙ୍କ ପର୍ଦ୍ଦା ବୋଲି ଏ ଦେଶରେ କହୁଥିଲେ। ମାତ୍ର 'ଭାଷାକୋଷ'ରେ ସେ ସବୁ ଶବ୍ଦର ସଂସ୍କୃତ ଧାତୁମୂଳକ ବ୍ୟୁତ୍ପତ୍ତି ହୋଇଛି, ଜବନ='ଜୁ' ଧାତୁ ବା 'ଜବ୍' ଧାତୁରୁ ଅନ; ଯବନ='ଯୁ' ଧାତୁ (ମିଶ୍ରିତ

Digitized by srujanika@gmail.com

କରିବା)ରୁ କନ୍ଦୁ', 'ଅନ' ଅର୍ଥାତ୍‌, ଯେ ମିଶ୍ରିତ କରେ, ଭବନକା= 'କ୍ଷ' ଧାତୁ (ଖାଇବା)ରୁ କରଣ, 'ଅନ'+ସ୍ତ୍ରୀ, ଇ+ସ୍ୱାର୍ଥେ, କ+ଅ, ଯବନକା='ଜୁ' ଧାତୁ (ବେଗେ ଚଳିବା) ରୁ କରଣ, 'ଅନ' +କ +ଅ, ଅର୍ଥ ହେଉଛି, ଯନ୍ତ୍ରରେ ଖାଆନ୍ତି ବା ବେଗେ ଚଳନ୍ତି । ଏ ସବୁ ଧାତ୍ୱର୍ଥକୁ ଯେପରି ଇଚ୍ଛା ସେପରି ବ୍ୟାଖ୍ୟା କରନ୍ତୁ । ସେଇପରି 'ଚୀନ' ଦେଶରୁ ଆସୁଥିବା ରେଶମ ପାଟଲୁଗାକୁ କହୁଥିଲେ, 'ଚୀନାଂଶୁକ' । ସେଇ 'ଚୀନ' ଶବ୍ଦକୁ ବ୍ୟୁତ୍ପନ୍ନ କରି ହୋଇଛି, 'ଚି' ଧାତୁ (ଚୟନ କରିବା)ରୁ କର୍ମ ବାଚ୍ୟରେ 'ନ' ପ୍ରତ୍ୟୟ—(ଚୟନ କରାଯାଏ ବା ଗୋଟାଇ ସଂଗ୍ରହ କରାଯାଏ ଯାହାକୁ) । 'ଶାକଟାୟନ' 'ଯାସ୍କ', 'ପାଣିନି' ପ୍ରଭୃତିଙ୍କ ପ୍ରବର୍ତ୍ତିତ ଓ ପ୍ରତିଷ୍ଠିତ ପରଂପରା ସଂଗେ ସେକାଳର ଗାର୍ଗ୍ୟ ପ୍ରଭୃତିଙ୍କ ମତର ପରଂପରା ମଧ୍ୟ ଏ ଦେଶରେ ଲୋପ ପାଇ ନାଇ । ତେଣୁ ଏଇ ପାଣିନୀୟ ପରଂପରାକୁ ଅଟକାଇ କେହି ସମାଲୋଚକ ଏବର ସ୍ପଷ୍ଟ 'ଅରବୀ' ଓ 'ଫାରସୀ', 'ମାଲିକ୍‌', 'ମିଆଁ,' 'ମୌଲବୀ' ଶବ୍ଦର ସଂସ୍କୃତ ବ୍ୟୁତ୍ପତ୍ତି ଦେବାକୁ ଯାଇ, କହୁଥିବାର ଗୋଟିଏ କୌତୁକାବହ ପ୍ରବଚନ, ଆପଣମାନଙ୍କ ମଧ୍ୟରୁ କେହି କେହି ଜାଣି ଥିବେ । ପ୍ରବଚନଟି ଧ୍ୱନୀରେ । ତା ହେଉଛି,

'ଉଣାଦି'ରେ ପ୍ରତ୍ୟୟ କରି
'ଓାଲକ୍‌', 'ଈଅଁ' 'ଢୌଲଚା'
'ମା' ଧାତୁରୁ ସେ ସିଦ୍ଧ ହୁଅ
'ମାଲିକ୍‌', 'ମିଆଁ' 'ମୌଲବୀ' ।

ସଂସ୍କୃତ ବ୍ୟାକରଣର ଶୁଦ୍ଧତା

ସାକ୍ଷାତ୍‌ ଦ୍ରାବିଡ଼ ଭାଷାରୁ ତଥା ଦ୍ରାବିଡ଼+ଅଲବିଡ ଆଦି ପ୍ରାକୃତ ବାଟେ ଶବ୍ଦସବୁ ପୁଣି ସେଥିସଂଗେ ମୁଦ୍ରା ସଂକୋଚାଦି

Digitized by srujanika@gmail.com

ସମେତ ସଂସ୍କୃତ ପ୍ରକାଶର ଓ ସାଧନାର ଉପାଦାନ ସବୁ ଅଦାନ ଓ ଅନୁକରଣରେ ନିଜର କରିବାରେ ସଂସ୍କୃତର ଉଦାରତା ଓ କୁଶଳତା କଥା ବୁଝିଲା ବେଳେ, ସେଇ ସଂବନ୍ଧୀୟ ଆଉ ଗୋଟିଏ ବିଶେଷ କଥା ପ୍ରତି ଦୃଷ୍ଟି ଦେବାର ଅଛି । ସେ ହେଉଛି, ଏ ସମସ୍ତ ଆଦାନ ଓ ଅନୁକରଣ, ଶବ୍ଦର ବ୍ୟୁତ୍ପତ୍ତି ଓ ବ୍ୟାଖ୍ୟା ଭିତରେ ସଂସ୍କୃତ ମୂଳକ ପ୍ରାକୃତମାନଙ୍କ ବ୍ୟାକରଣ, ଠିକ୍ ସଂସ୍କୃତ ବ୍ୟାକରଣର ଅନୁକରଣ । ଅଧିକା ଭିତରେ ସେଥିରେ ଖାଲି ଶବ୍ଦର ଉଚ୍ଚାରଣ ପରିବର୍ତ୍ତନ ଇ ଏକମାତ୍ର ବିଶେଷ ବୋଲି କହୁ ପ୍ରାଚୀନ କାଳରୁ ଧରିନିଆ ଯାଇଛି । ଅତି ପ୍ରାଚୀନ, ଏପରିକି ପାଣିନିଙ୍କ ସମସାମୟିକ ଓ ମଗଧର ଶେଷ ନନ୍ଦ ରାଜାଙ୍କ ସମୟର ବୋଲି ପରଂପରା ଥିବା ('କଥାସରିତ୍‌ସାଗର' ଦେଖ) ପ୍ରଥମ ପ୍ରାକୃତ ବ୍ୟାକରଣକାର 'କାତ୍ୟାୟନ-ବରରୁଚି' ଙ୍କଠାରୁ ଧାରାବାହିକ ଭାବେ ଏଇ ଧାରଣା ଚାଲି ଆସିଛି । 'ତାମିଲ' ପ୍ରଭୃତି ଦ୍ରାବିଡ଼ ଭାଷାମାନଙ୍କର ବ୍ୟାକରଣ ମଧ୍ୟ ସଂସ୍କୃତ ବ୍ୟାକରଣ ଛାଞ୍ଚରେ ପଢ଼ା ଯାଇଛି । ମାତ୍ର ସଂସ୍କୃତ ବ୍ୟାକରଣ, ପ୍ରାକୃତ ବ୍ୟାକରଣର କୌଣସି ପ୍ରକାଶଭଙ୍ଗୀ ଗ୍ରହଣ କରି ନାହିଁ । ଉଦାହରଣ ସ୍ୱରୂପ, ଆର୍ଯ 'ପ୍ରାକୃତ' ହିନ୍ଦୀ, ସିନ୍ଧୀ, ପଂଜାବୀ, ରାଜସ୍ଥାନୀ, ମହାରାଷ୍ଟ୍ରୀ ଓ ଗୁଜରାଟ ଭାଷାମାନଙ୍କରେ କର୍ତ୍ତା ସଂଗେ କ୍ରିୟାର ଲିଂଗ-ପରିବର୍ତ୍ତନ ହୁଏ । ଯଥାଃ— 'ମରଦ୍ ବୈଠା ଖାତା', 'ମାଯୀ ବୈଠୀ ଖାତୀ' । କେବଳ ସଂସ୍କୃତ କାହିଁକି, ଅନ୍ୟ କୌଣସି ପ୍ରାଚୀନ ବା ଆଧୁନିକ ଆର୍ଯ ଭାଷାରେ ଏହା ନାହିଁ । ସଂସ୍କୃତର 'ତବ୍ୟ' ଓ 'ନିଷ୍ଠା' ପ୍ରତ୍ୟୟରେ ତିଆରି ହେଉଥିବା କ୍ରିୟାରେ ଏହା ଅଛି ସତ । କିନ୍ତୁ ତା ମୌଳିକ ନୁହେଁ; ପୁଣି 'କର୍ତ୍ତୃବାଚ୍ୟ' ଓ 'ଭବିଷ୍ୟତ୍ କାଳ' ପ୍ରୟୋଗର

Digitized by srujanika@gmail.com

କଥୁର, ଏ ଦୃଷ୍ଟିରେ ଦେଲେ, ହିନ୍ଦୀ ପ୍ରଭୃତି ଭାଷାର ପ୍ରୟୋଗ ସଂସ୍କୃତ ସଂଗେ ଏକ ବୋଲି କହିବାରେ ଅସୁବିଧା ଅଛି । ମାତ୍ର ପକ୍ଷାନ୍ତରେ, ତାମିଲ, ତେଲୁଗୁ, କର୍ଣ୍ଣାଟୀ, ମଳୟାଳୀ, ପ୍ରଭୃତି ଦ୍ରାବିଡ଼ଭାଷାରେ ଏଇ ପ୍ରକାର କ୍ରିୟାର ଲିଂଗ ପରି-ବର୍ତ୍ତନ ଅଛି । ମନେ ହୁଏ ଅମ ପଶ୍ଚିମ ଓ ଦକ୍ଷିଣ ଭାରତର ଅର୍ଯ ପ୍ରାକୃତମାନେ ସେଇଥିରୁ ଏହା ଗ୍ରହଣ କରିଚନ୍ତି । ସଂସ୍କୃ-ତରେ କିଂତୁ ଏହା ପଣିନାଇ । ଓଡ଼ିଆ ଭାଷାରୁ ସେଇପରି ଅଉ ଗୋଟିଏ ଉଦାହରଣ ଦେଖ । ଓଡ଼ିଆରେ ଉତ୍ତମପୁରୁଷ ବହୁ ବଚନ ('ଅମେ') ରେ ଦୁଇଟି କ୍ରିୟାର ପ୍ରୟୋଗ ଅଛି । ଯଥା :— ଅମେ ଗିଚୋ, ଅମେ ଗିଲୁ; ଅମେ ଯାଉଚେଁ, ଅମେ ଯାଉଚୁ, ଅମେ ଗଲେଁ, ଅମେ ଗଲୁଁ ଇତ୍ୟାଦି । ଏଥିରୁ ଗୋଟିକରେ, ଯାହାଙ୍କୁ କୁହାଯାଉଚି ସେ ଅନ୍ତର୍ଭୁକ୍ତ, ଅନ୍ୟଟିରେ ସେ ଅଲଗା । ଏହା ସ୍ପଷ୍ଟ ଦ୍ରାବିଡ଼ ଭାଷାମାନଙ୍କରୁ ଓଡ଼ିଆକୁ ଅସିଚି । କିଂତୁ ସଂସ୍କୃତ ବ୍ୟାକରଣରେ ଏହା ପଶିନାଇ କିଂବା ସଂସ୍କୃତଭାଷାରେ ଏହାର ସ୍ଥାନ ହୋଇନାଇ । ଏହାଛଡ଼ା, ବ୍ୟାକରଣ-ଗତ ପ୍ରକାଶ ଭଙ୍ଗୀରେ ଏଇପରି ବହୁ ଦୃଷ୍ଟାନ୍ତ ଦିଅଯାଇ ପାରେ । ବ୍ୟାକରଣର ଏଇ ଶୃଙ୍ଖଳା ସଂସ୍କୃତର ବ୍ୟକ୍ତିତ୍ୱ ପ୍ରତିଷ୍ଠାର ଗୋଟିଏ ଶ୍ରେଷ୍ଠ ନିଦର୍ଶନ ।

ଜୈନ, ଯୋଗ ଓ ଦର୍ଶନ

ଜିନ ଓ ଯୋଗ କଥ କହୁଥିଲି । 'ଜୈନ' ବା ଜିନ ଶବ୍ଦଟି ଖୁବ୍ ସଂଭବ ଦ୍ରାବିଡ଼ ବା ଅସୁର 'ଜଣ' ଶବ୍ଦ । ଏଇ 'ଜଣ' ରୂପେ ଏହା ଏବେ ଓଡ଼ିଅାରେ ଚଳେ । 'ଜଣା' କଥାଟି ସଂଗେ ଏହାର ସଂପର୍କ । 'ଜଣା' ଶବ୍ଦଟି ମଧ୍ୟ ଶୁଦ୍ଧ ଓଡ଼ିଅ । ଅନ୍ୟ ଭାଷାରେ ଏହି ଧାତୁଟି 'ଜଣ୍' ନୁହେ, 'ଜଡ୍'; ସଂସ୍କୃତରେ ଏହା 'ଜ୍ଞ' । ପ୍ରାଚୀନ ସୁମେରୁରେ

Digitized by srujanika@gmail.com

ଏଇ 'ଜି', 'ଗି' ହେଉଛି ଶକ୍ତି ବା ପ୍ରାଣ-ଶକ୍ତିର ନାମ । ସୂଚନା ଦିଅ ହୋଇଛି; ଦ୍ରାବିଡ଼ରେ ଖୁବ୍ ସଂଭବ ଏଇ ନାମଟି ଏଇ ଅର୍ଥରେ ନେଉଥିଲା । ଏଇଥିରୁ ହୋଇଛି ସଂସ୍କୃତ 'ଜୀବ' ଶବ୍ଦ । ଜୀବ-ଉପାସନା ଏ ଦେଶରେ ବହୁ ପ୍ରାଚୀନ । ଏହା ପ୍ରାଗ୍‌ବୈଦିକ । ଏଇ ଉପାସନାର ନାମ 'ଯୋଗ' । ଲୁହା ହୋଇଛି, ଏଇ ଯୋଗ-ମାର୍ଗର ଉପାସକଙ୍କୁ କହୁଥିଲେ, 'ମୁନି' । ଏଇ 'ମୁନି' ଶବ୍ଦଟି ହି ସଂସ୍କୃତରେ 'ମନ' ଧାତୁ (ଜାଣିବା)ରୁ 'ନିପାତନ' ବା ବୈନାସୂମରେ ସିଦ୍ଧ । 'ମୁନି' ହେଉଛି, ଜିନ-ଯୋଗୀଙ୍କ ନାମ । 'ଜିନବର', 'ବୁଦ୍ଧ' ହେଉଛନ୍ତି, 'ଶାକ୍ୟମୁନି' । ଯୋଗ ପୁଣି ହେଉଛି ଗୋଟିଏ ଉପାସନା । ଉପାସନା କଥାଟିର ଅର୍ଥ, ଏଠି ବୁଝି ରଖିବାର ଅଛି । ଏହା ପୂଜା ନୁହେଁ; କି ପ୍ରାର୍ଥନା ନୁହେଁ । ଉପାସନା ହେଉଛି, ଧ୍ୟାନର ଅଭ୍ୟାସ । ପୂଜା ହେଉଛି, ସ୍ତୁତି ବା ପ୍ରଶଂସା ଓ ନୈବେଦ୍ୟାଦିରେ 'ପରାନୁରକ୍ତି'ରେ ଉପାସ୍ୟ ଦେବ ଦେବୀଙ୍କୁ ସନ୍ତୋଷ କରିବା । ପ୍ରାର୍ଥନା ହେଉଛି, ନିଜର ସୁଖ ସଂଭୋଗାଦି ତାଙ୍କଠାରୁ ମାଗିବା । ମାତ୍ର ଏଇ ଜୈନ ବା ଜିଣମାନେ ବହୁ ଅଧମ କାଳରୁ ତତ୍ତ୍ୱ-ଚିନ୍ତା ଓ ତଦ୍-ଗତ ଧ୍ୟାନରେ ସ୍ୱାଧୀନ ଦର୍ଶନ ଫୁଟାଇ ଥିଲେ । ସେମାନଙ୍କ ଦର୍ଶନ ଥିଲା— ଜୀବ, ଅଜୀବର ସମବାୟରେ ବ୍ୟକ୍ତି ବା ସୃଷ୍ଟି । ଜୀବ ହେଉଛି, ଜୀବନର ଭିତ୍ତି ଓ ଅଜୀବର ନିୟାମକ । ଅଜୀବକୁ ଜୀବରୁ ଅଲଗା କଲେ, ବ୍ୟକ୍ତି ହେବ, କେବଳ ଜୀବମାତ୍ର ବା 'କେବଳୀ' । ଏହି କେବଳୀ-ଭାବ, କେବଳୀତ୍ୱ ବା 'କୈବଲ୍ୟ' ଆସିଗଲେ, ତା ପରେ 'ନିର୍ବାଣ' । ଏଇ କୈବଲ୍ୟ ଲାଭ ପାଇଁ ଜୀବର ଏକାନ୍ତ ଉପାସନା ଲୋଡ଼ା । ଏଇ ଉପାସନା ବା ସାଧନା ହେଉଛି, 'ଯୋଗ' ବା ଜୀବ-ଉପାସନା ବା ଜୀବ-ଧ୍ୟାନରେ ଲାଗି

Digitized by srujanika@gmail.com

ଏହବା । ଏଇ ଜୀବ-ଅଜୀବ ଜ୍ଞାନର ଧାରଣାଇ ପୃଥିବୀର ଅଦି ଦର୍ଶନ । ସ୍ୱାଧୀନ ମାନବ ଚିନ୍ତାର ଏହା ଅଦି ନିଦର୍ଶନ । ସେଇ ଦର୍ଶନ ଉପରେ ପ୍ରତିଷ୍ଠିତ ହୋଇଛି, 'ଯୋଗ' । ଏଇ ତିନୋଟି ଲକ୍ଷ୍ୟରେ ପ୍ରକାଶ ପାଇଥିଲା, ଜୈନଙ୍କ 'ନିର୍ବାଣ' । ତାର ଅଦିମ ଜୈନ ସୂତ୍ରଟି ସଂସ୍କୃତରେ ହୋଇଛି, 'ଜ୍ଞାନ-ଦର୍ଶନ-ଚରିତଂ,' 'ତ୍ରିରତ୍ନଂ' । ବହୁକାଳପରେ 'ଜମ୍ବୁଦ୍ୱୀପର' ଶାକ୍ୟମୁନି ବୁଦ୍ଧ, ଏହାର ସଂସ୍କାର କରି କହିଥିଲେ, 'ନିର୍ବାଣ' ହୋଇଛି, ଜ୍ଞାନ-ସ୍ୱରୂପ 'ବୁଦ୍ଧ,' ଦର୍ଶନଲବ୍ଧ 'ଧର୍ମ' ବା ବ୍ୟକ୍ତି-ସଂବନ୍ଧରେ ଶୃଂଖଳିତ କର୍ମ-ପରଂ-ପରା, ଓ ସେଇ 'ଧର୍ମ'ର ଅଚଳେ ସ୍ଥାନ 'ସଂଘ' ବା ସମାଜ ।

ଶକ୍ତି ଓ ତନ୍ତ୍ର

ମା ବା ଆଦିମାତାର ଉପାସନା ଅତି ଆଦିମ । ପ୍ରାୟ ୪୦୦୦ରୁ ଅଧିକ ବର୍ଷ ତଳେ ଏସିଆ ମାଇନର ଓ କ୍ରୀଟ ଦ୍ୱୀପ ପ୍ରଭୃତିରେ ସିଂହବାହିନୀ ମାଙ୍କ ମୂର୍ତ୍ତି ମିଳୁଛି । ଏସିଆ ମାଇନରରେ ମଧ୍ୟ ଏଇ ଦ୍ରାବିଡ଼ ମା ବା ଅମ୍ମା ନାମଟି ପର୍ଯ୍ୟନ୍ତ ଲେଖରୁ ମିଳେ । ଶିଶ୍ନରୂପୀ ପିତୃଦେବ ମଧ୍ୟ ସେଇପରି ଆଦିମ । ପୃଥିବୀର ପ୍ରାଗୈତିହାସିକ ସଭ୍ୟଦେଶମାନଙ୍କରେ ସେ ପ୍ରକାଶ ପାଇଥିଲେ । ଭାରତର ଅନାର୍ଯ୍ୟ-ତରଙ୍କଠାରୁ ଅଫ୍ରିକା ଓ ଗ୍ରୀସ୍ ଯାଏ ସବୁଠି ତାଙ୍କ ପୂଜା ପ୍ରତିଷ୍ଠିତ ଥିଲା । କାଳକ୍ରମେ ଗ୍ରାମଦେବ ଓ ଗ୍ରାମ-ଦେବତାମାନେ ସେଥିରେ ନାନାଭାବରେ ମିଶି ଯାଇଥିଲେ । ବହୁ ପ୍ରାଚୀନ କାହାଣୀ, କିଂବ-ଦନ୍ତୀମାନ ମଧ୍ୟ ସେଥିରେ ନାନା ସଂପର୍କରେ ମିଶି ଏକାକାର ହୋଇ ଯାଇଥିଲା । ଜୀବ-ଅଜୀବ-ମୂଳକ ଦର୍ଶନ ମଧ୍ୟ ତା ଭିତରେ ପଶି ତାକୁ ବହୁ ନୂତନ ଭାବରେ ଜୀବନ୍ତ କରିଥିଲା । ଜୀବ, ଚେତ, ହିଁ ଏ ଶକ୍ତି । ଅଜୀବର ସଂସର୍ଗରେ ଏଇ ଶକ୍ତିର ହୁଏ ବସ୍ତୁ ପ୍ରକାଶ । ଏଇ ଅଜୀବ ହେଉଛି, ଶିବ । ପରେ ଅବଶ୍ୟ ନାନା କାରଣରୁ ଏହା

Digitized by srujanika@gmail.com

ଓଲଟି ଯାଇ, ଶକ୍ତି ହେଲେ, 'ମାୟା', ଅବିଦ୍ୟା ବା ପ୍ରକୃତି । ସେ ହୋଇଗଲେ ଅଜୀବ ଓ ଶିବ ହେଲେ, ପୁରୁଷ ବା ଜୀବ ସେ ଭିନ ବର୍ଗର । ମାନ ମୂଳତଃ ଜୀବ ହେଉଛି, ଶକ୍ତି । ଏଥିରେଇ ଯୋଗର ପ୍ରୟୋଗ ହୋଇ ହେଲା, ତନ୍ତ୍ର ବା ବିଶ୍ୱପ୍ରକାଶର ଦର୍ଶନ । ଏହାକୁ ଧରି ଆଦିମ ଯୋଗ-ସାଧନା ବା 'ନିର୍ବାଣସାଧନା' ଖୁବ୍ ପ୍ରତିଷ୍ଠିତ ହୋଇଥିଲା । ରୂପ ଦର୍ଶନ ମାର୍ଗରୁ, ଲୋକରେ ଉପାସ୍ୟ ଦେବୀ ଓ ଦେବଙ୍କୁ ଧରିଥିବାରୁ ଏହି ତନ୍ତ୍ର ମାର୍ଗଟି ଲୋକରେ ବେଶି ଆଦର ପାଇଲା । ତେଣୁ କାଳକ୍ରମେ ଆଦିମ ଲୋକାଗୁର ଧର୍ମର ଗୁଣି, ଟାଉରିଆ, କୁହୁକ ପ୍ରଭୃତି 'ଶାବରୀ ବିଦ୍ୟା' ଓ ତନ୍ତ୍ର-ସଂଗେ ନାନା ଆଦିମ କଳ୍ପନା, ଦେବ ଦେବୀଙ୍କ ଆବେଶ ଅବିର୍ଭାବ ଓ ଦୈବାନୁଦେଶରେ ଆରୋଗ୍ୟ ତଥା ଲୋକ-ଚଳଣି ପାଇଁ ଦେବ-ନିର୍ଦ୍ଦେଶ ଓ ଦୈବବାଣୀ ପ୍ରଭୃତି ଆଦିମ ମାନବ ଧର୍ମର ବିଭିନ୍ନ ଉପାଦାନମାନ ନାନା ଭାବରେ ନୂଆ ନୂଆ ରୂପ ଧରି ପ୍ରକାଶ ପାଇଥିଲା ।

ଭକ୍ତିଧର୍ମ

ଏଇ ପ୍ରାକୃତ ଧର୍ମମାନଙ୍କର ଅନ୍ୟ ଗୋଟିଏ ବିକାଶ ହେଉଛି, ଭକ୍ତି ଧର୍ମ । ତନ୍ତ୍ରର ଶକ୍ତିର ବା ଆତ୍ମ ସାଧନାରେ ଜ୍ଞାନ ଓ ଦର୍ଶନର ସଂପର୍କ ଅଛି । କିନ୍ତୁ ଭକ୍ତିରେ ତା ନାହିଁ । ଏହା ଉପାସ୍ୟ-ଠାରେ ଏକାନ୍ତ ଆତ୍ମସମର୍ପଣ । ତନ୍ତ୍ର ସାଧନା ବ୍ୟକ୍ତିଗତ । ଯୋଗ ସହ ଏହା ବ୍ୟକ୍ତିର ସ୍ୱାଧୀନତାର ସାଧନା । ସଂଭବତଃ ରାଜା ପୁରୋହିତ ପ୍ରଭୃତିଙ୍କ କ୍ଷମତା ହେତୁ ଲୋକ ପୀଡ଼ନ ଫଳରେ ବ୍ୟକ୍ତିର ବିଦ୍ରୋହରୁ ଏହା ବାହାରି ଥିଲା । ଭକ୍ତିର ମୂଳ ହେଉଛି, ସେଇ କ୍ଷମତାରେ ଆତ୍ମସମର୍ପଣ । ଜଣାଯାଉଛି, ଏହି ଭକ୍ତି ଧର୍ମର ଐତି-ହାସିକ ମୂଳ ହେଉଛନ୍ତି, 'ଅସୁର'ରୂପୀ ଅସୁର ଦେଶ (ଅସିରିଆ) ର

Digitized by srujanika@gmail.com

ସମ୍ରାଟ୍ ତଥା ବାବିଲନ୍‌ର ସମ୍ରାଟଙ୍କ ଉପାସ୍ୟ ମାର୍ଦୁକ୍ । କୁହାଯାଇଛି, ମୀଡ୍‌ସ୍ ଜାତୀୟ ପାରସିକ 'ଜାରଥୁଷ୍ଟ୍ର'ଙ୍କ 'ଅହୁର ମେଜ୍‌ଦା' ଙ୍କ ଆସ ନାବସୁଣୀୟ ଧର୍ମର 'ବାସୁଦେବ... ' ଯିହୁ-ଦୀଙ୍କ 'ଜୀହୋବା' ଓ ଆରବର 'ଅଲ୍ଲା' ପ୍ରଭୃତି ସମସ୍ତେ ହୋଇ 'ଅସୁର'ଙ୍କ ପ୍ରତିଭାଷ । ଏଥିରେ ମିଶି ଯାଇଥିଲା ଅତି ଆଦିମ କାଳରୁ ପ୍ରତିଷ୍ଠିତ, ରାଜା ସମ୍ରାଟ୍‌ମାନଙ୍କ ବରଣୀୟ, ନାସ୍ତିର ଅବେଶରେ ଦୈବାଦେଶ—ଯାହାକୁ ପରେ ଗ୍ରୀକ୍‌ମାନେ କହୁଥିଲେ, ଅରେ-କଲ୍ (Oracle) ।

ଦ୍ରାବିଡ଼ ସଂସ୍କୃତିର ପ୍ରତିଷ୍ଠା

ଦ୍ରାବିଡ଼ କହ, ଅସୁର କହ, ଯେ କୌଣସି ନାମରେ କହ, ଏଇ ବିଶାଳ ଓ ସେକାଳର ବିଶ୍ୱ-ବ୍ୟାପୀ ସଂସ୍କୃତିର ଅଭିଜାତ୍ୟ ଅଳ୍ପ କଳନା କରିବା ଦୁର୍ଘଟ । ଯାହା ବା ସଂକେତ ମିଳୁଛି, ସେଥିରୁ ଅନୁମାନ ହୁଏ, ମାନବ ଜଗତରେ ମୂଳରୁ ଆଜିଯାଏ ଯେଉଁ ସଂସ୍କୃତିର ପରଂପରା ଗଢ଼ି ଆସିଛି, ତାର ଯଥାର୍ଥ ପ୍ରାଣ ପ୍ରତିଷ୍ଠା ଏଇ ଅର୍ଯେତର ସଭ୍ୟତାରେ । ଏ ସବୁ ପୁଣି ଆର୍ଯ ସାହିତ୍ୟରେ 'ଅଗମ' । ଏ 'ଅଗମ' ବିନା ଆଉ ଆର୍ଯ ବା 'ନିଗମ' ସାହିତ୍ୟର କିବା ମୂଲ୍ୟ ? କିନ୍ତୁ ଆର୍ଯମାନେ ସବୁଦିନ ଯେପରି ଏଠି ବି ସେହିପରି ବିଜେତା । ଆଦିମ ବୈଦିକ ଯୁଗର ସଂକେତରୁ ଜଣାଯାଏ, ଏ ଭୂମିରେ ସେଇକାଳ ଆର୍ଯ-ଦାସ ତଥା ଦେବାସୁର ଯୁଦ୍ଧ ବରାବର ଲଗିଥିଲା । ନମୁଚି ଓ ଶଂବରଙ୍କ ପରି ଦୁର୍ଗ-ପ୍ରାସାଦ-ବାସୀଙ୍କର ହୁଏତ ଦାସ, ଦାସୀ, ପରିବାର, ପୁରୋହିତ, ସେନା ସାମନ୍ତ ପୂର୍ଣ୍ଣ ଦୁର୍ଗମାନ, ରଥ-ଶୃଙ୍ଖଳିତ ଅଶ୍ୱଚାଳନାଦକ୍ଷ ଯୁଦ୍ଧ-କୁଶଳୀ ଆର୍ଯମାନେ ଭେଦ କରି ଅସ୍ତ ବ୍ୟସ୍ତ କରୁଥିଲେ । ବେଳେ ବେଳେ ସେଇ ବଣ-

Digitized by srujanika@gmail.com

କୌଶଳରେ ବା କଂଚନାର ବ୍ୟବହାର କରିବାରେ ହୁଏତ ସେମାନେ ଅପଟୁ ନ ଥିଲେ । ଏପରିକି ଯୁଦ୍ଧ ବନ୍ଦ ହେଲେ, ସନ୍ଧିରେ ଇନ୍ଦ୍ରଙ୍କ ପରି ଦୁର୍ଦ୍ଧାନ୍ତ ଶତ୍ରୁ, 'ନମୁଚି'ଙ୍କ ଘରେ ସନ୍ଧିଂର ଅତିଥିର ଅଭ୍ୟର୍ଥନାରେ ଆପ୍ୟାୟିତ ହେବାର ଦୃଷ୍ଟାନ୍ତ ମଧ୍ୟ ଏ କ୍ଷେତ୍ରରେ ଲକ୍ଷ୍ୟ କରିବାର ଅଛି । ସଭ୍ୟତା, ଜେତୃ ଦେବ । ସଭ୍ୟାଭିମାନୀ ଅନ୍ୟତର ସଭ୍ୟ ବା ଅସଭ୍ୟଙ୍କ ଦ୍ୱାରା ପରାସ୍ତ ହେବାର ଦୃଷ୍ଟାନ୍ତ ଇତିହାସରେ ଅତି ସାଧାରଣ କଥା । ତା ହୁଏତ ଏଠି ହୋଇଥିଲା । ମାତ୍ର ସଭ୍ୟତାର ପରାଜୟରେ ମଧ୍ୟ ସଂସ୍କୃତିରେ ଜିଣନ୍ତି । ତେଣୁ ଆମର ସମସ୍ତ ଧର୍ମ ଓ ସଭ୍ୟତା, 'ଆଗମ' ବୋଲି କହିଲେ ଚଳେ । ଅପେର୍ତର ସଭ୍ୟତାର ଆମର ଆଜି ଆର୍ଯ୍ୟ-ସଭ୍ୟତା । ହୁଏତ ଏହି ଅପେର୍ତର ଦ୍ରାବିଡ଼, ଅସୁର ଓ ଶବରମାନେ କେତେ ନିଜକୁ ଆର୍ଯ୍ୟ ବୋଲି ପରିଚୟ ଦେଇ ଏହି ଆର୍ଯ୍ୟ ସଭ୍ୟତାକୁ ବିଶାଳ ଓ ପୁଷ୍ଟ କରିବାରେ ସେଇ କାଳ୍ ଲାଗିଯାଇ ଥିଲେ । ଏହା ସେଇ ଆଦିକାଳରୁ ଆରମ୍ଭ ହୋଇଥିଲା । କୃଷ୍ଣ ନାମଧାରୀ ଅନାର୍ଯ୍ୟ ରାଜାକୁ ଇନ୍ଦ୍ର ବା ଇନ୍ଦ୍ର-ପୂଜକ ଆର୍ଯ୍ୟମାନେ ପରାସ୍ତ କରିଥିବା କଥା ଋଗ୍‌ବେଦରେ ଅଛି । ସେଇ କୃଷ୍ଣନାମୀ, ବାସୁଦେବ-କୃଷ୍ଣ, କୃଷ୍ଣ ଦ୍ୱୈପାୟନ ବେଦ-ବ୍ୟାସ, ଯାଜ୍ଞସେନୀ ଦ୍ରୌପଦୀ କୃଷ୍ଣା ଓ ଅର୍ଜୁନ-ପାଣ୍ଡବ ପ୍ରଭୃତି ଜାତିତଃ ଆର୍ଯ୍ୟ ନଥିବା କଦାପି ଅସମ୍ଭବ ନୁହେଁ, ବରଂ ସମ୍ଭବ । ଦଶରଥପୁତ୍ର ରାମ ମଧ୍ୟ କଳା ଥିବାର ପରମ୍ପରା ପ୍ରସିଦ୍ଧ । ସଂସ୍କୃତି ହିସାବରେ ପୁଣି ଏ ସମସ୍ତେ ଆଗମିକ । ଏଇପରି ଅନୁସନ୍ଧାନରେ ଦେଖି ହେବ, ଆର୍ଯ୍ୟମାନେ କେଣି ମଧ୍ୟ ବିଦ୍ୟା, ସଂସ୍କୃତି ଓ ସଭ୍ୟତାରେ ବଞ୍ଚିତ । ଧର୍ମରେ ବା ଦର୍ଶନରେ—କାହିଁରେ ହୁଏତ ଅନେ ପୂର୍ବପୁରୁ ଆର୍ଯ୍ୟ ନୁହଁ ।

Digitized by srujanika@gmail.com

ସଂସ୍କୃତର ବିଜୟ

ତଥାପି ଧୀରେ ଭାରତରେ ଆଜି କେହି ଅନାର୍ଯ୍ୟ ନୁହନ୍ତି । 'ଗୀତା'-ରେ ନିଜେ କୃଷ୍ଣ, ଅର୍ଜୁନଙ୍କ ସ୍ୱଜନ ପ୍ରୀତି ହେତୁକ ଯୁଦ୍ଧ-ବିମୁଖତାକୁ କହିଛନ୍ତି, 'ଅନାର୍ଯ୍ୟ-ଜୁଷ୍ଟ' (ଅନାର୍ଯ୍ୟ ଆଚରଣ) । ଦ୍ରାବିଡ଼-ନିଷାଦ-ସମେତ ଆର୍ଯ୍ୟେତର ବା ଅନାର୍ଯ୍ୟଙ୍କ ବିଶାଳ ସଂସ୍କୃତିର ବିରାଟ ସଂପଦ ହେଉଛି,ଆଜି ଆମର 'ଆଗମ' ବିଦ୍ୟା; 'ଆଗମ' ଶାସ୍ତ୍ର । ଆମେ ସମସ୍ତେ ହୋଇଛୁ, ଆର୍ଯ୍ୟ । ଆର୍ଯ୍ୟଙ୍କର ଏ ଭୀମ ବିଜୟ ନୁହେଁ । ଏ ବିଜୟରେ ରଥ ନାଇ, ଅଶ୍ୱ ନାଇ, ଧନୁର୍ବାଣ ନାଇ, ଗଦାଖଡ୍ଗ ନାଇ, ବ୍ୟୂହ ରଚନା ନାଇ, କି ରଥୀ ପଦାତି ନାହାନ୍ତି, ସେନା ନାହାନ୍ତି, କି ସେନାପତି ନାହାନ୍ତି, ବିଜିତର ଏଥିରେ କ୍ଷୋଭ ନାଇ, କି ବିଜେତାର ଗର୍ବ ନାଇ । ଏଥିରେ ପୁଣି ସମସ୍ତେ ବିଜେତା, ସମସ୍ତେ ଏକାକାର । ଏ ବିଜୟ ପୃଥିବୀରେ ଅଦ୍ୱିତୀୟ । ଏ ବିଶ୍ୱବିଜୟରେ ଆର୍ଯ୍ୟଙ୍କର ଅସ୍ତ୍ର ବା ସାଧନ କଅଣ ? ଏଥିରେ ପ୍ରଧାନ—ପ୍ରଧାନ କାହିଁକି, କହିଲେ ହୁଏ, ଏକମାତ୍ର—ସାଧନ ହେଉଛି, ସଂସ୍କୃତ ଭାଷା । ଏଇ ସଂସ୍କୃତ ଭାଷା ବଳରେ ଏବେ ଆଜି ସବୁ 'ଆଗମ' ଆମର, ସବୁ ପ୍ରାକୃତ,ଆମର ପ୍ରାକୃତ, ସବୁ ବିଦ୍ୟା, ଆମରି ବିଦ୍ୟା; ସବୁ ସଂସ୍କୃତି ଆମରି ସଂସ୍କୃତି,ସ୍ମୃତି ଆମର ଶାସ୍ତ୍ର,ବେଦ ଆମର ଶବ୍ଦ-ବ୍ରହ୍ମ । ସଂସ୍କୃତଇ ସବୁ ନିଜର କରିଛି;ନିଜ ରୂପରେ ରୂପାନ୍ତରିତ କରି ଜୀବନ୍ତ କରିଛି, କାହାକୁ ମାରିଦେଇ ନାହିଁ; କାହାକୁ ଲୋପ କରିନାଇ । ତେଣୁ ଆମର ଧର୍ମ—ଆମର ସଂସ୍କୃତି—ଆମର ସାହିତ୍ୟ, ସନାତନ, ଅର୍ଥାତ୍, ନିତ୍ୟଜାତ, ନିତ୍ୟନୂତନ, ନିତ୍ୟ ବର୍ଦ୍ଧିଷ୍ଣୁ—ନିତି ନୂଆ ନୂଆ ଆଗମରେ ସମୃଦ୍ଧ ।

ଆମ ପରଂପରା ଓ ଧାରଣା

ଶବ୍ଦମାନଙ୍କ ସଂବଧରେ ଟିକିଏ ସୂଚନା ଦେଉଛି । ସଂସ୍କୃତ

Digitized by srujanika@gmail.com

ଅନୁକରଣ କରିବାରେ ଶବ୍ଦ ହେଉଛି ଭାଷାର ଏକ ଶ୍ରେଷ୍ଠ ଉପାଦାନ । ଆର୍ଯ୍ୟମାନେ ନିଜର ଅନନ୍ୟସାଧାରଣ ଭାବ-ପ୍ରକାଶପଟୁ ଭାଷାରେ ଏଇ ଶବ୍ଦ ଆଦାନରେ କେବେ କୁଣ୍ଠିତ ନ ଥିଲେ, ଏହା ସଂକେତରେ ବୁଝା ଯାଇଛି । ଭାବ-ଅନୁକରଣ କରି ସେଇପରି ନିଜର କରିବାର ଖୁବ୍ ସୂଚନା ମଧ୍ୟ ଦିଆ ହୋଇଛି ସତ । ମାତ୍ର ସେହି ଭାବ ଆଦାନର କ୍ରମିକଗତି, କ୍ରମପ୍ରସାରିତ ସୋପାନଶ୍ରେଣୀରେ ଟିକିଏ ସଂକେତରେ ଭଲକରି ବୁଝି ରଖିବା ହୁଏତ ଅନେକ କ୍ଷେତ୍ରରେ ଦରକାର । ସଭ୍ୟତା ସଂସ୍କୃତି ତଥା ସାହିତ୍ୟର ଇତିହାସ ଆଲୋଚନାରେ ଏହା ସାହାଯ୍ୟ କରିବ । ପୁଣି ଆମ ସଂସ୍କୃତ ସାହିତ୍ୟ ଓ 'ସନାତନ' ଧର୍ମ ଏତେ ଜୀବନ୍ତ ଓ ଏତେ ବ୍ୟକ୍ତିତ୍ୱବାନ୍ ଯେ, ତା ଏକ ମୌଳିକ ସ୍ୱକୀୟ ସ୍ୱତନ୍ତ୍ର ସ୍ୱାଧୀନ ଓ ବାହାରରୁ ଏକାନ୍ତ ଅପ୍ରଭାବିତ ବିକାଶ ପରି ଜଣାପଡେ । ସେଇ ଧାରଣା ପୁଣି ଆମର ଗର୍ବମୂଳ ଓ ଏକାନ୍ତ ପ୍ରିୟ । ବିଶ୍ଳେଷଣ କରି ଆଗମିକ ଉପାଦାନ ଦେଖି ଦେଖାଇବାକୁ ଆମ ରୁଚି ଏକ ପ୍ରକାର ପରାଙ୍ମୁଖ । ବେଦ ଆମର ଅପୌରୁଷେୟ । ସେଇ ବେଦରେ ଆମର ସବୁ ଅଛି । ପରେ ଯା ହୋଇଛି, ସେ ସବୁ ଆମ ବେଦରୁ । ଏହାଇ ଆମର ଧାରଣା; ଏହାଇ ଆମର ସଂସ୍କାର । ବେଦରୁ ଆମ ଦର୍ଶନ,ବେଦରୁ ଆମ ସ୍ମୃତି, ବେଦରୁ ଆମ ତନ୍ତ୍ର, ବେଦରୁ ଆମର ସବୁ ଧର୍ମ—ସବୁ ପୂଜା ପଦ୍ଧତି ଓ ସବୁ ବ୍ରତ, ଭକ୍ତି—ଏଇପରି ଆମର ସବୁ ପରଂପରା ନିରୁତା ବେଦାଶ୍ରିତ ଓ ବୈଦିକ । ତେଣୁ ଏ ପରଂପରାର ଗତିରେ କ୍ରମିକ ଆଦାନ ପ୍ରତି ଲକ୍ଷ୍ୟ କରି 'ଆଗମ' ବା ଅନୁକରଣର ଉପାଦାନ ଗୁଡ଼ିକର ବ୍ୟାପ୍ତି, ମୂଳ ଓ ପ୍ରବେଶ-ପ୍ରକାର ଅନ୍ତତଃ ଧାରାବାହିକ ଭାବରେ ଟିକିଏ ସଂକେତ ଦେବା ଅବାନ୍ତର ହେବ ନାହିଁ । ଏଥିରେ କେତେକ କଥା ବିରୁଦ୍ଧ ପରି ଲାଗି ପାରେ । ମାତ୍ର ଖାଲି 'ଏସବୁ

Digitized by srujanika@gmail.com

ଅପର ବାହାରୁ ଅଣିଛି' ବୋଲି କଣ୍ଠ ଦେଇ ଘୋଷଣା କଲେ ଆପଣ-
ମାନଙ୍କ ଭିତରୁ ଅନେକେ ହୁଏତ ମୋ କଥାର ସତ୍ୟରେ ନିଃସନ୍ଦେହ
ହେବେ ନାହିଁ । ତେଣୁ ସେଇସବୁ ଐତିହାସିକ ଆଲୋଚନାର
ସଙ୍କେତମାନଙ୍କ ଶ୍ରୀପଦରେ ନିବେଦନ କରୁଛି ।

ବେଦରେ

ପୃଥିବୀରେ ସର୍ବତ୍ର ଧର୍ମ ହୋଇଲେ ଭକ୍ତି କରିବା—ପାପରୁ
ତ୍ରାହି ପାଇବା, ବା ଭୋଗସୁଖାଦି ପାଇବା ପାଇଁ ଈଶ୍ୱରଙ୍କଠାରେ
ଆତ୍ମସମର୍ପଣ କରିବା । ଏକମାତ୍ର ଭାରତରେ ଦାର୍ଶନିକ ଜ୍ଞାନୋ-
ପାସନାର 'ନିର୍ବାଣ' ଓ ବ୍ରହ୍ମୋପାସନାର 'ମୁକ୍ତି'ରେ ତା ନାହିଁ ।
ମାତ୍ର ଲୋକେ ସାଧାରଣତଃ ତା ବୁଝନ୍ତି ନାହିଁ । ସାଧାରଣତଃ
ବୈଷ୍ଣବର 'ପତିତପାବନଧର୍ମ' ଏ ଦେଶର ବି ମୁଖ୍ୟ ଧର୍ମ ।
ଅନ୍ୟାନ୍ୟ ଧର୍ମ ମଧ୍ୟ ସେଇ ଛାଞ୍ଚରେ ଗଢା । ଗୀତାରେ ବି ସେଇ
ଅନୁକ୍ରମେ ଭଗବାନ୍ କହୁଚନ୍ତି,

"ଭକ୍ତାସ୍ତେଽତୀବ ମେ ପ୍ରିୟାଃ"
(ଭକ୍ତ ମୋର ଅତ୍ୟନ୍ତ ପ୍ରିୟ)

ପୁଣି—

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ"

(ସବୁ ଧର୍ମ ଛାଡି ମୋତେ ଏକା ଶରଣ ନେ । ମୁଁ ତତେ ସର୍ବ
ପାପରୁ ମୁକ୍ତ କରିବି, ଶୋକ କରନା) । ଏହାର ସ୍ୱାମୀଙ୍କ ତାତ୍ତ୍ୱିକ
ଅର୍ଥ ଯାହା ହେଉ, ଏହା ଭକ୍ତି ଧର୍ମର ବାକ୍ୟ । କଥା ଅଛି, ଗୀତା
ପ୍ରଭୃତିରେ ଏଇ ଭକ୍ତିଧର୍ମ ଭଲ ଭାବରେ ବୁଝା ହୋଇ ପାରିଲା
ନାହିଁ ବୋଲି 'ବ୍ୟାସ' ଭାଗବତ ରଚନା କରିଥିଲେ । ଏ ସବୁ

Digitized by srujanika@gmail.com

ସଙ୍ଗେ, ଋଗ୍‌ବେଦରେ 'ଇନ୍ଦ୍ର'ର ଅନୁପ୍ରବେଶ ଓ ସେଇ ସ୍ଥାନରେ ସବୁ ପାପରୁ ମୁକ୍ତି ପାଇବା କଥା ପ୍ରାପ୍ତ ନାଇ । ସେଥିରେ ଇନ୍ଦ୍ରାଦି ଦେବମାନେ ସମ୍ପୃକ୍ତ, ବନ୍ଧୁ । କେବଳ 'ବରୁଣ'ଙ୍କ ସ୍ତୁତିରେ ଭକ୍ତି ଧର୍ମର ଅଙ୍କୁର ଦେଖାଯାଏ । ଋଷି କହୁଚନ୍ତି, 'ବରୁଣଙ୍କୁ ଭଜିଲେ, ସେ ପାପୀମାନଙ୍କୁ କ୍ଷମା ଦଅନ୍ତି' । 'ଶୁନଃଶେଫ'ଙ୍କୁ ବରୁଣଙ୍କ ତଦର୍ଥେ ବଳି ଦେଲା ବେଳେ, ସେ ସେଇ ବରୁଣଙ୍କୁ ସ୍ତୁତି କରିବାରେ, ବରୁଣ ନିଜେ ଆସି ଶୁନଃଶେଫଙ୍କୁ ବଧ୍ୟୂପରୁ ଫିଟାଇ ମୁକ୍ତ କରିଥିବା କଥା ଆପଣମାନେ ଜାଣିଥିବେ । ମାତ୍ର ବରୁଣ ହେଉଚନ୍ତି, ମୂଳତଃ ଅସୁର—ଦେବ ନୁହନ୍ତି । ତାଙ୍କ ନାମ ହେଉଚି, ବେଦରେ 'ଅସୁର-ବରୁଣ' । ପାରସ୍ୟର ଅହୁର-ମେଜ୍‌ଦା ବା ଅସୁର-ମର୍ଦ୍ଦୁକ୍‌ଙ୍କ ସଙ୍ଗେ ବୈଦିକ ବରୁଣଙ୍କର ବହୁ ସାମଞ୍ଜସ୍ୟ ଅଛି । ବାବିଲନର 'ଅସୁର' ବହୁ ପ୍ରାଚୀନ । ତାଙ୍କଠାରୁ ପ୍ରାଚୀନ-ତର ସେଇ ବାବିଲନ୍‌ ବା ସୁମେରର 'ଇଅ', ଠିକ୍‌ ବରୁଣଙ୍କ ପରି ଜଳ ଦେବତା ଓ ଜଳ-ମାର୍ଗ ଜାଣିବା ଦେବତା । ବେଦରେ ମିତ୍ର ଓ ରୁଦ୍ର ମଧ୍ୟ 'ଅସୁର' । ଏଇ ଅସୁରମାନେ ଏଇ ଦେଶରୁ ହେଉ ବା ବାହାରୁ ହେଉ, ବେଦରେ ଗୃହୀତ ହୋଇଥିଲେ ଓ ବୈଦିକ ଦେବଙ୍କ ସଂଗେ ମିଶି ଯାଇଥିଲେ । ଆଉ କିଛି ପ୍ରମାଣ ନ ଥିଲେ ବି 'ଅସୁର' ନାମଟି ଏ କ୍ଷେତ୍ରରେ କମ୍‌ ସଂକେତ ଦେଉନାଇ । କୁହା-ଯାଇଛି, ଋକ୍‌ବେଦରେ ଋଷି ସ୍ପଷ୍ଟ କହୁଚନ୍ତି, ଦେବ ଯାହା, ଅସୁର ବି ସେଇଆ । ଆବରଣପର ବୈଦିକ ଋଷି ସେଇକାଳ ବାଛି ବାଛି ଅସୁରମାନଙ୍କୁ ନିଜ ଦେବଙ୍କ ଭିତରେ ସ୍ଥାନ ଦେଇ-ଥିଲେ । ଶୁଦ୍ଧ ଭକ୍ତିଧର୍ମ ବୈଦିକ ନୁହେଁ । ତେଣୁ ଅତି ପ୍ରାଚୀନ ନାରାୟଣୀୟ ତଥା ପାଞ୍ଚରାତ୍ର ଧର୍ମ 'ଆଗମ' ବୋଲି ଆମର ପରଂପରା କହନ୍ତି ।

Digitized by srujanika@gmail.com

ନାସଦୀୟ ସୂକ୍ତ

'ନାସଦୀୟ ସୂକ୍ତ' କଥା କହୁଛି । ସେଥିରେ ବାହାରୁ ଆସୁଥିବା ଗୋଟିଏ ଶୂନ୍ୟ-ବାଦ-ମୂଳକ ଦର୍ଶନର ଧକ୍କା ସ୍ପଷ୍ଟ । ଋଷି କହୁଛନ୍ତି, "ପୂର୍ବେ ଅସତ୍ ନ ଥିଲା କି ସତ ନ ଥିଲା ? ନିକଟ ଆକାଶ ନ ଥିଲା, କି ତା ଉପରର ବ୍ୟୋମ ନ ଥିଲା ? କଅଣ ଘୋଟି ରହିଥିଲା ? କେଉଁଠି ? ଏ ଗହନ ଗମ୍ଭୀର ଜଳ (ସମୁଦ୍‌ବାରି) ଥିଲା କି ନା ?" ଇତ୍ୟାଦି । ଏ ପ୍ରଶ୍ନ, ଏ ଶଙ୍କା, କାହିଁକି ? ଯେଉଁ ଋଗ୍‌ବେଦର ମୂଳମନ୍ତ୍ର ହେଉଛି, "ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି" (ଏକ ମୂଳ 'ସତ୍ତା' ବା ବସ୍ତୁକୁ ବେଦଜ୍ଞମାନେ ଇନ୍ଦ୍ର, ଅଗ୍ନି ବରୁଣ ପ୍ରଭୃତି ନାନା ନାମରେ କହନ୍ତି) ସେଥିରେ ଏପରି 'ସତ୍ତା ଥିଲା, କି ଶୂନ୍ୟ ଥିଲା', ହେଉଛି, ଏକ ଅଗମିକ ସତ୍ୟର ସଂସର୍ଗ ।

ଅଥର୍ବ ବେଦ

ଅଥର୍ବ ବେଦରେ ଅବୈଦିକ ଅନୁଷ୍ଠାନ ଓ ସାହିତ୍ୟର ଅଧିକ ଓ ଅନୁକରଣ ସ୍ପଷ୍ଟ । ମନ୍ତ୍ରତନ୍ତ୍ର ପ୍ରଭୃତି ସଂଗେ ଜଡ଼ିବୁଟି କୁହୁକ ପ୍ରଭୃତି 'ଶାବରୀବିଦ୍ୟା'ର ସମସ୍ତ ଉପକରଣ ପାଇଁ ଏହି ଅଥର୍ବବେଦ ସୂକ୍ତରେ ବୈଦିକ ସାହିତ୍ୟରେ ସ୍ଥାନ ହୋଇଯାଇ ଥିବାର ସୂଚନା ଦିଆ ହୋଇଛି । ଅଥର୍ବ ବେଦର ଆଉ ଗୋଟିଏ ନାମ ହେଉଛି, 'ଅଥର୍ବାଙ୍ଗିରସଃ' । ପ୍ରସିଦ୍ଧ ବେଦବିତ୍ ଜର୍ମାନ୍ ପଣ୍ଡିତଙ୍କର ବ୍ଲୁମ୍ ଫିଲ୍ଡ ସାହେବ (Bloomfield) ମୌଳିକ ବ୍ୟାଖ୍ୟା ଧରି କହନ୍ତି, 'ଅଥର୍' ଶବ୍ଦର ଅର୍ଥ ହେଉଛି 'ଦୈବୀ ଯାଦୁବିଦ୍ୟା' ଓ 'ଅଙ୍ଗିରସ' ବୋଇଲେ, 'ମୋହିନୀ ଯାଦୁ ବିଦ୍ୟା' ବା 'ଶାବରୀ ବିଦ୍ୟା' । ଏହି 'ଅଥର୍ବ'ର ଆଉ ଗୋଟିଏ ନାମ ହେଉଛି, 'ଭେଷଜା', ଅର୍ଥାତ୍, ମଙ୍ଗଳକାରୀ ମନ୍ତ୍ରଶକ୍ତି ଅଥବା ଆରୋଗ୍ୟକାର ମନ୍ତ୍ରଶକ୍ତି । ଏହିଥିରୁ ଆସିଛି, ଆମ ଉପସ୍ଥାର୍ଦ୍ଧ

Digitized by srujanika@gmail.com

'ଭେଷଜ' ଶବ୍ଦ । ସେ ଯା ହେଉ, ଋଗ୍ବେଦ ଅଥର୍ବବେଦର ଶବତ ଦ୍ରାବିଡ଼ ଶବର ପ୍ରଭୃତିଙ୍କ ପ୍ରତି ପ୍ରାଣସ୍ପର୍ଶୀ ଓ ସନାତନ ମାନବ ପ୍ରୀତି ସଂବଧରେ ଏ ପୃଥିବୀରେ ଅନ୍ୟତ୍ର ଦେଖା ଯାଇ । ଇଉରୋପୀୟ ତଥା ମୁସଲ୍‌ମାନଙ୍କ ଧର୍ମ ବିଜୟ ଓ ସାମ୍ରାଜ୍ୟ ପ୍ରତିଷ୍ଠା ସଂଗେ ଏହାର ଆକାଶ-ପାତାଳ-ଭେଦ ତୁଳନାରେ ଦେଖିଲେ ବିସ୍ମିତ ହେବାକୁ ହୁଏ । ବୈଦିକ ଆର୍ଯ୍ୟଙ୍କର ଏଇ ଆଚରଣରୁ ପ୍ରକାଶ ପାଇ-ଥିଲା, ଆମ ଶ୍ରେଷ୍ଠ ବୈଦ୍ୟଶାସ୍ତ୍ର ଓ ଭୈଷଜ୍ୟ ସାଧନା । ପୁଣି ପର-ବର୍ତ୍ତୀ କାଳର 'ଝାରଣ', 'ମାରଣ', 'ବଶୀକରଣ' ପ୍ରଭୃତିର କୁତ୍ସିତ 'ତନ୍ତ୍ର-ସାଧନା' ଓ 'ସିଦ୍ଧି'ର ମୂଳ ମଧ୍ୟ ଏଇଠାରେ । ତା ଛଡ଼ା, ପରବର୍ତ୍ତୀ ବହୁ ପୁରାଣ ଆଖ୍ୟାୟିକାମାନଙ୍କର ମୂଳ ମଧ୍ୟ ଏଇ ଅଥର୍ବ ବେଦରେ ମିଳେ । ପୁଣି ବୈଦିକ ଯାଗଯଜ୍ଞାଦି-କ୍ରିୟା-କାଣ୍ଡ-ସଂବଳିତ ବେଦର ବ୍ରାହ୍ମଣଭାଗରେ ବି ଏଇ ମନ୍ତ୍ରତନ୍ତ୍ରର ପ୍ରଭାବ ଓ ଏଇ ଆଖ୍ୟାୟିକାମାନଙ୍କର ପ୍ରବେଶ, ପ୍ରକାଶ୍ୟ ଓ ପ୍ରଚ୍ଛନ୍ନଭାବରେ ଖୁବ୍ ଦେଖାଯାଏ ।

ଉପନିଷଦ୍‌ରେ

ଋଗ୍‌ବେଦର 'ନାସଦୀୟ ସୂକ୍ତ'ରେ ଯେଉଁ ଅଗମ୍ୟ ଦର୍ଶନର ସଂଘର୍ଷ ସଂକେତରେ ମିଳେ, ତାର ପୂର୍ଣ୍ଣ ତାତ୍ତ୍ୱିକ ବିକାଶ ଦେଖା ଯାଏ, 'ଉପନିଷଦ୍'ରେ । ଅବଶ୍ୟ ବେଦକାଳର ଅଗମ୍ୟ ଅନ୍ବେଷଣକୁ ଅବୈଦିକ ବୋଲି କହନ୍ତି ନାହିଁ । ଆମ ଦର୍ଶନଶାସ୍ତ୍ର-ମାନଙ୍କର ମୂଳ, ଉପନିଷଦ୍‌ରେ । ଉପନିଷଦ୍ ହେଉଛି, ବ୍ରାହ୍ମଣ-ଭାଗର ଗୋଟିଏ ଅଂଶ । ତେଣୁ ତା ବେଦ । ଅତଏବ ଦର୍ଶନଶାସ୍ତ୍ର-ମାନଙ୍କୁ ମଧ୍ୟ ଅବେଦ ବୋଲି କହନ୍ତି ନାହିଁ । ମାତ୍ର ଯେତେବେଳେ ବେଦ ବୋଲି କହୁଁଲେ ମଧ୍ୟ ବେଦର ଦେବସ୍ତୁତି ଓ ବ୍ରାହ୍ମଣର ଯଜ୍ଞବିଧି ପାଳନରେ ଐହିକ ସୁଖଲାଭ ବା ସ୍ୱର୍ଗାଦିର କାମନା ସଂଗେ ତୁଳନା

Digitized by srujanika@gmail.com

କରି ଦେଖିଲେ, ଉପନିଷଦ୍ ହେଉଛି ଏକ ସଂପୂର୍ଣ୍ଣ ସ୍ୱତନ୍ତ୍ର ଶାସ୍ତ୍ର । ଋଗ୍‌ବେଦରେ ରହିଛି ସମସ୍ତ ବହିର୍ଜଗତର ଶକ୍ତିମାନ ଏକ ସତ୍ତାର ପ୍ରକାଶ ବୋଲି କହୁଛନ୍ତି, ପୁଣି "ସୂର୍ଯ୍ୟ ଆତ୍ମାଜଗତଃ ତସ୍ଥୁଷଶ୍ଚ" (ସୂର୍ଯ୍ୟ ହେଉଛି ଚରାଚରର ଆତ୍ମା ବା ପ୍ରାଣ)—ଏଭଳି କଥା ଅଛି । ପୁଣି ମଧ୍ୟ ବିରାଟ ବିଶ୍ୱ ପୁରୁଷର ଯଜ୍ଞରେ ଦୃଶ୍ୟମାନ ଜଗତ୍ ପ୍ରକାଶ ପାଇଲା ବୋଲି କଳ୍ପନା ସେଥିରେ ଦେଖାଯାଏ । ହେଲେହେଁ ଉପ-ନିଷଦ୍ ପରି ତାତ୍ତ୍ୱିକ ବିଚାର ସେଥିରେ ନାହିଁ । ବିଶେଷତଃ ବ୍ରହ୍ମ ବା ବିଶ୍ୱାତ୍ମା ସଂଗେ ବ୍ୟକ୍ତିର ଆତ୍ମାକୁ ତତ୍ତ୍ୱ ବିଚାରରେ ଯେ ପ୍ରତିଷ୍ଠା ଓ ପ୍ରଣିଧାନ ଉପନିଷଦ୍‌ରେ ଦିଆ ହୋଇଛି, ତା କଦାପି ବୈଦିକ ବୋଲି ମନେ ହୁଏ ନାହିଁ । ଜୀବ-ବାଦୀ କୈବଲ୍ୟ-ସେବୀ ଜୈନ ଦାର୍ଶନିକ ତଥା ଜୈନ ଯୋଗୀର ପ୍ରଭାବ ଓ ପ୍ରେରଣା ଏଠି ସ୍ପଷ୍ଟ । ଏଇ 'ଆତ୍ମା'କୁ ପୁଣି ପରଂପରାରେ 'ଜୀବାତ୍ମା' ବା 'ଜୀବ' ବୋଲି କହନ୍ତି । ଉପନିଷଦ୍‌ରେ ଗୁରୁ ଯେତେବେଳେ ଶିଷ୍ୟକୁ କହୁଛନ୍ତି, "ଆତ୍ମା ବା ଅରେ ଦ୍ରଷ୍ଟବ୍ୟଃ, ଶ୍ରୋତବ୍ୟଃ, ମନ୍ତବ୍ୟଃ, ନିଦିଧ୍ୟା-ସିତବ୍ୟଃ" (ଅରେ, ଆତ୍ମାକୁଇ ଏକା ଦେଖିବାକୁ ହୁଏ, କି ବୁଝିବାକୁ ହୁଏ; ତାରିକଥା ଶୁଣିବାକୁ ହୁଏ; ସେଇଥିରେଇ ମନ ଦେବାକୁ ହୁଏ; ଯଥାର୍ଥ ବ୍ୟକ୍ତିତ୍ୱ ବୋଲି ତାକୁଇ ବିଚାରି ଧ୍ୟାନ କରିବାକୁ ହୁଏ) । ମନେ ହୁଏ, ସେ ଜୈନ ଯୋଗୀଙ୍କ କୈବଲ୍ୟ ବା ନିର୍ବାଣ-ସାଧନାର କ୍ଷେତ୍ରକୁ ଲକ୍ଷ୍ୟ କରିଛନ୍ତି । ତନ୍ତ୍ରଶାସ୍ତ୍ର ଓ ବିଶେଷତଃ ସେଥିପାଇଁ ନିଜ ଭିତରକୁ ଚାହିଁବା, ଉପନିଷଦ୍ ପୂର୍ବରୁ ବେଦରେ ନ ଥିଲା । ସେତିକି ନୁହେଁ । 'ତନ୍ତ୍ର'ର ଶକ୍ତି-ରୂପିଣୀ ଦେବୀ, ଦ୍ରାବିଡ଼ ଭାଷାରେ ମା ବା ଅମ୍ମା—ପ୍ରଥମେ ଉପନିଷଦ୍‌ରେ ପ୍ରବେଶ କରିଛନ୍ତି । କେନୋପନିଷଦ୍‌ରେ ବ୍ରହ୍ମର ଅଧିଷ୍ଠାନ ହେଉ ଆକାଶ ବା ଶୂନ୍ୟ, ସେଠାରେ ଥିବା 'ଉମା,' ହେଉଛି, 'ଅମ୍ମା'ର ବୈଦିକ ସଂସ୍କରଣ ।

Digitized by srujanika@gmail.com

ସେ ପୁଣି 'ହୈମବତୀ'; ହୁଏତ, କୌଣସି ହିମାଳୟ ଭୂମିର ଦେବୀ। ଏହା ଏବର କାଶ୍ମୀର ଅଂଚଳ ହୋଇ ପାରେ। କାରଣ, ଅତି ପ୍ରାଚୀନ କାଳରୁ ଏହିଭୂମି ତନ୍ତ୍ର ପାଇଁ ପ୍ରସିଦ୍ଧ ।

ସ୍ମୃତି

ତାପରେ ସ୍ମୃତି। ଏଇ ସ୍ମୃତି ଶାସ୍ତ୍ର ଭିତରେ ପ୍ରଧାନ ହେଉଛି 'ଗୀତା' ବା ମହାଭାରତର 'ଶ୍ରୀମଦ୍ ଭଗବତ୍ ଗୀତା'। ଏଥିରେ ଭାରତର ଦୁଇଟି ପ୍ରଧାନ ଧର୍ମର ସମାଧାନ କରା ହୋଇଛି। ଦୁଇଟି-ଯାକ ଅଙ୍ଗାଙ୍ଗୀ। ଗୋଟିଏ 'ନାରାୟଣୀୟ' ଭକ୍ତି ଧର୍ମ ଓ ତତ୍ସଂଗେ 'ଅବତାର' ବାଦ (ଗୀତା-୪ର୍ଥ ଅଧ୍ୟାୟ)। ଅପରଟି ହେଉଛି, 'ଜଗନ୍ନାଥ'ର 'ପୁରୁଷୋତ୍ତମ'-ତତ୍ତ୍ୱ-ନିବଦ୍ଧ-ଦାର୍ଶନିକ ଧର୍ମ ।

(ଗୀତା—୧୫ଶ ଅଧ୍ୟାୟ)।

ଏତା ଛଡ଼ା ଏଥିରେ ସମସ୍ତ ଲୋକ ପ୍ରଚଳିତ ଧର୍ମ ଓ ସାଂଖ୍ୟ ତଥା ବେଦାନ୍ତର ଦାର୍ଶନିକ ତତ୍ତ୍ୱାଲୋଚନା ଓ ସିଦ୍ଧାନ୍ତମାନ ଯୋଗ-ସାଧନାର ଧ୍ୟାନ ଧାରଣାଦି ସହିତ ଯେପରି ସମନ୍ୱୟରେ ଏକ କରା-ଯାଇଛି, ପୃଥିବୀର ଅନ୍ୟ କୌଣସି ମାନବ ସମାଜରେ ତାର ପଟାନ୍ତର ନାହିଁ। ମାନବର ଜ୍ଞାନରେ ଗମ୍ୟ, ଭକ୍ତିରେ ଲଭ୍ୟ ଓ କର୍ମରେ ସାଧ୍ୟ—ସମସ୍ତ ତତ୍ତ୍ୱ, ଉପାସ୍ୟ ଓ ଆଦର୍ଶ ଏଥିରେ ଏକାକାର। ଏ ତିନୋଟି ହେଉଛି, ଏକ ବସ୍ତୁକୁ ତିନି ପ୍ରକାରରେ ଦେଖିବା ମାତ୍ର।

ଦର୍ଶନ

ଏଇ ଗୀତାର ପୂର୍ବରୁ ଦର୍ଶନ ଶାସ୍ତ୍ରମାନ—ବିଶେଷରେ ସାଂଖ୍ୟ ଓ ତାହାଠାରୁ ଉଦ୍‌ଗତ ବେଦାନ୍ତ, ସୂତ୍ର-ପଦମାନଙ୍କରେ ନିବଦ୍ଧ ହୋଇ ସାରିଥିଲା। କୁଳଗୃହ ଓ ଚତୁଷ୍ପାଠୀ ପ୍ରଭୃତିରେ ଗୁରୁଶିଷ୍ୟ ସଂସର୍ଗରେ ସଂସ୍କୃତ-ଭାଷା-ମାଧ୍ୟମରେ ପରପ୍ରଶ୍ନ—ସଂବାଦ ଓ

Digitized by srujanika@gmail.com

ବ୍ୟାଖ୍ୟାର ଅସ୍ତ୍ର ଯେପରି ଦେଶସାରା ଏସବୁ ଜ୍ଞାନ ଓ ଆଦର୍ଶ ପ୍ରଚାର-ରେ ପ୍ରଯୁକ୍ତ ହେଉଥିଲା । ଏଇଠାରେ ସୂଚନା ଦେବାର ଅଛି, ଜୈନର ଜୀବ-ଅଜୀବ ବାଦକୁ ଟିକିଏ ଯୁକ୍ତିଯୁକ୍ତ କରି ସମସ୍ତ ଅଜୀବକୁ ଏକ 'ପ୍ରକୃତି' ଓ ଜୀବମାନଙ୍କୁ ଏକ ପ୍ରକାରର ଅସଂଖ୍ୟ ପୁରୁଷ କରି ଦେଲେ, ସାଂଖ୍ୟର ପ୍ରକୃତି-ପୁରୁଷ-ବାଦ ହୋଇ ଯିବାରେ କୌଣସି ଅସୁବିଧା ବା ବିଶେଷ ଆପତ୍ତିର କାରଣ ନାହିଁ । ପୁଣି ସାଂଖ୍ୟ ନାମଟି 'ସଂଖ୍ୟା' (ଗଣନା, ବା ଗଣନାର ଅଙ୍କ) ଶବ୍ଦରୁ ଆସିଛି— ସାଂଖ୍ୟରେ ୨୫ଟି ତତ୍ତ୍ୱ ଗଣିତ ହୁଏ ବୋଲି । ଏଇ ସବୁ ତତ୍ତ୍ୱ ଓ ତତ୍ତ୍ୱ ବିଭାଗମାନ ଗଣିବା, ଜୈନ ଦର୍ଶନର ନିଜସ୍ୱ । 'ଯୋଗ'ର ପୁଣି ଘନିଷ୍ଠ ସମ୍ପର୍କ, ଏଇ ସାଂଖ୍ୟ ସଙ୍ଗେ । ତା ବୁଝାଇବା ଦରକାର ନାହିଁ । ବେଦାନ୍ତର ଅଦ୍ୱୈତବାଦ ବାହାରିଲେ, 'ଯୁକ୍ତିମତ୍ ଓ ବିନିଶ୍ଚିତ ବ୍ରହ୍ମ-ସୂତ୍ର-ପଦମାନ'ଙ୍କରେ ପ୍ରତିପାଦିତ ଓ ପ୍ରକାଶିତ ଏଇ ଦ୍ୱୈତ-ବାଦୀ, ଗଣନାତ୍ମକ ସଂଖ୍ୟା-ଦର୍ଶନରୁ । ବେଦାନ୍ତରେ 'ପୁରୁଷ' ହେଲା, ଅପ୍ରକାଶ ବା 'ଅବ୍ୟକ୍ତ' ବ୍ରହ୍ମ ଓ 'ପ୍ରକୃତି' ହେଲା, ଏଇ ବ୍ରହ୍ମର ବ୍ୟକ୍ତ-ରୂପ ବା ପ୍ରକାଶ-ଶକ୍ତି ।

ପୁରାଣ, ପୀଠ ଓ ତୀର୍ଥ

ପୁରାଣର ଆଖ୍ୟାୟିକାମାନ ଓ ତାହାଙ୍କ ସଙ୍ଗେ ଦେବ ଦେବୀ-ମାନଙ୍କର ପୂଜା ଓ ପୀଠମାନ କ୍ରମେ ଏଇ ସଂସ୍କୃତ ବାହନରେ ନିତି ନୂଆ ନୂଆ ରୂପ ଓ ପ୍ରକାରରେ ଅର୍ଦ୍ଧ ସଂସ୍କୃତ ଭାଷାରେ ରଚିତ, ଗୀତ, କଥିତ ଓ ପ୍ରଚାରିତ ହେଲା । ପୁର, ଜନପଦ, ଆଶ୍ରମ, ସର୍ବତ୍ର କୁଳ-ଗୁରୁ, ଚତୁଷ୍ପାଠୀ ଓ ବିଦ୍ୟାପୀଠମାନ ମାତି ଉଠିଲେ । ନଦୀ, ପର୍ବତ, ତଟଭୂମି, ପ୍ରାନ୍ତର ସମେତ ଦେଶସାରା ସର୍ବତ୍ର ତୀର୍ଥ, କ୍ଷେତ୍ର ଓ ଦେବ-ସ୍ଥଳୀମାନ ପ୍ରକାଶ ଓ ପ୍ରତିଷ୍ଠା ପାଇଲା । ସେ ସବୁର କ୍ରମ-ବର୍ଦ୍ଧିଷ୍ଣୁ ପରଂପରା ଓ 'ମହାତ୍ମ୍ୟ'ମାନ ସମଗ୍ର ଭାରତ ଭୂମିର ବାୟୁମଣ୍ଡଳ

Digitized by srujanika@gmail.com

ପର୍ଯନ୍ତ ବ୍ୟାପିଗଲା । ସରସ୍ୱତୀ ପ୍ରଭୃତି 'ସପ୍ତସିଂଧୁ'ର ପାବନୀ ପ୍ରତିଷ୍ଠା ଓ ପରଂପରା, କ୍ରମେ ଗଂଗା ଓ ଗଂଗାମାନଙ୍କରେ ନିତ୍ୟ ନୂତନ ପ୍ରଭାବରେ ପ୍ରକାଶ ପାଇଲା ।'ଅମୃତ୍‌ଗଂଗା', 'ମନ୍ଦାକିନୀ', 'ବିଷ୍ଣୁପଦ', ଆକାଶରୁ ହର ଶିବଙ୍କ ଜଟାଜୂଟ, 'ଦେବଭୂମି', ହିମାଳୟ ଭେଦକରି, ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସି,'ଭାଗୀରଥୀ'ରୂପେ ମର୍ତ୍ତ୍ୟକୁ ପବିତ୍ର ଓ ଋଦ୍ଧିମନ୍ତ କରି, ଶେଷକୁ 'ଭୋଗବତୀ' ରୂପରେ କପିଳ ମୁନିଙ୍କ ଆଶ୍ରମରେ 'ଶ୍ମଶାନାନଳ ଦଗ୍ଧ'ସଂତପ୍ତ ପ୍ରେତଙ୍କୁ ମୁକ୍ତ କରିବା ପାଇଁ ପାତାଳ ପ୍ରବେଶ କଲେ । ସେଇଠାରେ ସେ ପୁଣି ହେଲେ 'ପାରାବାର', 'ଅମ୍ଭୋନିଧି,' 'ସିନ୍ଧୁ'ର ଜନନୀ ଓ ଭରଣୀ । 'ଅଗସ୍ତ୍ୟ', 'ଧ୍ରୁବ', 'ସପ୍ତର୍ଷି' ଓ ସେଇଭଳି ଅସଂଖ୍ୟ ତାରାରୂପୀ ମୁକ୍ତ ପିତୃପୁରୁଷଙ୍କ ସଂଗେ ଅନାଲଂବ ଶୂନ୍ୟରେ ବିଚରଣ କରୁଥିବା 'ଅଗ୍ନି' ଓ 'ବ୍ରହ୍ମା'ଙ୍କ ଦେବଲୋକ ତଥା ବ୍ରହ୍ମଲୋକରେ ସେଇ ପୁଣି ହୋଇଥିଲେ, ଉଜ୍ଜ୍ୱଳ ତୋୟା, ସ୍ଥିରସ୍ରୋତା 'ମନ୍ଦାକିନୀ' । ମର୍ତ୍ତ୍ୟର ପୁଣ୍ୟ ଭୂମିରେ ସେଇ ପୁଣି ହେଲେ—

"ଅଦ୍ୟାଗୋଦାବରୀ ଗଂଗା,
ଦ୍ୱିତୀୟାଚ ପୁନଃ ପୁନା,
ତୃତୀୟା କଥିତା ରେବା,
ଚତୁର୍ଥୀ ଜାହ୍ନବୀ ସ୍ମୃତା,
କାବେରୀ, ଗୋମତୀ, କୃଷ୍ଣା,
ବ୍ରାହ୍ମୀ, ବୈତରଣୀ ତଥା,
ବିଷ୍ଣୁ ପାଦାଗ୍ର ସଂଭୂତା
ନବଧା ଭୂମି ସଂସ୍ଥିତା ।"

Digitized by srujanika@gmail.com

ଏ ଗୋଟିଏ ମାତ୍ର ଉଦାହରଣ । ଏଇପରି ପ୍ରତ୍ୟେକ ସ୍ନାନ ବେଳେ

"ଅଶ୍ୱକ୍ରାନ୍ତେ—ରଥକ୍ରାନ୍ତେ—
ବିଷ୍ଣୁକ୍ରାନ୍ତେ—ବସୁନ୍ଧରେ,
ମୃତ୍ତିକେ ହର ମେ ପାପଂ
ଯନ୍ମୟା ଦୁଷ୍କୃତଂ କୃତଂ ।"

କାବ୍ୟ ସ୍ମରଣ କର 'ବସୁନ୍ଧରା' ଭାରତର ପୁଣ୍ୟ ପାବନ ମୃତ୍ତିକା ବୋଲି ହେବାଠାରୁ ବଦ୍ରୀନାରାୟଣ, ଦ୍ୱାରକା, ରାମେଶ୍ୱର ଓ ଜଗନ୍ନାଥ ବୁଲି 'ଚାରିଧାମ କରିବା'; ବେଲୁଚିସ୍ତାନର 'ହିଙ୍ଗୁଳା' ଓ ହିମାଳୟ-କାଂଗ୍ଡାର 'ଜ୍ୱାଳାମୁଖୀ'ଠାରୁ ଆସାମର 'କାମାଖ୍ୟା' ଓ ଓଡ଼ିଶାର 'ବିରଜା' ସମେତ ଦେବୀପୀଠମାନ କରିବା, 'ଗୟାସୁର'ର ଶରୀରାଂଶମାନ ପଡ଼ିଥିବା ସ୍ଥାନମାନଙ୍କରେ ପିତୃପୁରୁଷଙ୍କ ମୁକ୍ତିପାଇଁ ପିଣ୍ଡଦେବା ଓ ଏଇପରି ଶ୍ଳୋକବଦ୍ଧ ନାନା ପରଂପରାଗତ ଓ ଉଦ୍‌ଭାବିତ କଥା କିଂବଦନ୍ତୀମାନ ଯେଉଁ ନାନା ସ୍ଥାନୀୟ ଓ ସର୍ବଭାରତୀୟ ତୀର୍ଥ, କ୍ଷେତ୍ର, ପୀଠ, ପୁଣ୍ୟସ୍ଥାନ ପ୍ରଭୃତିରେ ସମସ୍ତ ଭାରତ ହୋଇଛି, ମହା ପୁଣ୍ୟ ଭୂମି । ଏ ପୁଣ୍ୟଭୂମି-ସେବାର ଏକମାତ୍ର ସାଧନ ହେଉଛି, ସଂସ୍କୃତ । ସମସ୍ତ ଭାରତ ହୋଇଛି, ଆର୍ଯ୍ୟଭୂମି ।

'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'

ଜଣକ କଥା ମୁଁ ଜାଣେ । ସେ ହେବେ ଲେଖାରେ ମୋର ଜଣେ ବୃଦ୍ଧ ପ୍ରପିତାମହ । ଜଣେ ଧନୀଲୋକ ଜଣେ ବ୍ରାହ୍ମଣଙ୍କୁ ଖୋଜୁଥିଲେ, ହିମାଳୟର ବଦ୍ରୀନାରାୟଣ ପାଖ 'ଗଂଗୋତ୍ରୀ'ରୁ ଗଂଗାଜଳ ଆଣି 'ରାମେଶ୍ୱର' ମହାଦେବଙ୍କୁ ସେଇ ଜଳ ଲାଗି କରିବା ପାଇଁ । ସେଥିରେ ବାହକ ପାଇବେ ମଜୁରି ଓ ବହୁମାନ; ଧର୍ମ ପାଇବେ ସେଇ ଧନୀକ । ଏ ତ

Digitized by srujanika@gmail.com

ସାଧାରଣ କଥା । ଆମର ସେ ପିତାମହଙ୍କ ଧନିକ କହୁଛେ ।
ସେକାଳକୁ ଚାହିଁ ଆମ ସେ ପିତାମହଙ୍କ ଅବସ୍ଥାକୁ ଚାହିଁ ସେ
ମନୁଷ୍ୟ-ଧନର ପରିମାଣ କିଛି କମ୍ ନ ଥିଲା । ବାଽଶର୍ତ ଗ୍ରନ୍ଥ
ଏହା ଥିଲା, ଦେବଙ୍କହ ଝଙ୍କା । କିନ୍ତୁ ପିତାମହ, ଧନ ନେଇ
ଘର ପାଇଁ ସେ କାଯ କରିବାରେ ମଁଟିଲେ ନାଇ । ଅଙ୍କ
ଜଣକୁ ସେଥିପାଇଁ ରଜା କରାଇଲେ ଓ ନିଜେ ପୈତୃକ ସଂପତ୍ତି
ବାକି ନିଜପାଇଁ କରିବାକୁ ନିଜେ ତାଙ୍କସଙ୍ଗେ ବାହାରିଲେ,
ମନେ ହେଉଛି, ପ୍ରାୟ ଦୀର୍ଘ ଅଠମସ ପରେ ସେ ଦୁହେଁ
ଫେରିଲେ । ସେ ଦୁହେଁ ପଦବ୍ରଜରେ ବଦ୍ରିନାରାୟଣ ଯାଇ,
ସେଠୁ ଗଙ୍ଗୋତ୍ରୀରୁ ଭାରେ ଲେଖାଏଁ ପାଣି ଧରି,
ବୋହି ବୋହି ସେ ପାଣି ନେଇ ରାମେଶ୍ୱରରେ 'ଲଦି' କରି,
ରାମେଶ୍ୱରରୁ ସେଇ ପାଦୁକ ପାଣି ପୁଣି ଧରି ଗ୍ରାମ ଗ୍ରାମ ଘରକୁ ଫେରି-
ଥିଲେ । "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" । ଏ କଥାଟି
ରାମାୟଣରେ ଦିଲେ । ଆଜି ରାଜନୀତିରେ କାମରେ ଲଗାଇବା ପାଇଁ
ଏହାକୁ ଅବୃତ କରି 'ଦୁଅ' ଉଠାଇ ବହୁତ ଲେଖା ଲେଖା
ହେଉଛି । କିନ୍ତୁ ସଂସ୍କୃତିର କ ପ୍ରଭାବରେ ତଥା ଧର୍ମର କ ପ୍ରେର-
ଣାରେ, ଏଇ ପୁଣ୍ୟଭୂମି ଜନନୀର ଏ ସେବା ପୁଣି ଏପରି ଅଭାବ-
ନୀୟ ପ୍ରତିଷ୍ଠା ପାଇଥିଲା, ତା ଆଜି ଭାବ ବସିଲେ, ଶ୍ରଦ୍ଧା ଓ ଭକ୍ତ-
ଭକ୍ତ୍ୟ ଅଭିଭୂତ ହୁଏ ।

ପ୍ରାକୃତ ଉପରେ ସଂସ୍କୃତର ପ୍ରଭାବ

ସଂସ୍କୃତ ଭାଷାରେ ପ୍ରାକୃତର ପ୍ରଭାବ କଥା ସଂକ୍ଷେପରେ କୁହାଯାଇଛି । ଭାବ ଓ ଶବ୍ଦ ରାଜ୍ୟରେ ସଂସ୍କୃତର ପ୍ରଭାବ ଓ ପ୍ରତିଷ୍ଠା ସଙ୍ଗେ ପ୍ରାକୃତମାନ ସଂସ୍କୃତରେ ଯେ ସମ୍ପୂର୍ଣ୍ଣ ଭାବରେ ଓ ଅଭାବନୀୟ ପ୍ରକାରରେ ପ୍ରଭାବିତ ହୋଇଥିଲା, ତା ହୃଏତ ବୁଝି-

Digitized by srujanika@gmail.com

ବାରେ ବିଶେଷ ଅସୁବିଧା ହେବ ନାହିଁ । ସମଗ୍ର ଭାରତର ଆର୍ଯ୍ୟ ଓ ଅନାର୍ଯ୍ୟଙ୍କର ପ୍ରାକୃତମାନଙ୍କୁ ଅଭିଭୂତ କରି ସଂସ୍କୃତ କିପରି ନିଜର ଅସ୍ମିତାକୁ ସୁଦୃଢ଼ ଓ ସ୍ଥାୟୀ କରିଥିଲା, ତା ପ୍ରତି ଟିକିଏ ଲକ୍ଷ୍ୟ ଦିଆଯାଉ ।

ଜୈନ ଓ ବୌଦ୍ଧ ପ୍ରାକୃତ

ଏ କ୍ଷେତ୍ରରେ ପ୍ରଥମେ ଆଖିରେ ପଡ଼େ, ଜୈନ ତଥା ବୌଦ୍ଧ ସାଧନାର ପରମ୍ପରା । ଏହା ବିଷୟର 'ପ୍ରାକୃତ'ରେ ପ୍ରକାଶିତ ଓ ପ୍ରଗ୍ରଥିତ ହେଉଥିଲା । ଏ ପ୍ରାକୃତ ବା ପ୍ରାକୃତମାନ ବୈଦିକ ନୁହେଁ । ଏ ସବୁ ଭାଷାରେ ନ ହୋଇ ସ୍ମାରକ ଦ୍ରବ୍ୟ ବା ବସ୍ତୁ, ଠାର ବା ମୁଦ୍ରା, ତଥା ଶବ୍ଦର ସଙ୍କେତରେ ହେଉଥିବାର ଅନୁମାନ ହୁଏ । କାରଣ, ଜୈନ ପରମ୍ପରାରେ ପ୍ରମାଣମାନଙ୍କ ଭିତରେ ଯେଉଁ 'ଶ୍ରୁତ' ବା 'ଶ୍ରୁତ-ଜ୍ଞାନ'ର ଉଲ୍ଲେଖ ଅଛି, ତହିଁରେ ଏଇ ସ୍ମାରକ, ମୁଦ୍ରା, ଶବ୍ଦ ପ୍ରଭୃତି ହେଉଛି, ବର୍ଣ୍ଣନା କରି ବୁଝାଇବାର ସାଧନ । ପାର୍ଶ୍ୱନାଥଙ୍କ ବେଳେ କଥନ ହୋଇଥିଲା, କହିବା କଥା କିନ୍ତୁ 'ମହାବୀର' ବା 'ଶାକ୍ୟମୁନି'ଙ୍କ ବେଳକୁ ପ୍ରାଚ୍ୟ-ଭାରତରେ ସଂସ୍କୃତ ମୂଳକ ପ୍ରାକୃତର ପ୍ରତିଷ୍ଠା ହୋଇ ସାରିଥିଲା । ଏ ପ୍ରାକୃତ କିନ୍ତୁ ବୈଦିକ ପ୍ରାକୃତ—'ଅର୍ଦ୍ଧମାଗଧୀ' ଓ 'ମାଗଧୀ' । ଲୋକବ୍ୟବହାର ପର୍ଯ୍ୟନ୍ତ ସେତେବେଳକୁ ସ୍ଥାନୀୟ ମୌଳିକ ଭାଷାମାନ ବୈଦିକ ପ୍ରାକୃତରେ ପରିଣତ ହୋଇ ସାରିଥିଲା । ଏହାର କାରଣ ହେଉଛି, ପ୍ରାଚ୍ୟ-ଭୂମିରେ ସଂସ୍କୃତର ପ୍ରତିଷ୍ଠା । 'ମିଥିଲା'ର 'ଜନକ' ବଂଶ ରାଜାମାନେ ଏ କ୍ଷେତ୍ରରେ ସ୍ମରଣୀୟ । 'ଆଗମିକ ଦର୍ଶନ' ସାହିତ୍ୟକୁ ବେଦର ଅଙ୍ଗୀଭୂତ କରିବାରେ ଏଇ 'ଜନକ' ବଂଶଙ୍କ କୃତିତ୍ୱ ମଧ୍ୟ ପରମ୍ପରା ପ୍ରସିଦ୍ଧ । ତଥାପି ଏଇ ପୂର୍ବାଞ୍ଚଳରେ ମଧ୍ୟ ପୁଣି ସଂସ୍କୃତ

Digitized by srujanika@gmail.com

ଭଷାର ଅଦର ବହୁକାଳ ଯାଏ ଚଳି ନ ଥିଲା । ମଗଧସମ୍ରାଟ୍, 'ଅଶୋକ' ଓ କଳିଂଗସମ୍ରାଟ୍, 'ଖାରବେଲ'ଙ୍କ ଶିଳାଲେଖମାନ ଏହାର ପ୍ରମାଣ । ଏ ଦୁହେଁ ଥିଲେ, ବୌଦ୍ଧ ଓ ଜୈନ । ପୁଣି ଏହି ବୌଦ୍ଧ ଓ ଜୈନ ପ୍ରଭାବରେ, ଯେଉଁ ସଂସ୍କୃତ-ମୂଳକ 'ପ୍ରାଚ୍ୟ-ପ୍ରାକୃତ' ମଧ୍ୟ ଦକ୍ଷିଣର ଶୁଦ୍ଧ ଦ୍ରାବିଡ଼ ଭୂମିରେ ସେତେବେଳେ ଖୁବ୍ ଚଳିଥିବାର ପ୍ରମାଣ 'ଅଶୋକ'ଙ୍କ ଲେଖମାନଙ୍କରୁ ମିଳେ । ଏହା ମଧ୍ୟ, ଦକ୍ଷିଣରେ ଅସ୍ପରଥା କରିଥିବା ଦ୍ରାବିଡ଼ ଭାଷାମାନଙ୍କ ଉପରେ ସଂସ୍କୃତର ଅବାନ୍ତର ଓ ପରୋକ୍ଷ ପ୍ରଭାବ ପଡ଼ିଥିବା ଓ ପଡ଼ୁଥିବାର ଢେର୍ ନିଦର୍ଶନ ନ୍ତହି ।

ଦ୍ରାବିଡ଼ ପ୍ରାକୃତ ଓ ଜୈନ

ସଂସ୍କୃତର ପ୍ରଚଣ୍ଡ ପ୍ରଭାବ ବି ଏଣିକି ଖୁବ୍ ଜୋରରେ ଚାଲିବାର ପ୍ରମାଣମାନ ଏବେ ପ୍ରକାଶ ସ୍ପଷ୍ଟ । ଜୈନ ଓ ବୌଦ୍ଧମାନେ ଦ୍ରାବିଡ଼ ସଂସ୍କୃତ-ମୂଳକ ପ୍ରାକୃତମାନଙ୍କର ପ୍ରଚଳନ କେତେ କାଳ ଧରି ରଖି ଥିଲେ । 'ହାର୍ଟ ଅଫ୍ ଜଇନିଜ୍ମ୍' (The heart of Jainism) ଗ୍ରନ୍ଥର ଗ୍ରନ୍ଥକର୍ତ୍ତୀ ଶ୍ରୀମତୀ 'ଷ୍ଟିଭେନ୍ସନ୍' (Mrs Stevenson) ସିଦ୍ଧାନ୍ତ ପ୍ରକାଶ କରିଛନ୍ତି, "ଦକ୍ଷିଣଭାରତର ପ୍ରାଚୀନତମ ସାହିତ୍ୟିକ ଆନ୍ଦୋଳନରେ ଜୈନଙ୍କ ପ୍ରସିଦ୍ଧି ଓ ପ୍ରତିଷ୍ଠା ଇ ଦେଖାଯାଏ । ଅତି ପ୍ରାଚୀନ କାଳରୁ ବହୁ ଶତାବ୍ଦି ଯାଏ ତାମିଲ-ସାହିତ୍ୟରେ ଜୈନ କବିଙ୍କ ସ୍ଥାନ ଅତି ଉଚ୍ଚ ।××। 'କୁରଲ୍' ନାମକ ଅତି ପ୍ରସିଦ୍ଧ ଓ ମହାନୀତି ପ୍ରାଚୀନ ତାମିଲ କାବ୍ୟ ସଂବଧରେ ବିଶପ୍ କଲଡ୍‌ୱେଲ (Bishop Caldwell) କହନ୍ତି, 'ଏହାର ଶୈଳୀ ଓ ପ୍ରକାଶ ପ୍ରକାର ତାମିଲ ଛଡ଼ା ଅନ୍ୟ କିଛି ନୁହେଁ' ।××। କେବଳ କାବ୍ୟ, କବିତାରେ ଜୈନଙ୍କର ଏ ପ୍ରସିଦ୍ଧି ନୁହେଁ; ଏହି ଅତି ପ୍ରଖ୍ୟାତ ପ୍ରାଚୀନ ତାମିଲ ଅଭିଧାନ ଓ ବିଷ୍ଟ ତାମିଲ

Digitized by srujanika@gmail.com

ବ୍ୟାକରଣଟି ମଧ୍ୟ ଜୈନଙ୍କ କୃତ ବୋଲି ସମସ୍ତେ ମାନନ୍ତି । 'ତେଲୁଗୁ' ସାହିତ୍ୟର ମୂଳଭିତ୍ତି ପକାଇଥିଲେ ଜୈନମାନେ । ପୁଣି ପ୍ରାଚୀନ ଓ ପ୍ରାମାଣିକ 'କନ୍ନଡ଼' ସାହିତ୍ୟକୁ ଜୈନ କବି ଓ ପଣ୍ଡିତମାନେ ଆରମ୍ଭ କରିଥିଲେ ଓ ବହୁଶତାବ୍ଦି ଧରି ଏହାର ବିକାଶ ହୋଇଛି, ସେଇମାନଙ୍କ ସାଧନା ।" ଏଥିରୁ ହେଲେ ମଧ୍ୟ ସଂସ୍କୃତର ପ୍ରବେଶ ଓ ପ୍ରଭାବ କ୍ରମେ ହୋଇ ପଡ଼ିଥିଲା, ଅଦମ୍ୟ ଓ ଅଲଂଘ୍ୟ । କ୍ରମେ ପୁରାଣ କଥା, ଚରିତକଥା ଓ ଅନ୍ୟାନ୍ୟ କଥା ସାହିତ୍ୟମାନ ନାନା ଭାବରେ ସଂସ୍କୃତରେ ଲେଖା ହୋଇ ପ୍ରଚାରିତ ହେଲା । ଦେଶସାରା ଅସଂଖ୍ୟ ତୀର୍ଥ ଓ ପୁଣ୍ୟସ୍ଥଳୀ ପୁଣ୍ୟପର୍ବମାନଙ୍କର 'ମହାତ୍ମ୍ୟ'ରେ ଲୋକ-ସ୍ୱାଦ୍ୟ ଓ ଅତି ସହଜରେ ଗ୍ରହଣୀୟ ଉପାଖ୍ୟାନ ଓ ଉପଦେଶମାନ ସଂସ୍କୃତରେ ଆତ୍ମପ୍ରକାଶ କଲା । ଶିକ୍ଷାକେନ୍ଦ୍ରମାନ ଓ ସାମାଜିକ ତଥା ବ୍ୟକ୍ତିଗତ ଜୀବନ ଯାପନର ସମସ୍ତ ବିଭାଗରେ—ଶିଳ୍ପଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ଧର୍ମଶାସ୍ତ୍ର, କର୍ମକର୍ମଣି, ପୂଜା ବିବାହ ଓ ଶୁଦ୍ଧି ଶ୍ରାଦ୍ଧ ପଦ୍ଧତି, ସ୍ତୁତି, ସାଧନା, କଳା, କବିତା ପ୍ରଭୃତି ସବୁ—ସଂସ୍କୃତ ହେଲା ଏକମାତ୍ର ବାହନ । ବୌଦ୍ଧ ସାହିତ୍ୟରେ ପ୍ରାକୃତଭାଷା ପୁରାପୁରି ସଂସ୍କୃତରେ ଆତ୍ମଦାନ କଲା ଓ ପାଳି ସଂସ୍କୃତ ହେଲା, ବୌଦ୍ଧ ସାହିତ୍ୟର ବାହନ । ଜୈନମାନେ ନିଜର ଶାସ୍ତ୍ରୀୟ ଅର୍ଦ୍ଧ-ମାଗଧୀକୁ ଏ କ୍ଷେତ୍ରରେ ତଥାପି ରଖିଥିଲେ ମଧ୍ୟ, ପରବର୍ତ୍ତୀ କାଳରେ ନିଜ ଧର୍ମଗ୍ରନ୍ଥ ଓ ତା ଟୀକାମାନ ଲୋକରେ ବେଶି ଆଦରଣୀୟ କରିବା ପାଇଁ ସେମାନେ ମଧ୍ୟ ସଂସ୍କୃତରେ ଲେଖିଲେ ଓ ପ୍ରଚାର କଲେ ଓ ଏବେ ମଧ୍ୟ ସେମାନେ ନିଜ ଧର୍ମ-ସାହିତ୍ୟରେ ଯେଉଁ ପ୍ରାକୃତ ବ୍ୟବହାର କରନ୍ତି, ତା କେବଳ ପରଂପରାରେ ପ୍ରାଚୀନତାର ପୂଜା; ତେଣୁ ବେଦପରି ତା ଉଦ୍ଧୁଁ କଳା ଦୁର୍ବୋଧ୍ୟ ।

Digitized by srujanika@gmail.com

ସାଧୁଭାଷା

ସମସ୍ତ ଜୀବନଯାତ୍ରାର କେନ୍ଦ୍ର ଓ ଧର୍ମ ଧାରଣାର ଶ୍ରେଷ୍ଠ ଅଭିଭୂତ କରି ସଂସ୍କୃତ, ଅର୍ଯ ଅନାର୍ଯ ସମସ୍ତ ପ୍ରାକୃତଙ୍କୁ ଉପରି ଅଭ୍ରୂତ ଭାବରେ ପ୍ରଭାବିତ କରିଥିଲା, ତା ଠିକଏ ବୁଝା ଗଲା । ଅର୍ଯ ପ୍ରାକୃତର ଶବ୍ଦମାନେ ଏଥିରେ ସଂସ୍କୃତର ନିୟମିତ ସ୍ୱର-ବ୍ୟଞ୍ଜନ ଧରି ନିଜକୁ 'ସାଧୁ' କରିବାରେ ଲାଗିଲେ । ତଦ୍‌ଭବ ଶବ୍ଦମାନଙ୍କୁ ତତ୍ସମରେ ପ୍ରକାଶ କରିବାଟା ହେଲା 'ସାଧୁଭାଷା'ର ସୃଷ୍ଟି । ପାଣିନ୍ୟାଦିଙ୍କ ପ୍ରକାର ଅବଲମ୍ବନରେ, କେବଳ ସ୍ଥାନୀୟ ଦ୍ରାବିଡ଼ାଦି ଦେଶ୍ୟ ଶବ୍ଦ ନୁହେଁ, ବିଦେଶ୍ୟ ଶବ୍ଦର ମଧ୍ୟ 'ଧାତ୍ୱର୍ଥ' ଖୋଜାହେଲା । ଓଡ଼ିଆ ପ୍ରାକୃତରେ ଦେଖ—ଚାମିଲ, 'କଡଙ୍ଗ୍' ଶବ୍ଦରୁ ବାହାରି ଥିବା 'ଚେର୍'କୁ 'ଚର୍' ଧାତୁରୁ ବୋଲି ଚୁଏଡ ଅର୍ଥ କରା-ହେଲା, ତାଙ୍କୁ ପରେ ବା ପଣିଯାଏ ଯେ, ସେଇ 'ଚର'ରୁ ହୋଇଛି 'ଚେର୍'; ସେଇ ପରି ପର୍ତ୍ତୁଗୀଜ୍ 'ଗୁବ' ଶବ୍ଦର ଅର୍ଥ ହେଲା, ଚୁଏଡ ଯାହାକୁ ଗୁପ ଦେଇ ବୁଲାଇବାକୁ ବା ଦାବିବାକୁ ହୁଏ; ଇତ୍ୟାଦି କେତେ ସୂତ୍ରାଧୀନ ଓ କେତେ ନିପାତନ ବ୍ୟୁତ୍ପତ୍ତିର ସୃଷ୍ଟି ହେଲା । ସେ କାଳର ମୀର, ମୀନ, ଯବନ ପରି ଦେଶୀ ଓ ବିଦେଶୀ ଶବ୍ଦ-ମାନେ ଯଥା, ଓଡ଼ିଆରେ ବଡ଼ (ବଟ୍ଟ), କୁଦା (କୁର୍ଦ୍ଦନ) ଢାଲ (ଢାଲକ) ପ୍ରଭୃତି ଭୂରି ଭୂରି ସଂଖ୍ୟାରେ ସଂସ୍କୃତ ଗ୍ରନ୍ଥରେ ଢଳା ହୋଇ ପ୍ରାକୃତରେ ସାଧୁ ଶବ୍ଦ ସଂଗେ ମିଶିବାରେ ଲାଗିଲେ । ଓଡ଼ିଆରେ ସେଦିନ ପର୍ଯନ୍ତ ପଣ୍ଡିତମାନେ 'ଅପଭ୍ରଂଶ ବୋଧିନୀ' ବୋଲି ପୁସ୍ତକ ଲେଖି ପିଲାଙ୍କୁ 'ସାଧୁଭାଷା' ଶିଖାଉଥିଲେ । ଏବେ ମଧ୍ୟ ସେ ଅଭିମୁଖ୍ୟର ଅବଶେଷ ଯଥେଷ୍ଟ ଅଛି । କବି ଓ ଲେଖକ-ମାନେ ଏବେ ବି 'ପାଉଚ' କୁ ଲେଖନ୍ତି, 'ପାବଚ୍ଛ'; 'ଛଇଳ'

Digitized by srujanika@gmail.com

କୁ କରନ୍ତି, 'ଛବିଲ'; ଗାଁର ନା 'ଅଟୁଅପଦା' ଥିଲେ, ବଡୋ-ବସ୍ତରେ ତାକୁ ଲେଖାନ୍ତି, 'ଅକ୍ଷୟପଦ'।

ତତ୍ସମର ଆମଦାନୀ

ତା ଛଡ଼ା 'ତତ୍ସମ' ଶବ୍ଦମାନଙ୍କର ଆମଦାନି ପ୍ରାକୃତ-ମାନଙ୍କ ବିକାଶରେ ଗୋଟିଏ ନୂତନ ପରମ୍ପରା ସୃଷ୍ଟି କରିଛି। ଏହି ଆମ ଓଡ଼ିଆ ଭାଷାରେ ଦେଖ। ଅଶୋକଙ୍କ ବେଳକୁ ଅର୍ଦ୍ଧ ପ୍ରାକୃତ ଏ ଭୂମିରେ ହୋଇ ଯାଇଥିଲା, ସାଧାରଣ-ବୋଧ ଭାଷା। ତା ପରେ ମିଳେ, ଲେଖମାନ। ସେଥିରେ ସଂସ୍କୃତର ପ୍ରକାଶ ଶୈଳୀର ପ୍ରଭାବ ଦେଖିଲେ, ବୁଝାଯାଏ, ସମାଜର ଉଚ୍ଚ ଶ୍ରେଣୀର ଲୋକେ, ପ୍ରାକୃତକୁ ଛାଡ଼, ସଂସ୍କୃତକୁ ଯେପରିକି ଭାବପ୍ରକାଶର ଏକମାତ୍ର ଅବଲମ୍ବନ କରିବାରେ ଭୀଷଣ ପ୍ରଯତ୍ନ ଆରମ୍ଭ କରିଥିଲେ। 'ଭୌମ ଲେଖ'ମାନ ଏ କ୍ଷେତ୍ରରେ ବିଶେଷରେ ଦେଖିବାର କଥା। ଲୋକ ଭାଷା, ମନେହୁଏ, ସେତେବେଳକୁ ଅନାଦୃତ ହେଉଥିଲା। ମାତ୍ର ଲୋକଭାଷାର ସ୍ୱାଭାବିକ ବିକାଶ ଅନିବାର୍ଯ୍ୟ। ବଜ୍ରଯାନୀ ତାନ୍ତ୍ରିକଙ୍କ 'ପ୍ରାକୃତ' ଏହାର ଟିକିଏ ଆଭାସ ଦେଉଛି। ତା ପରେ କୋଶଳ କେଶରୀ ଓ ଗଙ୍ଗମାନଙ୍କ କାଳରେ ଆମ ଛାନ୍ଦ-ସାହିତ୍ୟର ପ୍ରାଦୁର୍ଭାବ। ଏଣେ ସେତିକିବେଳେ ଏକଅଡ଼େ ସ୍କନ୍ଦପୁରାଣରେ ଉତ୍କଳ-ଖଣ୍ଡରେ 'କ୍ଷେତ୍ର ମାହାତ୍ମ୍ୟ'ଠାରୁ 'କପିଳ ସଂହିତା' ଓ 'ପ୍ରାଚୀମାହାତ୍ମ୍ୟ' ପର୍ଯ୍ୟନ୍ତ ଲେଖା ହୋଇ ଦେଶର ସମସ୍ତ ପରମ୍ପରା ସଂସ୍କୃତରେ ନୂତନ ରୂପ ଧରିଲା। ଅନ୍ୟ ଅଡ଼େ 'ଗୀତ ଗୋବିନ୍ଦ' ପରି ପ୍ରାକୃତ ଜନର ପ୍ରାଣସ୍ପର୍ଶୀ ଯୌନଚର୍ଚ୍ଚାର "ଲଳିତ-ଲବଙ୍ଗ-ଲତା-ପରି-ଶୀଳନ" ର ବାହନ ହେଲା ସଂସ୍କୃତ। ଏତିକି ବେଳେ ସଂସ୍କୃତରେ ନାଟକମାନ ଲେଖାହୋଇ ଅଭିନୀତ ହେଲା ଓ ପଣ୍ଡିତମାନେ ଲେଖିଲେ ଅଳଙ୍କାର ଶାସ୍ତ୍ର। ଓଡ଼ିଆ ସାହିତ୍ୟ ଓ ସଙ୍ଗୀତ ଅଭିରୁଚି

Digitized by srujanika@gmail.com

ହେଲା । ସେ ଅଜ ନିଜ ଗୋଡ଼ରେ ଚାଲିବା ଦୂରରେ ଥାଉ, ଠିଆହୋଇ ପାରିଲା ନାହିଁ । ତତ୍‌ସମ ଶବ୍ଦ ଓ ଶୈଳୀ ହେଲା ଯେପରିକି ତାର "କରଧୃତ-କଂପିତ-ଶୋଭିତ-ଦଣ୍ଡ" । ଆମ ଗଦ୍ୟ ସାହିତ୍ୟର ମୂଳ ଏଇଠାରେ । ଏତିକିବେଳେ ଉଠିଲେ, ସାରଳାଦାସ । ତାଙ୍କ ଲେଖାରେ ଓଡ଼ିଆ ପ୍ରାକୃତର ନିଜସ୍ୱତା ପରଂପରା ଓ ପ୍ରୟୋଗ ଯେପରିକି ଗୋଷ୍ଠୀଏ ବିଦ୍ରୋହୀର ଆତ୍ମ-ପ୍ରକାଶ । ଏହାର ପରେ, ପ୍ରତାପରୁଦ୍ରଙ୍କ କାଳ ଓ ପରାଧୀନ ଓଡ଼ିଶାର ପ୍ରଥମଯୁଗ । ସେଥିରେ ପୁଣି 'ତତ୍‌ସମ'ର ପ୍ରଭାବ ଓ ପ୍ରାଦୁର୍ଭାବ ଓ ଫଳରେ ଯେମିତିକି ଏକ ସାଲିସ୍-ସମାଧାନ । ଏଥିରେ ଲୋକ-ରଂଜନ ପ୍ରାକୃତ ପ୍ରତି ଅନ୍ତରଙ୍ଗ ଆଭିମୁଖ୍ୟ ଭିତରେ ସଂସ୍କୃତପ୍ରତି ସାବଧାନ ସମ୍ମାନ ସ୍ପଷ୍ଟ । ତାପରେ ପୁଣି ଯେ କାବ୍ୟଯୁଗ, ତାର ଚୂଡ଼ାନ୍ତ ନିଦର୍ଶନ ହେଉଛନ୍ତି, ଉପେନ୍ଦ୍ର ଭଞ୍ଜ ଓ ଯଦୁମଣି ମହାରଣା ।

ତାର ଫଳ

ସବନି ଭାରତୀୟ ପ୍ରାକୃତମାନଙ୍କର ଊଣା ଅଧିକେ ଏକ ଗତି । ଗୁଜରାଟୀ, ମରହଟ୍ଟୀ, ଓଡ଼ିଆ ସମେତ ଉତ୍ତର ଭାରତର ଅର୍ଦ୍ଧ-ପ୍ରାକୃତମାନଙ୍କରେ ଏହା ସ୍ପଷ୍ଟ । ଅବାନ୍ତର ହେଲେହେଁ, ଏଠି କୁହାଯାଇ ପାରେ, ଅନ୍ୟାନ୍ୟ କାରଣମାନଙ୍କ ଭିତରେ, ମୁଖ୍ୟତଃ ଏହାର ଫଳରେ ଅରହିତ ଜଂଗଲକୁ ଆଦର କରୁଥିବା ଦ୍ରାବିଡ଼, ନିଷାଦ ପ୍ରଭୃତି ସହଜରେ ସମଭୂମିର ସମାଜମାନଙ୍କ ସଂଗେ ମିଶି ପାରି ନାହାନ୍ତି; ଓ କ୍ରମେ କ୍ରମେ ସଭ୍ୟତା ଓ ସାହିତ୍ୟରେ ଦୂରହୋଇ ଯାଇଛନ୍ତି । ଏଇ ଓଡ଼ିଶାରେ ମଧ୍ୟ ସମଭୂମିର ଶବର ଓ ଓଡ଼ଙ୍କୁ ଚିହ୍ନିବାର ହୁଏତ ଉପାୟ ନାହିଁ । ଜଗନ୍ନାଥ ସଭ୍ୟତା ତଥା 'ଓଡ଼ିଅନ'ରୁ ଉଦ୍‌ଗତ ତନ୍ତ୍ର ସଭ୍ୟତା ମୂଳତଃ ତାଙ୍କର ବୋଲି ପରଂପରା କହେ । ମାତ୍ର ସେମାନେ ନିଜେ ଅଜି ସ୍ୱରୂପରେ କାହାନ୍ତି ? କେଉଁଠି ବା ନୃତତ୍ତ୍ୱ-ଦୃଷ୍ଟିରେ ଥିଲେ ବି, 'ସାରଳାଦାସ'ଙ୍କଠାରୁ

Digitized by srujanika@gmail.com

‘ଯଦୁମଣି’ଙ୍କ ପର୍ଯ୍ୟନ୍ତ, ପୁଣି ‘ଜଗନ୍ନାଥଦାସ’ଙ୍କଠାରୁ ‘ସାମନ୍ତସିଂହାର’ଙ୍କ ପର୍ଯ୍ୟନ୍ତ—ସମସ୍ତେ ଓ ସଭିଙ୍କ ସାହିତ୍ୟ ଅଛି ତାଙ୍କର । ସବୁ କ୍ଷେତ୍ର, ମହାତ୍ମ୍ୟ ଓ ତୀର୍ଥଫଳରେ ତାଙ୍କର ସମାନ ଭାଗ । ପୁଣି ତାଙ୍କର ବିବାହ ଓ ଶ୍ରାଦ୍ଧକ୍ରିୟା ଏବେବି ହୁଏ ସଂସ୍କୃତରେ ବା ସେଇଅନୁକ୍ରମେ । ଶାସ୍ତ୍ର ତାଙ୍କର ଶାସ୍ତ୍ର, ସ୍ମୃତି, ତାଙ୍କର ସ୍ମୃତି । ଜାତିଭେଦର ‘ଜରଜିକା’ ତାଙ୍କୁ ଅଲଗା ଅଲଗା କରିଥିଲେହେଁ, ତା କି ଏ କ୍ଷେତ୍ରରେ ପ୍ରତ୍ୟବାୟ ନୁହେ, ବରଂ ପ୍ରମାଣ! ।

ଏଥିରେ ଦ୍ରାବିଡ ଓ ଆର୍ଯ୍ୟ ପ୍ରାକୃତର ଭେଦ ନାଇ

ଦ୍ରାବିଡ଼ ଭାଷାମାନ ଆର୍ଯ୍ୟ-ପ୍ରାକୃତରେ ପୁରାପୁରି ଅନୁଦାନ କରି ନାହାନ୍ତି, ସତ । କିନ୍ତୁ ଭାଷାତତ୍ତ୍ୱ ସଂଧିତ୍ସୁଙ୍କ କଥା ଛାଡ଼ି ଦେଲେ, ଏ ସତ୍ୟ, ଏକ ସତ୍ୟାଭାସ ବୋଲି ହୁଏତ କହିଲେ ହୁଏ । ସେଠାରେ ମଧ୍ୟ ଗତି ବିଶେଷ ଭିନ୍ନ ନୁହେ । ସଂସ୍କୃତ ଦ୍ରାବିଡ଼ର ଆଦର୍ଶ । ସେ ଭୂମିରେ ମଧ୍ୟ ସଂସ୍କୃତଇ ଏକା ହୋଇଛି, ସଂସ୍କୃତିର ଶ୍ରେଷ୍ଠ ବାହନ—ଏହା ସେଠି ବି ଦେବଭାଷା । ଅଧମ ‘ଜୈନ’ର ଦାର୍ଶନିକ ଓ ସାଂସ୍କୃତିକ ପ୍ରେରଣା ଅବଶ୍ୟ ଆର୍ଯ୍ୟ-ଭାଷାରେ ପ୍ରକାଶିତ ହୋଇ ନ ଥିଲା । ମାତ୍ର ସ୍ପଷ୍ଟତଃ ଶଙ୍କରାଚାର୍ଯ୍ୟଙ୍କଠାରୁ ଏଣିକି ଆମ ସଂସ୍କୃତିର ଶ୍ରେଷ୍ଠ ପ୍ରେରଣା ଯାହାବି, ଦ୍ରାବିଡ଼ରୁ ଓ ତାହାର ଏକମାତ୍ର ବାହନ ହେଉଛି, ସଂସ୍କୃତ । ଏବେ ପୁଣି ଦ୍ରାବିଡ଼ ଦେଶର କୌଣସି କୌଣସି ପଣ୍ଡିତ ପ୍ରମାଣ କରିବାକୁ ଲେଡ଼ନ୍ତି, ଦ୍ରାବିଡ ଭାଷାମାନ ହେଉଛନ୍ତି ଆର୍ଯ୍ୟ ପ୍ରାକୃତ ଓ ସଂସ୍କୃତମୂଳକ । ଯେ ସବୁ ପ୍ରାକୃତରେ ପୁଣି ସଂସ୍କୃତ ଶବ୍ଦ ଓ ସଂସ୍କୃତ ଲୋକେ ଶୈଳୀର ଆଦର ଉତ୍ତର ଭାରତୀୟ ପ୍ରାକୃତଠାରୁ କମ୍

Digitized by srujanika@gmail.com

ନୁହେଁ; ବରଂ ବେଶି । ସେସବୁ ପ୍ରାକୃତ ମଧ୍ୟ ଏବେ ନିଆଯାଉଥିବା ଓ ବରାବର ନିଆ ଯାଉଥିବା ଅବିକୃତ ସଂସ୍କୃତ ଶବ୍ଦରେ ପୂର୍ଣ୍ଣ । ବିଶେଷତଃ ଲିପି କଥା ବିଚାର କଲେ, ଉତ୍ତର ଭାରତ ଓ ଦ୍ରାବିଡ଼ର ଏ ସମତା ବା ପ୍ରତିଯୋଗିତା ଖୁବ୍ ହୃଦ୍ ବୋଧରେ ଆସିବ । ତେଣୁ ଲିପି କଥା ଟିକିଏ କହେଁ ।

---

(୩)

ଲିପି

ଲିପିର ମୂଳ

ପୃଥିବୀରେ ସମ୍ପନ୍ନ ଭାଷାଟିର ପ୍ରକାଶିତ ସାହିତ୍ୟ ସଙ୍ଗେ ଲିପିର ସଂସର୍ଗ ଥିବା କଥା । ଅବଶ୍ୟ ମାନବ ସମାଜର ବିକାଶ କାଳରୁ କଳ୍ପିତ ଦେବଦେବୀ ଓ ପୂର୍ବପୁରୁଷଙ୍କ ସଂବନ୍ଧରେ ନାନା କିଂବଦନ୍ତୀ, କାହାଣୀ ଓ ପୁରାଣକଥା ମାନ ବରାବର ମୁହେଁ ମୁହେଁ ଚାଲି ଆସିଛି । ଏବେ ବି ହୁଏତ ଅନେକ ଅବିକଶିତ ମାନବ ଗୋଷ୍ଠୀ ଓ ସମାଜରେ ତା ସେଇ ପରି ଚାଲେ ଓ ତାହାହିଁ ସେମାନଙ୍କର ଭାଷା-ସାହିତ୍ୟ । ଏଇ ଓଡ଼ିଶାରେ ବି ଏପରି ଗୋଷ୍ଠୀ ବା ସମାଜ କେତେ ଥିବେ । ସେମାନଙ୍କ ଭାଷାର ଲିପି ନଥିଲା, କି ନାହିଁ । ମାତ୍ର ସେ ସ୍ୱତନ୍ତ୍ର କଥା । ବିକଶିତ ସମାଜମାନଙ୍କରେ ଲିପିର ବ୍ୟବହାର ଏକ ପ୍ରକାର ଅପରିହାର୍ଯ୍ୟ । ଭାଷାର ଏହା ଗୋଟିଏ ଅଚ୍ଛେଦ୍ୟ ଅଂଗ । ଲିପିର ବ୍ୟବହାର ପୃଥିବୀରେ ଅନ୍ତତଃ ୬୦୦୦ ବର୍ଷରୁ ଅଧିକ ପ୍ରାଚୀନ ଥିବାର ଲେଖ-

Digitized by srujanika@gmail.com

ମାନଙ୍କରୁ ପ୍ରମାଣ ମିଳେ । ଲିପିର ଉଦ୍‌ଭାବନ ହୋଇ ଥିଲା, କେଉଁ-ଠାରେ, ଠିକ୍ କହି ହେଉ ନାଇ । ମାତ୍ର ଅତି ଅଦମ କାଳରେ ତିନୋଟି ଦେଶରେ ଏହା ବ୍ୟବହୃତ ହେଉ ଥିବାର ପ୍ରମାଣ ମିଳେ । ସେ ତିନୋଟି ହେଉଛି, ଇଜିପ୍ତ, ସୁମେର୍ ଓ ଭାରତ—ସୁଣ୍ଡ୍ ସମ୍ଭବ, ଦ୍ରାବିଡ଼ ଭାରତ । ଏ ତିନୋଟି ଲିପିର ମୂଳ ପୁଣି ଏକ ଥିବାର କୌଣସି ସ୍ପଷ୍ଟ ପ୍ରମାଣ ମିଳି ନାଇ । ପ୍ରାଚୀନ ଭାରତର ଲିପି ପଢ଼ାଯାଇ ନାଇ । ମାତ୍ର ଜଣାପଡ଼େ, ସେତେବେଳେ ମଧ୍ୟ ବଣିକ୍‌ମାନେ ମାଲ୍‌ରେ ମୋହର ମାରି ପଠାଉ ଥିଲେ । ସେଇ ମୋହରରେ ଲିପିର ସଂକେତ ଥିଲା ଓ

ଭାରତଠାରୁ ଇଜିପ୍ତଯାଏ ସମସ୍ତ ସଭ୍ୟଜଗତ୍‌ରେ ବାଣିଜ୍ୟର ଅଦାନପ୍ରଦାନ ଚାଲୁଥିଲା ପଣ୍ଡିତମାନେ କହୁଛନ୍ତି, ଭୂମଧ୍ୟ-ସାଗରକୂଳ, ପାଲେଷ୍ଟାଇନ୍ ପାଖ ଫିନିସିଆ ଦେଶର ନୌ-ବାଣିଜ୍ୟ-ଜୀବୀ ଫିନିସୀୟମାନେ କୀଳକରେ ଚାଲୁଥିବା ଲିପିର ଇଜିପ୍ଟର ସ୍ୱର ସଂକେତ ଧରି ପ୍ରାୟ ୩୫୦୦ ବର୍ଷତଳେ ଗୋଟିଏ ବର୍ଣ୍ଣ-ମାଳାର ଲିପି ବାହାର କରିଥିଲେ । ବିଭିନ୍ନ ବିକାଶରେ ସେଇ ବର୍ଣ୍ଣମାଳାର ସଂକେତ ଧରି ସେଇ ଲିପି, ଆଜି ପାରସୀ ଅରବୀଠାରୁ ଗ୍ରୀକ୍ ଲାଟିନ୍ ତଥା ଫରାସୀ ଜର୍ମାନ ଇଂରେଜୀ ପର୍ଯ୍ୟନ୍ତ ସମସ୍ତ ପଶ୍ଚିମ ଏସିଆ ଓ ଇଉରୋପରେ ଚଳେ । ଏଇ 'ଫିନିସୀୟ'ମାନେ ହେଉଛନ୍ତି, ବେଦର 'ପଣି' ଓ ଭାଷା-ସଂସ୍କୃତର 'ବଣିକ୍' ବୋଲି କେତେ ତତ୍ତ୍ୱବିତ ପଣ୍ଡିତଙ୍କର ମତ । ଭାରତୀ ଲିପିକୁ ମଧ୍ୟ ସେଇ 'ଫିନିସୀୟ' ଲିପିର ସାକ୍ଷାତ୍ ଓ ପରୋକ୍ଷର ବିକାଶ ବୋଲି ସେମାନେ କହନ୍ତି । ମହେଞ୍ଜୋଦାରୋ ପ୍ରଭୃତିରୁ ମିଳୁଥିବା ଲିପି ପଢ଼ାଯାଇ ନାଇ । ତା ପଢ଼ାଗଲେ, ପୁଣି କେଣ ନୂଆତଥ୍ୟ କୁଏଚ ବାହାରି ପାରେ । କିନ୍ତୁ ଯେଉଁଠାରୁ ଆସୁ, ଯେପରି ଆସୁ, ଯେଉଁବାଟେ ଆସୁ, ସଂସ୍କୃତ ଲିପିର ଇତିହାସ ଓ ବିକାଶ-ଭିତ୍ତି ସ୍ୱତନ୍ତ୍ର ।

Digitized by srujanika@gmail.com

ଭାରତୀ ଲିପିର ପ୍ରାରଂଭ

ଅନେକଙ୍କ ପୁଣି କହନ୍ତି, ପାଣିନିଙ୍କ ବେଳକୁ ଲିପିର ବ୍ୟବହାର ଭାରତୀୟ ଆର୍ଯ୍ୟଙ୍କ ଭିତରେ ନ ଥିଲା । କିନ୍ତୁ ତା ଠିକ୍ ନୁହେ । ପାଣିନି ନିଜ ବ୍ୟାକରଣରେ 'ଲିପିକାର' ଶବ୍ଦ ସାଧିବାରେ 'ଲିପି' ଶବ୍ଦର ବ୍ୟବହାର କରିଛନ୍ତି । ଏଇ ଲିପିକାର ଅର୍ଥରେ 'ଲେଖନକାର' ଶବ୍ଦ ଏବେ ବି ଓଡ଼ିଆରେ ଚଳେ ।

"ଶୁଦ୍ଧ ଅଶୁଦ୍ଧ ପୁରେଇ ଗାଇବ
ଲେଖନକାରର ଦୋଷ ନ ଦେନିବ ।"

ଏଇ ପ୍ରଚଳିତ ବଚନଟି ତାହାର ଏକ ପ୍ରମାଣ ବୋଲି ମନେ ହୁଏ । ଅତଏବ ଖୁବ୍ ସଂଭବ ପାଣିନିଙ୍କ ବେଳକୁ ଏ ଦେଶ ଆର୍ଯ୍ୟ ଭାଷା-ଭାଷୀଙ୍କ ଭିତରେ ଲେଖା ଚଳୁଥିଲା ଓ ଲେଖାର ଗୋଟିଏ ପରଂପରା ହୁଏତ ପଡ଼ିଆସି ଥିଲା । ତତ୍‌ବିଦମାନେ କହନ୍ତି, ପିନିସୀଅମାନଙ୍କଠାରୁ ଗୃହୀତ 'ଅରେମେଇକ୍' ('ପାଲେଷ୍ଟାଇନ୍' ପାଖ 'ଅରେମେଇଅ'ର) ଲିପିରୁ ବାହାରିଥିଲା, ଅଶୋକଙ୍କ ଶିଳାଲିପିମାନଙ୍କରେ ମିଳୁଥିବା ଗାନ୍ଧାରର 'ଖରୋଷ୍ଟୀ' ଲିପି ଓ ସେଇ 'ପିନିସୀଅ' ଲିପିରୁ ପୁଣି 'ପାଲେଷ୍ଟାଇନ୍'ର 'ମୋଅବ୍'ମାନଙ୍କ ହୃଦରେ 'ଅସିରଅ' ଓ ବାବିଲନ ବାଟେ ବାଣିଜ୍ୟ ସଂପର୍କରେ ଆସିଥିବା ଲିପିରୁ ବାହାରି ଥିଲା 'ବ୍ରାହ୍ମୀ' ଲିପି । ଅଶୋକ, ଖାରବେଳ ପ୍ରଭୃତିଙ୍କ 'ପ୍ରାକୃତ' ବା 'ପାଳି' ଲିପିମାନ ଏଇ 'ବ୍ରାହ୍ମୀ' ଲିପିରେ । ଏଇ ବ୍ରାହ୍ମୀଲିପିରୁ ଦେବନାଗରୀ ସମେତ ସବୁ ଭାରତୀୟ 'ଲିପି' ବାହାରିଛି । ତତ୍‌ବିଦ୍ ଡକ୍ଟର ବ୍ୟୁଲର (Dr. Buhler) ନାନା ପ୍ରମାଣମାନ ପରୀକ୍ଷା କରି ଅନୁମାନ କରନ୍ତି, ଭାରତୀୟ ବଣିକମାନେ ଅନ୍ଦାଜ ଖ୍ରୀଷ୍ଟପୂର୍ବ ୮୦୦ ଅବ୍ଦରେ ଏହାକୁ ମେସୋପଟେମିଆ ବାଟେ ଭାରତକୁ ଆଣିଥିଲେ । (୧୧)

Digitized by srujanika@gmail.com

ଭାରତୀୟ ଲିପିର ପରଂପରା ସ୍ୱତନ୍ତ୍ର

ଏଇ ଫିନିସୀୟ ଲିପି ଗ୍ରୀସ୍‌କୁ ଯାଇଥିଲା ଓ ଆରବ ଓ ଅନ୍ୟାନ୍ୟ ସେମିଟିକ୍ ଜାତିମାନେ ଏହାକୁଇ ନକଲ କରିଥିଲେ । ଏବେ ସମସ୍ତ ଦକ୍ଷିଣ ପଶ୍ଚିମ ଏସିଆ ଓ ଆଫ୍ରିକାର ମୁସଲମାନ ମାନେ ତଥା ଇଉରୋପ ଆମେରିକା ସମେତ ପୃଥିବୀର ସବୁ ଖ୍ରୀଷ୍ଟୀୟାନ୍ ଓ ଇହୁଦୀମାନେ ସେଇକାଳୁ ଏଇ ଲିପି ବରାବର ବ୍ୟବହାର କରି ଆସୁଛନ୍ତି କହିଲେ ହୁଏ । ଯାହା ବା ସେକାଳେ ଏଥିରେ ପରି-ବର୍ତ୍ତନ ହୋଇଛି, ତା ଧର୍ତ୍ତବ୍ୟ ନୁହେଁ । ମାତ୍ର ଭାରତକୁ ସେଇ ଲିପି ଆସି ଥିବା କଥା ସତ୍ୟ ବୋଲି ଧରିଲେ ମଧ୍ୟ, ଭାରତରେ ତାର ପରଂପରା ଆଦୌ ନାଇ । ସେଥିପାଇଁ ସେଇ ଲିପିରୁ ଭାରତୀୟ ଲିପିର ପରଂପରା ଖୋଜି ବାହାର କରିବାରେ ଅନେକ ଭାରତୀୟ ପଣ୍ଡିତ୍, ବୁ୍ୟଲର୍ ଓ ତାଙ୍କ ଅନୁଗାମୀଙ୍କ ଯୁକ୍ତିର ମୂଳରେ ଗୋଟିଏ ଅତି ବଦ୍ଧମୂଳ ସଂସ୍କାରର ପ୍ରଭାବ ଦେଖନ୍ତି । ମହେଞ୍ଜୋଦାରୋ ପ୍ରସ୍ତରର ଲିପି ଫିନିସୀୟ ଲିପିରୁ ଅତୁଳ ବହୁ ପ୍ରାଚୀନ । ତେଣୁ ଭାରତୀ ଲିପିର ମୂଳ ସେଇ ସିନ୍ଧୁ-ଲିପିରେ ଖୋଜିବା ପାଇଁ ମଧ୍ୟ କେତେ ପଣ୍ଡିତ ଅପେକ୍ଷା ରଖନ୍ତି ।

ଫିନିସୀଅ ଲିପିମାଳା

ଚାହିଁକି ନା, ପ୍ରାଚୀନ ଫିନିସୀୟ ଲିପିରୁ ବାହାରିବା ଲିପି ଆଜି ପୃଥିବୀ ବ୍ୟାପୀ ହୋଇ ଥିଲେ ହେଁ ସେଥିରେ କୌଣସି ଶିଳ୍ପ ବା ଶୃଙ୍ଖଳା ନାଇ । ଯେଉଁ ଯେଉଁ ଭାଷାରେ ସେ ଲିପି ଚଳେ, ସେ ସେ ଭାଷାର ସବୁ ସ୍ୱରଭଙ୍ଗୀ ପ୍ରକାଶ କରିବା ଭଳି ସଂକେତ ବା ସାମର୍ଥ୍ୟ ସେଥିରେ ନାଇ । ସେଇ ପ୍ରାଚୀନ କାଳରୁ ପୁଣି, ସେସବୁ ଲିପିମାଳା ଅପରିବର୍ତ୍ତିତ ରହୁଛି । ତାଙ୍କ ଲିପିମାଳାକୁ ଏବେ ବି କହନ୍ତି 'ଅଲଫାବେଟ୍' । ସେମିଟିକ୍ ପ୍ରଥମ ଦୁଇ ଅକ୍ଷର

Digitized by srujanika@gmail.com

'ଅଲେଫ୍', 'ବେଥ୍' ଓ ଗ୍ରୀକ୍ 'ଅଲଫା' 'ବିଟା' (ଇଂରେଜୀ 'ଏ' 'ବି') ଏଇ ଦୁଇଟି ମିଶାଇ ଏ'ଶବ୍ଦଟି ତିଆରି ହୋଇଛି । ଏଥିରେ ଅତି ମୌଳିକ ଇଜିପ୍ତ ଚିତ୍ରଲିପି (Hieroglyphics) ର ସଂକେତ ଏବେ ବି ରହିଛି : ଅଲଫା ବୋଇଲେ, ଷଣ୍ଢ, ବିଟା ବୋଇଲେ, ଘର । ଏଇପରି ଚିତ୍ର ସଂକେତରେ ପ୍ରାଚୀନ ଇଜିପ୍ତରେ ଅକ୍ଷରମାନ ପ୍ରକାଶ କରୁଥିଲେ ଓ ଫାନିସୀୟମାନେ ସେଇଥିରୁ ବାଇଶଟି ବାଛି ପ୍ରଥମେ ଏକ ଲିପିମାଳା ପ୍ରକାଶ କରିଥିଲେ । ସେଇଥିରୁ ଗ୍ରୀକ୍ ଓ ସେମିଟିକ୍‌ମାନେ ଏହା ଗ୍ରହଣ କରିଛନ୍ତି । (୧୨)

ଲିପି ଓ ବର୍ଣ୍ଣ

କିନ୍ତୁ ସଂସ୍କୃତରେ ଲିପିର ଏପରି କୌଣସି ସଂଗତି-ବିହୀନ କୃତ୍ରିମ କିମ୍ବା ବସ୍ତୁ ସଂକେତର ସଂବନ୍ଧ ନାହିଁ । ପ୍ରଥମରୁ ଭାରତୀୟ ବଣିକମାନେ କି ଲିପି ଶେଖି କରି ଆସି ଥିଲେ, କି ଏହି ଦେଶର ପ୍ରାଚୀନ ସିନ୍ଧୁ-ସଭ୍ୟତାର ଲିପିରୁ ବୈଦିକମାନେ ପ୍ରଥମ-ସଂକେତ ଗ୍ରହଣ କରିଥିଲେ, ପୁଣି ସେଇ ସିନ୍ଧୁଲିପିର ପ୍ରକୃତ ଓ ପ୍ରକାର କଣ ଥିଲା, ପଶ୍ଚିମ ଦେଶର ଲିପିମାନଙ୍କ ସଂଗେ—ଇଜିପ୍ତର 'ହାଏରୋଗ୍ଲିଫିକ୍' ଓ ସୁମେରର 'କ୍ୟୁନିଫର୍ମ' (Cuneiform) ଲିପି ସଂଗେ—ତାର ବା କି ସଂବନ୍ଧ ଥିଲା କି ନ ଥିଲା, ଏ ସବୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସିଦ୍ଧାନ୍ତ କରିବାର ସାମଗ୍ରୀ କିଛି ଏବେ ଆମ ହାତେ ନାହିଁ । ବ୍ୟୁଲର୍ ସାହେବଙ୍କ ସିଦ୍ଧାନ୍ତକୁ ପ୍ରାମାଣ୍ୟ କରି ଧଇଲେ ମଧ୍ୟ ଏତିକିମାତ୍ର ଜଣା ଯାଉଛି ଯେ, ସଂସ୍କୃତ ଭାଷାର କେତେକ ଶବ୍ଦ ବା ଧ୍ୱନି ସଂକେତ ବୈଦିକ କାଳରେ ମଧ୍ୟ ଲେଖାରେ ବ୍ୟବହାର କରା ହେଉଥିଲା । ପୁଣି ଏଇ ସବୁ ସଂକେତ ହୁଏତ ସେମିଟିକ୍ ଲିପିରୁ ନିଆଯାଇଥିଲା ବା ବଣିକମାନଙ୍କଦ୍ୱାରା ଆନୀତ ସେମିଟିକ୍

Digitized by srujanika@gmail.com

ଲିପିରେ ପ୍ରଭାବିତ ହୋଇଥିଲା । ହୁଏତ, ଅତି ଅଧମ ବର୍ଣ୍ଣଙ୍କୁ, ଅଙ୍ଗ-ପ୍ରତ୍ୟଙ୍ଗ ଓ ମୁଦ୍ରା'ଦିର ସଂକେତରୁ ଅକ୍ଷର ସଂକେତକୁ ଅଣି-ବାରେ ବୈଦିକମାନଙ୍କୁ ଏହା ସାହାଯ୍ୟ କରିଥିବ ବା, ହୋଇପାରେ, ପ୍ରଥମ ପ୍ରେରଣା ପର୍ଯ୍ୟନ୍ତ ମଧ୍ୟ ଦେଇଥିବ । କିନ୍ତୁ ଏଇ ସଂପର୍କରେ ଦେଖିବାର ଅଛି, ବୈଦିକ ଓ ସଂସ୍କୃତ ସାହିତ୍ୟରେ ଓ ଭାଷାରେ ଲିପିର କି ସ୍ଥାନ ? କି ବା ପ୍ରତିଷ୍ଠା ? ଏ ସ୍ଥାନ ଓ ଏ ପ୍ରତିଷ୍ଠା ମପି-ବାରେ ଆପଣମାନଙ୍କ ଭିତରେ କାହାର କାହାର ହୁଏତ ସଂଦେହ ହୋଇ ପାରେ । କାହିଁକିନା, ପରବର୍ତ୍ତୀ କାଳରେ ଅନେ ବୈୟା-କରଣମାନେ ଯଥାର୍ଥ ସଂସ୍କୃତ ବ୍ୟାକରଣର ପ୍ରକୃତି ଓ ପ୍ରକାର ପ୍ରତି ଲକ୍ଷ୍ୟ ନ ରଖି ବର୍ଣ୍ଣଙ୍କୁ ଲିପିରେ ଦେଖାଇବାର ଭ୍ରମ ସୃଷ୍ଟି କରିଚନ୍ତି । ଉଦାହରଣ ସ୍ୱରୂପ ବରରୁଚି ନିଜ 'ପ୍ରାକୃତ ପ୍ରକାଶ' ବ୍ୟାକରଣରେ ସୂତ୍ର କରିଚନ୍ତି—'ନ ବିନ୍ଦୁ ପରେ'-୩।୫୬ । ଏହାର ଅର୍ଥ—ବିନ୍ଦୁ ବା ଅନୁସ୍ୱାର ପରେ (ଦ୍ୱିତ୍ୱ ହୁଏ ନାଇ) । ସେଇପରି ସାରସ୍ୱତ ସିଦ୍ଧାନ୍ତ-ବିନ୍ଦୁକାର ଲେଖିଚନ୍ତି—

"ଏକ ବିନ୍ଦୁ ରନୁସ୍ୱାରଃ"
"ଦ୍ୱିବିନ୍ଦୁ ର୍ବିସର୍ଗଃ"

" ଜଳ ତୁମ୍ବିକା ନ୍ୟାୟେନ ରେଫସ୍ୟୋର୍ଦ୍ଧ୍ୱଗମନଂ "

ସେଇ ଭିତ୍ତିରେ ପଢ଼ି ଏବେ କେହି କେହି ' ସଂକୀର୍ତ୍ତନ ' ଶବ୍ଦକୁ ଏଇପରି ସ-ରେ ଅନୁସ୍ୱାର ଓ ଗୋଟିଏ ତ-ରେ ରେଫ ଦେଇ ଲେଖିଲେ, ତହିଁରେ ବ୍ୟାକରଣଗତ ଅଶୁଦ୍ଧି ଦେଖନ୍ତି । ପଣ୍ଡିତରେ ଅନୁସ୍ୱାର ବସର୍ଗ, ବିନ୍ଦୁ ନୁହନ୍ତି, କି ରେଫ୍ ଲାଉ ତୁମ୍ବା ପାଣିଭିତରୁ ଉପରକୁ ଉଠିଗଲା ପରି ଉଠି ଯାଏ ନାଇ । ସଂକୀର୍ତ୍ତନ ଲେଖିଲେ ଯେ ଉଚ୍ଚାରଣ ହୁଏ ସଙ୍କୀର୍ତ୍ତନ ଲେଖିଲେ, ସେ ଉଚ୍ଚାରଣ ହେବାର କଥା । 'ନର୍ତ୍ତକ' ଶବ୍ଦକୁ 'ନର୍ତ୍ତକ' ଲେଖିଲେ କି ହେବ । ବର୍ଣ୍ଣ ସବୁ ମାନ-

Digitized by srujanika@gmail.com

ଵର ସ୍ୱର-ଯନ୍ତ୍ରରେ—ଲିପିରେ ନୁହେଁ । ଲିପି ହେଉଛି, ବର୍ଣ୍ଣର ସଙ୍କେତ ମାତ୍ର ।

ଭାରତରେ 'ଶ୍ରୁତି'

ଏଇ ବର୍ଣ୍ଣ ବିଜ୍ଞାନ ହେଉଛି, ସଂସ୍କୃତ ବ୍ୟାକରଣର ଏକ ଅନନ୍ୟ ସାଧାରଣ ବିଶେଷ । ପୃଥିବୀରେ ଅନ୍ୟ କୁତ୍ରାପି ଏହା ନ ଥିଲା—ଏବେ ବି ନାହିଁ । ସେଥିପାଇଁ, ଏବେ ଯାହାକୁ କହନ୍ତି, 'ଲେଖା-ପଢ଼ା', ଯାହାକୁ ପ୍ରାଚୀନ ଗ୍ରୀକ୍ ରୋମାନ୍ ପରମ୍ପରା ଅନୁସାରେ ଇଂରେଜୀରେ କହନ୍ତି ଥ୍ରି ଅର୍‌ସ (three R's), ଓ ଯାହାକୁ ଇଉରୋପରେ କହୁ ଅଛନ୍ତି, ଲେଟର୍‌ସ୍ (Letters) ବା ଲିପି-ନିବଦ୍ଧ ବା ଅକ୍ଷର-ନିବଦ୍ଧ ସାହିତ୍ୟ, ସେ ସବୁ ପାଇଁ ଆମର ପାରମ୍ପରିକ ସଂସ୍କୃତ ଶବ୍ଦ ହେଉଛି, 'ଶ୍ରୁତି' । 'ଶ୍ରୁତି'ର ଅର୍ଥ ହେଉଛି, ଶୁଣିବାରେ ଶିଖାହୁଏ ଯାହା । ଯାହା ପିତା-ପୁତ୍ର ବା ଗୁରୁ-ଶିଷ୍ୟ ପରମ୍ପରାରେ ଶୁଣି ଶିଖି ମନେ ରଖିବାକୁ ହୁଏ । ସେଇ ଅନୁକ୍ରମେ ଆମ 'ସ୍ମୃତି', ଅର୍ଥାତ୍, ଶୁଣିବାରେ ଯାହା ମନେ ରହୁଥାଏ । 'ଆପ୍ତ ବଚନ' କଥା ଆପଣମାନେ ଜାଣନ୍ତି । ଏହା ବିଜ୍ଞଙ୍କଠାରୁ ପ୍ରାପ୍ତ 'ବଚନ', ଲେଖା ନୁହେଁ । ଅପ୍ତ ଉପଦେଶରେ 'ଅନୁଶୁଶ୍ରୁମ' କଥଟି ସାଧାରଣ । ଅନୁଶୁଶ୍ରୁମ କଥାର ଅର୍ଥ ହେଉଛି, 'ଆମେ ଏଇ ପରି ଶୁଣି ଅଛୁ' । ଲିପିର ବ୍ୟବହାର ଥିଲେ ମଧ୍ୟ କହିବା ଓ ଶୁଣିବାରେଇ ଆମର ଶିକ୍ଷାଦିଅ ହେଉଥିଲା । ଉଚ୍ଚାରିତ ଶବ୍ଦ ଛଡ଼ା, ଅଙ୍ଗଭଙ୍ଗୀର ସଙ୍କେତ ବା ମୁଦ୍ରାଦିରେ ଯାହା ଜଣାଯାଏ ଓ ଶିଖାଯାଏ, ବୈଦିକ ଶାସ୍ତ୍ରରେ ତାକୁ ମଧ୍ୟ କହନ୍ତି, 'ଶ୍ରୁତି' । ଏଇ 'ଶ୍ରୁତି'ର ପ୍ରତିଷ୍ଠା ହେତୁରୁ ଅନ୍ତତଃ ବୈଦିକ 'ବ୍ରାହ୍ମଣ' କାଳରୁ ଆମର 'ସୂତ୍ର'ମାନ ତିଆରି ହୋଇଥିଲା । ଗୁରୁମାନେ ଏଇ ସୂତ୍ରମାନ ବିଷୟର ସ୍ମରଣ ପାଇଁ ଧରାଇ

Digitized by srujanika@gmail.com

ବେଦର ବ୍ୟାଖ୍ୟା କରି ଚାଲୁଯାଉଥିଲେ । ଏହି ଶ୍ରୁତି ବା ଶୁଣି ଶିଖି ମନେ ରଖି ପୁଣି ତାଙ୍କୁ ପୁଅ ବା ଶିଷ୍ୟଙ୍କୁ ଦେବାରେ ସେକାଳ ଆର୍ଯ୍ୟମାନେ ଅତ୍ୟନ୍ତ ପଟୁ ଥିଲେ । ମନେ ରଖିବାରେ ଗୋଟିଏ ମାତ୍ରା ବା ସ୍ୱର ପର୍ଯ୍ୟନ୍ତ ଠିକରେ ଭୁଲ ହେଉ ନ ଥିଲା । କ୍ରମେ ବଦଳି ଯାଉଥିବା ଚଳିତ ଭାଷାର ପ୍ରଭାବ ସେଥିରେ ଆଦୌ ପ୍ରକାଶ ପାଉ ନ ଥିଲା । ମୁଁ ନିଜ ଅନୁଭବରୁ ଜାଣେ, ଏ ରୀତି ଏହି ସେଦିନ ପର୍ଯ୍ୟନ୍ତ ଜୀବିତ ଥିଲା; ଏବେ ବି ହୁଏତ ଥିବ । ପିଲାଦିନେ ମୋର ବ୍ରତୋପନୟନ ପରେ ମୁଁ ଜଣେ ଶିକ୍ଷାଗୁରୁ-ସମ୍ପର୍କ ନିଜ ଜେଠୁ-ବାପୁଙ୍କ ପାଖରୁ ସଂଧ୍ୟା-ବନ୍ଦନା-ପୂଜା-ପାଠାଦି ଶିଖିବାକୁ ପଠା-ହୋଇ ଥିଲି । ସେ ଅବଶ୍ୟ ତାଳପତ୍ର 'ଖେଦା'ରୁ ମଧ୍ୟେ ମଧ୍ୟେ ଦେଖି ମତେ ଶିଖାଉ ଥିଲେ । ମୁଁ କିନ୍ତୁ ଶ୍ରୁତିରେହିଁ ଶିଖି ମନେ ରଖୁ-ଥିଲି । ସେଥିରେ ବେଦର ମନ୍ତ୍ରମାନ ବହୁତ ଥିଲା; ଭାଷା-ସଂସ୍କୃତ ବି ଥିଲା । ମତେ ଯେ ପଢାଉଥିଲେ, ସେ ସଂସ୍କୃତରେ ସେପରି କିଛି ବ୍ୟୁତ୍ପନ୍ନ ନ ଥିଲେ; ବେଦ ଆଦୌ ଜାଣି ନ ଥିଲେ । ତଥାପି ବହୁ-ପରେ ମୁଁ ଯେତେବେଳେ ବେଦମନ୍ତ୍ର ସବୁ ପଢିଲି, ଦେଖିଲି, ମୁଁ ପିଲାଦିନେ ଶ୍ରୁତିମାନରେ ଶିଖିଥିବା ମନ୍ତ୍ରରେ ଗୋଟିଏ ସ୍ୱର, ମାତ୍ରା ବା ଉଚ୍ଚାରଣ ପର୍ଯ୍ୟନ୍ତ ଏପାଖ ସେପାଖ ହୋଇ ନାଇ ।

ଶ୍ରୁତିର ସାଧନା, ଲିପି ନୁହେଁ, ବର୍ଣ୍ଣ

ଏ ସବୁ ଶ୍ରୁତି-ପରଂପରା ମଧ୍ୟରେ ବା ପୂର୍ବରୁ ବହୁ ପ୍ରାଚୀନ କାଳରୁ ଲିପି ସଂଗେ ବୈଦିକ ଆର୍ଯ୍ୟମାନେ ପରିଚିତ ଥିଲେ । କାରଣ, ବହୁ ଅଦିମ କାଳରୁ ସିଂଧୁ-ସଭ୍ୟତା ବା ଏଦେଶୀ ଦ୍ରାବିଡ଼ ସଭ୍ୟତାରେ କୌଣସି ନା କୌଣସି ଲିପି ଥିଲା । ତା ପରେ ଭାର-ତୀୟ ବଣିକ୍ ମାନେ ଏ ଦେଶରେ ମଧ୍ୟ ସେମିତିକ ଲିପିରେ ଅକ୍ଷର ପର୍ଯ୍ୟନ୍ତ ଲେଖିବା ଜାଣି ଥିଲେ । ତେବେ ଏହି 'ଶ୍ରୁତି'ର ଏତେ

Digitized by srujanika@gmail.com

ସ୍ରଷ୍ଟା କାହିଁକି ? ଅବଶ୍ୟ 'ଶ୍ରୁତି'ଟି ଏକା ଆଦମ ମାନବର ଭାବ-ଆଦାନ-ପ୍ରଦାନରେ ଏକମାତ୍ର ସାଧନା । ଲିପି ତାଙ୍କର ନଥାଏ । କିନ୍ତୁ 'ଲିପି' ଥାଇ,'ଶ୍ରୁତି' ପୁଣି କାହିଁକି ? ପ୍ରାଚୀନ ମୂର୍ତ୍ତି ଲେଖ-ମାନଙ୍କରୁ ଦେଖାଯାଉଛି, ଅନ୍ତତଃ ୫୦୦୦ରୁ ଅଧିକ ବର୍ଷ ତଳେ ମଧ୍ୟ ଇଜିପ୍ତରେ ଲେଖକମାନଙ୍କର ସମାଜରେ ଅତ୍ୟନ୍ତ ପ୍ରସିଦ୍ଧି ଥିଲା । ବାବିଲନ୍ ତଥା ଅତି ପ୍ରାଚୀନ ସୁମେର୍‌ରେ ମଧ୍ୟ କଞ୍ଚା-ଇଟାରେ ତିଆରି ହୋଇଥିବା ପଟାରେ ଶିଶୁମାନଙ୍କୁ ଅତି ଯତ୍ନରେ ଲିପି-ଶିକ୍ଷା ଦେଉଥିବାର ନିଦର୍ଶନ ସ୍ପଷ୍ଟ । ଫିନିସୀୟ ଲିପି 'ଯବନ'-ଦେଶକୁ ଗଲାପରେ ତାହାଇ ସେଠାରେ ସାହିତ୍ୟ ଓ ଶିକ୍ଷାର ପ୍ରୟୋଗ କରି ହୋଇଛି । କିନ୍ତୁ ବୈଦିକ ଆର୍ଯ୍ୟଙ୍କ ଭିତରେ ତା ହୋଇ ନାହିଁ; କାହିଁକି ? ତାର ପ୍ରଧାନ—ହୁଏତ ଏକମାତ୍ର—କାରଣ ହେଉଛି, କଥାରେ ସ୍ୱରଯନ୍ତ୍ରରୁ ବାହାରୁ ଥିବା ଉଚ୍ଚାରଣଗତ ବର୍ଣ୍ଣର ବୈଜ୍ଞାନିକ ବିଶ୍ଳେଷଣ ଏଇ ଆର୍ଯ୍ୟମାନଙ୍କ ଭିତରେ ସେଇ ଆଦିମ କାଳରୁ ପ୍ରକାଶ ପାଇଥିଲା । ମାନବର ବାକ୍-ଯନ୍ତ୍ରରୁ ବାହାରେ ବର୍ଣ୍ଣ । ଧରା-ବନ୍ଧା ଗତିରେ ସେଇ ବର୍ଣ୍ଣକୁ ସଂକେତରେ ଲେଖି ଲିପିରେ ପ୍ରକାଶ କରି ଯାଏ । ଇଂରେଜୀରେ ଯାହାକୁ କହନ୍ତି ଆଲଫା-ବେଟ୍ (Alphabet),ତା ହେଉଛି, ଲିପି ମାଳା—ବର୍ଣ୍ଣମାଳା ନୁହେଁ । ସେଥିରେ ବାଗ୍‌ଯନ୍ତ୍ରର କେତେକ ବର୍ଣ୍ଣ ପ୍ରକାଶ ପାଇଲେ ମଧ୍ୟ, ତାକୁ ଭାଷାର ବର୍ଣ୍ଣମାଳା ବୋଲି କୁହାଯାଇ ନ ପାରେ । କାରଣ, ପହିଲେ ତା ବର୍ଣ୍ଣବିଶ୍ଳେଷଣରେ ତିଆରି କରି ହୋଇ ନ ଥିଲା । ଏବେ ବି ସେ ବିଶ୍ଳେଷଣ ବୈଜ୍ଞାନିକ ଭାବରେ ସେଥିରେ ପ୍ରକାଶ ପାଇ ନାହିଁ । ବୈଦିକ ଆର୍ଯ୍ୟମାନେ ଆଦ୍ୟରୁ ଏଇ ବୈଜ୍ଞାନିକ ବର୍ଣ୍ଣ-ବିଶ୍ଳେଷଣକୁ ଭାଷାର ଜୀବନ୍ତତା ଓ ବିକାଶ ଜାଣିବାରେ ଏକମାତ୍ର ସାଧନା ବୋଲି ବୁଝି ଥିଲେ । ସେମିଟିକ୍ ତଥା ସେଇକାଳ ଅନ୍ୟାନ୍ୟ

Digitized by srujanika@gmail.com

ସଂକେତ ଲିପିକୁ ସେଥିପାଇଁ ଶବ୍ଦ ତଥା ଭାଷା ପ୍ରକାଶରେ ଉପଯୋଗୀ ସାଧନ ବୋଲି ସେମାନେ ମନେ କରୁ ନ ଥିଲେ । ତେଣୁ ବଣିକମାନଙ୍କ ସ୍ମାରକ-ମୁଦ୍ରାରେ ବ୍ୟବହୃତ ବା ସେଇଭଳି କାରବାରରେ ବ୍ୟବହୃତ ଲିପି-ସଂକେତକୁ, ସେମାନେ ନିଜ ଭାଷା ବା ସାହିତ୍ୟ-ପ୍ରକାଶରେ ସ୍ଥାନ ଦେଇ ନଥିଲେ । ବେଦରେ ବଣିକ ('ପଣି') ମାନଙ୍କ ପ୍ରତି ଯେ ଅନାସ୍ଥା ପ୍ରକାଶ ପାଇଛି, ତା ସଂଗେ ଏହାର ସଂପର୍କ ମଧ୍ୟ ଅନୁମାନ କରାଯାଇପାରେ । ହୁଏତ ହୋଇପାରେ, ବୈଦିକ କାଳରେ ଏହି ଲିପିର ବ୍ୟବହାରରେ ସୂକ୍ତ-ସାହିତ୍ୟ ଆରମ୍ଭ କରା ହୋଇ ଥିଲା । କାରଣ, ଭାଷାର ସମସ୍ତ ଉଚ୍ଚାରଣ-ଭଙ୍ଗୀ ପ୍ରକାଶ କରିବାର ସାଧନ ନଥିବାରୁ ଋଷିମାନେ ବ୍ୟାଖ୍ୟାଦରେ ଲେଖା ବ୍ୟବହାର କରୁ ନ ଥିଲେ । ସେସବୁ ଲେଖା ପ୍ରକାଶ କଲେ ଅଶୁଦ୍ଧିର ଭୟ ମଧ୍ୟ ଥିଲା । ବିଦ୍ୟାର ଆଦାନ-ପ୍ରଦାନ ଓ ପ୍ରସାରରେ ଏହି ଅଶୁଦ୍ଧି ଏକ ଘୋର ପ୍ରତ୍ୟବାୟ ବୋଲି ମନେ କରା ହେଉଥିଲା । ସେଥିପାଇଁ ଉଚ୍ଚାରଣର ପବିତ୍ରତା ବେଦ ଓ ବୈଦିକ ସାହିତ୍ୟରେ ଏତେ ପ୍ରଣିଧାନ-ଯୋଗ୍ୟ ହୋଇ ଚିରକାଳ ରହି ଆସିଛି । ଭାଷାର ସମସ୍ତ ବର୍ଣ୍ଣ ଓ ଉଚ୍ଚାରଣର ପ୍ରକାର ତଥା ପରିଣାମ ଠିକ୍ ନ ହେବାଯାଏ ମୁଖର ଭାଷା ବା ବର୍ଣ୍ଣ, ପୁରାପୁରି ଲିପିକୁ ଆସିନାହିଁ ।

ବର୍ଣ୍ଣ ବିଚାର

ଉଚ୍ଚାରଣରେ ବର୍ଣ୍ଣର ଏକ ବୈଜ୍ଞାନିକ ବିଚାର, ସଂସ୍କୃତ ବ୍ୟାକରଣର ବିଶେଷତ୍ୱ । ଏହି ବିଚାର ଏତେ ଗମ୍ଭୀର, ସୂକ୍ଷ୍ମ ଓ ସର୍ବ ଦିଗ୍‌ଦର୍ଶୀ ଥିଲା ଯେ, ସେଥିରେ ଖାଲି ଯେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଚଳୁଥିବା ଭାଷାର ବର୍ଣ୍ଣଗତ ଶୁଦ୍ଧି ରକ୍ଷା ହେଲା, ସେତିକି ନୁହେ । ଶବ୍ଦ ତଥା କଥା-ଭଙ୍ଗୀରେ ବର୍ଣ୍ଣ ଓ ଉଚ୍ଚାରଣ-ଗତ ପରିଣାମ ସଂଗେ ସମ୍ପର୍କର ଐତିହ୍ୟ ଓ ପରଂପରା ତଥା ଭବିଷ୍ୟତର ଗତି

Digitized by srujanika@gmail.com

ପର୍ଯ୍ୟନ୍ତ, ସମସ୍ତଙ୍କ ଜ୍ଞାନ ଏହାର ଅଙ୍ଗୀଭୂତ ହେଲା ! ତାହା କିପରି ସଂସ୍କୃତ ବ୍ୟାକରଣରେ ସଂଧୃତ ଓ ପ୍ରକାଶିତ ହୋଇଛି, ତା ଟିକିଏ ଏଠି ସୂଚାଇ ଦେଉଁ ।

ପାଣିନିଙ୍କ ସୂତ୍ର

ପାଣିନିଙ୍କ ବେଳକୁ ସଂସ୍କୃତର ବର୍ଣ୍ଣ ସଂକେତରେ ଲିପି ବହୁକାଳରୁ ପ୍ରତିଷ୍ଠିତ ହୋଇ ସାରିଥିଲା । ତଥାପି ବ୍ୟାକରଣରେ ଲିପିର ସଂପର୍କ ପ୍ରକାଶ ପାଇ ନ ଥିଲା । ପାଣିନିଙ୍କର ବହୁ ଶତାବ୍ଦୀ ପୂର୍ବରୁ 'ପ୍ରାତିଶାଖ୍ୟ-ସୂତ୍ର' ମାନଙ୍କରେ ବର୍ଣ୍ଣର ସବିଶେଷ-ବିଚାର ଥିବାର ଦେଖାଯାଏ । ପାଣିନି ନିଜ ସୂତ୍ରରେ ପାଠିଏଟିରୁ ବେଶି ବୈୟାକରଣଙ୍କ ନାମ କରିଛନ୍ତି । ମାତ୍ର ପାଣିନି ସମସ୍ତ ପୂର୍ବସୂରିମାନଙ୍କର ସିଦ୍ଧାନ୍ତ ଓ ତତ୍ତ୍ୱକୁ ବିଚାରରେ ଆଣି ଯେଉଁ ବ୍ୟାକରଣ-ସୂତ୍ର ପ୍ରସ୍ତୁତ କଲେ, ସେଥିରେ ସଂସ୍କୃତ ଭାଷା ଚିରଦିନ ପାଇଁ ପ୍ରତିଷ୍ଠା ପାଇଲା । ସଂସ୍କୃତ ଭାଷାର ସମସ୍ତ ବର୍ଣ୍ଣ, ବୈଜ୍ଞାନିକ ଭାବରେ ଏଥିରେ ପ୍ରକାଶିତ ହୋଇଛି । ପୂର୍ବ ଋଷିମାନେ ଏହା ହୁଏତ ଆଗରୁ କରି ସାରିଥିଲେ । ସେ ସବୁର ଧାରାବାହିକ ଆଲୋଚନା ପାଇଁ ସାମଗ୍ରୀ ଅବଶ୍ୟ ଯଥେଷ୍ଟ ମିଳି ଯାଇ । ମାତ୍ର ପାଣିନିଙ୍କ ସୂତ୍ର ସମସ୍ତଙ୍କୁ ଅଭିଭୂତ କରି ଯେପରିକି ଏ କ୍ଷେତ୍ରରେ ଅଙ୍କ ସ୍ୱାର୍ଜିତ ଚିହ୍ନ ମାରେ ସାସ୍ତ୍ର ଜଗତ୍ ଆଗେ ଠିଆ ହୋଇଛି । ସ୍ୱରବ୍ୟଞ୍ଜନ-ତତ୍ତ୍ୱର ପୁଂଖାନୁପୁଂଖ ଅନୁସଂଧାନରେ ଯେଉଁ ସଂପୂର୍ଣ୍ଣ ବର୍ଣ୍ଣମାଳାଟି ପାଣିନିରେ ପ୍ରକାଶ ପାଇଛି, ତା ଏବେ ବି ସେହିପରି ଚଳେ ଓ ପୃଥିବୀରେ ଏବେ ବି ତାର ପଟାନ୍ତର ନାହିଁ । ମାକ୍‌ଡୋନେଲ୍ ସାହେବ କହନ୍ତି, "ଏହା ଯେ ସଂସ୍କୃତ ଭାଷାର ସମସ୍ତ ବର୍ଣ୍ଣ ପୂର୍ଣ୍ଣଭାବରେ ପ୍ରକାଶ କରେ, ସେତିକି ନୁହେଁ । ଏହା ଯେଉଁ ବୈଜ୍ଞାନିକ ଶୃଙ୍ଖଳାରେ ସଜାହୋଇଛି ତା ମଧ୍ୟ ନିଖୁଣ । ଆଗ ମୌଳିକ ସ୍ୱର ଗୁଡ଼ିକ (ହ୍ରସ୍ୱ ଓ

Digitized by srujanika@gmail.com

ଦୀର୍ଘ), ତାପରେ ଯୌଗିକ ସ୍ୱର, ତାପରେ ବ୍ୟଞ୍ଜନ ଗୁଡ଼ିକ ରହିଛି, ନିଜ ନିଜ ଗୋଷ୍ଠୀ ଧରି ଉଚ୍ଚାରଣ ସ୍ଥାନ ଅନୁସାରେ ସମାନ ଓ ଧାରାବାହିକ ଭାବରେ । × × × । ପକ୍ଷାନ୍ତରେ, ଅଟମ ଇଉରୋପୀୟମାନେ ୨୫୦୦ ବର୍ଷ ପରେ, ପୁଣି ଏଇ ବୈଜ୍ଞାନିକ ଯୁଗରେ ମଧ୍ୟ ଏବେ ବି ଧରି ବସିଛନ୍ତି, ସେଇ ଏକ ଆଦିମ ଲିପିମାଳା । ନା ସେଥିରେ ଆମ ଭାଷାର ସବୁ ବର୍ଣ୍ଣ ପ୍ରକାଶିତ ହୋଇ ପାରୁଛି, ନା ସେଥିରେ ସ୍ୱର-ବ୍ୟଂଜନର କୌଣସି ଶୃଙ୍ଖଳା ଅଛି । ୩୦୦୦ ବର୍ଷ ତଳେ ଆଦିମ ଅପରପକ୍ୱ ସେମିଟିକ୍‌ମାନଙ୍କଠାରୁ ଗ୍ରୀକମାନେ ତାକୁ ନକଲ କରି ନେଲାବେଳେ ତା ଯେପରି ଥିଲା, ଆଜି ବି ତା ଠିକ୍ ସେଇପରି ରହିଛି ।” (୧୩) ।

ବର୍ଣ୍ଣର ଉଚ୍ଚାରଣ ଓ ଲିପି

ଏପରି ବର୍ଣ୍ଣଙ୍କ ଲିପିର ପ୍ରତିଷ୍ଠା ହୋଇ ସାରି ଥିଲେ ମଧ୍ୟ, ତା ପୁଣି ଅନେକ ହଜାର ହଜାର ବର୍ଷ ଚାଲି ଥିଲେ ହେଁ, ସଂସ୍କୃତ ଭାଷାରେ ଲିପି ବ୍ୟବହାରରେ ଏବେ ବି ପୂର୍ଣ୍ଣତା ଆସି ନାହିଁ । ଆଦିମ କାଳରୁ ବର୍ଣ୍ଣର ଉଚ୍ଚାରଣ ଠିକ୍ କରିବା ପାଇଁ ଥିଲା, 'ଶିକ୍ଷା' । ଏଇ ଶିକ୍ଷା ହେଉଛି, ଏକ 'ବେଦାଙ୍ଗ' । ଏହା ବେଦର 'ବ୍ରାହ୍ମଣ' ଭାଗରେ ଓ 'ପ୍ରାତିଶାଖ୍ୟ' ସୂତ୍ରରେ ଅଛି । ବର୍ଣ୍ଣର ଉଚ୍ଚାରଣରେ ପାଣିନିଙ୍କର ଏହାହିଁ ଅବଲମ୍ବନ । ଏଥିରେ ସ୍ୱରର ଯେଉଁ ଉଚ୍ଚାରଣ ଭେଦ ଆଲୋଚନା କରି ନିର୍ଦ୍ଦେଶ ଦିଆ ଯାଇଛି, ତାର ଲିପି ସଙ୍କେତ ଏବେ ବି ନାହିଁ । ଏଥିରେ, ଉଦାହରଣ ସ୍ୱରୂପ, ପ୍ରତ୍ୟେକ ସ୍ୱର ବର୍ଣ୍ଣକୁ ହ୍ରସ୍ୱ, ଦୀର୍ଘ, ପ୍ଳୁତ; ସଂବୃତ, ବିବୃତ; ଉଦାତ୍ତ, ଅନୁଦାତ୍ତ, ସ୍ୱରିତ; ଅନୁନାସିକ ନିରନୁନାସିକ ଭେଦରେ, ଛତିଶ ପ୍ରକାର ଉଚ୍ଚାରଣରେ ଚିହ୍ନାଇ ଦିଆ ଯାଇଛି । ଯେତେଦୂର ମନେହୁଏ, ସଂବୃତ ଓ ବିବୃତ ଭେଦକୁ ଛାଡ଼ି, ପାଣିନିରେ ଏହା

ଅଠର ପ୍ରକାର । ମାତ୍ର ଏସବୁପାଇଁ ଲିପି କାହିଁ ? ବେଦକୁ ଲେଖିବାରେ ଓ ଏବେ ଛାପିବାରେ ବହୁତ ଚିହ୍ନ ସୃଷ୍ଟି କରା-ଯାଇଛି । ତେବେ ବି ଉଚ୍ଚାରଣ-ସ୍ଥାନ 'ସ୍ୱାଧ୍ୟାୟ' ଏବେ ବି 'ଶ୍ରୁତି' । ନ ଶୁଣିଲେ ଶୁଦ୍ଧ କରି ବୋଲିବା କଷ୍ଟ । ସଂସ୍କୃତ ଅନୁନାସିକ ସ୍ୱର, ପ୍ଲୁତସ୍ୱର, 'ଉପଧ୍ମାନୀୟ', ଅର୍ଦ୍ଧବର୍ଣ୍ଣ ଏବଂ ବୈଦିକ ଅନୁସ୍ୱାର ପ୍ରଭୃତି ପାଇଁ ଏବେ ବି 'ଲିପି' ନାହିଁ, କହିଲେ ହୁଏ । ବାଗ୍ ଯନ୍ତ୍ରର ସ୍ୱର ପ୍ରକାଶକୁ ଲିପିରେ ପୂର୍ଣ୍ଣରୂପେ ପ୍ରକାଶ କରିବା ସହଜ ନୁହେଁ— ହୁଏତ ସମ୍ଭବ ବି ନୁହେଁ । ଏବେ ପାଣିନି ପ୍ରଭୃତିଙ୍କ ବହୁତ ପରେ ଇଉରୋପରେ ପ୍ରାୟ ଗତ ଶହେ ବର୍ଷ ଭିତରେ ଯେଉଁ 'ଭାଷା-ବିଜ୍ଞାନ'-ଚର୍ଚ୍ଚା ଆରମ୍ଭ ହୋଇ କ୍ରମେ ବିକାଶ ପାଉଛି, ସେଥିରେ ଇଉରୋ-ପୀୟ ଲିପିମାଳା ଧରି ପଣ୍ଡିତମାନେ ବର୍ଣ୍ଣ, ବିଶେଷରେ, ସ୍ୱରବର୍ଣ୍ଣ, ଶିଖାଇ ବାରେ ଯେପରି ଖାଲି ନୂଆ ଚିହ୍ନମାନ ତିଆରି କରି ବୁଝାଇବାରେ ଲାଗିଛନ୍ତି, ତା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ବେଦାଙ୍ଗ 'ଶିକ୍ଷା'ରେ ଦିଆ ଯାଇ ଥିବା ସ୍ୱରର ଅଷ୍ଟାଦଶ ବା ଷଟ୍-ବିଂଶ ଭେଦକୁ ଚିହ୍ନରେ ଲେଖି ଦେଖାଇବା ତ ଦୂରର କଥା । ତାଙ୍କର କାଳକ୍ରମରେ 'କାଳ' ହୋଇଗଲା, ସେ 'କାଳ' କଥା ଏବେ କାହିଁ ? ଏଇ ଦୁଇ ବାକ୍ୟରେ କାଳରେ ଥିବା ଅକାରକୁ ଲିପିରେ ଦେଖାଇବାକୁ ଗଲେ ଆପଣମାନେ ଭାଷାବିଜ୍ଞାନିମାନଙ୍କ ଏ କ୍ଷେତ୍ରରେ କି ଦୁର୍ଗତି, ତା ଅନୁମାନ କରି ପାରିବେ ।

ପ୍ରାକୃତ ଲିପିର ଭିନ୍ନ ଭିନ୍ନ ରୂପ

ସେଥିପାଇଁ ସଂସ୍କୃତ ବ୍ୟାକରଣକାରମାନେ ନିଜ ବର୍ଣ୍ଣପ୍ରକାଶ କରିବା ପାଇଁ ବହୁକାଳ ଯାଏ ସଂଭବତ ଲିପିର ବ୍ୟବହାର କରୁ ନ ଥିଲେ । ମନେ ହୁଏ ସଂସ୍କୃତ ବର୍ଣ୍ଣ ନିୟମକୁ ଧରି ପ୍ରାକୃତ ଭାଷା ପ୍ରଥମେ 'ଲିପିବଦ୍ଧ' ହୋଇଥିଲା । ସେଥିପାଇଁ ସଂକେତ

Digitized by srujanika@gmail.com

ଏକ ବର୍ଣ୍ଣମାଳା ଉପରେ ପ୍ରତିଷ୍ଠିତ ହେଲେହେଁ, ଭାରତର ଭିନ୍ନ-ଭିନ୍ନ ପ୍ରାକୃତରେ ଲିପିର ଆକାର ପ୍ରକାର ଏତେ ଭିନ୍ନଭିନ୍ନ। ଅବଶ୍ୟ 'ପାଲି' ସାହିତ୍ୟର ବ୍ରାହ୍ମୀଲିପି ସବୁ ପ୍ରାକୃତକୁ ପ୍ରଭାବିତ କରିଛି। କ୍ରମେ ଜୈନମାନେ ଅଗରୁ ଏହା ଆରଂଭ କରିଥିଲେ। ମାତ୍ର ସ୍ଥାନୀୟ ପଦ୍ଧତି ଓ ଲେଖନ-ସାମଗ୍ରୀର ପ୍ରଭାବ ପ୍ରାକୃତ ଲିପିକୁ ଏତେ ଭିନ୍ନ ଭିନ୍ନ କରିବାର ଏକମାତ୍ର ହେତୁ ବୋଲି ମନେ ହେଉନାହିଁ। ପୁଣି ବିଶେଷରେ ଏଠି ତାମିଲ ଲିପି କଥା ଉଲ୍ଲେଖ ଯୋଗ୍ୟ। ସଂସ୍କୃତ ବର୍ଣ୍ଣମାଳାର ସଂକେତ ଏଥିରେ ଅଛି ସତ, କିନ୍ତୁ କେବଳ ଅନୁନାସିକକୁ ଛାଡ଼ି, ବାକି ସବୁ ଶ୍ରେଣୀ ବର୍ଗ୍ୟ ବର୍ଣ୍ଣ ପାଇଁ ଏଥିରେ ମାତ୍ରକ ଗୋଟିଏ ଗୋଟିଏ ଲିପି। ପ୍ରାଚୀନ କାଳର ସଂକେତରେ ଭାବ-ପ୍ରକାଶ ଓ ସଂକେତଲିପି ସଂଗେ ଅର୍ଦ୍ଧ ଭାଷାର ସ୍ୱର-ବ୍ୟଞ୍ଜନ ମିଶି ଏହା ହୋଇଛି କିନା, ହେଲେ, କିପରି ତା ହୋଇଛି, ସେ ସବୁର ଆଲୋଚନା ଖୁବ୍ ହେବା ଦରକାର। କିନ୍ତୁ ତାମିଲ ଲିପିରେ ଏକ ସଂକେତର ପ୍ରଭାବ ଯେ ଅଛି, ତା ମୋଟାମୋଟି ଅନୁମାନ କରାଯାଇ ପାରେ। ଏହାର ମୂଳ ସୂତ୍ର ପ୍ରାଚୀନ ଦ୍ରାବିଡ଼ ଲିପି ବା ସିଂଧୁ ସଭ୍ୟତାର ଲିପିରେ ଅଛି, କିନା, ଥିଲେ, କେତେ ଅଛି, କିପରି ଅଛି, ତା ମଧ୍ୟ ଏଟି ଖୋଜି ଦେଖିବାର କଥା।

ଭାରତୀ ସଂସ୍କୃତିରେ ଲିପିର କରଣୀ

ସେ ସବୁ କଥା ଯା ହେଉ, ପ୍ରାକୃତମାନଙ୍କ ଉପରେ ସଂସ୍କୃତର ବ୍ୟାପକ ପ୍ରଭାବରେ ଲିପି ଆମ ଦେଶରେ ଜମ ଜାମ କରି ନାଇ। ପ୍ରାକୃତ ଭାଷାରେ ଏହାର ଆରଂଭ ହୋଇଥାଇ ପାରେ। ମାତ୍ର ସଂସ୍କୃତର ବର୍ଣ୍ଣ ବିଧିର ଉପରେ ଏହା ଯେ ପ୍ରତିଷ୍ଠିତ, ଏଥିରେ ସନ୍ଦେହ କରିବାର କିଛି ନାଇ। ସେଇ ସୂତ୍ରରେ ସଂସ୍କୃତର ସର୍ବ-

Digitized by srujanika@gmail.com

ତୋମୁଖ ପ୍ରଭାବ ଭାରତରେ ସର୍ବତ୍ର ପ୍ରସାରିତ ହୋଇ, ଏହା ପୂର୍ବ ସିଂହଳ, ବ୍ରହ୍ମ ପ୍ରଭୃତି ବୌଦ୍ଧ ଭୂମିରେ ପ୍ରସାର ଥିଲା । ଏଇ ପର ମହାଭାରତୀୟ ସଂସ୍କୃତିରେ ସଂସ୍କୃତ ବର୍ଣ୍ଣ ତଥା ସେଇ ବର୍ଣ୍ଣ ଉପରେ ପ୍ରତିଷ୍ଠିତ ଲିପିର କାହାଣୀ ତେଣୁ ଅଉ ବୁଝାଇବା ଦରକାର ନାଇ । ଏଇ ସୂତ୍ରରେ ପୁଣି ସଂସ୍କୃତ ବ୍ୟାକରଣର ଆଦର୍ଶ ଓ ବିଚାର-ଧାରା ସମସ୍ତ ପ୍ରାକୃତକୁ ଏକ ସଂସ୍କୃତର ଅପଭ୍ରଂଶରେ ପରିଣତ କରି ସମସ୍ତ ଭାରତ ସାହିତ୍ୟକୁ ବୈଦିକ ସାହିତ୍ୟର ଏକ ବିଶାଳ, ସର୍ବବ୍ୟାପୀ ଓ ମୌଳିକ ବିକାଶରୂପେ ପ୍ରକାଶ କରିବାରେ ଗୋଟିଏ ଶ୍ରେଷ୍ଠ ଉପାଦାନ ଯୋଗାଇ ଭାରତ ପ୍ରାକୃତର କେନ୍ଦ୍ରାପସାରିଣୀ ଧାରାମାନଙ୍କୁ ଏକ ମୁଖୀ ଓ ଏକ କରି ଥିଲା ।

(୪)

ଆର୍ଯ୍ୟଭାଷା, ସନାତନ ଓ ସାର୍ବଜନୀନ

ବର୍ଣ୍ଣ-ବିଜ୍ଞାନର ଆଉ ଗୋଟିଏ ଦିଗ

ବୁଝାଯାଇଛି, ଭାରତର ଧର୍ମ, ସନାତନ । ଭକ୍ତିରେ ପ୍ରାକୃତ ମାନବର ଅନ୍ନଦାନଠାରୁ ସାଧନାରେ ଦାର୍ଶନିକ ମାନବର ଅମୃତଲାଭ ପର୍ଯ୍ୟନ୍ତ, ଧ୍ୟାନର ଅଭ୍ୟାସରେ ନୈଷ୍କର୍ମ୍ୟ ଓ ଯୋଗଠାରୁ ତନ୍ତ୍ରର ଉପାସନାରେ ନୈସ୍ଵର୍ଯ୍ୟ ଓ ଭୋଗ ପର୍ଯ୍ୟନ୍ତ, ପୂଜା ଓ କ୍ରିୟା କାଣ୍ଡରେ ନିଜ କୃତକର୍ମର ଫଳ ଠାରୁ ଦେବ ଦେବୀଙ୍କ ‘ଅବିର୍ଭାବ’ ଓ ଅତି-ମାନୁଷ କର୍ମ ପର୍ଯ୍ୟନ୍ତ, କାଠ ପଥର ପୂଜାଠାରୁ ଯୁକ୍ତିବାଦୀର ନାସ୍ତିକତା ପର୍ଯ୍ୟନ୍ତ ପ୍ରଗତିର ନାନା ସୋପାନରେ ମାନବର ଯେ ଯେ ଚେଷ୍ଟା ସମ୍ଭବ, ସେ ସବୁ ପାଇଁ ଏ ସନାତନ ଧର୍ମରେ ନିତ୍ୟ ଆଦର ଓ ନିତ୍ୟସ୍ଥାନ ରହିଛି । ପାଣିନିଙ୍କ ପ୍ରତିଷ୍ଠିତ ଭାଷାର ବର୍ଣ୍ଣ-ବିଚାର ମଧ୍ୟ ସେଇ ପରି ସ୍ତର ପରିଣାମରେ ଆର୍ଯ୍ୟ ଭାଷାର କ୍ରମିକ ଗତି ଓ ପ୍ରଗତିର ସୋପାନମାନ ଦେଖିବାପାଇଁ ଏକ ନିର୍ମଳ ଦର୍ପଣ । ଆମ ଧର୍ମ ପରି ଆମ ବ୍ୟାକରଣ-ନିବଦ୍ଧ ଭାଷା ମଧ୍ୟ ସନାତନ । ଏହା ସାର୍ବକାଳିକ

Digitized by srujanika@gmail.com

ଓ ସାର୍ବଜନୀନ । ବୈଦିକ ବୈୟାକରଣଙ୍କ କୃତି ଏଥିରେ ମଧ୍ୟ ଅନନ୍ୟ ସାଧାରଣ । ସେମାନେ ମାନବ ସ୍ୱର ଯନ୍ତ୍ରର ଜାତିକ ଗଠନକୁ ଏପରି କଳନା ଓ ବର୍ଣ୍ଣନ କରିଥିଲେ ଯେ, ତନ୍ମଧ୍ୟରେ ଯୁଗେ-ଯୁଗେ କଥିତ-ଭାଷା ମଧ୍ୟ ନିୟମିତ ହେବାର ପ୍ରଭାବ, ଶବ୍ଦ ତଥା ଧାତୁ ଜୀବନ୍ତ ରହିଛି । ପାଣିନିରେ ଏ ସବୁ ଏକାଧାରରେ ଦେଖାଯାଏ । ପାଣିନିର ବର୍ଣ୍ଣ-ସଂହତି-ହେତୁକ ପରିଣାମ ଓ ପରିବର୍ତ୍ତନ କଥା ଅପଣ୍ଡିତମାନେ ଜାଣନ୍ତି । ବିଭକ୍ତି, ପ୍ରତ୍ୟୟ ପ୍ରଭୃତି ସର୍ବତ୍ର ଏହାର ବ୍ୟାପ୍ତି । ଏବେ ସେ କଥା ଥାଉ । ଅମକୁ ସ୍ପଷ୍ଟ ଜଣା ପଡ଼ିବା ଭଳି, ଉଦାହରଣ ସ୍ୱରୂପ ଏଠି କୁହାଯାଇ ପାରେ, ପାଣିନିରେ ଯେପରି ବକ୍ର ∠ ଭକ୍ର; ହଂସ ∠ ସିଂହ; ନବ-ଅଳୟ ∠ ନବାଳୟ; ସୁର-ଇନ୍ଦ୍ର ∠ ସୁରେନ୍ଦ୍ର ପ୍ରଭୃତି ହୁଏ, ଓଡ଼ିଆରେ ଅଜି ଠିକ ସେଇପରି ବାସ ∠ ଉଅସ; ହଦ ∠ ଦହ; ମଳଅ ∠ ମଇଳା; ଅଣ-ଅକାର ∠ ଅଣାକାର; କରଇ ∠ କରେ ପ୍ରଭୃତି ହୋଇଯାଏ । ଏ ସବୁ କେହି ଜାଣି ବୁଝି, ବ୍ୟାକରଣ ସୂତ୍ର ଲଗାଇ କରେ ନାହିଁ । ସ୍ୱର-ଯନ୍ତ୍ରର କ୍ରିୟାରେ ଏ ପରିଣାମ ସବୁ ମନକୁ ହୋଇଯାଏ ।

ଏବେ ଇଉରୋପରେ ପାଣିନିଙ୍କୁ ବୁଝିଲେ

ଏଇ ହିସାବରେଇ ପାଣିନି ହେଉଛି, ବିଶ୍ୱସଭ୍ୟତା ଓ ସଂସ୍କୃତିକୁ ଏକ ମହାଦାନ । ହେଲେହେଁ, ବହୁକାଳ ଏ ଦେଶରେ ଲୋକେ ଏହା ବୁଝି ନ ଥିଲେ । ଅଜିକି ଠିକ୍ ୧୦୭ ବର୍ଷ ତଳେ (୧୮୪୦ ଖ୍ରୀଷ୍ଟାବ୍ଦରେ) ଜଣେ ଜର୍ମାନ୍ ପଣ୍ଡିତ ଏଇ ତଥ୍ୟ ଅଷ୍ଟକର ଭବି ପ୍ରଥମେ ପ୍ରଚାର କଲେ । ସେ ଦିନ ପୃଥିବୀର ପାଣ୍ଡିତ୍ୟ ଜଗତରେ ଗୋଟିଏ ସ୍ମରଣୀୟ ଦିବସ । ସେ ଦିନ ଯେଉଁ ଆଲୋକ ଜଳି ଉଠିଲା, ସେଥିରେ ସମସ୍ତ ହିନ୍ଦ୍-ଇଉରୋପୀୟ ସଭ୍ୟତା, ସାହିତ୍ୟ, ସଂସ୍କୃତି ସଂଗେ ସମସ୍ତ ଜଗତ୍ ଆଲୋକରେ ଉଦ୍ଭାସିତ

Digitized by srujanika@gmail.com

ହେଲ । ପାଣିନି ବ୍ୟାକରଣରେ ସ୍ୱରପରିଣାମ ଧାରା ସ୍ପଷ୍ଟ ଜଣାପଡ଼ିବାରୁ ତାଙ୍କ ଧରି ପ୍ରତ୍ନତତ୍ତ୍ୱାନ୍ୱେଷୀ ଇଉରୋପୀୟ ପଣ୍ଡିତମାନେ କ୍ରମେ ଭାରତୀୟ, ପାରସିକଠାରୁ ଗ୍ରୀକ୍, ଲାଟିନ୍ ବାଦେ ଟ୍ୟୁଟନ୍, ଜର୍ମାନ୍, ଇଂରେଜ ପର୍ଯ୍ୟନ୍ତ ସବୁ ଭାଷାରେ ଦେଖିଲେ, ସ୍ୱରପରିଣାମର ଧାରା ଏକାପରି । ଜଣା ପଡ଼ିଲା, ମୌଳିକ ଅର୍ଥ ଭାଷାର ଶବ୍ଦ—ଏପରିକି କ୍ରିୟା-କାଳ ଗତ ବିଭକ୍ତ୍ୟାଦି ଓ ସେ ସବୁର ପ୍ରୟୋଗ ପର୍ଯ୍ୟନ୍ତ—ସବୁ ଏକ ନିୟମଧରି ବଦଳି ଆସିଅଛି—ସବୁ ଅଦାନ ଓ ପରିବର୍ତ୍ତନ ମଧ୍ୟରେ ସେଇ ଏକ ଧାରାର ବିକାଶ ବିସ୍ତାର ଖେଳି ଯାଉଛି । ଉଦାହରଣ ସ୍ୱରୂପ ଦେଖାଗଲା, ଏକ, ଦ୍ୱି, ତ୍ରୟ, ଚତ୍ୱାରଃ, ପଞ୍ଚ ପ୍ରଭୃତି ସଂଖ୍ୟା-ବାଚକ ଶବ୍ଦ ଠାରୁ ଅସ୍ (ହେବା-ଅଛି) ଭର୍ (ଭରଣ-ପୋଷଣ) ଓ ବିଦ୍ (ଜାଣିବା) ପ୍ରଭୃତି ଧାତୁର ବିଭିନ୍ନ ଲ-କାର ବା କାଳାଦି ଭଙ୍ଗୀରେ ରୂପ; ପୁଣି ବୃକ (ଗଧିଆ—wolf), ଶ୍ୱନ୍ (କୁକୁର) ପ୍ରଭୃତି ପରି ଶବ୍ଦର ସବୁ ବିଭକ୍ତିରେ ପ୍ରୟୋଗ ଓ ସେହିପରି ଦେବ, ଦ୍ୟୌଃ (ଦିବ୍) ମାତୃ, ପିତୃ, ସୂନୁ (ପୁଅ—son), ଦୁହିତୃ (ଝିଅ—**daughter**), ଭ୍ରାତୃ, ସ୍ୱସୃ, ନପାତ୍ (ନାତି), ଶ୍ୱଶୁର, ଶ୍ୱଶ୍ରୂ (ଶାଶୁ), ଦେବୃ (ଦିଅର), ଯାତୃ (ଜାଆ), ପତି, ବିଧବା ପ୍ରଭୃତି କୁଟୁମ୍ବର ଆତ୍ମୀୟ; ଅପର ବିଶ୍ (ଏକତ୍ରାଧିବାସୀ; ପ୍ରଜା), ବିଶ୍ପତି (ଗ୍ରାମ-ପ୍ରଧାନ; ରାଜା), ଅଶ୍ୱ, ଗୋ, ଆଜ୍ୟ (ଘିଅ), ସର୍ପିସ୍ (ଲହୁଣୀ; ଘିଅ), ମଧୁ (ମହୁ), ଅୟଃ ବା ଲୌହ (ତମ୍ବା), ହିରଣ୍ୟ (ସୁନା), ରଜତଂ (ରୁପା), କ୍ଷୁରଂ (ଖୁର), ରଥ, ଚକ୍ର (ରଥଚକ), ଅକ୍ଷ (ଅଖ), ନାଭି (ଚକର ତୁମ୍ବ), ଯୁଗ (ଜୁଆଳି), ନୌଃ (ନାଆ, ଜାହାଜ), ଦମ ବା ଶାଳା (ଘର), ଦ୍ୱାର, ଦେହ (କାନ୍ଥଢ଼ିହ) ପ୍ରଭୃତି ନାମ ମାନ ଏ ସବୁ ଭାଷାରେ ମୂଳତଃ ସମାନ ଥିଲା—ଖାଲି ନିୟମାନୁଗତ ସ୍ୱର ପରି-ଣାମରେ ବଦଳି ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ରୂପ ଧରିଛି ।

Digitized by srujanika@gmail.com

ପାଣିନିରୁ ଭାଷା ଓ ସମାଜ-ବିଜ୍ଞାନ

ଭାଷା ହେଉଛି, ସଭ୍ୟତା ଓ ସଂସ୍କୃତିର ବାହନ । ଏବେ ଏହି ସବୁ ଶବ୍ଦ ଓ ପ୍ରୟୋଗ ପରିବର୍ତ୍ତନ ଭିତରେ ନାନାଭାବରେ ସମାଜ ବିଜ୍ଞାନ ଆଲୋଚନାର ବାଟ ସଫା ହୋଇଗଲା । କ୍ରମେ ଜଣା ପଡ଼ିଲା, ଏସବୁ ଜାତି ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଏକାଠି ଥିଲେ । ସେତେବେଳେ ସେମାନେ କି ଅବସ୍ଥାରେ ଥିଲେ, କଅଣ କରୁଥିଲେ, ତାଙ୍କର ଗାର୍ହସ୍ଥ୍ୟ ଓ ସାମାଜିକ ଚଳଣି କିପରି ଥିଲା, -ଏସବୁ ବିଷୟରେ ମଧ୍ୟ ସଂକେତ ମାନ ଏଥିରୁ ମିଳିଲା । ଏହିପରି ପାଣିନିର ଏହି ନୂତନ ଆବିଷ୍କ୍ରିୟାରେ ଉତ୍ତର ଆମେରିକା, ଅଙ୍ଗ୍ଲୋ-ଅଫ୍ରିକା ଓ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ, ଇଟାଲୀ, ଫ୍ରାନ୍ସ, ଜର୍ମାନ୍, ଲାଟିନ୍ ଆମେରିକା ସମେତ ସ୍ପେନ୍ ପର୍ତ୍ତୁଗାଲ, ରୁଷିଆ, ବାଲ୍କାନସ୍, ଗ୍ରୀସ୍ ଠାରୁ ପାରସ୍ୟ ଭାରତ ପର୍ଯ୍ୟନ୍ତ ଭାଷା ଓ ସେହି ଭାଷାସଂଗେ ସଭ୍ୟତାର ଇତିହାସ ପୁନର୍ଜୀବନ ପାଇ ନିଜର ପରମ ପୀଠରୁ ଶତ ଶତ ଶାଖା ପ୍ରଶାଖାରେ ଜୀବନ୍ତ ହେଲା । ସ୍ପଷ୍ଟ ଜଣା ପଡ଼ିଲା, ପାଣିନି ଯେଉଁ ଭାଷାକୁ ଧରି ନିଜର ସ୍ୱରବ୍ୟଞ୍ଜନଗତ ବ୍ୟାକରଣ ଲେଖିଥିଲେ, ପୁଣି ପାଣିନିରୁ ଅଧିକ ପ୍ରାଚୀନ ବେଦ ଯେଉଁ ଭାଷାରେ ରଚିତ ହୋଇଛି, ତା ଏହି ଆଦିମ ଆର୍ଯ୍ୟ ଭାଷାର ଅତି ନିକଟବର୍ତ୍ତୀ, ଅର୍ଥାତ୍, ଆଦିମ ସ୍ଥାନରୁ ଆର୍ଯ୍ୟମାନେ ଭିନ୍ନ ଭିନ୍ନ ଆଡ଼େ ଯିବା ପରେ ପ୍ରଥମେ ଯେଉଁ ଭାଷା ପ୍ରକାଶ ପାଇ ଏବେ ମଧ୍ୟ ସେହିପରି ଅପରିବର୍ତ୍ତିତ ଭାବରେ ରହିଛି ଓ ଦେଖାହୋଇଛି ତା ଏହି ବେଦର ଭାଷା ଓ ତାହାର ପାଣିନୀୟ ଭାଷା । ସଂଗେ ସଂଗେ ବେଦ ଓ ବେଦୋତ୍ତର କାଳର ସମସ୍ତ ସଂସ୍କୃତ ସାହିତ୍ୟ ନୂଆହୋଇ ପଢ଼ାହେଲା ଓ ମାନବ ସଭ୍ୟତାର ଇତିହାସପାଠର ଧାରା ପ୍ରକାର ଓ ଶବସର ଏକାବେଳକେ ବଦଳିଗଲା । ସେତିକି ନୁହେଁ । ଏତେଦିନେ

Digitized by srujanika@gmail.com

ଇଉରୋପୀୟ ମାନେ ବୁଝିଲେ, ଭାଷା-ବିଜ୍ଞାନ ତଥା ତହିଁରେ ବର୍ଣ୍ଣ ଉଚ୍ଚାରଣ (Phonetics) ବୋଲି ସାହିତ୍ୟର ଗୋଟିଏ ବିଭାଗ ଅଛି । ତାହା ମଧ୍ୟ ଏବେ କ୍ରମେ ପାଣିନୀୟ ରୀତି ଧରି ପୃଥିବୀରେ ବିକାଶ ପାଉଛି ।

ସଂସ୍କୃତ ପଢୁଆଙ୍କ କର୍ମ

ମନେ ରଖନ୍ତୁ ଆପଣମାନେ ଏଇ ପାଣିନୀୟ ଓ ପାଣିନି-ପ୍ରବର୍ତ୍ତିତ ସାହିତ୍ୟର ଉତ୍ତରାଧିକାରୀ । ଏହା ଆପଣମାନଙ୍କର ପରୀକ୍ଷା । ଅବଶ୍ୟ ପରୀକ୍ଷାକୁ ଗୁହିଁ ଅତୀତରେ ସତ୍ୟଯୁଗ ଦେଖି ବର୍ତ୍ତମାନର କଳିଯୁଗ ପରେ ପୁଣି ମନକୁ ଆସୁଥିବା ସତ୍ୟଯୁଗକୁ ସୃଷ୍ଟି କରି ଉଦ୍ୟମ ହେବା କଥା କୁହାଯାଉ ନାଇ । ଆପଣମାନେ ପରୀକ୍ଷାର ସେବାରେ ଦ୍ରୁତ ନୈଷଧର ତଥାକଥିତ 'ପଦଲାଳିତ୍ୟ' ଭିତରେ କାବ୍ୟ ନାମରେ ଚକଟା, ଚପୁଡ଼ା, ଛଣା, ଧ୍ୱନି ଠାରୁ ଦର୍ଶନ ନାମରେ ଗଙ୍ଗେଶ ରଘୁନାଥ ଶୈଳୀ-ପ୍ରସୂତ ଓ ପ୍ରଭାବିତ ନବ୍ୟନ୍ୟାୟର ଶିଳାଚର୍ବଣ ଛନ୍ଦରେ ନୀରସ ତନ୍ତ୍ରର ସୂକ୍ଷ୍ମାତିସୂକ୍ଷ୍ମ ବୃତ୍ତି ପର୍ଯ୍ୟନ୍ତ, ଶାସ୍ତ୍ର ନିବନ୍ଧ ବିଧିଧର ଶବ୍ଦାଲଙ୍କାର ଓ ଅର୍ଥାଲଙ୍କାର ଖୋଜିବାଠାରୁ ସ୍ମୃତିର ଆଧିଭୌତିକ ଓ ପାରମାର୍ଥିକ ବିଧି ନିଷେଧ ପର୍ଯ୍ୟନ୍ତ, କର୍ମକାଣ୍ଡର ଯଜ୍ଞାର୍ଥ ନିଷ୍କାମତାଠାରୁ ପୁରାଣାଦିର ବ୍ୟାବହାରିକ ନୈତିକତା ପର୍ଯ୍ୟନ୍ତ, ସାଂଖ୍ୟଯୋଗର ଜ୍ଞାନ ଧ୍ୟାନ ପ୍ରାଣାୟାମାଦି ଅଭ୍ୟାସଠାରୁ ଭକ୍ତିର ଅଦ୍ଭୁତ ଦର୍ଶନଜନିତ ପରାନୁରକ୍ତି ପର୍ଯ୍ୟନ୍ତ, ସବୁ ଏଠାରେ ପ୍ରଣିପାତ ପରିପ୍ରଶ୍ନ ଓ ସେବାଠାରୁ ତାଳ-ପ୍ରଭାବିତ ଦାବି ଓ ଧର୍ମଘଟ ପର୍ଯ୍ୟନ୍ତ ଲଗାଇ ନାନାଭାବରେ ଅନୁଧାବନ କରୁଅଛନ୍ତି । କିନ୍ତୁ ସେତିକି ଯଥେଷ୍ଟ ନୁହେଁ । ସେ ସବୁର ଯଥାର୍ଥ ଅନୁସନ୍ଧାନରେ ଆଲୋଚନା କରିବାକୁ ହେବ । ସେଥି ସଙ୍ଗେ ପୁଣି ପଦ୍ଧତିର କଳନାରେ ବ୍ୟାବହାରିକ ଭାଷା, ଗଣିତ

Digitized by srujanika@gmail.com

ଭୂଗୋଳ, ଇତିହାସ, ବିଜ୍ଞାନ ପ୍ରଭୃତି ସହିତ ନିଥୋଇତ ସମ୍ପର୍କ ରଖି ଆମାନଙ୍କ ବ୍ୟକ୍ତିତ୍ୱର ବିକାଶ କରିବାକୁ ହେବ ।

ଏଇଠାରେ ଏଇ ସମ୍ପର୍କରେ ଆଉ ଗୋଟିଏ କଥା ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗତ ମନେ କରୁଛି । ଆପଣମାନଙ୍କ ଭିତରେ କେତେ ହୁଏତ ସେ କଥା ଜାଣିଥିବେ । ତାଙ୍କ ସ୍ମରଣ, ଜୀବନ୍ତ ହେବ । ଯେଉଁମାନେ ଜାଣି ନ ଥିବେ, ତାଙ୍କର ଜାଣିବା ଉଚିତ ।

(୫)

ସ୍ୱର୍ଗତ ପଣ୍ଡିତ ହରିହର ଦାସ

ହରିହରଙ୍କ ସାମାନ୍ୟ ପରିଚୟ

ଆପଣମାନଙ୍କ ଆଜି ଏ ବିଦ୍ୟାନୁଷ୍ଠାନ ମୂଳରେ ପୁରୀର ପ୍ରାଚୀନ ସଂସ୍କୃତ ବିଦ୍ୟାଳୟ । ସେ ବିଦ୍ୟାଳୟଟି କାହାର କଳ୍ପନା ? କାହାର କୃତି ? ଏହା ମୂଳରେ ପୁଣ୍ୟଶ୍ଳୋକ ପଣ୍ଡିତ ହରିହର-ଦାସ । ଏହା ସ୍ମରଣ କଲେ, ବ୍ୟକ୍ତିଗତଭାବରେ ମଧ୍ୟ ଆଜି ମୋ ଛାତି ଫୁଲି ଉଠୁଛି । କାରଣ, ସେ ଥିଲେ, ଆମ ଗ୍ରାମର, ଆମ ଜ୍ଞାତିଘର, ମୋ ପିତାଙ୍କର କନିଷ୍ଠ, ମୋର ନମସ୍ୟ ପିତୃବ୍ୟ । ତାଙ୍କର ଜନ୍ମ ୧୮୦୨, ମନେ ହେଉଛି, ଅକ୍ଟୋବର; ମୃତ୍ୟୁ ୧୮୭୦, ଫେବ୍ରୁଆରି ୯ ତାରିଖ । ମୋର ଜନ୍ମର ସାତେଦଶ ବର୍ଷ ଆଗରୁ ତାଙ୍କର ପର-ଲୋକ । ମୁଁ ତାଙ୍କୁ ଦେଖି ନାଇ । କିନ୍ତୁ ମୋ ପିତା ଭାବାବେଶରେ ଗଦ୍ ଗଦ୍ ହୋଇ କନିଷ୍ଠ 'ହରିହର'ର କଥା ଓ କୀର୍ତ୍ତିକଳାପ କହିଲାବେଳେ, ମୁଁ ସେସବୁ କଥା, ଉପାଖ୍ୟାନ ପରି, ବାରଂବାର ଶୁଣିଛି । କଳ୍ପନାରେ ମୁଁ ତାଙ୍କୁ ଯାହା ଦେଖିଛି, ସେଥିରେ ତାଙ୍କ-ପରି ଜଣେ କର୍ମଠ ଉଦାର ମନସ୍ୱୀ ପରପ୍ରାଣ ଦୂରଦର୍ଶୀ ପଣ୍ଡିତ

Digitized by srujanika@gmail.com

ମୁଁ ଯଉ ଦେଖିଚି ବୋଲି ମନେ ହେଉନାହିଁ । ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସେ ବସ୍ତୁତଃ ନିରକ୍ଷର ଥିଲେ । ପୁରୀ ମନ୍ଦିରରେ ଜଣେ ପଣ୍ଡିତଙ୍କ ସଂସ୍କୃତ ବାଗ୍ମିତା ଦେଖି ତାଙ୍କର ସଂସ୍କୃତ ପଢ଼ିବାର ବାସନା ଜାଗିଲା । ସେଠାରୁ ଗ୍ରାମରେ, ଢେଙ୍କାନାଳରେ କୌଣସି ପଣ୍ଡିତ ଜଗ୍ଗୀମିଶ୍ରଙ୍କ ପାଖେ ଓ ସର୍ବଶେଷରେ ନବଦ୍ୱୀପରେ ପଢ଼ି ପୁରୀକୁ ଆସିଲେ । ମାତୃଭାଷା ପରି ସେ ସଂସ୍କୃତ କହି ପାରୁଥିଲେ ଓ ତାଙ୍କର ଅସାଧାରଣ ବାଗ୍ମିତା ଥିଲା । ସମାଜର ସଂସ୍କାର-ବନ୍ଧନ ଦେଖି ଅତ୍ୟନ୍ତ ବଳନା କରି ସେ ମର୍ମାହତ ହୋଇ ଥିଲେ । ଓ ସଙ୍ଗେ ସଙ୍ଗେ ପୂର୍ଣ୍ଣ କ୍ରିୟାଶୀଳଭାବରେ ତାହାର ପ୍ରତିକାର ଆରଂଭ କରି ଦେଇଥିଲେ । ଆମ ଗ୍ରାମମାନଙ୍କରେ ସେତେବେଳେ ଲୋକେ କାଗଜ ଛୁଇଁ ନଥିଲେ ଓ 'ନିକୁଛି' କରି ଲୁଗା ନ ପିନ୍ଧିବା ଲୋକଙ୍କୁ ଏକାବେଳକେ ଧର୍ମଛଡ଼ା ବୋଲି ମନେ କରୁଥିଲେ । ଇଂରେଜି ପଢ଼ିବାଟା ଏକାବେଳକେ ଖ୍ରୀଷ୍ଟାନ ହେବା ସଂଗେ ସମାନ ବୋଲି ମନେ କରାଯାଉଥିଲା । ଏବେ ତାଙ୍କ ପ୍ରଥମ ଓ ମୁଖ୍ୟ କାର୍ଯ୍ୟ ହେଲା, ପ୍ୟାଣ୍ଟ କୋଟ ପିନ୍ଧି କାଗଜ ବନ୍ଧ ଧରି, ଘୋଡ଼ାରେ ଚଢ଼ି, ନିଜଗ୍ରାମ ଓ ଅନ୍ୟ ଗ୍ରାମମାନ ବୁଲି, ଲୋକଙ୍କୁ ବୁଝାଇ କାଗଜ ବନ୍ଧ ବାଣ୍ଟିବା, ତା ସଙ୍ଗେ ନିଜେ ଓ ନିଜ ଖର୍ଚ୍ଚରେ ପୁଣି ଯଥା ସଂଭବ ସେ କାଳ ଶିକ୍ଷା ଭୋଗ-କର୍ତ୍ତାଙ୍କୁ ଧରି ସ୍କୁଲମାନ ବସାଇବା । ଏଠାରେ ମନେ ପକାଇ ଦେବାର ଅଛି, ଅନ୍ୟାନ୍ୟ ଅନେକ କାର୍ଯ୍ୟ ମଧ୍ୟରେ, ସେକାଳେ ନିଜ ଗ୍ରାମ ଶ୍ରୀରାମଚନ୍ଦ୍ରପୁରେ ପ୍ରଥମେ ସଂପୂର୍ଣ୍ଣ ନିଜବ୍ୟୟରେ ଯେଉଁ ଓଡ଼ିଆ ବିଦ୍ୟାଳୟଟି ବସାଇ ଥିଲେ, ସେଇଟିଇ କ୍ରମେ ବିକାଶ ପାଇ ଦିନେ ହୋଇଥିଲା, ସେଇ ହରିହରଙ୍କ ସ୍ମୃତି ଓ ପ୍ରେରଣା ପୀଠ ଉପରେ ଗଠିତ ସୁନାମ ପ୍ରସିଦ୍ଧ 'ସତ୍ୟବାଦୀ ବିଦ୍ୟାଳୟ', ଓ

Digitized by srujanika@gmail.com

ଏବେ ନାନା ଭାଗ୍ୟ ପରିବର୍ତ୍ତନ ଭିତରେ ଅସ୍ତ ହୋଇଛି, ତାଙ୍କର ସତ୍ୟବାଦୀ ସ୍କୁଲ । ତାଙ୍କର ନିଜର ବିଶେଷ କିଛି ରୋଜଗାର ନ ଥିଲା । ପଣ୍ଡିତାଇରେ ଯାହାବା କିଛି ସେ ବିଦାୟ ପ୍ରଭୃତିରେ ରୋଜଗାର କରୁଥିଲେ । ସେ ନିଜେ ଗରିବ ଥିଲେ ଓ ତାଙ୍କର ମାଆ ମାଇପ ବି ଥିଲେ, ତଥାପି ବୁଲି ବହି ବାଣ୍ଟିବା, ସ୍କୁଲ ବସାଇବା ଛଡ଼ା, ସେ ପଢ଼ୁଆ ପିଲାଙ୍କୁ ଲୁଚାଇ କରି ନିଜ ପୁଅ ଘରେ ଖାଇବାକୁ ଦେଇ ସଂସ୍କୃତ ପଢ଼ାଇବାର କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଏଥିରେ ତାଙ୍କର ସମସ୍ତ ରୋଜଗାର ସେ ବ୍ୟୟ କରୁଥିଲେ । ଏଇ ସବୁ କାର୍ଯ୍ୟ କରିବା ପାଇଁ ସେ ରୋଜଗାର କରୁଥିଲେ ବୋଲି କହିଲେ ଚଳେ । ଏଠାରେ ସୂଚାଇ ଦେଉଁ, ପୁରୀର ପ୍ରଥମ ବି. ଏ. ସ୍ୱର୍ଗତ ଦିବ୍ୟସିଂହ ମିଶ୍ର, ଏଇ ଛାତ୍ରଙ୍କ ଭିତରୁ ଜଣେ । ତାଙ୍କର ଏଇ ସବୁ କାର୍ଯ୍ୟରେ ରକ୍ଷଣଶୀଳଙ୍କ ଭିତରେ ସେତେବେଳେ ବହୁ ଚାଞ୍ଚଲ୍ୟ ଉପୁଜି ଥିଲା । କେହି କେହି ପ୍ରଥମେ ଦଳ ମଡ଼ାଇ ବିରୋଧ କରିବାରେ ବି ଲାଗିଯାଇ ଥିଲେ । କିନ୍ତୁ ତାଙ୍କର ବିଚକ୍ଷଣ ଯୁକ୍ତିମତ୍ତା ଓ ବାଗ୍ମିତା, ମଧୁର ସ୍ୱଭାବ ଓ ଅତ୍ୟନ୍ତ ପରପ୍ରାଣତା ତଥା ନିଃସ୍ୱାର୍ଥ କର୍ମରେ ଆନ୍ତରିକ ଆତ୍ମଦାନ ହେତୁରୁ କୌଣସି ବିରୋଧ ତିଷ୍ଠି ପାରୁ ନ ଥିଲା । ଲୋକେ ତାଙ୍କ ପ୍ରତି ଅତ୍ୟନ୍ତ ଆକୃଷ୍ଟ ହେଉଥିଲେ ଓ ତାଙ୍କୁ ବଡ଼ ଖାତିର ଓ ଭକ୍ତି କରୁଥିଲେ । ସେ ମଧ୍ୟ ନିଜେ ନିଜସ୍ୱ ଉଦ୍ଦେଶ୍ୟ ସାଧନରେ ଏତେ ତନ୍ମୟ ଥିଲେ ଯେ ଏସବୁ ବିରୋଧ ବା ଭକ୍ତି ମାପିବାକୁ ତାଙ୍କ ଅବକାଶ ନ ଥିଲା । ସେ ଥିଲେ ଯଥାର୍ଥ ମନସ୍ୱୀ କର୍ମୀ ପୁରୁଷର [illegible] ଏକ ଅବତାର ।

ଭକ୍ତକବି ମଧୁସୂଦନଙ୍କ ଉପରେ ତାଙ୍କ ପ୍ରଭାବ

କେବଳ ସମାଜ ମୁଖ୍ୟମାନଙ୍କୁ ନୁହେଁ, ଦେଶର ଉଦୀୟମାନ ବାଳକମାନଙ୍କୁ ସେ ଚିହ୍ନି ପାରୁଥିଲେ ଓ ତାଙ୍କୁ ଖୁବ୍ ପ୍ରଭାବିତ ମଧ୍ୟ

Digitized by srujanika@gmail.com

କରି ପାରୁଥିଲେ । ଉଦାହରଣ ସ୍ୱରୂପ, ସ୍ୱର୍ଗତ ଉତ୍କଳର ମଧୁସୂଦନ ରାଓଙ୍କ ଜୀବନର ପ୍ରଥମ ପ୍ରେରଣା ହରିହରଙ୍କଠାରୁ । ହରିହରଙ୍କ ପୂର୍ବ ଘର ଥିଲା, କୁଣ୍ଢାଇବେଣ୍ଟ ସାହିରେ । ମଧୁସୂଦନ ହେଉଛନ୍ତି, ଏହି କୁଣ୍ଢାଇବେଣ୍ଟ ସାହି ପାଖ ପଥୁରିଆ ସାହି ନିବାସୀ ସେକାଳ କନ୍‌ଷ୍ଟେବଲ୍ ଭଗୀରଥି ସିଂହଙ୍କ ଜ୍ୟେଷ୍ଠପୁତ୍ର । ଅତି ଅଳ୍ପ ବୟସରେ ସେ ହରିହରଙ୍କ ସମ୍ପର୍କରେ ଆସିଥିଲେ । ମଧୁସୂଦନଙ୍କ ଜୀବନରେ ଯେଉଁ ନିଷ୍ଠା ଓ ସଂସ୍କାରପ୍ରବଣତା ପ୍ରକାଶ ପାଇଥିଲା, ଏତିକିବେଳେ ତା ମୂଳଦୁଆ ପଡ଼ିଥିଲା । ମଧୁସୂଦନଙ୍କ କୌଣସି ଜୀବନୀ-ଲେଖକ ଭୁଲରେ ଏହି ହରିହର ଦାସଙ୍କୁ ଲେଖିଛନ୍ତି, 'ପୁରୀର ସ୍ୱାମୀ ହରି ଦାସ' । ଏଇପରି ସେକାଳେ ହରିହରଙ୍କ ପ୍ରଭାବ ଓ ପ୍ରଚେଷ୍ଟା ଥିଲା, ଅଦ୍ଭୁତ ଓ ସର୍ବତୋମୁଖୀ । ଅତି ରକ୍ଷଣଶୀଳ ସେକାଳ ଶାସନୀ ବ୍ରାହ୍ମଣ ଘରେ ଜନ୍ମ ହୋଇ, କାଳି ସଂସ୍କୃତ, ପୁଣି ସଂସ୍କୃତରେ ତର୍କ ଶାସ୍ତ୍ର ମାତ୍ର ପଢ଼ି ଏପରି ପରିସ୍ଥିତି କଳନାରେ ଦୂରଦୃଷ୍ଟିପର ହେବା କ୍ୱଚିତ୍ ଦେଖାଯାଏ । ତାଙ୍କ ବିଦ୍ୟାର କଳନା ଆହରଣ ଓ ପ୍ରତିବାଦ ପୁଣି ଏକପ୍ରକାର ଅଦ୍ୱିତୀୟ ।

ପାଣିନିଙ୍କ ପ୍ରଭାବ ଓ ଏ ଦେଶର ମୁଖ୍ୟ ଇଉରୋପୀୟ

ସେତିକି ବେଳକୁ ପ୍ରାୟ ଦୁଇ ଦଶନ୍ଧି ତଳରୁ ପାଣିନିଙ୍କ ଭାଷା-ତତ୍ତ୍ୱ ଇଉରୋପକୁ ଗଭୀର ଭାବରେ ପ୍ରଭାବିତ କରିଛି । ଇଉରୋପର ପଣ୍ଡିତମାନେ ଭାରତ ଭାଷା ଓ ସାହିତ୍ୟର ତତ୍ତ୍ୱ ଅନୁସନ୍ଧାନରେ ଲାଗି ଯାଇଛନ୍ତି । ପ୍ରସିଦ୍ଧ ଆର୍ଯ୍ୟ-ଭାଷା-ପଣ୍ଡିତ ଭାରତ ସିଭିଲ୍‌ସର୍ଭିସର ବୀମ୍ସ ସାହେବ, ଦ୍ରାବିଡ଼ ଭାଷାବିତ୍ ପାଦ୍ରୀ, କଲ୍‌ଡ୍‌ୱେଲ, କର୍ଣ୍ଣାଟୀ ଅଭିଧାନକାର ପାଦ୍ରୀ, କିଟେଲ ପ୍ରଭୃତି ମନୀଷୀ ତତ୍ତ୍ୱସନ୍ଧିତ୍ସୁମାନେ ସେଇକାଳର ଲୋକ । ସେ କାଳେ ଏହି ପରି ଅନେକ ୟୁରୋପୀୟ ତଥା ଇଂରେଜ ଏହି କାର୍ଯ୍ୟରେ ଲାଗିଯାଇଥିଲେ । ଏହି ପଣ୍ଡିତମାନେ

Digitized by srujanika@gmail.com

ଭାରତରେ ବହୁ ଭାରତୀୟ ଭାଷାମାନଙ୍କର ତତ୍ତ୍ୱ ତନ୍ନ ତନ୍ନ ଅନୁସନ୍ଧାନ କରି ଗ୍ରନ୍ଥମାନ ଲେଖି ଯାଇଛନ୍ତି । ସେ ସବୁ ଆଜି ମଧ୍ୟ ପ୍ରାମାଣିକ ଗ୍ରନ୍ଥ ।

ବୀମ୍ସ ସାହେବ ଓ ହରିହର

ସ୍ୱୟଂ ବୀମ୍ସ ସାହେବ ଯେତେବେଳେ ପୁରୀର କଲେକ୍ଟର, ହରିହରଙ୍କ ସଂଗେ ତାଙ୍କର ପରିଚୟ ହେଲା । ଦୁହେଁ ଦୁହିଁଙ୍କର ଶିକ୍ଷକ ଓ ଦୁହେଁ ଦୁହିଁଙ୍କର ଶିଷ୍ୟ ହୋଇଗଲେ । ବୀମ୍ସ ପଢ଼ିଲେ, ସଂସ୍କୃତ ଓ ଓଡ଼ିଆ; ହରିହର ପଢ଼ିଲେ, ଗ୍ରୀକ୍ ଓ ଇଂରେଜୀ, ଓ ତହିଁ ସଂଗେ ଇନ୍ଦୋ-ଇଉରୋପୀୟ ଆର୍ଯ୍ୟଭାଷାମାନଙ୍କର ତୁଳନାତ୍ମକ ଶବ୍ଦ ଓ ବ୍ୟାକରଣ-ତତ୍ତ୍ୱ । ଅଳ୍ପଦିନ ମଧ୍ୟରେ ଦୁହେଁ ଦୁହିଙ୍କ ଶିକ୍ଷାରେ ବ୍ୟୁତ୍ପନ୍ନ ହେଲେ । ବୀମ୍ସଙ୍କ ପ୍ରସିଦ୍ଧ ଆର୍ଯ୍ୟଭାଷା-ସପ୍ତକ (Seven Aryan Languages) ଗ୍ରନ୍ଥକଥା ଜଣାଶୁଣା । ସେ ଗ୍ରନ୍ଥ ଲେଖିବାରେ ବା ଲେଖିବାର କଳ୍ପନାରେ ହରିହରଙ୍କ ସାହଚର୍ଯ୍ୟର ପ୍ରଭାବ କିପରି ଥିଲା ଓ କେତେ ଥିଲା, ତା ଅଟକଳ କରିବାର କୌଣସି ସାଧନ ନାଇ । ହରିହର ଭାରତର ଅନ୍ୟାନ୍ୟ ଚଳିତ ଆର୍ଯ୍ୟଭାଷା, ବିଶେଷତଃ ହିନ୍ଦୀରେ ସୁଦକ୍ଷ ଥିଲେ ମଧ୍ୟ ତୁଳନାତ୍ମକ ତତ୍ତ୍ୱର ଶିକ୍ଷା ଓ ଅନୁସଂଧାନ ଆରମ୍ଭ ମାତ୍ର କରୁଥିଲେ, ପୁଣି ବୀମ୍ସଙ୍କ ଗ୍ରନ୍ଥଲେଖା ହୁଏତ କଳ୍ପନାରେ ମାତ୍ର ଅଙ୍କୁରିତ ହେଉଥିଲା । ହେଲେହେଁ ବୀମ୍ସଙ୍କ ସାହଚର୍ଯ୍ୟଫଳରେ ହରିହର ପ୍ରସିଦ୍ଧ ଗ୍ରୀକ କବି ସଫୋକ୍ଲିସ୍‌ଙ୍କ ନାଟକମାନ ଏକାବେଳକେ ଓଡ଼ିଆରେ ଅନୁବାଦ କରିବାର ମନସ୍ଥ କରି କାର୍ଯ୍ୟ ଆରଂଭ କରିଦେଲେ । ସେ ଦୁହିଁଙ୍କ ଭିତରେ ଏପରି ଆତ୍ମୀୟତା ହୋଇଯାଇ ଥିଲା ଯେ, ବୀମ୍ସ ପୁରୀ ଛାଡ଼ିଲା ପରେ ହରିହରଙ୍କୁ ସଂସ୍କୃତରେ ଚିଠି ଲେଖୁଥିଲେ ଓ ହରିହର ଗ୍ରୀକ୍‌ରେ ତା ଉତ୍ତର ଦେଉଥିଲେ ।

Digitized by srujanika@gmail.com

ବୃଦ୍ଧ ବନ୍ଦ୍ୟାବନ୍ଦ୍ୟଙ୍କ ଆତ୍ମୀୟତା

ସ୍ୱର୍ଗତ ଦିବ୍ୟସିଂହ ମିଶ୍ରଙ୍କ ଭଳି ବୀରପ୍ରତାପପୁର ଶାସନର ରାୟବାହାଦୁର ଶ୍ରୀବୈଦ୍ୟନାଥ ମିଶ୍ରଙ୍କ ସ୍ୱର୍ଗତ ପିତା ସିଦ୍ଧେଶ୍ୱର ମିଶ୍ର, ହରିହରଙ୍କ ପୁରୀ ଘରେ ରହି ପଢୁଥିବା ଅଦମ ଛାତ୍ରଙ୍କ ଭିତରୁ ଜଣେ । ଅନ୍ୟାନ୍ୟ ଅନେକ ଛାତ୍ରଙ୍କ ପରି ସେ, ଶେଷଯାଏ ହରିହରଙ୍କ କଥାରେ ରହି କାର୍ଯ୍ୟରେ ଲାଗିଥିଲେ । ମୁଁ ତାଙ୍କଠାରୁ ହରିହରଙ୍କ ପ୍ରତିଭା ପ୍ରଭାବ ଓ କାର୍ଯ୍ୟର କଥା ବହୁତ ଶୁଣିଛି । ସେ କଥା ସବୁ କହିଲା ବେଳେ ବୃଦ୍ଧ ବୟସରେ ମଧ୍ୟ ତାଙ୍କ ଭାବାବେଶ ମୁଁ ଦେଖିଛି । ତାଙ୍କର ପାଖେ ହରିହରଙ୍କୁ ବୀମ୍ସ ସାହେବ ଲେଖିଥିବା ସଂସ୍କୃତ ଚିଠିରୁ କେତେଖଣ୍ଡ ଥିଲା । ବୀମ୍ସ ସାହେବ ନିଜ ମାଆଙ୍କ ଫଟୋ ହରିହରଙ୍କୁ ପଠାଇ ତା ସଙ୍ଗେ ସେଇ ବିଷୟରେ ଖଣ୍ଡେ ଚିଠି ଲେଖିଥିଲେ । ଅନ୍ୟାନ୍ୟ ଚିଠି ଭିତରେ ସିଦ୍ଧେଶ୍ୱର ମିଶ୍ରଙ୍କ ପାଖେ ସେଖଣ୍ଡେ ଥିଲା । ସିଦ୍ଧେଶ୍ୱର ମିଶ୍ରେ ମଧ୍ୟ ପୁରାପୁରି ସେ ଚିଠି-ଖଣ୍ଡ ମୁଖସ୍ଥ ରଖିଥିଲେ । ଶୁଣିଲାବେଳେ ମୋ ମନେ ହେଉଥିଲା, ଏପରି ଚିଠି ଲେଖାର ଉପଯୋଗୀ ସରଳ ସୁନ୍ଦର ଭାବଦ୍ୟୋତକ ସଂସ୍କୃତ ମୁଁ କମ୍ କମ୍ ଶୁଣିଛି । ସେଥିରୁ ମଧ୍ୟ ଜଣା ପଡୁଥିଲା, ହରିହରଙ୍କୁ ବୀମ୍ସ କି ଦୃଷ୍ଟିରେ ଦେଖୁଥିଲେ—କି ଗ୍ରାହକତାରେ ଗ୍ରହଣ କରୁଥିଲେ । ମନେ ଅଛି, ଫଟୋ ଟି ଉପରେ ବୀମ୍ସ ଲେଖି-ଥିଲେ, 'ମମମାତୁଃ ଚନ୍ଦ୍ର-ପ୍ରତିମା' ।

ଗେଡ଼ସ୍ ସାହେବ

ବୀମ୍ସଙ୍କପରେ ପୁରୀକୁ କଲେକ୍ଟର ହୋଇ ଆସିଥିଲେ, ଗେଡସ୍ ସାହେବ । ସେ ମଧ୍ୟ ହରିହରଙ୍କଠାରୁ ଓଡ଼ିଆ ଓ ସଂସ୍କୃତ ଶିଖୁଥିଲେ, ଅଜୁରି ମଧ୍ୟ ହରିହରଙ୍କୁ ସଙ୍ଗେନେଇ ଇଂଲଣ୍ଡ ଯିବାର

Digitized by srujanika@gmail.com

ସବୁ ବ୍ୟବସ୍ଥା କରି ପାରିଥିଲେ । ସେଥିପାଇଁ ହରିହରଙ୍କର ପୋଷାକ ପତ୍ର ବି ତିଆର ହୋଇପାରିଥିଲା ।

ପୁର ସଂସ୍କୃତ ବିଦ୍ୟାଳୟ

ଏଣେ ହରିହର ଗୋଟିଏ ସଂସ୍କୃତମୂଳକ ବିଦ୍ୟାଳୟ ନିଜ ବ୍ୟୟରେ ଆରମ୍ଭ କରି ଦେଇଥିଲେ । ତାହାହିଁ ଆଜି ପୁରୀ ସଂସ୍କୃତ-କଲେଜ ତଥା ଓଡ଼ିଶା ସଂସ୍କୃତ ପରିଷଦ ବା ସଂସ୍କୃତ-ଏସୋସିଏସନର ମୂଳ । ଯେତେଦୂର ମନେହୁଏ, ନଅଙ୍କ ଦୁର୍ଭିକ୍ଷର ଦୁଇ-ବର୍ଷ ପୂର୍ବରୁ, ଅର୍ଥାତ୍, ୧୮୬୪ ଖ୍ରୀଷ୍ଟାବ୍ଦରେ ଏହାର ଶୁଭ ଉଦୟ ହୋଇ ଥିଲା, ସମ୍ଭବତଃ କୁମାର ପୂର୍ଣ୍ଣିମା ଦିନ । ଯାହାହେଉ, ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ, ସତ୍ୟବାଦୀ ବିଦ୍ୟାଳୟର ପ୍ରତିଷ୍ଠା ପୂର୍ବରୁ, ହରିହରଙ୍କ ପ୍ରତିଷ୍ଠିତ ଶ୍ରୀରାମଚନ୍ଦ୍ରପୁର-ମଠ ଓ ଉକ୍ତ ବିଦ୍ୟାଳୟକୁ ତୀର୍ଥ ପରି ଜ୍ଞାନ କରୁଥିଲେ ଓ ସେଇଠାରେ ନିୟମିତ ରୂପେ କୁମାର ପୂର୍ଣ୍ଣିମା ଦିନ ହରିହର ଉତ୍ସବ ପାଳନ କରି ସେଇ ସ୍ଥାନରେ ଗ୍ରାମ-ଶିକ୍ଷା ସମ୍ମିଳନୀର କେନ୍ଦ୍ର ଓ 'ହରିହର-ପାଠାଗାର' ସେଇ ଗ୍ରାମରେ ସ୍ଥାପନ କରିଥିଲେ । 'ସତ୍ୟବାଦୀ ବିଦ୍ୟାଳୟ' ଆରମ୍ଭ କରି ହେଲା ବେଳେ ଶିକ୍ଷକ-ମାନଙ୍କ ସହିତ ସେଇ ପ୍ରାଚୀନ ବିଦ୍ୟାଳୟ ଓ ତତ୍ସଙ୍ଗେ ସେଇ ହରିହର ପାଠାଗାରର ପୁସ୍ତକାଳୟଟି ସତ୍ୟବାଦୀକୁ ଅଣାହୋଇ, ତାହାରି ଉପରେ 'ସତ୍ୟବାଦୀ ବିଦ୍ୟାଳୟ'ଟି ଗଢ଼ା ହୋଇଥିଲା । ସେଥିପାଇଁ ସତ୍ୟବାଦୀ ବିଦ୍ୟାଳୟର ପୁସ୍ତକାଳୟର ନାମଟି ହୋଇଥିଲା 'ହରିହର ଲାଇବ୍ରେରୀ' । ଗ୍ରାମ ଶିକ୍ଷା ସମ୍ମିଳନୀଟି, ସତ୍ୟବାଦୀ ବିଦ୍ୟାଳୟ ସମ୍ପର୍କରେ ଆସି, ହୋଇ ଥିଲା, ନିଖିଳ ଉତ୍କଳ-ଶିକ୍ଷା-ସମ୍ମିଳନୀ । ସତ୍ୟବାଦୀ ବିଦ୍ୟାଳୟରେ ତାର ପ୍ରଥମ ଅଧିବେଶନରେ ସ୍ୱର୍ଗତ ମଧୁସୂଦନ ରାଓ ୧୯୧୨ ରେ, ନିଜ ଜୀବନର ଶେଷ ବର୍ଷରେ, ସଭାପତି ହୋଇଥିଲେ ।

Digitized by srujanika@gmail.com

ଏଇ ସବୁ ସଂପର୍କରେ ଓ ହରିହରଙ୍କ ଅନ୍ୟତମ ସାଧକ-ଭକ୍ତ ପୁରୀରେ ମୁକ୍ତାବ କରୁଥିବା ଭିଙ୍ଗାରପୁରର ପୁଣ୍ୟଶ୍ଳୋକ ସ୍ୱର୍ଗତ ରାମଚନ୍ଦ୍ର ଦାସଙ୍କଠାରୁ ମୁଁ ଶୁଣିଛି, ହରିହର କୁମାରୀ ପୂର୍ଣ୍ଣିମ ଦିନ ସୁଗ୍ରୀ ସଂସ୍କୃତ ବିଦ୍ୟାଳୟ ଆରମ୍ଭ କରିଥିଲେ । ଖୁବ ସମ୍ଭବ, ତାହାହିଁ ତାଙ୍କ ନିଜ ଇଚ୍ଛାଥି ।

ଏଇ ବିଦ୍ୟାଳୟର କଳ୍ପନା

ଆରମ୍ଭ କଲାବେଳେ ଅବଶ୍ୟ ଏ ବିଦ୍ୟାମନ୍ଦିରଟି ସାମାନ୍ୟ ବିଦ୍ୟାଳୟଟିଏ ଥିଲା । କିନ୍ତୁ ଏହା ପଛରେ ଥିଲା, ଏକ ବିରାଟ କଳ୍ପନା । କ୍ଷମା କରିବେ, ମୋ ମତରେ ସେ କଳ୍ପନାଟି ଏବେ ବି, ଖାଲି ପୁରୀ ସଂସ୍କୃତ କଲେଜରେ କାହିଁକି, ଏଇ ସମସ୍ତ ସଂସ୍କୃତ ପରିଷଦ୍‌ଟିରେ ମଧ୍ୟ ପୂରାପୂରି କାର୍ଯ୍ୟରେ ପରିଣତ ହୋଇନାହିଁ । ନାନା ଭାଷାରେ ଛପାହୋଇଥିବା ହରିହରଙ୍କ ଏଇ ସଂକ୍ରାନ୍ତୀୟ ପ୍ରଶ୍ନର ପତ୍ରମାନଙ୍କରୁ ଯାହା ଅଳ୍ପ ମିଳେ, ସେଥି ଦୃଷ୍ଟିରେ ଦେଖିଲେ, ଜଣାଯାଏ, ଏ ସମସ୍ତ ପରିଷଦ୍‌ଟିର କଳ୍ପନା ଓ ଯୋଜନା ଅଭିବ ହରିହରଙ୍କର ସେଇ ଅଦମ ଯୋଜନା ଓ କଳ୍ପନାରୁ ମୌଳିକ ଓ ବ୍ୟାପକ ପ୍ରେରଣା ପାଇ, ହୁଏତ ଚରିତ୍ର ଅର୍ଜନ କରିବ । ହରି-ହରଙ୍କ ଅଦମ ସେଇ କଳ୍ପନାଟି ହେଉଛି, ବିଦ୍ୟାର୍ଥୀଙ୍କୁ ବିଦ୍ୟା-ମନ୍ଦିର ସଂଗେ ସାକ୍ଷାତ୍ ସଂପର୍କରେ ରଖି, ପ୍ରାଚୀନ 'କୁଳଗୃହ' ଓ ଏବର ସେଇଭଳି ବିଶ୍ୱବିଦ୍ୟାଳୟ ପରି ଏକ ବିଶାଳ ବିଦ୍ୟାନୁ-ଷ୍ଠାନର ପ୍ରତିଷ୍ଠା କରିବା । ସଂସ୍କୃତ ସାହିତ୍ୟ ଓ ଦର୍ଶନ ସଂଗେ ଇଂରେଜୀ ତଥା ଲାଟିନ୍ ଓ ଗ୍ରୀକପରି ଭାଷାମାନଙ୍କୁ ଅଧିକ ବୈଜ୍ଞାନିକ ଭାଷାତତ୍ତ୍ୱର ଆଲୋଚନା କରିବା ଓ ତାହାଁ ସଂଗେ ଭୂଗୋଳ, ଇତିହାସ, ଗଣିତ, ଜ୍ୟୋତିଷ, ଚିକିତ୍ସାଶାସ୍ତ୍ର ପ୍ରଭୃତି ଅଧ୍ୟୟନ ଓ ଅଧ୍ୟାପନାର ବ୍ୟବସ୍ଥା କରିବା ଏଇ କଳ୍ପନା ଓ ଯୋଜ-

Digitized by srujanika@gmail.com

ତାର ଅଂଗୀଭୂତ ଥିଲ । ତାଙ୍କ ଅନୁଷ୍ଠାନର ନାମଟି ସେ ଦେଇଥିଲେ, "ପୁରୀ ସଂସ୍କୃତ ବିଦ୍ୟାଳୟ" ।

ସେଥିପାଇଁ କ୍ରିୟା

ଏଥିର ପ୍ରାରମ୍ଭିକ ଆୟୋଜନ ପାଇଁ ଅନ୍ତତଃ ଏକଲକ୍ଷଟଙ୍କାର ବ୍ୟବସ୍ଥା କରିବାକୁ ସେ ଓଡ଼ିଆ, ଇଂରେଜୀ, ବଂଗଳା ଓ ହିନ୍ଦିରେ ନିବେଦନମାନ ଛପାଇ ଗୃହଅନ୍ତେ ପଠାଇଥିଲେ । ବଙ୍ଗ, ବିହାର ଓଡ଼ିଶାର ସେତେବେଳର ସ୍କୁଲ-ଇନ୍ସପେକ୍ଟର ବମ୍ଲ ସାହେବ ଓ ସେକାଳର ପୁରୀର କଲେକ୍ଟର ୱାମ୍ସ ଓ ଗୋଡ଼ସ୍ ସାହେବମାନେ ଏହି ନିବେଦନରେ ସୁପାରିସ୍‌ମାନ ଦେଇଥିଲେ । ଏହି ଉଦ୍ଦେଶ୍ୟରେ ପ୍ରଥମଥର ଉତ୍ତର ଭାରତକୁ ଯାଇ ସେ ଭେଟିଥିଲେ, ଏବ ଯୁକ୍ତ ପ୍ରଦେଶ (ସ୍ୱାଧୀନ ଭାରତର 'ଉତ୍ତର ପ୍ରଦେଶ') ର 'ବଲରାମପୁର ରାଜା' ବା ଜମିଦାରଙ୍କୁ । ସେଠାରେ ଗୋଟିଏ ଅତି କୌତୁକାବହ ଘଟଣା ଘଟିଥିଲ । ବଲରାମପୁର ରାଜା ବଡ ପଣ୍ଡିତାନୁରାଗୀ ଓ ନିଜେ ସଂସ୍କୃତଜ୍ଞ ଥିଲେ । ହରିହରବ ତାଙ୍କ ଖ୍ୟାତିରେ ଆକୃଷ୍ଟ ହୋଇ ଯାଇଥିଲେ । ହରିହରଙ୍କୁ ଦେଖିଲାକ୍ଷଣି ସେ ପଚାରି ଦେଲେ, 'କା ପୂର୍ବଃ' ? (ଆପଣଙ୍କ ଘର କେଉଁଠି ?) । ପ୍ରତ୍ୟୁତ୍ପନ୍ନମତି ହରିହର, ତତ୍କ୍ଷଣାତ୍ ଉତ୍ତର ଦେଲେ, 'ପୁରୀ ପୂର୍ଣ୍ଣଃ' (ଆମ ଘର ପୁରୀ) । ରାଜା ଉଠିଆସି ହରିହରଙ୍କୁ କୁଣ୍ଢାଇ ପକାଇଲେ । ଶୁଣିବାରେ ସେଇ ଦିନ 'ପୁରୀ ସଂସ୍କୃତ ବିଦ୍ୟାଳୟ'ର ପ୍ରାରମ୍ଭିକ ଆୟୋଜନ ପାଇଁ ସେ ଦେଇଥିଲେ ୫୫୦୦ ଟଙ୍କା । ସେଇଠାରୁ ସେ ହେଲେ, ଏହି ବିଦ୍ୟାଳୟର ଜଣେ ପ୍ରଧାନ ପୃଷ୍ଠପୋଷକ । କିଛିକାଳ ପରେ ସେଇ ରାଜାଙ୍କର ଜଗନ୍ନାଥଙ୍କ ପାଇଁ ପୁରୀ ପଣ୍ଡାଙ୍କୁ ଦିଆ ଯାଉଥିବା ବାର୍ଷିକ ୧୩୦୦ ଟଙ୍କା ମଧ୍ୟ ଏହି ବିଦ୍ୟାଳୟର ନିଃସ୍ୱ ଛାତ୍ରଙ୍କ ବୃତ୍ତିରେ ଖଂଜା ହୋଇଗଲା । ଜଗନ୍ନାଥଙ୍କ-

Digitized by srujanika@gmail.com

'ଅଣ୍ଟିବା' ଭୋଗକୁ ସେକାଳେ ମଧ୍ୟ ଏଇପରି ଗ୍ରାମ-ବୃତ୍ତିରେ ଗଣାଯିବା କେବଳ ହରିହରଙ୍କ ପରି ମନସ୍ୱୀ ଦୂରଦର୍ଶୀ ତଥା ଅନ୍ତରଙ୍ଗ ଭାବରେ ତାଙ୍କ ପ୍ରଭାବିତ ରାଜବନ୍ଧୁଙ୍କ ପକ୍ଷରେ ଏକା ସମ୍ଭବ। ମନେହୁଏ, ସେ ବୃତ୍ତି ଏବେ ମଧ୍ୟ ଏହି ସ୍ମୃତି ବଳେଇର ନିଃସ୍ୱ ଗ୍ରାମମାନେ ଭୋଗ କରୁଥିବେ। ଏହାଛଡ଼ା, ଓଡ଼ିଆ ରାଜା, ଜମି-ଦାରମାନେ ହରିହରଙ୍କୁ କିଛି କିଛି ଅର୍ଥ ସାହାଯ୍ୟ କରିଥିବା ମଧ୍ୟ ସମ୍ଭବ। କାରଣ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ନିବେଦନ କରି ଗୋଟିଏ ଓଡ଼ିଆ ପ୍ରଶସ୍ତିପତ୍ର ଛପା ହୋଇଥିଲା।

'ନଅଂକ'

'ନଅଂକ' କଥାଟି ଅନେକ ଶୁଣିଥିବେ। କିନ୍ତୁ ସେ ଜିନିଷଟି କଅଣ, ତା ହୁଏତ ଅନେକେ ଧାରଣା କରିପାରିବେ ନାହିଁ। ଏହା ପୁରୀରାଜା ଦିବ୍ୟସିଂହଦେବଙ୍କ ନଅ ଅଙ୍କ ବା ଇଂରେଜୀ ଅନୁସାରେ ୧୮୬୬ ଖ୍ରୀଷ୍ଟାବ୍ଦ। ଏହା ଓଡ଼ିଶା ଇତିହାସରେ ଏକ ମହା ଦୁର୍ଭିକ୍ଷ ବର୍ଷ। ଏପରି ଦୁର୍ଭିକ୍ଷ ଏହାପୂର୍ବରୁ କେବେ ହୋଇ ଥିବାର ଜଣା-ନାହିଁ, କିମ୍ବା ଏହାପରେ ବି ହୋଇନାହିଁ। ୧୮୬୬ ଖ୍ରୀଷ୍ଟାବ୍ଦରେ ବର୍ଷା ପ୍ରାପ୍ତ ହେଲା ନାହିଁ—ବିଶେଷରି ପୁରୀ କଟକ ବାଲେଶ୍ୱର ସର୍ବତ୍ର ଅଜାଡ଼ିକ ହୋଇଗଲା। ଇଂରେଜ ଶାସକ ତ ଥିଲେ ବିଦେଶୀ। ସେମାନେ ଏଇ ଦେଶୀ କିରାଣି କର୍ମଚାରୀଙ୍କ ଉପରେ ନିର୍ଭର କରି ରାଜ୍ୟ ଚଳାଉଥିଲେ। ଆମଦେଶୀ କର୍ମଚାରୀମାନେ କାହା ଘରେ ଦୁଇଟା ଧାନ ପାଲଗଦା ଦେଖିଲେ, ତାଙ୍କ ଅଧିକ ଭୃଷ୍ଟି ବଳସି ଯିବାର କଥା। ସେମାନେ ରିପୋର୍ଟ ଦେଲେ, ଦେଶଯାକ ପାଲଗଦାରେ ଧାନ ଭର୍ତ୍ତି ହୋଇଛି, ବର୍ଷକ ଯାଇ ପୂର୍ଣ୍ଣ ବଳିବ। ଅଠ ଦଶମାସ ବିତିଗଲା। ସେ ବର୍ଷ ପୁରୀଜିଲ୍ଲା, ଭୂମିରେ ଛିଅ ହୋଇଛି। ପାଣିନାହିଁ। ଲୋକେ ଖାଇବାକୁ କିଛି ନ ପାଇ

ଲକ୍ଷ ଲକ୍ଷ ସଂଖ୍ୟାରେ ମରି ଶୋଇଲେ । ସରକାରୀ ରିପୋର୍ଟ କହନ୍ତି, ୬୦ ଲକ୍ଷ ଲୋକରୁ ୨୦ ଲକ୍ଷ ଅନାହାରରେ ମରିଗଲେ । ଗାଁମାନ ଜନଶୂନ୍ୟ ହୋଇଗଲା । ମୁଁ ନିଜେ ଗୋଟିଏ ଏଇପରି 'ନଅଙ୍କ'ରେ ପଦା ହୋଇ ଯାଇଥିବା ଗାଁର ଭିଟାଭୂଇଁ ସବୁ ଦେଖିଛି; ସେଥିରେ ମଣିଷମୁଣ୍ଡ ଓ ହାଡ ସବୁ ପଡ଼ିଥିବାର ଦେଖିଛି । ମୋ 'ମା' (ପିତାମହୀ) ମୋତେ ଗୋଟିଏ କୁଡ଼ ଦେଖାଇ ଦେଇ କହିଥିଲେ, 'ଏ ଘରେ କୁଟୁମ୍ବରେ ଥିଲେ, ୧୮ଜଣ । ତାଙ୍କର ୫ ବାଟୀ (୨୦ ଏକର) ଯାଏ ଜମି ଥିଲା । ହେଲେ କଅଣ ହେବ, ୧୮ଜଣ ଯାକ ଏଇଘରେ 'ନଅଙ୍କ'ରେ ମରି ଶୋଇଥିଲେ ।' ଏସବୁ ଶୁଣି ଦେବା ଏଠି ହୁଏତ ଏତେ ପ୍ରାସଙ୍ଗିକ ନୁହେଁ । ମାତ୍ର କହିବାରକଥା, ଏଇ ଘୋର ଦୁର୍ଭିକ୍ଷରେ— 'ଦୁର୍ଭିକ୍ଷ' ନାହିଁ କି, ବରଂ କୁହାଯାଇ ପାରେ, ଏଇ 'ଅଭିକ୍ଷ'ରେ, ଅର୍ଥାତ୍, ଯହିଁରେ ଭିକ୍ଷାର ଏକାନ୍ତ ଅଭାବ, ସେଇ ବତ୍ସଳ ପିତ ଜଣେ—ହରିହର ସମସ୍ତଙ୍କର ଖାଇବା ପିଇବା ସବୁ ଦେଇ, ପୂର୍ଣ୍ଣରେ ବର୍ଷବର ରଖାଇ ସ୍କୁଲଟିକୁ ଜୀବନ୍ତ ରଖିଥିଲେ ।

ତା ପରେ

ଏହାପୂର୍ବରୁ ସେ ପ୍ରଥମ ଥର ଉତ୍ତର ଭାରତ ଭ୍ରମଣକରି, କଳସମ୍ପୁରରେ ଅତିର ଅଭ୍ୟର୍ଥନା ପାଇ ଫେରି ଥିଲେ, କି ଏହାପରେ ସେ ପଢ଼ିଲେ ଉତ୍ତରଭାରତ ଭ୍ରମଣରେ ଯାଇଥିଲେ, ତା ମୁଁ ଠିକ୍ କହି ପାରିବି ନାହିଁ । ମୋ ମନେ ନାହିଁ । ଇଂରାଜୀ ୧୮୬୯ ବା ୧୮୭୦ରେ ସେ ଦ୍ୱିତୀୟ ଥର ପୁଣି ଉତ୍ତର ଭାରତ ଭ୍ରମଣରେ ବାହାରିଲେ । ସେତେବେଳକୁ ତାଙ୍କ ଜନନୀ ମୃତ୍ୟୁ-ଶଯ୍ୟାରେ । ସେ ପୁଣି ଜନନୀଙ୍କର ଏକମାତ୍ର ପୁତ୍ର ସନ୍ତାନ । ଆପଣମାନେ ଅନୁମାନକରି ପାରୁଥିବେ, ଅବସ୍ଥା ସେତେବେଳେ କଅଣ ହୋଇ

Digitized by srujanika@gmail.com

ଥିବ । ସମସ୍ତେ କହିଲେ, "ଏମେତ ଗୁଲ ଯାଉଚ, ମାଆଙ୍କ 'ମୃତ୍ୟୁ' ଦବ କଏ ?" ହରିହର ସେ ଦୁଃଖରେ ମଧ୍ୟ ରହସ୍ୟ କଲାପରି କହିଲେ, "ସେ ମତେ ଜନ୍ମ କରିଚ । ତା ମୁହଁରେ ନିଅଁ ଦବାକୁ ମୋ ହାତ ଯିବ ନାହିଁ ! ତମେମାନେ ସେ କାର୍ଯ୍ୟ କରିଦିଅ ।" ହରିହରଙ୍କର ଧରିବର୍ମାଇ ଜୀବନ; ବିଦ୍ୟାଳୟ ଛଡ଼ା ଅନ୍ୟଚିନ୍ତା ନାହିଁ । ଏପରିକି ଯୁବତ ପତ୍ନୀ ମଧ୍ୟ ସ୍ୱାମୀଙ୍କୁ ସ୍ୱାମୀ ବୋଲି ଜାଣିଥିଲେ କି, ନା', ସଂଦେହ । ଅନ୍ତତଃ ପାଖେ ଥିବା ଆତ୍ମୀୟ ଅନ୍ତରଙ୍ଗମାନଙ୍କର ଏହାଇ ଧାରଣା ଥିଲା ।

ସ୍ୱାମୀ ଦୟାନନ୍ଦ ଓ ହରିହର

ସେ ଥର ଉତ୍ତର-ଭାରତରୁ ଫେରିଆସି କଲିକତାରେ ସ୍ୱାମୀ ଦୟାନନ୍ଦଙ୍କ ସଙ୍ଗେ ତାଙ୍କର ଦେଖା ହୋଇଥିଲା । ସ୍ୱାମୀ ଦୟାନନ୍ଦ ସାକାର ଉପାସନାର, ଅର୍ଥାତ୍, ପ୍ରତିମା ପୂଜାର, ବିରୋଧୀ ଥିଲେ । ହରିହର ତାଙ୍କସଙ୍ଗେ ଦେନ୍ଦ ସାକାର ଉପାସନା ସପକ୍ଷରେ ଯୁକ୍ତ କରିବେ ବୋଲି ସ୍ଥିର ହେଲା । ଶୋଭା ବଜାରର ରାଜା ପ୍ରମୁଖ ବଙ୍ଗାଳୀ ବିଶିଷ୍ଟ ଲୋକମାନେ ହରିହରଙ୍କୁ ଏଥିରେ ପୋଷକତା କଲେ । ସଭା ବସିଲା । ଶୁଣିଛି, ୨ ଘଣ୍ଟାରୁ ଅଧିକକାଳ ବାକ୍ ଯୁଦ୍ଧ ଲଗିଲା ପରେ ଗୁଣଗ୍ରାହୀ, କର୍ମବୀର ଦୟାନନ୍ଦ, ହରିହରଙ୍କ ପିଠିରେ ହାତମାରି କହିଥିଲେ, "ବାପା, ତୁମ୍ଭର ଯୁକ୍ତିଶକ୍ତି ଓ ବାଗ୍ମୀତାରେ ମୁଁ ସନ୍ତୋଷ ହେଲି । ଅରବର୍ଣ୍ଣ ରାଜପୁତନାକୁ ଆସ । ଦଶଲକ୍ଷ ଟଙ୍କା ସହଜରେ ମିଳି-ଯିବ । ମୁଁ କରାଇ ଦେବ । ତୁମେ ଯେଉଁ ବିରାଟ ବିଦ୍ୟା ମନ୍ଦିରର କଳ୍ପନା କରିଚ, ତା ହୋଇଯିବ ।"

ବେଥୁନ୍ କଲେଜରେ ହରିହରଙ୍କ ବକ୍ତୃତା

ଏଠାରେ ସୂଚାଇ ଦେବାର ଅଛି, ବଙ୍ଗ ଓ ଭାରତର ଅନ୍ୟାନ୍ୟ

ସ୍ଥାନରେ ଭିନ୍ନ ବିଷୟମାନ ଧରି ବକ୍ତୃତା ଦେବାକୁ ହରିହରଙ୍କୁ ଅନୁଷ୍ଠିମାନେ ଆଦରରେ ଡାକୁଥିଲେ । ହରିହର ସଂସ୍କୃତରେ ଯେପରି ଛନ୍ଦରେ ମଧ୍ୟ ସେହିପରି ଅତି ସୁନ୍ଦର ବକ୍ତୃତା ଦେଇ ପାରୁଥିଲେ । ଥରେ କଲିକତା ବେଥୁନ୍ କଲେଜରେ 'କୁସୁମାଞ୍ଜଳି' ଗ୍ରନ୍ଥ ଉପରେ ସେ ଚାରିଘଣ୍ଟା ବକ୍ତୃତା ଦେଇଥିଲେ । ଦୁଇଘଣ୍ଟା କାଳ ସଂସ୍କୃତରେ କହିସାରି ତା ପରେ ବଙ୍ଗଳାରେ କହିବା ପାଇଁ ଅନୁରୋଧ ପ୍ରକାଶ କରି ଛନ୍ଦରେ ପୁଣି ଦୁଇ ଘଣ୍ଟା, ସଂସ୍କୃତରେ କହିଥିବା ବିଷୟ ଗୁଡ଼ିକ ବୁଝାଇ ଥିଲେ । ଶୋଭାବଜାରର ରାଜା, ମହେନ୍ଦ୍ରଏ, କାଳୀ କୃଷ୍ଣ ଦେବ, ଏହି ସଭାର ସଭାପତି ଥିଲେ । ପଣ୍ଡିତବର କୃଷ୍ଣକମଳ ଭଟ୍ଟାଚାର୍ଯ୍ୟ ଓ ତାରାନାଥ ତର୍କବାଚସ୍ପତି ହରିହରଙ୍କୁ ସଭାରେ ଚହଲାଇ ଦେଇ ଶେଷରେ 'ସାଧୁବାଦ' କରିଥିଲେ । ସେ କାଳର କଲିକତା ଇଂରେଜୀ ସାପ୍ତାହିକ 'ହିନ୍ଦୁ ପେଟ୍ରିଅଟ୍'ରେ ଏ ସଭା ଓ ତହିଁ ସଙ୍ଗେ ହରିହରଙ୍କର ଅଦ୍ୱିତୀୟ କୃତିତ୍ୱର ବିବରଣୀ ବାହାରି ଥିଲା ।

ହରିହରଙ୍କ ପ୍ରତିଭାର ସାର୍ଟିଫିକେଟ :—ଏଠି ଗୋଟିଏ କୌତୁକାବହ ଘଟଣାର କଥା କହେ । ମୁଁ ଏହା ସ୍ୱର୍ଗତ ସିଦ୍ଧେଶ୍ୱର ମିଶ୍ରଙ୍କଠୁ ଶୁଣିଛି । ଏହି ସିଦ୍ଧେଶ୍ୱର ମିଶ୍ରେ ହରିହରଙ୍କ ଗୃହ-ଅନୁଚର ରୂପେ କଲିକତାରେ ତାଙ୍କ ସଂଗେ ଥିଲେ । କୃଷ୍ଣକମଳ ଭଟ୍ଟାଚାର୍ଯ୍ୟ, ବଡ଼ ପ୍ରତିଭାଶାଳୀ ବଙ୍ଗ ପଣ୍ଡିତ ଥିଲେହେଁ, ତାରାନାଥ ତର୍କ-ବାଚସ୍ପତି 'ବାଚସ୍ପତ୍ୟ ଅଭିଧାନ' ପରି ଗ୍ରନ୍ଥର ପ୍ରଣେତା ଥିଲେ ଓ ନାନା ଟୀକା ଓ ମୁଖବନ୍ଧ ସହିତ ସଂସ୍କୃତ ଗ୍ରନ୍ଥମାନ ପ୍ରକାଶ କରି ଖ୍ୟାତି ଅର୍ଜି ଥିଲେ । ହରିହର 'କୁସୁମାଞ୍ଜଳି' ଗ୍ରନ୍ଥ ଉପରେ ବକ୍ତୃତା ଦେବା ପୂର୍ବରୁ ଗ୍ରନ୍ଥଟିର ସଂଦେହ ସ୍ଥଳମାନ ଭଲକରି ବୁଝିବା ପାଇଁ ତାରାନାଥଙ୍କ ପାଖକୁ ଯାଉଥିଲେ । କୃଷ୍ଣକମଳ ଏହାଶୁଣି

Digitized by srujanika@gmail.com

ସ୍ମିତ ହୋଇ ତାରନାଥଙ୍କୁ ଲକ୍ଷ୍ୟକରି କହୁଥିଲେ—'ଶାଲର ବେଟା ଶାଲ ହବେ; ସେ ଆବାର୍ ହରହରକେ କୁସୁମାଞ୍ଜଳି ପଢ଼ାବେ ।' ଅର୍ଥାତ୍, ଶଳାପୁଅ ଶାଲ ହବେ; ସେ ପୁଣି ହରହରଙ୍କୁ କୁସୁମାଞ୍ଜଳି ପଢ଼ାଇବ । କଥା ହେଉଛି, ତାରନାଥ ବଡ଼ ପଣ୍ଡିତବୋଲି ସେକାଳ ରୀତି ଅନୁସାରେ ରାଜା ଜମିଦାରଙ୍କଠୁ ବିଦାୟ ସଂଗେ ଶାଲ ସବୁ ପାଉଥିଲେ । ସେ ଶାଲ ଗୁଡ଼ାକ ବେଶି ହେବାରୁ ସେ ତା ବିକୁଥିଲେ । କୃଷ୍ଣ କମଳ, ସେଇ କଥାକୁ ଦେଖାଇ ଏହା କହିଲେ । ସେ ଯା ହେଉ, କୃଷ୍ଣକମଳଙ୍କ ପରି କଲିକତାର ସେ କାଳ ପ୍ରସିଦ୍ଧ ପ୍ରବୀଣ ପଣ୍ଡିତମାନେ ଯୁବକ ହରିହରଙ୍କ ପ୍ରତିଭାକୁ କି ଦୃଷ୍ଟିରେ ଦେଖୁଥିଲେ, ତା ଏଥିରୁ ସ୍ପଷ୍ଟ ହେଉଛି ।

ଶେଷଯାତ୍ରା

୧୮୭୨ରେ ରାଜପୁତନା ଯିବା ଉଦ୍ଦେଶ୍ୟରେ ହରିହର ପୁଣି କଲିକତା ଯାଇଥିଲେ । ହଠାତ୍ ସେଠାରେ ସେ ପାଗଳ ହୋଇ ମୂକ ହୋଇଗଲେ । ବହୁଚିକିତ୍ସାପରେ ଟିକିଏ ଭଲ ହୋଇ କଟକ ଆସିଲେ । କଟକରୁ ଆତ୍ମୀୟମାନେ ପୁରୀରେ ଥିବା ତାଙ୍କ ଘରକୁ ଆଣିଲେ । ସେଠାରେ ରୋଗ ଆହୁରି ବଢ଼ିଗଲା । ଦିନେ ତାଙ୍କୁ ଘରେ ବନ୍ଦକରି ସନ୍ଧ୍ୟାରେ ଦୁଆର ଶିକୁଳି ଦେଇ ସମସ୍ତେ ଅନ୍ୟଆଡ଼େ କାର୍ଯ୍ୟବ୍ୟସ୍ତ ଥିଲେ । ଘର ଭିତରେ ଦୀପ ଜଳୁଥିଲା ଓ ସେହିଘରେ ବିଲାତ ଯିବାପାଇଁ ତିଆରି ହୋଇଥିବା ପୋଷାକସବୁ ଖୋଲା ଆଲମାରିରେ ଥିଲା । ପାଗଳ ଓ ମୂକ ଅବସ୍ଥାରେ କାହିଁକି କେଜାଣି ହଠାତ୍ ପୋଷାକ ଗୁଡ଼ିକ ପିନ୍ଧି ଘରେ ବୁଲୁ ବୁଲୁ ପୋଷାକରେ ଦୀପ ଲାଗିଗଲା । ପାଟି ଫିଟିଯାଇ ଗୋଟାଏ ଚିତ୍କାର ଶୁଭିଲା । ମାତ୍ର ଆଉ ବଞ୍ଚିବାର ଉପାୟ ନଥିଲା । ପ୍ରାୟ ୮୦ ଘଣ୍ଟା ପରେ ଅର୍ଦ୍ଧଦଗ୍ଧ ହରିହର ଜୀବନର କର୍ମ ଅପୂର୍ଣ୍ଣ ରଖି

Digitized by srujanika@gmail.com

କଅଁଳ କଦଳୀ ପତ୍ରରେ ଶୋଇ ଦେହ ତ୍ୟାଗ କଲେ । ଏଇ ୮୪ ଘଣ୍ଟା ଭିତରେ ତାଙ୍କ ପାଗଳାମି ଛାଡ଼ି ଯାଇଥିଲା ଓ ସେ ଠିକ୍‌ଠିକ୍ କଥାବାର୍ତ୍ତା କରି ପାରୁଥିଲେ । ମରିବାର କେତେ ଘଣ୍ଟା ପୂର୍ବରୁ ମୋ ପିତାଙ୍କର ଜଣେ ପିତୃବ୍ୟଙ୍କ ଆଗେ ବୋଧହୁଏ ଜୀବନର କଳ୍ପନା ଓ କର୍ମ ସ୍ମରଣ କରି ସେ ନିମ୍ନଲିଖିତ ଶ୍ଲୋକଟି ବୋଲି ଥିଲେ । ଏହାହିଁ ତାଙ୍କର ଶେଷ ଉକ୍ତି । ଶ୍ଲୋକଟି ହେଉଛି,

"ନ ଧ୍ୟାତଂ ପଦମୀଶ୍ୱରସ୍ୟ ବିଧିବତ୍ ସଂସାର-ବିଚ୍ଛିତ୍ତୟେ,
ସ୍ୱର୍ଗଦ୍ୱାର-କପାଟ-ପାଟନ-ପଟୁ ର୍ଧର୍ମୋଽପି ନୋପାର୍ଜିତଃ,
ନାରୀପୀନପୟୋଧରୋରୁଯୁଗଳଂ ସ୍ୱପ୍ନେଽପି ନାଲିଙ୍ଗିତଂ,
ମାତୁଃ କେବଳମେବ ଯୌବନ-ବନ-ଚ୍ଛେଦେ କୁଠାରା ବୟଂ ।"

(ଏହାର ଅର୍ଥ—ସଂସାରରୁ ନିସ୍ତାର ପାଇଁ ବିଧି ଅନୁସାରେ ଈଶ୍ୱରଙ୍କ ପଦ ଧ୍ୟାନ କରିଗଲା ନାହିଁ । ସ୍ୱର୍ଗଦ୍ୱାରର କବାଟ ଫିଟାଇବାରେ ସମର୍ଥ ଯେ ଧର୍ମ, ତା ବି ଅର୍ଜନ କରି ହେଲା ନାହିଁ । ନାରୀର ପୀନସ୍ତନ ଓ ଜଘନ ଯୁଗଳ ସ୍ୱପ୍ନରେ ହେଲେ ବି ଆଲିଙ୍ଗନ କରି ହୋଇ ନାହିଁ । କେବଳ ମାଆର ଯେ ଯୌବନରୂପ ବନ ତାକୁହିଁ କାଟି-ବାକୁ ଏକା ମୁଁ କୁରାଢ଼ି ହୋଇ ଜନ୍ମ ପାଇ ଥିଲି ।)

ଯତ୍‌କିଂଚିତ୍ ସ୍ମାରକ ମଧ୍ୟ ହଜିଗଲା

ପୁରୀରେ ହରିହରଙ୍କ ଘର ଥିଲା, କୁଣ୍ଡୁଇବେଣ୍ଟ ସାହିରେ—ସିଂହଦ୍ୱାର ସାହି ଛକ ଉପରେ ଝଭରକ୍ତ ପଶ୍ଚିମ ସାହି ଘରଧାଡ଼ିରେ ଦୁଇ ତିନି ଘର ଛାଡ଼ି । ତାଙ୍କ ପୋଷ୍ୟପୁତ୍ର ବନମାଳୀଦାସ, ସେ ଘର ବିକି ନିଜ ଗ୍ରାମକୁ ଯିବା ପୂର୍ବରୁ ସେଠାରେ ଅନେକ ଦିନ ଥିଲେ । ତାଙ୍କ ବଂଶରେ ଏବେ କେହି ନାହିଁ । ବନମାଳୀ ଏଣ୍ଟ୍ରାନ୍ସ୍ ପାଶ୍ କରି ଥିଲେ; ଅନେକ ମାଇନର ସ୍କୁଲରେ ହେଡ୍‌ମାଷ୍ଟର୍

Digitized by srujanika@gmail.com

ହୋଇଥିଲେ । ତାଙ୍କ ଘରେ ପୁରୁଣା କାଗଜ ପତ୍ର ଦରଖାସ୍ତ, ମୁଁ ହଜହରଙ୍କ କୋଷ୍ଠୀ, ଅନେକ ଚିଠି ପତ୍ର, ଗ୍ରୀକ୍ କବି ସଫୋକ୍ଳିସ୍ଙ୍କ ଗୋଟିଏ ନାଟକର ଓଡ଼ିଆ ଅନୁବାଦ (ଇଂରେଜୀରେ ସେ ନାଟକର ନାମଟି ହେଉଛି, Edipus the King), ତୁଳନାତ୍ମକ ପଦ୍ଧତିରେ ଶିଖିବାର ଗୋଟିଏ ଲମ୍ବା ଚଉଡ଼ା ଫର୍ଦ୍ଦ (ସେଥିରେ ଏକା ଶବ୍ଦକୁ ଇଂରେଜି, ଗ୍ରୀକ୍, ଲାଟିନ୍, ଲୋ-ଜର୍ମାନ୍, ହାଇ-ଜର୍ମାନ୍, ଟିଉଟନିକ୍, ସ୍କାଣ୍ଡିନେଭିକ, ପାରସିକ, ସଂସ୍କୃତ ପ୍ରଭୃତି ଭାଷାମାନଙ୍କରେ କଣ କହନ୍ତି, ସବୁ ଲେଖାଥିଲା । ପ୍ରଥମରୁ ଥିଲା କାଉ 'Cow' ଠାରୁ 'ଗୋ' ପର୍ଯ୍ୟନ୍ତ), ଭାଷା ଓ ଭାଷାବିଜ୍ଞାନ ଶିଖିବାର ଅନ୍ୟାନ୍ୟ କେତେ ଟୀକା ଟିପ୍ପଣି, ସଂସ୍କୃତ-ବିଦ୍ୟାଳୟ ପାଇଁ ଛପା ହୋଇ ଥିବା ଇଂରାଜି, ହିନ୍ଦି, ଓଡ଼ିଆ, ବଙ୍ଗଳା ନିବେଦନ ପତ୍ରମାନ ଓ ତାହା ସଂଗେ ସୁପାରିସମାନ, ତାଙ୍କର ଦେଇଥିବା ଓ ପାଇଥିବା କେତେ ଚିଠି ଓ ଏପରି ଅଜ କେତେ କେତେ କାଗଜ ପତ୍ର ପାଇଥିଲି । 'ଉତ୍କଳ ଦୀପିକା'ରୁ ତାଙ୍କ ରୋଗ ଖବର, ମୃତ୍ୟୁ ଦିବସ ଖବର ସଂଗ୍ରହ କରିଥିଲି । ଗ୍ରୀକ୍ରୁ ଓଡ଼ିଆ ଅନୁବାଦ ମିଳାଇ ଦେଖିବା ପାଇଁ ଗ୍ରୀକ୍ କବି ସଫୋକ୍ଳିସ୍ଙ୍କ ନାଟକ ମାନଙ୍କର ଇଂରେଜୀ ଅନୁବାଦ ଗ୍ରନ୍ଥଟି କଲିକତା ପୁରୁଣା ପୁସ୍ତକ ଦୋକାନରୁ କିଣି ଆଣି ଥିଲି । କଲିକତାର ସେକାଳ ଇଂରେଜୀ ସାପ୍ତାହିକ 'ହିନ୍ଦୁ ପେଟ୍ରିଅଟ୍'ରୁ ତାଙ୍କ ବେଥୁନ୍ କଲେଜ ବହୁତ ବିବରଣ ଓ ଗ୍ରାହକତାପୂର୍ଣ୍ଣ ଆଲୋଚନା ଲେଖି ଆଣି ଥିଲି । ଏସବୁ ମଧ୍ୟରେ ସେ ମୟୂରଭଞ୍ଜରୁ ଲେଖିଥିବା ଗୋଟିଏ ଦୀର୍ଘ ଚିଠି ପଢ଼ିଥିଲି । ସେଥିରୁ ପରିସ୍ଥିତିର ଅଦ୍ୱିତୀୟ କଳନା, ରାଜାମାନଙ୍କ ବ୍ୟବହାର, ଲୋକଙ୍କ ଆର୍ଥିକ ଅବସ୍ଥା ଓ ଭବିଷ୍ୟତ୍ ପ୍ରଭୃତି ସମ୍ବନ୍ଧରେ ତାଙ୍କ ଲେଖାରୁ ଯାହା ଜଣାପଡ଼େ, ତା ଏବେ ବି ବିଦ୍ୱତ୍-

Digitized by srujanika@gmail.com

କର ବୋଲି ବୋଧ ହୁଅନ୍ତା । କିନ୍ତୁ ବଡ଼ ଦୁଃଖର କଥା, ପୁଣ୍ୟ-ଶ୍ଳୋକ ପଣ୍ଡିତ ଗୋପବନ୍ଧୁ ଦାସ, ନିଜେ ହରିହରଙ୍କ ଜୀବନୀ ଲେଖିବେ ବୋଲି ସେ ସବୁ କାଗଜ ପତ୍ର ମୋଠୁ ନେଇ ଥିଲେ । ସେ ସବୁ ସତ୍ୟବାଦୀ ଛାପାଖାନାରେ ଥିଲା । କିନ୍ତୁ ପରେ ଆଉ ସେତେ ମିଳିନାଇ । ସଫୋକ୍ଲିସ୍‌ଙ୍କ ନାଟକର ଇଂରେଜି ଅନୁବାଦ ପୁସ୍ତକଟି ସେହି ହରିହରଙ୍କ ନାମରେ ନାମିତ ସତ୍ୟବାଦୀ ସ୍କୁଲ ଲାଇବ୍ରେରୀରେ ମିଳିବ ।

(୭)

ସଂସ୍କୃତ ଶିକ୍ଷା—ଚିକିତ୍ସା ଓ ବିଜ୍ଞାନ

ହରିହରଙ୍କ ସ୍ମୃତି

ଆପଣମାନଙ୍କ ଏ ମହାଅନୁଷ୍ଠାନର ଆଦି ପ୍ରତିଷ୍ଠାତା ପୁଣ୍ୟଶ୍ଳୋକ ମହାତ୍ମା ହରିହରଙ୍କ ସ୍ମରଣ ଆଜି ପୁଣି ବିଶେଷରେ ବାଂଛନୀୟ । ସେ ଥିଲେ, ବଡ଼ ସଂସ୍କୃତ ପଣ୍ଡିତ । କିନ୍ତୁ କି ପଦ୍ଧତିରେ ସେ ସଂସ୍କୃତଶିକ୍ଷାର ଭବିଷ୍ୟତସଙ୍ଗେ ସମାଜ ବିକାଶର କଳନା କରି କିପରି କି ବିରାଟ ବିଦ୍ୟାମନ୍ଦିରର କଳ୍ପନା କରିଥିଲେ, ତା ମଧ୍ୟ ଆଜି ସ୍ମରଣୀୟ । ପାଣିନିଙ୍କ ବ୍ୟାକରଣ ଜରିଆ ଭାଷା ଓ ସେହି ଭାଷାର ଧାତ୍ୱିକ ଭିତ୍ତି ଉଦ୍‌ଘାଟନ କରି ସବୁଆଡ଼େ, ସେ ଯେପରି ଦେଖିଥିଲେ, ଆଜି ସେହି ଦୃଷ୍ଟିରେ ସଂସ୍କୃତଭାଷା ଓ ସାହିତ୍ୟକୁ ଦେଖିବାକୁ ହେବ । ବ୍ୟବହାରର ବୃଦ୍ଧି ସେଥିରେ ପୁଣି ପ୍ରସାର ମିଶାଇ ଏହାକୁ ଗୋଟିଏ ପ୍ରାଚ୍ୟ ବିଦ୍ୟାର ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ହେବ । ଅଳଂକାର, ଦର୍ଶନାଦିର ଗମ୍ଭୀର ଗବେଷଣା ସଂଗେ ଅପସାହିତ୍ୟ ଇତିହାସ ଏଠାରେ ଆଲୋଚନା କରିବାକୁ ହେବ ।

Digitized by srujanika@gmail.com

ଚିକିତ୍ସା ଶାସ୍ତ୍ର

ମାନବର ବ୍ୟବହାରୋପଯୋଗୀ ବିଦ୍ୟାଭିତରେ ଚିକିତ୍ସା-ଶାସ୍ତ୍ରର ସ୍ଥାନ ବୁଝାଇ କହିବା ଅନାବଶ୍ୟକ । ଏ କ୍ଷେତ୍ରରେ ଏହା ଗୋଟିଏ ଅତି ପ୍ରଧାନ—ଏପରିକି, ସର୍ବ ପ୍ରଧାନ ବିଦ୍ୟା । ଅନ୍ୟାନ୍ୟ ବ୍ୟବହାରୋପଯୋଗୀ ବିଦ୍ୟାପରି ଏହା ଏବେ ଘନାନ୍ଧକାର ଭିତରେ ରହିଅଛି । ଆମ ଚରକ-ସୁଶ୍ରୁତ-ମୂଳକ ଔଷଧ ଓ ଅସ୍ତ୍ର-ଚିକିତ୍ସାର ଭିତ୍ତି ଅନ୍ତପର୍ଯ୍ୟନ୍ତ ପରୀକ୍ଷା, ପର୍ଯ୍ୟବେକ୍ଷଣ, ବିଶ୍ଳେଷଣ, ଉଦ୍ଭାବନାଦିର ଧାରାଧରି କିପରି ଏବେ ଗଢ଼ି କରିବ, ତାହାର ଆଲୋଚନା ପର୍ଯ୍ୟନ୍ତ ବି ନାହିଁ । ତାକ୍ତରୀ ଲୋକଙ୍କର ସୁପ୍ରାପ୍ୟ ନୁହେଁ । କବିରାଜୀ କେବଳ, ଏ ଦେଶର ଯଥାର୍ଥ ଚିକିତ୍ସା । ତାକୁ ଆମେ କାଳୋପଯୋଗୀ କରି ବ୍ୟବହାରରେ ପ୍ରୟୋଗ କରିବା ଦେଖିକି ଥାଉ, ଏକ ପ୍ରକାର ଛାଡ଼ିଦେଉ । ଜୈନ ଓ ବୌଦ୍ଧ ଯୁଗର ଶବ-ବ୍ୟବଚ୍ଛେଦ ଓ ତନ୍ତ୍ରର ଶରୀରତତ୍ତ୍ୱ-ସଂବନ୍ଧୀୟ ବିଦ୍ୟାଶିକ୍ଷା ଘୃଣିତହୋଇ ପରିତ୍ୟକ୍ତ ହୋଇଛି ।

ଚିକିତ୍ସାବିଦ୍ୟାର ମୂଳ ଭାରତରେ—ଜୈନଯୁଗ

ହେଲେହେଁ, ଇଉରୋପୀୟ ତଥା ଅନ୍ୟସବୁ ଚିକିତ୍ସା ବିଦ୍ୟାର ମୂଳ ଭାରତରେ । ଅଥର୍ବ ବେଦରେ 'ଭେଷଜ୍ୟ' ବା ଆରୋଗ୍ୟ କରିବା ବିଦ୍ୟାର ଉଲ୍ଲେଖ ଅଛି । ମୂଳତଃ ଏହା ମନ୍ତ୍ର ଶକ୍ତିର ପ୍ରୟୋଗରେ ଭରା ହେଉଥିଲା ସତ । ସବୁ ଆଦିମ ମାନବସମାଜରେ ଏହାଇ ହୋଇଥାଏ । ପୁଣି ଗାରୋଡ଼ ମନ୍ତ୍ରତନ୍ତ୍ର ପ୍ରଭୃତି ପୃଥିବୀରେ ଅଜଣା ନୁହେଁ । କିନ୍ତୁ ଜୈନମାନଙ୍କ ମଧ୍ୟରେ 'ରସାୟନ'-ବୈଦ୍ୟମାନେ ବହୁ-ପ୍ରାଚୀନ କାଳରେ ଭୈଷଜ୍ୟ-ବିଜ୍ଞାନର ଚର୍ଚ୍ଚା ଆରମ୍ଭ କରିଥିଲେ । ଓଡ଼ିଶାର ଏହି 'ନାଥ-ଯୋଗୀ' ବା 'ନାଥ-ବୈଦ୍ୟ'ମାନେ ସେହି

Digitized by srujanika@gmail.com

ଭୈଷଜ୍ୟ-ସେବୀଙ୍କ ବଂଶଧର । କଥା ଅଛି, ଏଇ ଯୋଗୀମାନେ ରୋଗଗ୍ରାସ, ଏପରି କି ଔଷଧରେ 'ଅମର' ବା ଚିର-ଯୌବନ-ଭୋଗୀ, କରିବାର ଉଦ୍ୟମରେ ଅନୁସନ୍ଧାନ ଚଳାଇ ଥିଲେ । ପାରଦର ନାନା ଶୋଧନ ଓ ବ୍ୟବହାର ଏଇ ଉଦ୍ୟମର 'ଗୋଟିଏ ପ୍ରଧାନ ଅବଲମ୍ବନ ହୋଇ ଉଠିଥିଲା । ବୈଦିକ 'ଅସୁର' ରୁଦ୍ର-ମହାଦେବ ଥିଲେ, ଶ୍ରେଷ୍ଠ ଭେଷଜଜ୍ଞ । ଆମ ଭୈଷଜ୍ୟ ପରଂପରାରେ 'ପାରଦ' ହେଉଛି, ମହାଦେବଙ୍କ 'ବୀର୍ଯ' ବା ଜଗତରେ ଜୀବନୀ ଶକ୍ତିର ବୀଜ । ଜାଣିଥିବେ, କଥା ଅଛି, ଏଇ ପାରଦର ଯଥା-ଶୋଧନ ଓ ଯଥା ବ୍ୟବହାରରେ 'ଯୋଗୀ-ବୈଦ୍ୟ' ଏଇ 'ନାଥ' ବା ଜୈନମାନେ ମନୁଷ୍ୟର ଜୀବନୀ ଶକ୍ତିକୁ ଚିରନ୍ତନ କରି ପାରୁ ଥିଲେ । ଭାରତର ଏଇ ଆଦିମ ଯୁଗରେ ମଧ୍ୟ ବାବିଲନ, ଅସୁର ଦେଶ ଧରି ସେକାଳ ଇଜିପ୍ତ, କ୍ରୀଟ ପ୍ରଭୃତି ସଭ୍ୟ ଦେଶମାନଙ୍କ ସଙ୍ଗେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ଆଦାନ ପ୍ରଦାନ ଚଳୁ ଥିବା କଥା ଅଭ୍ରାନ୍ତରେ କହୁଛି ।

ବୌଦ୍ଧ ଯୁଗ—'ଥେରପୁତ୍ରିକ'

ତାପରେ ବୌଦ୍ଧଯୁଗ ତଥା ଅଲେକ୍ଜାଣ୍ଡରଙ୍କ କାଳଠାରୁ ପାଶ୍ଚାତ୍ୟ ଦେଶମାନଙ୍କ ସଙ୍ଗେ ଭାରତୀୟ ଚିକିତ୍ସାବିଦ୍ୟାର ସମ୍ବନ୍ଧ ଏକ ପ୍ରକାର ଇତିହାସର କଥା । ସେକାଳ ଇଜିପ୍ତର ଅଲେକ୍-ଜାଣ୍ଡ୍ରିଆ ଓ ତା ଆଖପାଖ ଅନ୍ୟାନ୍ୟ 'ଯୋନ' ବା ଯବନ ଭୂମିରେ ବୌଦ୍ଧ ସନ୍ନ୍ୟାସୀମାନେ ଧର୍ମ ପ୍ରଚାର କାର୍ଯରେ ଲାଗିଥିବା କଥା ଏବେ ଆଉ କାହାଣୀ, କିଂବଦନ୍ତୀ ନୁହେଁ । ଏହା ଐତିହାସିକ ସତ୍ୟ । ଏଇ ସନ୍ନ୍ୟାସୀମାନଙ୍କର ଧର୍ମ ପ୍ରଚାର, କିନ୍ତୁ ପାଦ୍ରୀ ଓ ମୁଲ୍ଲାଙ୍କ ଧର୍ମପ୍ରଚାର ପରି ନ ଥିଲା । ଏମାନେ ଜନସେବାରେ ନିଯୁକ୍ତ ଥିଲେ । ରୋଗୀର ଚିକିତ୍ସା ଏଇ ଜନସେବାର ମୁଖ୍ୟ ଅବଲମ୍ବନ

Digitized by srujanika@gmail.com

ଥିଲା । ଏଇ ସନ୍ନ୍ୟାସୀ ବା ଭିକ୍ଷୁମାନଙ୍କୁ 'ଥେର' ବା 'ଥେରପୁତ୍ର' (ସଂସ୍କୃତ, 'ସ୍ଥବିର' ବା 'ସ୍ଥବିରପୁତ୍ର') ବୋଲି କହୁଥିଲେ । ଏମାନଙ୍କ ଆରୋଗ୍ୟକର୍ମ ଓ ଚିକିତ୍ସା ବିଧାନର ନାମ ଥିଲା, 'ଥେର ପୁତ୍ତିକ' ବା 'ଥେର ପୁତ୍ର'ଙ୍କ ଆଚରଣ ବା କାର୍ଯ୍ୟ । ଏହା ସେଇ 'ଯୋନ' ବା ଗ୍ରୀକ୍‌ମାନଙ୍କ ମଧ୍ୟରେ ଏତେ ପ୍ରସିଦ୍ଧ ଥିଲା ଯେ, ସେମାନେ କାଳକ୍ରମେ 'ଥେର ପୁତ୍ତିକ' ଅର୍ଥରେ ବୁଝୁଥିଲେ, ଚିକିତ୍ସା ବିଧାନ ବା ଭୈଷଜ୍ୟ ବିଦ୍ୟା । ସେଇ ଗ୍ରୀକ୍‌ମାନଙ୍କ ବାଟେ ସେ ନାମଟି ଏବେ ବି ଇଉରୋପରେ ଚଳେ । ଏବେ ଇଂରେଜୀରେ ବି ଚିକିତ୍ସା ବିଦ୍ୟାର ନାମଟି ସେଥିପାଇଁ ହେଉଛି, ଥେରପୁତିକ (ଥେରା-ପିଉଟିକ୍‌ସ୍, (Theraputics) ।

ୟୁନାନୀ

କହୁଛି, ପଶ୍ଚିମ ଭାରତଠାରୁ ସିସିଲି, ଇଟାଲି ପର୍ଯ୍ୟନ୍ତ ଏଇ ଗ୍ରୀକ୍ ପ୍ରଭାବିତ ଓ ଗ୍ରୀକ୍‌ଅଧିଷ୍ଠିତ ଜାତିମାନଙ୍କ ନାମ ବି ଥିଲା, 'ଯୋନ' ବା 'ୟୋନ' ('ଯବନ', 'ୟୁନାନୀ') । (୧୦) ଏଇମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଥିବା ସେଇ 'ଥେରପୁତ୍ତିକ' ବିଧାନ ବା ବିଦ୍ୟାର ନାମ ପୁଣି ପରେ ହେଲା, 'ୟୁନାନୀ' । ସେଥିପାଇଁ ପାରସ୍ୟ, ଆରବ ପ୍ରଭୃତି ମୁସଲମାନ ଦେଶର ଭୈଷଜ୍ୟ-ବିଦ୍ୟାର ଏବେ ନାମ ହେଉଛି, 'ୟୁନାନୀ' । ଅବଶ୍ୟ ନାନା ଆଦାନ-ପ୍ରଦାନ, ଆଲୋଚନା, ଉଦ୍ଭାବନର ଇତିହାସ ଦେଇ ଏ ସବୁର ବିକାଶ ଭିନ୍ନ ଭିନ୍ନ ଧାରାରେ ଗତି କରିଛି ।

ଏବେ ଆମର କର୍ତ୍ତବ୍ୟ

ଏ ସବୁର ଆଦିଭୂମି ଭାରତ । ଭାରତ ଏହା ପ୍ରଥମେ ପୃଥିବୀକୁ ଶିଖାଇ ଥିଲା । ପୁଣି ଗାରେଣ୍ଡି ଦ୍ଭୁତ ସ୍ଥିର ଅତି ଅଧମ କାଳରେ ଏ ବିଦ୍ୟା ବୈଜ୍ଞାନିକ ଭାବରେ ଏଇ ଭାରତରେ ସାଧିତ ଓ ପ୍ରତିଷ୍ଠିତ ହୋଇ

Digitized by srujanika@gmail.com

ଥିଲା । ଅବଶ୍ୟ ଏହା ଜାଣିବାରେ ଏବେ ରୋଗଚିକିତ୍ସାର ଉପଯୋଗିତା କିଛି ବଢ଼ିଯିବ ନାହିଁ । ବରଂ ଅନେକଙ୍କର ହୁଏତ ଏଥିରେ ଅନ୍ଧତା ବଢ଼ିଯିବାର ଶଙ୍କା ହୁଏତ ଅଛି । 'ଆମର ଥିଲା' ବୋଲି ପ୍ରାକୃତ ମାନବର ବେଳେ ବେଳେ ଯେଉଁ ଅନ୍ଧତା ଆସେ, ତା ପୁଣି ପ୍ରଗତିର ବିରୋଧୀ । କିନ୍ତୁ ପକ୍ଷାନ୍ତରେ, ଇତିହାସରେ ସମାଜର ଯେଉଁ ପ୍ରତିଷ୍ଠା, ତାର ପ୍ରେରଣା ପରିସ୍ଥିତିର ଚଲନା ସ୍ପଷ୍ଟ କରେ ଓ ତହିଁ ସଙ୍ଗେ ତା ପୁରୋ-ବୃତ୍ତିର କଳ୍ପନା ଓ କ୍ରିୟା ନିର୍ମଳ ହୁଏ । ତେଣୁ ବୁଝିବାର ଅଛି, ଆଜି ଏହି ଚିକିତ୍ସା ବିଦ୍ୟାରେ ଅନ୍ୟକୁ ମନାଇବା ବା ଶିଖାଇବା ଦୂରେ ଥାଉ, ଆମେ ନିଜେ ଆମ ବିଦ୍ୟାକୁ ବିଶ୍ୱାସ କରୁନାହୁଁ । ସେଥିପାଇଁ ଆଧୁନିକ କାର୍ଯ୍ୟକର ସାଧନମାନ ଲଗାଇ ଆମ ଚିକିତ୍ସା ବିଦ୍ୟାକୁ ମୂଳରୁ ଗବେଷଣାରେ ଉଦ୍‌ଘାଟନ କରି ବୈଜ୍ଞାନିକ ଭିତ୍ତିରେ ଅତି ଶୀଘ୍ର ପୃଥିବୀ ଆଗରେ ସମସ୍ତେ ଚିହ୍ନିଲାଭଳି ଠିଆ କରାଇବା ଦରକାର । ତହିଁକି ଭୈଷଜ୍ୟ ଉଦ୍ୟାନ ଓ ବିଜ୍ଞାନ ମନ୍ଦିର ଲୋଡ଼ା । ଗଛପତ୍ର ଓ ଅନ୍ୟାନ୍ୟ ଜିନିଷରୁ ଉପାଦାନ ବାହାର କରି ବିଜ୍ଞାନ ମନ୍ଦିରରେ ପରୀକ୍ଷା, ପର୍ଯ୍ୟବେକ୍ଷଣାଦି ଦ୍ୱାରା ପୁରୁଣା କଢ଼ାଇବା ଓ ନୂଆ କଢ଼ାଇବାରେ ଶୀଘ୍ର ଲାଗି ଯିବାକୁ ହେବ । ଆମର ଶରୀରତତ୍ତ୍ୱ ବିଚାର ଓ ନାଡ଼ୀ-ଜ୍ଞାନ ପ୍ରଭୃତିରେ କଅଣ ଅଛି, ତା ପୁଣି କିପରି ଉପଯୋଗୀ ଓ ସେଇ ପନ୍ଥାରେ ଉନ୍ନତି କୁଆଡ଼େ କେତେଦୂର ଗତି କରିପାରେ, ସେ ସବୁର ସମ୍ୟକ୍ ଅନୁସନ୍ଧାନ ଓ ଆଲୋଚନା ହୋଇ ନାହିଁ । ଡାକ୍ତରୀ ବର୍ତ୍ତମାନ ବହୁ ଉନ୍ନତି କରିଛି । ସେ ସବୁ ଏବେ ଆଲୋଚନା ଓ ଫଳ ସହିତ ଆମ କାମରେ ଲାଗିବ । ସେଥିରୁ ବିଷୟମାନ ନିଶ୍ଚୟ ଗ୍ରହଣ କରିବାକୁ ହେବ । ହେଲେହେଁ ଆମ ପରିସ୍ଥିତି

Digitized by srujanika@gmail.com

କଳନା ଓ ତୁଳନାରେ ଆମ ପ୍ରତି ତାର ଯଥାର୍ଥ ଉପଯୋଗିତା ମଧ୍ୟ ପରୀକ୍ଷା କରି ଦେଖି ନେବାର ଅଛି । ଆମ ଚିକିତ୍ସା ବିଦ୍ୟା ସଂଗେ ଏଇ ପରି ନାନାଭାବରେ ତାକୁ ଲଗାଇ ମିଳାଇ ପରସ୍ପରର ସଂପର୍କ, ସହଯୋଗରେ ବିଦ୍ୟାର ପ୍ରସାର କରିବାକୁ ହେବ । ସେଥିରେ ମଧ୍ୟ ଆମର ବିଶେଷତ୍ୱ ଫୁଟାଇବା ପ୍ରୟୋଜନ । ଅସ୍ତ୍ରଚିକିତ୍ସା ଓ ତଦନୁସଂଟିକ ସାଧନମାନ ମଧ୍ୟ ଦେଶୀୟ ଚିକିତ୍ସାସଂଗେ ଅଙ୍ଗାଙ୍ଗିଭାବରେ ମିଶିଯିବା ଉଚିତ । ବହୁକାଳ ମୌଳିକ ଆଲୋଚନାର ଅଭାବ ହେତୁ ଆମ ଚିକିତ୍ସା ବିଦ୍ୟାରେ ପୁଣି ବହୁ ଅଯଥା ସଂସ୍କାର ତଥା କୁସଂସ୍କାର ମଧ୍ୟ ମିଶି ଯାଇଛି । ସେ ସବୁ ବାଧାକୁ ଅତିକ୍ରମ କରିବା ଭଳି ନିର୍ମଳ ଦୃଷ୍ଟି ମଧ୍ୟ ଆମର ଦରକାର । ଅଉର ବି ଚିକିତ୍ସା ବିଦ୍ୟାଟା ଖାଲି ରୋଗିଚର୍ଯ୍ୟା ମାତ୍ରରେ ସୀମାବଦ୍ଧ ନୁହେଁ । ସତ୍ୟର ଅନୁସନ୍ଧାନ ଓ ନୂତନର ଉଦ୍ଭାବନ ନ ଫୁଟିଲେ, ଆମ ବିଦ୍ୟା ଖାଲି ରୋମନ୍ଥନରେ ପର୍ଯ୍ୟବସିତ ହେବ । ଏଥିପ୍ରତି ମଧ୍ୟ ଯଥେଷ୍ଟ ଅବହିତ ରହିବା ପ୍ରୟୋଜନ ।

ବିଜ୍ଞାନ

ଚିକିତ୍ସାବିଦ୍ୟା ସଂଗେ ବିଜ୍ଞାନର ନିତ୍ୟ ସଂବଂଧ । ହୁଏତ ଜୈନ ଯୋଗୀ-ବୈଦ୍ୟଙ୍କ ପାରଦ ଶୋଧନ ଓ ବ୍ୟବହାର କାଳରୁ ବା ତା ପୂର୍ବରୁ ଏହା ଆରଂଭ ହୋଇଛି । ଶରୀରତତ୍ତ୍ୱଠାରୁ ଦ୍ରବ୍ୟତତ୍ତ୍ୱ ଓ ପ୍ରାକୃତିକ ବସ୍ତୁ ସମୂହର ପରୀକ୍ଷା, ପର୍ଯ୍ୟବେକ୍ଷଣ ସବୁ ଏଥିରେ ଦରକାର ହେବ । ସେ ହିସାବରେ ଖାଲି ଭୈଷଜ୍ୟ-ବିଜ୍ଞାନ ଛଡ଼ା, ବସ୍ତୁ ବିଜ୍ଞାନ ଓ ରସାୟନ ବିଜ୍ଞାନର ଯଥୋପଯୋଗୀ ବ୍ୟବସ୍ଥା ଆପଣମାନଙ୍କ ଶିକ୍ଷାର ଅଙ୍ଗୀଭୂତ ରହିବା ଉଚିତ । ମାତ୍ର ତ୍ରୁଟି ରହିବାର ଅଛି, ଭାରତର ମୌଳିକ ବିଦ୍ୟାବିଭବର ଆଲୋଚନା ଫଳରେ ସେ ସବୁକୁ ଓ ସେସବୁର ପ୍ରାଚୀନ ଓ ଆଧୁନିକ

Digitized by srujanika@gmail.com

ଉପଯୋଗିତାକୁ ପ୍ରତିଷ୍ଠିତ କରି ଜଗତକୁ ଦେଖାଇ ଦେବା ଓ ସେହି ସୂତ୍ରରେ ଭାରତ ପ୍ରତି ବିସ୍ମୃତ ସଂମାନ ଓ ଆଦରର ପୁନରୁଦ୍ଧାର କରିବା ହେଉଛି, ଆପଣମାନଙ୍କର ବଡ଼ କାର୍ଯ୍ୟ । ଏଥିରେ ପୁଣି ବୈଜ୍ଞାନିକ ଯୁକ୍ତି-ଦୃଷ୍ଟି ପକାଇ ବହୁକାଳ ସଂଚିତ ଓ ପ୍ରଚଳିତ ଆଚାର ଓ ସଂସ୍କାରମାନ ପରୀକ୍ଷା କରି ଯଥାସମୀକ୍ଷା ଫଳରେ ସେ ସବୁରୁ କଦାଚାର ଓ କୁସଂସ୍କାରମାନ ଦୂର କରିବା ଆପଣମାନଙ୍କୁ ଲାଗେ । ଭାରତ ସମାଜ ଓ ସାହିତ୍ୟରେ ଆପଣମାନେ ଏହା ଯେପରି କରିପାରିବେ, ତା ଆଉ କେହି ପାରିବେ ନାହିଁ । କାହିଁକି ନା, ବିଦ୍ୟା ଓ ବିଷୟର ବ୍ୟାପ୍ତି ତଥା ପରଂପରାର ଗତି ଜାଣି ତାର ସଂସ୍କାର କରିବାରେ, ସେ ସଂସ୍କାରରେ ନିଜର ସ୍ପଷ୍ଟ ଜ୍ଞାନ ଓ ତଦ୍‌ଜନିତ ଆସ୍ଥା ପ୍ରତ୍ୟୟ ଥିଲେ ଏହା ପରର ପ୍ରତ୍ୟୟ ହୁଏ, ସ୍ଥାୟୀ ଓ ସହଜରେ କାର୍ଯ୍ୟକର ହୁଏ । ହେଲେହେଁ, ଏଥିପାଇଁ ଆପଣମାନଙ୍କର ନିରପେକ୍ଷ ଚିନ୍ତା ଓ ଧାରଣା, ପୁଣି ତହିଁ ସଙ୍ଗେ ନିଃସ୍ୱାର୍ଥ ସତ୍ ସାହସ ଲୋଡ଼ା । ଉଦାହରଣ ସ୍ୱରୂପ, ଏଦେଶରେ ଏବେ ବି ଅନେକ ନିଜକୁ ପଣ୍ଡିତ ବୋଲାଉଥିବା ଲୋକେ 'ତନ୍ତ୍ର'ର ଅଦ୍ଭୁତ ସିଦ୍ଧି ଓ ବାମାଚାର ତଥା ଫଳିତ ଜ୍ୟୋତିଷର ଅମୂଳକ ଗଣନା ଫଳକୁ ବିଦ୍ୟା ବୋଲି ଚର୍ଚ୍ଚା କରନ୍ତି ଓ ସେଥିରେ ଆତ୍ମଶ୍ଲାଘାରେ ଅଭିଭୂତ ହୁଅନ୍ତି; ଏ ସବୁ ଧାରଣା, ଯୁକ୍ତିରେ ବାଧା ପାଇଲେ ପୁଣି ଅସନ୍ତୁଷ୍ଟ ମଧ୍ୟ ହୁଅନ୍ତି । କିନ୍ତୁ ଏସବୁ ବିଦ୍ୟାଜନିତ 'ବିନୟ'ର ଲକ୍ଷଣ ନୁହେଁ । ଏହା ମଧ୍ୟ ବୁଝିରଖିବାର ଅଛି ।

ତନ୍ତ୍ର

ତନ୍ତ୍ରର ଉଚାଟନମାରଣ ବଶୀକରଣାଦି ଷଟ୍‌କର୍ମ ବିଦ୍ୟାର ମୂଳ ସଂକେତ ଅଥର୍ବବେଦରେ ଥିଲେ ମଧ୍ୟ, ତାକୁ ଆଜି ବିଦ୍ୟା ବୋଲି କେହି କହିବେ ନାହିଁ । ପ୍ରାଚୀନ ଯୋଗ-ସାଧନା ସଂଗେ ଏହାର

Digitized by srujanika@gmail.com

ଯେ ସଂପର୍କ ଥିଲା, ତାହାର ଗବେଷଣାମୂଳକ ଆଲୋଚନା ପାଇଁ ପୁଣି ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର ନାହିଁ । ଭୈଷଜ୍ୟବିଜ୍ଞାନ ଓ ରସାୟନ-ବିଦ୍ୟା ସଂଗେ ଆଦିମ କାଳରେ ତନ୍ତ୍ରର ଯେ ସଂପର୍କ ଥିଲା, ତାର ଆଜି କୌଣସି ଅର୍ଥ ବା ମୂଲ୍ୟ ନାହିଁ । ଗ୍ରାମ ଦେବତୀଙ୍କ ଆବିର୍ଭାବ ବା କୌଣସି କୌଣସି ଗାଦି ଗୋସେଇଁ, ଗୁରୁଦେବ, ପୁଣି ଚତୁର 'ସଂନ୍ୟାସି-ନାମୀ'ଙ୍କ ମହାତ୍ମ୍ୟ, ପ୍ରତିଷ୍ଠା ଓ 'ବିଭୂତି' ଭକ୍ତିଧର୍ମର ଭ୍ରାନ୍ତ-ସୃଷ୍ଟି । ଏହାସବୁ 'ଦାର୍ଢ୍ୟତା ଭକ୍ତି' ପରି ଗନ୍ତୁର 'କୃଷ୍ଣ' ଓ ପାଲର 'ସତ୍ୟପୀର' ଙ୍କ ଭକ୍ତି ପ୍ରେରଣାରୁ ପ୍ରସୂତ । 'ଭୈରବୀ' ଦର୍ଶନରୁ ଏମାନଙ୍କ ମଧ୍ୟରୁ କେହି କେହି ବିଭୂତିର ଅଧିକାରୀ ହୋଇଥିବାର କୁହାଯାଏ । ତଥାପି ଏମାନେ ତନ୍ତ୍ର-ସାଧକ ନୁହନ୍ତି; ଏମାନେ ଭକ୍ତ । ଭକ୍ତିଧର୍ମର ଆଲୋଚନା ଓ ବିଗ୍ରହରେ କୂଟତତ୍ତ୍ୱ, ଅପକୃଷ୍ଟତତ୍ତ୍ୱ, ଆଗ୍ରହ ଓ କଦାଗ୍ରହର ସମାଧାନ ଆପଣମାନେ କରିବେ । ଫଳିତ ଜ୍ୟୋତିଷ ଭଳି ଗର୍ବମୂଳ କୁସଂସ୍କାର ଓ କଦାଗ୍ରହ କଥା ସ୍ୱତନ୍ତ୍ର । ଗଣିତ ଜ୍ୟୋତିଷ ସଂଗେ ତାର ସଂପର୍କାଭାସ ଥିବାରୁ, ପୁଣି ବହୁ ପ୍ରାଚୀନ କାଳରୁ ଗଣିତ ଜ୍ୟୋତିଷ ସଂଗେ ତାର ପରଂପରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ତାର ଅକାଟ୍ୟ ପ୍ରଭାବ ଲୋକରେ ସୁବିଦିତ । ତେଣୁ ସେ-ବିଷୟରେ ଟିକିଏ ଏଠି ବିଶେଷ କରି କହିବା ଦରକାର ।

(୭)

ଜ୍ୟୋତିଷ ଓ ଫଳିତ ଜ୍ୟୋତିଷ

ଆକାଶ ଦର୍ଶନର ଇତିହାସ

ଆକାଶ ଦର୍ଶନ ପୃଥିବୀରେ ବହୁ ପ୍ରାଚୀନ । ଗଣିତର ସୂକ୍ଷ୍ମ ନିର୍ଦ୍ଦିଷ୍ଟତା ଲଗାଇ ବୈଜ୍ଞାନିକ ଭାବରେ ଜ୍ୟୋତିଷମାନେ ଦୃକ୍‌ସିଦ୍ଧ

Digitized by srujanika@gmail.com

ପର୍ଯ୍ୟବେକ୍ଷଣ-ତତ୍ତ୍ୱମାନ ଅଙ୍କ୍ଷୋଭ କରିଥିଲେ, ବହୁ ପୂର୍ବେ । ଐତିହାସିକ ମାନେ ଠିକ୍ କରୁଛନ୍ତି, ଏହା ହୋଇଥିଲା ଗ୍‌ଟ୍ନେବେଦ-କାଳର ବହୁତ ବହୁତ ଆଗରୁ । ଅଜକୁ ପ୍ରାୟ ୨୫୦୦ ବର୍ଷତଳେ ଚୀନ ଦେଶର ମହାମନୀଷୀ କନ୍‌ଫୁସିଅସ୍ ଯେଉଁ ଇତିହାସ ଲେଖି ଯାଇଥିଲେ, ତା ମିଳୁଚି । ସେ ଇତିହାସ ପୁଣି ଲିଖିତ ଓ ନିର୍ଦ୍ଦିଷ୍ଟ ସତ୍ୟ ଘଟଣା ଉପରେ ଲେଖା ହୋଇଥିଲା । ସେଥିରୁ ଜଣା-ଯାଏ, ଅଜକୁ ପ୍ରାୟ ୪୩୦୦ ବର୍ଷ ତଳେ ଚୀନ୍ ସମ୍ରାଟ୍‌ମାନେ ଆକାଶ ଦେଖି ସମୟାଦ ନିର୍ଣ୍ଣୟ କରିବା ପାଇଁ ରାଜ-ଜ୍ୟୋତିଷ ନିଯୁକ୍ତ କରିଥିଲେ । ଏଇ ଜ୍ୟୋତିଷଙ୍କ ଅନ୍ୟାନ୍ୟ କର୍ମ ଭିତରେ ବିଧି ଥିଲା, ପୂର୍ବରୁ ଗ୍ରହଣମାନ ଠିକ୍ କରି ତା କାଳ ନିର୍ଦ୍ଦିଷ୍ଟରୁପେ ଜଣାଇ ଦେବା । ତା ପୁଣି ଭୁଲ୍ ହେଲେ, ମୁଣ୍ଡକାଟ । ସେଇ ଇତିହାସ ଲେଖାରୁ ଗଣନା କରି ଦେଖା ଯାଇଚି, ଖ୍ରୀ:ପୂ ୨୧୫୪ ଅକ୍ଟୋବର ୧୨ ତାରଖ ସକାଳ ୭ ଘଣ୍ଟା ୩୪ ମିନିଟ୍‌ରେ ପେକିନରେ ଦେଖାଯାଇଥିବା ଗୋଟିଏ ସୂର୍ଯ୍ୟୋପରାଗକୁ ଏଇ ରାଜ-ଜ୍ୟୋତିଷମାନେ, ମଦ୍ୟପାନ ବ୍ୟସନରେ ଭୋଳ ରହି, ଆଗରୁ ଜଣାଇ ପାରି ନ ଥିଲେ ବୋଲି ଦଣ୍ଡ ପାଇ ଥିଲେ । (୧୮)

ଏହାର ପ୍ରାୟ ୧୦୦୦ ବର୍ଷ ପୂର୍ବରୁ ଏବ ମେସୋପଟାମିଆ ବା ଇରାକର ସୁମେରିଅମାନେ ବୃହତ୍ ସିଦ୍ଧ ଆକାଶତତ୍ତ୍ୱମାନ ଅବିଷ୍କାର କରିଥିଲେ । ପଣ୍ଡିତମାନେ ପ୍ରମାଣ କରନ୍ତି, ଏଇମାନେଇ ପୃଥିବୀର ସବୁଠାରୁ ପ୍ରାଚୀନ ଜ୍ୟୋତିଷ-ବିଦ୍ । ଏଇମାନଙ୍କଠାରୁ ପୃଥିବୀର ସବୁ ଜାତି, ସୂର୍ଯ୍ୟ ଚନ୍ଦ୍ରର ଗତି ଓ ଗତିପଥ, ପୁଣି ସେଇ ଗତିପଥରେ ଦ୍ୱାଦଶ ରାଶି ଓ ନକ୍ଷତ୍ର ସ୍ଥିତି ପ୍ରଭୃତି ଗ୍ରହଣ କରିଚନ୍ତି । ରାଶିଚକ୍ରର ନାମ ଓ ତହିଁ ସଂଗେ ପଞ୍ଚ ତାରାଗ୍ରହ ଓ ସୂର୍ଯ୍ୟଚନ୍ଦ୍ରର ନାମାନୁସାରେ ସପ୍ତବାର ଏଇ ସୁମେରିଅମାନଙ୍କ କୀର୍ତ୍ତି । ପରବର୍ତ୍ତୀ ଯୁଗରେ

Digitized by srujanika@gmail.com

ଗ୍ରୀକ ଓ ଭାରତୀୟ ଆର୍ଯ୍ୟମାନେ ଗଣିତ ଜ୍ୟୋତିଷରେ ବହୁ ଉନ୍ନତି-କରିଥିଲେ । ଆଜକୁ ୨୦୭୭ ବର୍ଷତଳେ ଖ୍ରୀଷ୍ଟ ପୂର୍ବ ୧୩୦ ରେ ଗ୍ରୀକ୍ ଜ୍ୟୋତିଷ ହିପାରକସ୍ କ୍ରାନ୍ତି ଚକ୍ରରେ ବିଷୁବଦ୍‌ର ପୂର୍ବରୁ ପଶ୍ଚିମକୁ ଗତି ବା ଆମ 'ଅୟନ-ଚଳନ' ବାହାର କରିବାକୁ ସମର୍ଥ ହୋଇଥିଲେ । ପୁଣି ହିନ୍ଦୁ ଜ୍ୟୋତିଷ, ମଗଧର ଆର୍ଯ୍ୟ ଭଟ୍ଟ, ଆଜକୁ ପ୍ରାୟ ୧୫୦୦ ବର୍ଷ ତଳେ ସେଇସବୁ ଖୋଲା ଆଖିରେ ମାତ୍ର ଆକାଶ ପର୍ଯ୍ୟବେକ୍ଷଣ କରି ସୂର୍ଯ୍ୟ ଚାରିପାଖେ ପୃଥିବୀ ବୁଲୁଛି ବୋଲି ଠିକ୍ କରିଥିଲେ ।

ଆମ ଜ୍ୟୋତିଷ

ମୂଳତଃ ନିଜେ ଆବିଷ୍କାର କରନ୍ତୁ ବା ଅନ୍ୟଠାରୁ ଗ୍ରହଣ କରନ୍ତୁ, ଅତି ପ୍ରାଚୀନ କାଳରୁ ଭାରତୀୟ ଆର୍ଯ୍ୟମାନେ ଏହି ଜ୍ୟୋତିଷ ଚର୍ଚ୍ଚା ଆରମ୍ଭ କରିଥିଲେ । ଋକ୍ ବେଦରେ ଜ୍ୟୋତିଷିକ ଆକାଶ ଦର୍ଶନର ସୂଚନା ଅଛି । ସେକାଳେ ଆର୍ଯ୍ୟମାନେ ଗ୍ରହଙ୍କୁ ତାରା ବା ନକ୍ଷତ୍ର ବୋଲି ମନେକଲେ ମଧ୍ୟ ଶୁକ୍ର ଓ ବୃହସ୍ପତିଙ୍କୁ ଚଳନ୍ତା ତାରା ବା ଗ୍ରହ ବୋଲି ଲକ୍ଷ୍ୟକରି ଥିଲେ; ଚନ୍ଦ୍ର ପଥରେ ଭିନ୍ନ ଭିନ୍ନ ଉଜ୍ଜ୍ୱଳ ନକ୍ଷତ୍ରମାନ ଚିହ୍ନିତ କରିଥିଲେ । ଚନ୍ଦ୍ର ଗତି ଦେଖି ମାସକୁ ୩୦ ଦିନ ଓ ସୂର୍ଯ୍ୟତେଜରେ ଋତୁର ପୁନରାବର୍ତ୍ତନ ସଙ୍ଗେ ତାକୁ ମିଳାଇ ବର୍ଷକୁ ୧୨ ମାସ ବା ୩୬୦ ଦିନ ବୋଲି ସେମାନେ ଜାଣିଥିଲେ; ସେଥିରେ ମଧ୍ୟ କାଳରେ ଋତୁର ବ୍ୟତ୍ୟୟ ଦେଖି, ତାକୁ ବନ୍ଦ କରିବା ପାଇଁ ୫ ବର୍ଷରେ ମଳ ମାସ ଧରୁଥିଲେ; ସୂର୍ଯ୍ୟ ଓ ଚନ୍ଦ୍ରର ଗ୍ରହଣ ମଧ୍ୟ ଲକ୍ଷ୍ୟ କରିଥିଲେ—ହୁଏତ ପୂର୍ବରୁ ଜାଣି ପାରୁ ଥିଲେ । ତାପରେ ବ୍ରାହ୍ମଣର ଯାଗାଦି କ୍ରିୟାକାଣ୍ଡ ବଢ଼ିଲା ବେଳକୁ ଯଜ୍ଞର ଓ ଯଜ୍ଞର ଅଭିନ୍ନ କ୍ରିୟାର କାଳ ନିର୍ଣ୍ଣୟ ହୁଏ ଆକାଶ ଦର୍ଶନ ଓ ଚନ୍ଦ୍ର

Digitized by srujanika@gmail.com

ସଂଗେ ଜ୍ୟୋତିଷ ଓ ଗଣିତର ଜ୍ଞାନ ବଢ଼ିଯାଇ ଥିଲା । ଯଜ୍ଞନିମନ୍ତେ କୁଣ୍ଡ ମଣ୍ଡପ ଶାଳା ମଣ୍ଡଳ ପ୍ରଭୃତି ତିଆରି କରିବାରେ ପୁଣି ଗଣିତ ସଂଗେ ଯେଉଁ ତତ୍ତ୍ୱର ଜ୍ଞାନ ମଧ୍ୟ କ୍ରମେ ବୃଦ୍ଧି ପାଇଥିଲା । ଏଇ 'ବ୍ରାହ୍ମଣ' କାଳରୁ ମଧ୍ୟ ସେଥିପାଇଁ 'ନକ୍ଷତ୍ରବିଦ୍ୟା' ଅଲଗା ହୋଇ ତାହାର ମୌଳିକ ଚର୍ଚ୍ଚା ନିମନ୍ତେ 'ନକ୍ଷତ୍ରଦର୍ଶ' ବୋଲି ଗୋଟିଏ ଜାତିର ଅଂକୁରାରୋପଣ ହୋଇ ଥିଲା । ହୁଏତ ପରବର୍ତ୍ତୀ କାଳର ଗଣକବଂଶମାନ ଓ ଅଙ୍କର 'ଇଜତିଷ'-ଜାତିର ମୂଳ ଏଇଠାରେ ।

ସିଦ୍ଧାନ୍ତ ଓ ସଂହିତା

ପାଞ୍ଜି ତିଆରି କରିବା ଓ ସେଇ ହିସାବରେ ପର୍ବାଦି ଓ ଅନ୍ୟାନ୍ୟ ବ୍ୟବହାରୋପଯୋଗୀ କାଳ ନିର୍ଣ୍ଣୟ କରିବାରେ ଜ୍ୟୋତିଷ ଆମର ଦରକାର ହୁଏ । ସେଥିରେ ପୁଣି ମୁହୂର୍ତ୍ତ, ତା ପରେ ପୁଣି ଜାତକ ଗଣନାକୁ ଆମେ ଜ୍ୟୋତିଷ ବୋଲି କହୁଁ । ପାପ ଯୋଗ ଜାତକାଦି ଯଥାର୍ଥ ଜ୍ୟୋତିଷ ବିଦ୍ୟା ନୁହେଁ । ଯେସବୁ ମୋଟେ ବିଦ୍ୟା ନୁହେଁ । ତା ପଛରେ ବିଜ୍ଞାନ ବୋଲି କିଛି ନାଇ । କିନ୍ତୁ ପୃଥିବୀରେ ସବୁ ପ୍ରାଚୀନ ତଥା ଆଦିମ ଜାତିଙ୍କ ପରି, ଆମର ଏ ସବୁ ଗୋଟିଏ ବଦ୍ଧମୂଳ ସଂସ୍କାର । ହେଲେହେଁ, ଅତି ପ୍ରାଚୀନ କାଳରୁ ଏଦେଶରେ ପଣ୍ଡିତମାନେ 'ଗ୍ରହଗତି-ଗଣନା' ଓ 'ଗ୍ରହଫଳ-ଗଣନା'— ଏ ଦୁଇଟି ଭିତରେ ପ୍ରଭେଦ ବୁଝି ନ ଥିଲେ, ନୁହେଁ । ଗ୍ରହଗତି-ଗଣନାତ୍ମକ ଜ୍ୟୋତିଷର ନାମ ହେଉଛି, ଗଣିତ-ଜ୍ୟୋତିଷ ବା ସିଦ୍ଧାନ୍ତ ଜ୍ୟୋତିଷ । ଏହାକୁ ତଂତ୍ର ବା ତନ୍ତ୍ରଜ୍ୟୋତିଷ ବୋଲି କହନ୍ତି । ଗ୍ରହଫଳ ଗଣନାତ୍ମକ ଜ୍ୟୋତିଷର ନାମ ହେଉଛି, ଫଳିତ-ଜ୍ୟୋତିଷ । ଏହାର ବିସ୍ତୃତ ଓ ବିବରଣାଦି ଯହିଁରେ ଥାଏ, ତା ହେଉଛି, ଜ୍ୟୋତିଷ-ସଂହିତା । ଏଇ ଫଳିତ ଜ୍ୟୋତିଷର ଅନ୍ତର୍ଗତ ଜାତକ ଗଣନାକୁ ସଂହିତାରୁ

Digitized by srujanika@gmail.com

ଅଲଗା କରି, କେବେ କେବେ 'ହୋରା' ବା ହୋରାଶାସ୍ତ୍ର ବୋଲି ବି କହୁଥାନ୍ତି । ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ଯଥାର୍ଥ କହିଛନ୍ତି, "ପାଶ୍ଚାତ୍ୟ ଦେଶରେ ଗ୍ରହଗତି-ଗଣନା ଓ ଗ୍ରହଫଳ-ଗଣନା ଅଲଗା ହୋଇ, ପ୍ରାଚୀନ ଜ୍ୟୋତିଷର ଗ୍ରହଫଳ-ଗଣନା ବିଜ୍ଞାନ-ବିତ୍‌ଙ୍କ ପାଖରୁ ଏବେ ନିର୍ବାସିତ ହୋଇଛି ।" (୧୫) ଦୁଃଖର କଥା, ଆମ ଦେଶରେ ତା ହୋଇ ନାହିଁ । ଏବେ ଆମ ସମାଜ ରକ୍ଷଣଶୀଳ । ସେଥିରେ ପୁଣି ନାନା କାରଣରୁ ଅନ୍ଧ ରକ୍ଷଣଶୀଳତାର ଅଂଶ ଆମର ଟିକେ ବଢ଼ିଯାଇ ଥିଲା । ନିଜର ଅଭାବ ଓ ଅପକୃଷ୍ଟତାକୁ ଉନ୍ନତ ଓ ଉତ୍କର୍ଷ ବୋଲି ବଡ଼ାଇ କରିବା ମୋହ ଆମକୁ ଟିକେ ଗ୍ରାସ କରିଥିଲା । ପୂର୍ବରୁ ପ୍ରତିଷ୍ଠାବନ୍ତ ଥାଇ ପରାଧୀନ ହୋଇ ପର ଗ୍ରାସରେ ପଡ଼ିଲେ, ଏପରି ମନୋବୃତ୍ତି ଜାଗେ । ତା ଉପରେ ପୁଣି ଫଳାଫଳ ଜାଣିବା, ଭବିଷ୍ୟତ୍ ଜାଣିବା, ଅଜ୍ଞେୟକୁ ଓ ଅଜ୍ଞାତ ଜାଣିବା, ଦେବତା ଓ ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ମନକଥା ଜାଣିବା, ପୁଣି ସେ ସବୁ ଜାଣି ସେଥିପାଇଁ ବ୍ୟବସ୍ଥା କରିବା ଭଳି ସଂସ୍କାର, ଅପ-ସଂସ୍କାର ଓ କୁସଂସ୍କାରମାନ, ନିପୁଣ ଓ ନିଷ୍ଠ ବୈଜ୍ଞାନିକ ତଥା ଦାର୍ଶନିକଙ୍କ ଛଡ଼ା ଅନ୍ୟକୁ ଛାଡ଼ିବା ସହଜ ନୁହେଁ; ହୁଏତ ସମ୍ଭବ ବି ନୁହେଁ ।

ଏବ ଜ୍ୟୋତିଷ ବିଦ୍ୟା

ଫଳିତ ଜ୍ୟୋତିଷ କଥା ପରେ କହୁଛି । ଯଥାର୍ଥ ଜ୍ୟୋତିଷ ବିଦ୍ୟା ବା ଗଣିତ ଜ୍ୟୋତିଷ କଥା କହୁଥିଲି । ଏହି ଜ୍ୟୋତିଷ ବିଦ୍ୟାର ବିଶେଷ ଅନୁସନ୍ଧାନ ପର୍ଯ୍ୟବେକ୍ଷଣାଦି ଚର୍ଚ୍ଚା ପାଇଁ ଏଠି ବ୍ୟବସ୍ଥା ଖାଲି ଯେ ଦରକାର ନାହିଁ, ସେତିକି ନୁହେଁ । ସେ ସବୁ ବ୍ୟବସ୍ଥା ମଧ୍ୟ ଏଠି କରି ହେବ ନାହିଁ । ଅଧ୍ୟୟନ ଓ ବ୍ୟବହାର ପାଇଁ ଜ୍ୟୋତିଷର ଅଙ୍କପ୍ରକ୍ରିୟା ଓ ସିଦ୍ଧାନ୍ତମାନ ଅପଣ୍ଟ

Digitized by srujanika@gmail.com

ମାନଙ୍କୁ ଗ୍ରହଣ କରିବାକୁ ହେବ । ଯେଉଁଠାରେ ସେଥିପାଇଁ ମାନମନ୍ଦିର ଓ ବିଜ୍ଞାନ-ମନ୍ଦିରାଦିର ବ୍ୟବସ୍ଥା ଥିବ ଓ ଦୃକ୍‌ସିଦ୍ଧ ପର୍ଯ୍ୟବେକ୍ଷଣ ସହିତ ସେ ବିଦ୍ୟାର ସାଧନା ହେଉଥିବ ସେଇଠାରୁ ସମସ୍ତେ ତା ଗ୍ରହଣ କରିବେ । କାହିଁକି ନା, ଦୃକ୍‌ସିଦ୍ଧ ଉପାଦାନରୁ ଗଣନା ଓ ପରୀକ୍ଷା ବିନା ଜ୍ୟୋତିଷ ଶାସ୍ତ୍ରର କିଛି ଅର୍ଥ ବା ମୂଲ୍ୟ ନାହିଁ । ସେ ଦୃକ୍‌ସିଦ୍ଧ ଗଣନା ଓ ପରୀକ୍ଷାର ପରିସର ଓ ଗଭୀରତା ପୁଣି ଅଳ୍ପ ଅମ କଳ୍ପନାକୁ ନ ଆସିଲା ଭଳି ବିସ୍ତୃତ ବିଶାଳ ଓ ସୂକ୍ଷ୍ମାତିସୂକ୍ଷ୍ମ । ଏଠି ଅନେକେ ଜାଣିଥିବେ ଦୃକ୍‌ସିଦ୍ଧ ଗଣନା, ଆକାଶରେ ସ୍ଥିର ଥିଲା ପରି ଦିଶୁ ଥିବା ତାରାମାନଙ୍କ ଭିତରେ ଗତି କରୁ ଥିବା ସୂର୍ଯ୍ୟ ଚନ୍ଦ୍ର ଗ୍ରହାଦିର ଗତି ନିରୀକ୍ଷଣ ଓ କଳନା କରିବାକୁ ଓଟି ଅନେକର ଗତିବେଗ ନିରୂପଣ କରିବା ଓ ଗ୍ରହ ତଥା ତାରାମାନଙ୍କରୁ ଆସୁଥିବା ଆଲୋକ ରଶ୍ମିକୁ ବିଶ୍ଳେଷଣ କରି ସେଇ ସେଇ ଗ୍ରହତାରାମାନଙ୍କରେ ଥିବା ମୂଳ ପଦାର୍ଥ ଠିକ୍ କରିବା ଯାଏ ଉଠି ଥିଲା । ତା ପୂର୍ବରୁ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଜ୍ୟୋତିଷମାନେ ଚନ୍ଦ୍ର ସୂର୍ଯ୍ୟ ଓ ଗ୍ରହମାନଙ୍କ ଆକାର ଓ ପୃଷ୍ଠ ପର୍ଯ୍ୟବେକ୍ଷଣ କରି ନାନା ତଥ୍ୟର କଳନା କରୁଥିଲେ । ମାତ୍ର ସେସବୁ ଏବେ ପୁରୁଣା —ଅତି ପୁରୁଣା—ହୋଇ ଗଲାଣି ।

ଶୂନ୍ୟଦେଶ ଓ ଜଗତ୍

ଅଜି ଦୃକ୍‌ସିଦ୍ଧ ଗଣନାରେ ଜଣା ଯାଇଛି, ଏ ବିଶ୍ୱ-ଜଗତରେ ଖର୍ବ ଖର୍ବ ସଂଖ୍ୟାରେ ସୂର୍ଯ୍ୟ ମହା ସୂର୍ଯ୍ୟମାନେ ଗ୍ରହୋପଗ୍ରହ ଧୂମକେତୁ ପୂର୍ଣ୍ଣ ଆମ ସୌର ଜଗତ୍ ପରି ବା ତା ଠାରୁ ବଡ଼ ବଡ଼ ଜଗତ୍‌ମାନ ଧରି ଅନନ୍ତ ବ୍ୟୋମର ଶୂନ୍ୟଦେଶ ମାନଙ୍କରେ ବାଣ୍ଟି ହୋଇ ରହିଛନ୍ତି । ଏ ସମସ୍ତେ ଗତିଶୀଳ । କିଏ ଜଡ଼, ଘନ; କିଏ ଦୀପ୍ତ, ତରଳ; କିଏ ବା ବାଷ୍ପବାୟୁ, ବହ୍ନିମୟ । ଅମେ

Digitized by srujanika@gmail.com

ଯେଉଁ ଜଗତ୍ ଖଣ୍ଡକରେ ଅଛୁ, ତା ହେଉଛି, ଆମ 'ଛାୟାପଥ' । ଏଇ ଛାୟାପଥଟି ହେଉଛି, ଆମ ଜଗତ୍ ଖଣ୍ଡକରେ ଥିବା କୋଟି କୋଟି ତାରାର ସମଷ୍ଟି । ଏଇଥିରୁ ଗୋଟିଏ ତାରା ହେଉଛି, ଆମ ସୂର୍ଯ୍ୟ । ଏଇପରି କେତେ ସୂର୍ଯ୍ୟ, ମହାସୂର୍ଯ୍ୟ, ଦୂରରେ ଥିବାରୁ ଏକାଠି ହୋଇପରି ମେଘଖଣ୍ଡ-ପରି ଦିଶୁଛି । ଏ ଦୂରତା, ଏକ ଛୁକାଧ କଳନାର ଅତୀତ କହିଲେ, ହୁଏ । ଆଲୋକ ଏକ ସେକଣ୍ଡରେ ଗତିକରେ ୧୮୬୦୦୦ ମାଇଲ । ଚନ୍ଦ୍ରାଲୋକ ପୃଥିବୀକୁ ଆସିବାକୁ ପ୍ରାୟ ଦେଢ ସେକଣ୍ଡ ଲାଗେ । ଅର୍ଥାତ୍, ଚନ୍ଦ୍ରଟି ଧ୍ୱଂସ ହୋଇଗଲେ, ବା ତା ଆଲୋକ ଲୁପ୍ତ ହେଲେ, ଦେଢ ସେକେଣ୍ଡ ପରେ ଆମକୁ ଜଣା ପଡ଼ି ଯିବ । ସେଇପରି ସୂର୍ଯ୍ୟରୁ ପୃଥିବୀକୁ ଆଲୋକ ଆସିବାକୁ ଲାଗେ, ୮ ମିନିଟ୍—୧୬ ସେକଣ୍ଡ୍ । ଛାୟାପଥଟିର ଯେଉଁ ଅଂଶରେ ଆମେ ଅଛୁ, ସେଇ ଅଂଶର ତାରାଗୁଡ଼ିକ ଆମ ପାଖରେ ଥିବାରୁ ଆକାଶରେ ବିଚ୍ଛିନ୍ନ ହୋଇ ରହିଥିବା ପରି ଆମକୁ ଦିଶେ । ଏଥିରେ ଯେଉଁ ନିକଟତମ ତାରାଟି ଅଛି, ସେଠାରୁ ଏଠାକୁ ଆଲୋକ ଆସିବାକୁ ଲାଗେ ସାଢେ ଚାରିବର୍ଷ । ଆକାଶର ଏଇ ଦୂରତା ମାପିବାରେ ସେଇ ୧୮୬୦୦୦ ମାଇଲଟି ହେଉଛି, ମାପ-କାଠି । ଏହାକୁ 'ଏକ ସେକେଣ୍ଡ' ଦୂରତା ବୋଲି କହନ୍ତି । ଆମ ଛାୟାପଥ-ଜଗତ୍ ପରି କୋଟି କୋଟି ଜଗତ୍ ଏ ଶୂନ୍ୟ-ବ୍ୟୋମରେ ନିଜ ନିଜ ଜଗତ୍ ଟେକି ରହିଛନ୍ତି । ଏବେ ଦୂରବୀକ୍ଷଣ ଗଣନାରେ ଏଇପରି ଶହେ କୋଟି ବା ଏକ ଖର୍ବ ଛାୟାପଥ- ଜଗତ୍ ଦେଖା ଯାଉଛି । ଅଧିକ ଶକ୍ତିଶାଳୀ ଦୂରବୀକ୍ଷଣ ମିଳିଲେ, ଆଉରି ପୁଣି ଏଇପରି ଖର୍ବ ଖର୍ବ ଛାୟାପଥ-ଜଗତ୍ ଦେଖା ଯାଇ ପାରେ । ତା ପରେ ସୃଷ୍ଟିର ଉପାଦାନ-କାରଣ-ରୂପ ମୂଳ ବସ୍ତୁ ତିଆରି ହେବାର ସ୍ଥାନ ବା ଦେଶ ହେଉଛି, ଏହାଠାରୁ ଖର୍ବ ଖର୍ବ ଗୁଣରେ

Digitized by srujanika@gmail.com

ବିସ୍ତୀର୍ଣ୍ଣ । ଏ ସବୁ ପୁଣି ଆମ ଜ୍ୟୋତିଷ ବିଦ୍ୟା ବା ଜ୍ୟୋତିଷ ଜ୍ଞାନର ସୀମା ଭିତରେ । ବିଜ୍ଞାନର ଗଣନାରେ ଏ ସମସ୍ତ ବିଶ୍ୱଦେଶ ହେଉଛି, ସୀମାବଦ୍ଧ । ଭକ୍ତର ଭାଷାରେ କୁହାଯାଇଛି,

"ବ୍ରହ୍ମାଣ୍ଡ ମାଳ ମାଳ ହୋଇ
ତୋ ରୋମ କୂପେ ବସିଛଇ ।"

ମାତ୍ର ଜ୍ୟୋତିଷ ଗଣିତର ଗଣନା, ଭକ୍ତର ଭାବ ରାଜ୍ୟର ବାଣୀ ନୁହେଁ । ଏହା ବିଜ୍ଞାନର ପ୍ରମାଣିତ ସତ୍ୟ । ଦୁଇରେ ଦୁଇ ମିଶିଲେ ଯେପରି ଚାରି ହୁଏ, ଏହା ସେହିପରି ସତ୍ୟ ।

ମୂଳବସ୍ତୁ—ଶକ୍ତି

ତା ପରେ, ଏହି ଜ୍ୟୋତିଷ ସମ୍ବନ୍ଧୀୟ ବିଜ୍ଞାନର ଆଉ ଗୋଟିଏ କଳନା ହେଉଛି, ବିଶ୍ୱ ବସ୍ତୁ ବା ଜଗତ୍‌ର ଉପାଦାନ-କାରଣ । ବିଜ୍ଞାନ ବୁଝିଥିଲା, ଜଗତ୍‌ର ଉପାଦାନ କାରଣ ବା ମୂଳବସ୍ତୁ ହେଉଛି, 'ପରମାଣୁ' । ମାତ୍ର ଜ୍ୟୋତିଷ-ବିଜ୍ଞାନର କଳନାରେ ଏବେ ଜଣା ପଡ଼ିଛି, ଜଗତ୍‌ର ଉପାଦାନ-ମୂଳବସ୍ତୁ ବୋଲି କିଛି ନାହିଁ । ସବୁମୂଳରେ ଗୋଟିଏ ଶକ୍ତି । ଏହି ଶକ୍ତିହିଁ ଅନନ୍ତ କାଳ ଧରି ଅନନ୍ତ ବ୍ୟୋମରେ ଅନନ୍ତ ପରମାଣୁ ସୃଷ୍ଟି କରିବାରେ ଲାଗିଛି । ପୁଣି ପୂର୍ବପରି ତାହାରେ ପରମାଣୁ, ଅବିରତ ଭାଙ୍ଗୁଛି ଓ ସେଥିରୁ ଶକ୍ତି ଓ ତରଙ୍ଗ ସଙ୍ଗେ ରଶ୍ମି ପୁଣି ତାପ ବରାବର ବିକୀର୍ଣ୍ଣ ହେଉଛି । ପ୍ରକୃତିରେ ଏହି ପ୍ରକ୍ରିୟାକୁ ଅଳ୍ପ ମନୁଷ୍ୟ ପୁଣି ଅନୁକରଣ କରି ବ୍ୟବହାରରେ ଲଗାଇ ସାରିଲାଣି । ତାହିଁ ହେଉଛି, 'ପରମାଣୁ ବୋମା' । ପରମାଣୁର ସେହି ଶକ୍ତିମୟ ବେଗ, ରଶ୍ମି ଓ ତାପ ପୁଣି ଦିନେ ହୁଏତ ମାନବର ଇଂଜିନ ଚଳାଇବ ଓ ମାନବକୁ ବ୍ୟୋମଯାନରେ ନେଇ ଗ୍ରହ, ନକ୍ଷତ୍ର, ହୁଏତ, ତାହାରେ ମଧ୍ୟ ପହଞ୍ଚାଇବ ବୋଲି କଳ୍ପନା କରା ଯାଉଛି ।

Digitized by srujanika@gmail.com

ଏଇ ଶକ୍ତିର ବିଜ୍ଞାନମୟ ବିଶ୍ୱରୂପ

ଏ ଶକ୍ତି ଏକପ୍ରକାର ଅବର୍ଣ୍ଣନୀୟ । 'ଏହାହିଁ ପରି' ବା 'ଏଇପରି' ବୋଲି ଏହାର କଳନା କରି ହେବ ନାହିଁ । ଏଇ ଏକ ଶକ୍ତିର ନାମିକ ପରିମାଣରେ ଏ ବିଶ୍ୱ ବିକାଶ । 'କପିଳ'ଙ୍କ ସାଂଖ୍ୟ ଦର୍ଶନରେ ଧରନେ ଏଇପରି କଥା କହିଥିଲେ । ବିଶ୍ୱବସ୍ତୁରୁ ଚେତନାକୁ ଚିନ୍ତାରେ ଅଲଗା କରି, ଅନ୍ୟ ସମସ୍ତ ବିଶ୍ୱବସ୍ତୁର ମୂଳକୁ ସେ ଅନନ୍ତ ପରିଣାମଶୀଳ 'ପ୍ରକୃତି' ବା 'ମହତ୍ତତ୍ତ୍ୱ' ବୋଲି କହିଥିଲେ । ଏଇପରି ଆଧ୍ୟାତ୍ମିକ ସାଧନ ଓ କଳନାରେ ବିଶ୍ୱକୁ ଦେଖିଥିବା ଦାର୍ଶନିକର ଅବାସ୍ତବ ଓ ଅନୁମାନ-ଗମ୍ୟ ଅନନ୍ତ ପରିବର୍ତ୍ତନକୁ ଜ୍ୟୋତିଷ ବିଦ୍ୟା ଆଜି ବିଜ୍ଞାନର ନିରୀକ୍ଷ-ପରୀକ୍ଷା-ଲବ୍ଧ ତଥା ଗଣିତର ନିର୍ଦ୍ଦିଷ୍ଟ କଳନା-ନିବଦ୍ଧ ବାସ୍ତବ ସତ୍ୟରେ ପରିଣତ କରିଛି । ଦର୍ଶନର ଆତ୍ମାନାତ୍ମଭେଦ ବିଚାରରେ ଯେଉଁ 'ମହତ୍ତତ୍ତ୍ୱ' ବା 'ପ୍ରକୃତି' ମୁକ୍ତ ନିଷ୍କ୍ରିୟ 'ପୁରୁଷ' ଆଗେ ରୂପରେ ବିଶ୍ୱ ତନ୍ତୁରୂପ ଖେଳ ଦେଖାଉଥିଲା, ସେଇ ବିଶ୍ୱମୂଳ ଶକ୍ତିରୂପିଣୀ ପ୍ରକୃତି ଆଜି ଖାଲି ଦର୍ଶନର କଳ୍ପନା ନୁହେଁ, ଜ୍ୟୋତିଷ ଓ ବିଜ୍ଞାନର ନିର୍ଦ୍ଦିଷ୍ଟତାରେ ତା ଆଜି ପ୍ରତ୍ୟକ୍ଷର ନିରୀହ କଳନା । ଏଇ କଳନାରେ ବିଜ୍ଞାନ ଗଣିତ ଓ ଜ୍ୟୋତିଷ ଏକାକାର । ଚୂନ ହଳଦୀ ମିଶାଇ ରଙ୍ଗ ପରୀକ୍ଷା କରିବାରେ ଯେଉଁ ବିଜ୍ଞାନର ମୂଳ ଥିଲା, ଦୁଇରେ ଏକ ମିଶାଇ ତିନି ଦେଖି ବିସ୍ମିତ ହେବାରେ ଯେଉଁ ଗଣିତ ଅଙ୍କୁରିଥିଲା, ତାରକୁ ଗ୍ରହକୁ ଅଲଗା କରି ଦେଖି ଯେଉଁ ଜ୍ୟୋତିଷ, ପର୍ଯ୍ୟବେକ୍ଷଣ ଓ ସିଦ୍ଧାନ୍ତରେ ଗର୍ବ କରୁଥିଲା, ସେ ସମସ୍ତ ବିଦ୍ୟା ବିସ୍ତାରରେ ଆଜି କାହିଁ—କାହିଁ ଦୂରେ ! ସେଇ ବିସ୍ତୀର୍ଣ୍ଣ ବିଦ୍ୟା ଫଳରେ ଅନନ୍ତ ଆଜି ଅକଳନ ନୁହେଁ—ଶୂନ୍ୟ ଆଜି ବାସ୍ତବ ।

Digitized by srujanika@gmail.com

ଫଳିତ ଜ୍ୟୋତିଷର ପ୍ରକୃତି

ଏ ତଥ୍ୟ ବାହାରିବା ପରେ ସ୍ୱର୍ଗରେ 'ପୁଷ୍ପକରଥ'ରୁ ବ୍ୟୋମ-ଯାନ ଭାବିଲା ପରି କୌଣସି ସଂସ୍କାର-ଗ୍ରସ୍ତ ଓ 'ଅମରଥିଲା'- ସର୍ବସ୍ୱ ବ୍ୟକ୍ତି ହୁଏତ କହିପାରନ୍ତି, ସାଂଖ୍ୟଦର୍ଶନର ଶକ୍ତିମୟୀ 'ପ୍ରକୃତି' ଯଦି ଆଜି ବିଜ୍ଞାନର ବାସ୍ତବ ସତ୍ୟ ହେଲା, ତେବେ 'ଗ୍ରହଫଳଗଣ-ନା'ର ଭୂତ ଭବ୍ୟ ଯେ ଦିନେ ସେହିପରି ପ୍ରମାଣିତ ନ ହେବ ତା କିଏ କହିବ ? କିନ୍ତୁ ଏହା ଯୁକ୍ତି ନୁହେଁ, ହେତ୍ୱାଭାସ । ଗ୍ରହଫଳ-ଗଣନା, ଦର୍ଶନ ବି ନୁହେଁ । ଏହା ମୂଳରେ କୌଣସି ଯୁକ୍ତିର ସତ୍ତା ପର୍ଯ୍ୟନ୍ତ ନାହିଁ; କିମ୍ବା ଏହା କୌଣସି ପ୍ରକାର ଅନୁସନ୍ଧାନର ଫଳ ବି ନୁହେଁ । ପୁଣି ସାଂଖ୍ୟର ଦାର୍ଶନିକ ଯୁକ୍ତି-ସିଦ୍ଧ 'ପ୍ରକୃତି'ମଧ୍ୟ ଆଜିର ବିଜ୍ଞାନ ଲବ୍ଧ ବିଦ୍ୟୁତ୍-ଶକ୍ତି ନୁହେଁ । 'ଅଜୀବ' ବା ଜଡ଼-ଜଗତ୍‌କୁ ଏକମୂଳ ବସ୍ତୁର ନାନା ପରିଣାମ ବୋଲି ସିଦ୍ଧାନ୍ତ କରିବାରେ ଏକ ସ୍ପଷ୍ଟ 'ଦର୍ଶନ' ଅଛି । ଗ୍ରହ ତାରା ଏ ଫଳ ଦେବା କଥାର ମୂଳ ଓ ବିକାଶରେ ସେପରି କିଛି ନାହିଁ । ଅତଏବ ମଧ୍ୟ ବ୍ୟୋମଯାନ ନ ଥିଲା କାଳରେ କବି, 'ପୁଷ୍ପକରଥ' କଳ୍ପନା କରିପାରନ୍ତି । ମାତ୍ର କୌଣସି ନକ୍ଷତ୍ର ବା ଗ୍ରହର ସ୍ଥିତି ଗତି ସଙ୍ଗେ ମାନବ ଭାଗ୍ୟର କୌଣସି ଯୋଗାଯୋଗ ବା ସମ୍ପର୍କ ନାହିଁ ।

ତା ମୂଳ ଓ ଗତି

ମାନବ ସଭ୍ୟତାର ବହୁ ଆଦିମ କାଳରେ ଲୋକେ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ପ୍ରଭୃତି ଦେଖି ବହୁ କଳ୍ପନା କରିଥିଲେ । ସେମାନେ ବିଶ୍ୱାସ କରୁଥିଲେ, ସମାଜର ଶ୍ରେଷ୍ଠଲୋକେ ଓ ପିତୃ ପୁରୁଷମାନେ ମଲେ, ତାରାରୂପ ଧରି ଆକାଶରେ ରହନ୍ତି । ପୁଣି ତାରାମାନେ, ଦେବତା । ସେମାନେ ବିଶ୍ୱବାସୀଙ୍କ ଭଲ, ମନ୍ଦ,

Digitized by srujanika@gmail.com

ସବୁ ଦେଖନ୍ତି ଓ ସେଥିପାଇଁ ବ୍ୟବସ୍ଥା କରନ୍ତି । ସେମାନଙ୍କ ଭିତରେ ଅନେକ ଥର ମିତ୍ରତା ହୁଏ, ଯୁଦ୍ଧ ଲାଗେ, ପୁଣି ଏଇ ପୃଥିବୀରେ ହେଲପରି ସଂପଦ, ବିପଦ୍ ବି ଲାଗି ରହିଥାଏ । ସେମାନଙ୍କ ସଂପଦ୍, ବିପଦ୍‌ରେ ପୃଥିବୀର ଲୋକସମାଜ ବି ଭାଗୀ ହୁଏ । ଏବେ ମଧ୍ୟ ଅନେ ଫଳିତ ଜ୍ୟୋତିଷରେ ପଞ୍ଚ-ଗ୍ରହକୂଟ, ଷଡ଼ଗ୍ରହା, ରୋହିଣୀ-ଶକଟ-ଭେଦ ପ୍ରଭୃତି ଉତ୍ପାତ ଲକ୍ଷଣ ରହିଛି । ସୂର୍ଯ୍ୟ ଚନ୍ଦ୍ରର ଗ୍ରହଣରେ ଏବେ ବି ଚଣ୍ଡାଳଙ୍କୁ ଦାନ ଓ ସ୍ନାନାଦି କରି ପୁଣି ଉପବାସ ରହି ସୂର୍ଯ୍ୟ ତଥା ନିଜର ମଙ୍ଗଳ କାମନା କରି ପାପ ଛଡ଼ାଇବାକୁ ହେଉଛି । ଅକସ୍ମାତ୍ ଧୂମ-କେତୁର ଅକଳ୍ପିତପୂର୍ବ ଉଦୟ ଦେଖିଲେ, ଲୋକେ ସେଥିପାଇଁ ବିଭ୍ରାଟ କଳ୍ପନା କରନ୍ତି । ଅଷ୍ଟ୍ରେଲିଆ ପ୍ରଭୃତିରେ ବଣୁଆ ଆଦିମମାନଙ୍କ ଭିତରେ ଏ ସବୁ ଏବେ ବି ଖୁବ ଦେଖାଯାଏ । ଆଦିମମାନଙ୍କର ସ୍ୱଚ୍ଛନ୍ଦ ସରଳ ଜୀବନ ଗତିରେ, ଯାହା ସ୍ୱାଭାବିକ ଓ ନିତ୍ୟ ଘଟେ, ତା ତା ପାଖେ ଅଶୁଭ ହୋଇ ପାରେ ନା । ଯାହା କଦାଚିତ୍ ପୁଣି ଅକସ୍ମାତ୍ ଘଟେ, ଯାହାର କୌଣସି ବିଶିଷ୍ଟ କାରଣ ମିଳେ ନା, ତାହାଇ ଉତ୍ପାତର ଲକ୍ଷଣ । ସେଥିରେଇ ଶଙ୍କା ଓ ଆତଙ୍କ ଜନ୍ମେ । ଫଳିତ ଜ୍ୟୋତିଷର ଫଳାଫଳ ଗଣନାର ମୂଳ ଏଇଠାରେ । ସମସ୍ତ ମୁହୂର୍ତ୍ତ ବିଚାରାଦି, କ୍ରମେ ଏଇଥିରୁ ବାହାରିଛି । କେଉଁ ତାରାର ଉଦୟରେ କୃଷି କାର୍ଯ୍ୟ ଆରମ୍ଭ କରିବାକୁ ହୁଏ, କେଉଁ ପରିସ୍ଥିତିରେ ସୂର୍ଯ୍ୟାଦି ଦେଖି ଦୁର୍ଦ୍ଦିନ ପ୍ରଭୃତିର ଆଶଙ୍କା ସୂଚନା କରିବାକୁ ହୁଏ—ଏସବୁ, ନାନା ଦୃଷ୍ଟାନ୍ତ ସୂକ୍ଷ୍ମ ଶାଖା ପ୍ରଶାଖାରେ ଅନେକ ସଂହିତା-ଜ୍ୟୋତିଷ ପରି, ଶାସ୍ତ୍ରମାନ ସବୁ ପ୍ରାଚୀନ ସମାଜମାନଙ୍କରେ ସୃଷ୍ଟି କରିଛି । ପରେ ସେଥିରେ ଦୃକ୍‌ସିଦ୍ଧ ଗଣନାର ଛାପ ପଡ଼ି, ସେ କଳ୍ପନା ଜାଲକୁ ଆହୁରି

Digitized by srujanika@gmail.com

ଜଟିଳ ବୁଦ୍ଧି ଓ ଦୁର୍ଭେଦ୍ୟ କରି ଶିଷ୍ଟଜନର ବାହାନା ଧରି ଅପ-ସଂସ୍କାର ଓ କୁସଂସ୍କାରରେ ସମାଜର ଜନ-ଗଣଙ୍କୁ ଜଟିଳ କରିଛି ।

ତହିଁରେ ରୂପକ ଓ ଉପାଖ୍ୟାନ

ଏଭଳି ସବୁ ଅଦ୍ଭୁତ ଧାରଣା ନାନା ରୂପକାଦିରେ ପରମ୍ପରାରେ ଚଳି ଆସିଛି । ବେଦରେ ତାର କେତେକ ଆଭାସ ମିଳେ । ମାତ୍ର ବେଶୀ ଓ ବହୁ ଶାଖାପ୍ରଶାଖାରେ ବିସ୍ତୃତ ହୋଇ ମିଳେ, ପୁରାଣରେ । ଅନ୍ୟ ଦେଶର ପୁରାଣସବୁ ଆମ ଭାରତୀୟ ପୁରାଣ ସାହିତ୍ୟ ପରି ବିସ୍ତୀର୍ଣ୍ଣ ନୁହେଁ । ପୁଣି ଭାରତୀୟ ପୁରାଣ, ନାନା ସମ୍ପ୍ରଦାୟ ଓ ଉପାସ୍ୟ ଦେବମାନଙ୍କ ପ୍ରଶସ୍ତି ଗାନ କରିବା ଛଳରେ ପରମ୍ପରାର ଉପାଖ୍ୟାନ ଗୁଡ଼ିକ କାଳ ଭିତରେ ନାନା ରଂଗରେ ରଂଜିତ କରି ରୂପକକୁ ସତ୍ୟରୂପେ ପ୍ରକାଶ କରିଛି । ସେଥିରେ ଆକାଶ ଦର୍ଶନରେ ଅଦ୍ଭୁତ ଅନୁଭବଗୁଡ଼ିକ ମଧ୍ୟ ନାନା ଉପାଖ୍ୟାନର ଆକାର ଧରି ପ୍ରକାଶ ପାଇଛି । ଏ ସବୁ ଉପାଖ୍ୟାନର ମୂଳ ପୁଣି କାଳରେ ହୁଏତ ବହୁ ଦୂରରେ । ଏ ସବୁ ବୈଦିକ ନୁହେଁ । କାରଣ, ଦେଖାଯାଏ, ବୈଦିକ ଆର୍ଯ୍ୟମାନଙ୍କ ଭିତରେ ଏଥିରୁ ଆକାଶ ଦର୍ଶନ ସେତେ ପ୍ରକାଶ ପାଇ ନ ଥିଲା । ଯାହା ବା ସଂହିତାରେ ପ୍ରକାଶ ପାଇଛି, ତା ହୁଏତ ତାଙ୍କ ନିଜର ନୁହେଁ । ପରବର୍ତ୍ତୀ ଯୁଗରେ ଗ୍ରୀକ୍ ଓ ଭାରତୀୟ ଆର୍ଯ୍ୟମାନେ ଗଣିତ ଜ୍ୟୋତିଷରେ ବହୁ ଉନ୍ନତି କରିଥିଲେ, ଏହା ସତ । ଗ୍ରୀକ୍ ମନୀଷୀ ହିପାର୍କସ୍ ଓ ମଗଧର ଆର୍ଯ୍ୟଭଟ୍ଟଙ୍କ ଅତି ମୌଳିକ ଆବିଷ୍କାରର କଥା କୁହାଯାଇଛି ।

ଏଇପରି ଅନେକ ମହା ଆବିଷ୍କାର ମୌଳିକତା ସତ୍ତ୍ୱେ ଜ୍ୟୋତିଷର ମୂଳ ଅର୍ଥ ଭାରତରେ ନୁହେଁ । ଅଜ୍ଞକାଳର ଜାତକ-ମାନେ ଅନ୍ୟର ଅନୁକରଣ କରି ମଧ୍ୟ ନିଜେ କେତେ ବୈଜ୍ଞାନିକର

Digitized by srujanika@gmail.com

ପ୍ରୟୋଗ ପଦ୍ଧତିରେ ଅସାଧାରଣ ଦକ୍ଷତା ଦେଖାଇଲ ସତ୍ୟ ଆର୍ଯ୍ୟମାନଙ୍କ ମୂଳତଃ ବିଦ୍ୟା ଅନ୍ୟଠାରୁ ଗ୍ରହଣ କରି ପରେ ସେଥିରେ କୃତିତ୍ୱ ଦେଖାଇଥିଲେ । ଦ୍ରୁବିଡ୍ ମାକେଂଜୀ ପ୍ରଭୃତି ପଣ୍ଡିତମାନେ ଜ୍ୟୋତିଷ ବିଷୟରେ କହିବାକୁ ଯାଇ ଗ୍ରୀକ୍‌ମାନଙ୍କ ସମ୍ବନ୍ଧରେ ମଧ୍ୟ ଠିକ୍ ଏହି କଥା କହିଛନ୍ତି । (୧୬)

ଆକାଶ ଓ ସେଥିସଂଗେ ଗ୍ରହ, ତାରା, ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ଦେଖିବା ମାନବର ଅତି ଆଦିମ ଅନୁଭବ । ସମୁଦ୍ରର ଜଳରାଶି ମଧ୍ୟ ସେହିପରି । ଆଦିମ ମାନବ ନୀଳାକାଶକୁ ଉପରର ସମୁଦ୍ର ବୋଲି ମନେ କରୁଥିଲା । ସେଇଥିରୁ ସ୍ୱର୍ଗବାସୀ ମାନବ ଓ ନାନା ଉପାଖ୍ୟାନର ବିକାଶ । ସେହି ଉପାଖ୍ୟାନ ଓ କଳ୍ପନାଗୁଡ଼ିକ ନାନା ଦେଶରେ ଏବେ ବି ନାନା ସ୍ଥାନୀୟ ରୂପ ଧରି ସଜୀବ ଅଛି । ଆମ 'ନାର' ବା ସମୁଦ୍ରରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଧରି ଶୋଇଥିବା 'ନାରାୟଣ' ବା ବିଷ୍ଣୁ ହୁଏତ ସେହି ଆକାଶବ୍ୟାପୀ ସ୍ୱର୍ଗର ଶ୍ରେଷ୍ଠ ଦେବଙ୍କ ଏକ ରୂପ । ସେହି ରୂପରୁ ଏକ ପ୍ରକାଶ ହେଉଛି, ଆମ 'ବିୟତ୍ ଗଙ୍ଗା' । ଏହା ଆକାଶର ଛାୟା-ପଥ । ଆମ 'ଧ୍ରୁବ' ଓ 'ସପ୍ତର୍ଷି' ପ୍ରଭୃତି, ପୁଣ୍ୟ କର୍ମ ଫଳରେ ତାରା ହୋଇ ସେହି ଆକାଶରେ ଅଛନ୍ତି । ସେହି ସବୁ ଅଗସ୍ତି, ଅତ୍ରି ଓ ବ୍ରହ୍ମା ପ୍ରଭୃତି । ସପ୍ତର୍ଷିଙ୍କ ଭିତରୁ ବଶିଷ୍ଠଙ୍କ ପତ୍ନୀ ସାଧ୍ୱୀ ଅରୁନ୍ଧତୀ ଏବେ ବଶିଷ୍ଠଙ୍କ ପାଖେ ଅଛନ୍ତି । ବାକି ଛଅ ଋଷିଙ୍କ ଛଅଟି ଯାକ ପତ୍ନୀ, ଅଗ୍ନିଙ୍କୁ ଦେଖି ଭୁଲିଯାଇ ଥିବାରୁ ପରିତ୍ୟକ୍ତ ହୋଇ 'ଷଟ୍-କୃତ୍ତିକା' ରୂପେ ବିୟତ୍-ଗଙ୍ଗା କୂଳରେ ଏକାଠି ରହିଛନ୍ତି । ଏହିପରି ତାରା ଓ ଗ୍ରହାଦିଙ୍କ ସମ୍ବନ୍ଧୀୟ ରୂପକ ଉପାଖ୍ୟାନମାନ ଆମ ପୁରାଣରେ କହିଲେ ସରିବ ନାହିଁ । ଏହି ରୂପକ ଉପାଖ୍ୟାନମାନ ପୁଣି ପୃଥିବୀର ସବୁ ଅସଭ୍ୟ, ଅର୍ଦ୍ଧସଭ୍ୟ, ସଭ୍ୟ, ପ୍ରାଚୀନ, ଆଧୁନିକ, ଆଦିମ ଓ ମାର୍ଜିତ—

Digitized by srujanika@gmail.com

ସବୁ ମାନବ ସମାଜମାନଙ୍କରେ କିଛିଏ କିଛିଏ ପ୍ରକାର ଭେଦରେ ଚଳିଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ, ଆକାଶର ଛାୟା-ପଥଟି ଆମର ଯେପରି ବିୟଦ୍‌ଗଙ୍ଗା ବା ସ୍ୱର୍ଗର ଗଙ୍ଗା । ତଥା, ପ୍ରାଚୀନ ବାବିଲନରେ ସେହିପରି ଏହା ଥିଲା, ସେମାନଙ୍କର ସ୍ୱର୍ଗର 'ଇଉଫ୍ରେଟିସ୍' ଓ ପ୍ରାଚୀନ ମିଶରରେ ଏହାକୁ ମଧ୍ୟ କହୁଥିଲେ, ସ୍ୱର୍ଗର 'ନୀଳ'ନଦୀ (୧୭) । ବେଶୀ ଉଦାହରଣ ଦେବାପାଇଁ ଏଠି ଅବକାଶ ନାହିଁ । ହୁଏତ ଆପଣମାନେ ଅନେକେ ଏସବୁ ତୁଳନାତ୍ମକ ଉପାଖ୍ୟାନ କେତେ ଜାଣିଥିବେ ।

କୁସଂସ୍କାର ଏଡ଼ି କୃତତ୍ତ୍ୱ ଫୁଟାଇବାକୁ ହେବ

ଏଇସବୁ କଳ୍ପନା ସଙ୍ଗେ ଜଡ଼ିତ ଅଛି, ସେଇ ଦେବ ଦେବୀ ବା ସ୍ୱର୍ଗଲୋକବାସୀ ତାରାରୂପୀ ପୂର୍ବ ପୁରୁଷମାନଙ୍କର, ପୃଥିବୀର ଦେଶ ବା ଅଂଚଳମାନଙ୍କର ତଥା ବ୍ୟକ୍ତି-ବିଶେଷର ଭାଗ୍ୟସଙ୍ଗେ ସମ୍ବନ୍ଧ । ଏଇ ଆକାଶ ଦେଖିବାରୁ ପୁଣି ବାହାରିଥିଲା, ଅନ୍ୟଦିଗରେ ଗ୍ରହଗତିଗଣନାର ସିଦ୍ଧାନ୍ତମାନ । ସେଥିରେ ଗ୍ରହ ତାରାଙ୍କ ସଂଚାର, ସଂକ୍ରମଣ, ଅତିଚାର, ଗ୍ରହଣ, ଉଦୟ, ଅସ୍ତ ପ୍ରଭୃତି ଠିକ୍ ରୂପେ କହି ହେଉଥିଲା । ସେଇ ଅନୁକ୍ରମେ ଭାଗ୍ୟ ଫଳ ଗଣନା ଓ କାଳକ୍ରମେ ଗଣିତ ସାଧନା ପର ତାର ଅମୂଳକ ଗଣନାମାନ ସୃଷ୍ଟି କରି ହୋଇ ଦୁର୍ଭାଗ୍ୟରେ ଗୋଟିଏ ପରଂପରା ଗଢ଼ିଲା । ଅଂକ କଷିଲେ, ଫଳ କହୁହୁଏ । ସେଥିରୁ ବାହାରିଲା, 'ଗଡ଼ ପଡ଼ାଇବା' । ସେଇ ସବୁ ଗ୍ରହ ନକ୍ଷତ୍ର ସ୍ଥିତିଗତିକୁ ଅବଲମ୍ବନ କରି ବାହାରିଲା, ଫଳିତ-ଜ୍ୟୋତିଷ । ସେଇ ଅନୁକ୍ରମେ ପୁଣି ହାତଦେଖାର 'ସାମୁଦ୍ରିକ'ଠାରୁ 'ହନୁମାନ ପ୍ରଶ୍ନ' ପ୍ରଭୃତି କେତେ ଲୋକ-ମୋହକର 'ଅବିଦ୍ୟା' ବିଦ୍ୟାନାମରେ ଚଳେ । ବିଦ୍ୟା ଓ ବିଜ୍ଞାନ

Digitized by srujanika@gmail.com

ଚର୍ଚ୍ଚାରେ ଏ ସବୁ ବଦ୍ଧ-କୁସଂସ୍କାର ଓ ଅଯଥା ମୋହ ଛୁଟାଇବାକୁ ହେବ । ବିଶେଷରେ, ପ୍ରାଚୀନତାର ଉପାସକ, ଅପଣ୍ଡିତମାନଙ୍କ ପକ୍ଷରେ ଏ ସବୁ ପ୍ରତିବନ୍ଧକ ଅତି ଦୁର୍ଲଂଘ୍ୟ । ଏହା ଭିତର ମୁକ୍ତ ଚିନ୍ତା ଓ ଆଲୋଚନାକୁ ସ୍ୱାଧୀନ କରି ଉଦାର ଶିକ୍ଷାର ସୁସ୍ଥ ପ୍ରଭାବ ଓ ସଂପର୍କରେ ଏ ଅନୁଷ୍ଠାନର ଗୁରୁତ୍ୱ ବୁଝାଇବା ଆପଣ-ମାନଙ୍କ କାର୍ଯ୍ୟ ।

(୮)

ଉଦାରଶିକ୍ଷା—ମଠ—ଜଗନ୍ନାଥ—ସଦାବ୍ରତ

ଉଦାରଶିକ୍ଷା—ଉଚ୍ଚସ୍ତରରେ

ଏକଦେଶ-ଦର୍ଶିତା, ଆଲୋଚନାରେ ଗୋଟିଏ ବ୍ୟାଧି । ସବୁ ଆଡ଼କୁ ଗୁରୁତ୍ୱ ତୁଳନାତ୍ମକ ବିଚାର ନ କଲେ, ଅତି ରକ୍ଷଣଶୀଳତା, ବିଦ୍ୟାକୁ ଅବିଦ୍ୟାରେ ପରିଣତ କରେ । ଉପାଖ୍ୟାନର ରୂପବେଶ, ବାହାରବେଶକୁ ଧରିବାରେ, କୂଅବେଙ୍ଗର ସ୍ୱପ୍ନରାଜ୍ୟ ପ୍ରଶଂସନୀୟ ହୋଇପାରେ, ମାତ୍ର ସ୍ପୃହଣୀୟ ନୁହେ—କି ଅନୁକରଣୀୟ ନୁହେଁ । ସଂସ୍କୃତଭାଷୀ ଆର୍ଯ୍ୟମାନେ, ନିଜର ସଂସ୍କୃତିକୁ ନିତ୍ୟ ଓ ସାର୍ବଜନୀନ କରିବା ପାଇଁ ସବୁ 'ଅଗମ'କୁ ନିଜର କରିଥିଲେ । ଜୈନ ଓ ବୌଦ୍ଧମାନେ ପୃଥିବୀର କୌଣସି ମାନବସମାଜ ଓ ସଭ୍ୟତାକୁ ଅଲଗା ବିଚାରୁ ନ ଥିଲେ । ଭାରତର ବିକାଶ ଓ ପ୍ରତିଷ୍ଠା ଯୁଗରେ ଦ୍ରାବିଡ଼ଠାରୁ ଯବନ ପର୍ଯ୍ୟନ୍ତ ସମସ୍ତଙ୍କ ସଂଗେ ଆଦାନ-ପ୍ରଦାନରେ ବିଶ୍ୱସେବା କରି ଏଇ ଆର୍ଯ୍ୟମାନେ ନିଜର ଅନନ୍ୟ-ସାଧାରଣ ପ୍ରତିଭା ଫୁଟାଇଥିଲେ । ଜ୍ୟୋତିଷର ଆଦିମ ଅବସ୍ଥାର କାହିଁ ବାବିଲନ୍ ବା ସୁମେରରୁ ଏପାରେ ସେ ବିଦ୍ୟାର ପୀଠ

Digitized by srujanika@gmail.com

ସ୍ୱଭାବ ଥିଲା । ଫିନସୀୟ ଲିପି-ସଂକେତ ଅପୂର୍ଣ୍ଣ ଓ ଅନୁପଯୋଗୀ ହେଲେହେଁ ତହିଁରୁ ଯଥା ଅନୁକରଣରେ ଆମ ପୂର୍ବପୁରୁଷମାନେ ପରାଙ୍ମୁଖ ନ ଥିଲେ । କାଳକ୍ରମେ ଏହି ଉଦାର ଶିକ୍ଷାର ଅନୁକରଣ ଛାଡ଼ି ବହୁ କଷ୍ଟରେ ନାନା ଆକ୍ରମଣ ଆଗେ ଆମକୁ ଆତ୍ମରକ୍ଷା କରିବାକୁ ପଡ଼ିଥିଲା । ସେଇଥିରେଇ ଆମେ ଏକଦେଶଦର୍ଶୀ ଓ ଅତିରକ୍ଷଣଶୀଳ ହୋଇ ପଡ଼ିଛୁ । ଆଜି ଆମକୁ ସେହି ଉଦାର ଶିକ୍ଷାର ଧାରାପଥ ପୁଣି ନିଜ ସଂସ୍କୃତିର ଗତି ନିରୂପିତ କରିବାକୁ ହେବ । ସେଥିପାଇଁ ଆଜି ଏହି ଅନୁଷ୍ଠାନରେ ଉଚ୍ଚଶିକ୍ଷାର ବା ଅଗ୍ରୁର୍ଯାଦ ଉପାଧିର ପର ସ୍ତର ଫିଟାଇ ତହିଁରେ ଶବ୍ଦସ୍ଥାନିକ ଓ ତୁଳନାତ୍ମକ ଦର୍ଶନର ଇତିହାସର ଆଲୋଚନା କରିବା" ସଂଗେ ଭାଷା-ବିଜ୍ଞାନ-ଗବେଷଣାର ଦୁଆର ଖୋଲିବାକୁ ହେବ । ସେଥିପାଇଁ ଦରକାର ଅନୁସାରେ ପ୍ରାଚୀନ ଓ ଆଧୁନିକ ହିନ୍ଦ୍-ଇଉରୋପୀୟ ଭାଷାମାନଙ୍କ ସଂଗେ, ତଥା ଅନୁସଂଗିକ ଭାବରେ ଇଜିପ୍ତ, ବାବିଲନ୍, ଅସିରିଆ ପ୍ରଭୃତି ପ୍ରାଚୀନ ସଭ୍ୟତା, ଆଧୁନିକ ସେମିଟିକ୍ ଭାଷାମାନ, ପୁଣି ଚୀନ ପ୍ରଭୃତିର ଭାଷା ଓ ସଭ୍ୟତା ସଂଗେ ଉପଯୋଗୀ ପରିଚୟ ରଖିବାକୁ ହେବ । ତା ସଂଗେ ଆଦାନ-ପ୍ରଦାନ, ଅନୁଭୂତ ଅନୁକରଣ ପ୍ରଭୃତିରେ ଏସବୁ ସଭ୍ୟତାର ବିକାଶ ଓ ଇତିହାସ ଆଲୋଚନାର ସମସ୍ତ ସୁବିଧା ମଧ୍ୟ ଯଥୋଚିତଭାବରେ ଦରକାର । ତାପରେ ପ୍ରାଚୀନ ଗ୍ରୀକ୍, ଲାଟିନ୍ ଓ ଆଧୁନିକ ଜର୍ମାନ୍, ଫରାସୀ (French) ଆଦି ଭାଷାମାନଙ୍କ ଶିକ୍ଷାପାଇଁ ମଧ୍ୟ ଆବଶ୍ୟକ ମତେ ବ୍ୟବସ୍ଥା କରିବାକୁ ହେବ ।

ନିମ୍ନ ସ୍ତରରେ

ଆମପାଇଁ ଏବେ ପୃଥିବୀର ସବୁ ବିଦ୍ୟାର ଦ୍ୱାର ହେଉଛି, ଇଂରେଜୀ । ସେ ଭାଷାର ଶିକ୍ଷା ତଳସ୍ତର ବା ଉପାଧି ପରୀକ୍ଷା ସ୍ତରରୁ

Digitized by srujanika@gmail.com

ବର୍ତ୍ତମାନରେ ଅରମ୍ଭ କରି ଉପର ପାଇଁ ମୂଳଦୂଅଟେଲ୍ କରି ରଖିବାକୁ ହେବ। ତହିଁ ସଙ୍ଗେ ଭୂଗୋଳ ଇତିହାସ, ଗଣିତ, ପ୍ରାଥମିକ ବିଜ୍ଞାନ ପ୍ରଭୃତିର ଶିକ୍ଷା ବି ଅତି ପ୍ରୟୋଜନୀୟ । ପୃଥିବୀର ବାୟୁମଣ୍ଡଳରେ ଆଜି ଶିକ୍ଷା ନିଜକୁ ଯାଚି ବୁଲୁଛି । ସେଥିପାଇଁ 'କ୍ଲବ୍', 'କମନ୍ ରୁମ୍' ସାମୟିକ ବକ୍ତବ୍ୟ ଓ ପ୍ରବନ୍ଧ ଚର୍ଚ୍ଚାପାଇଁ, ପୁଣି ଏକଦେଶଦର୍ଶିତା ବନ୍ଦ କରି ସମସ୍ତ ଶିକ୍ଷାର ସାଧନାକୁ ଉଦାରତା ତଥା ଭାରତର ପ୍ରାଣପ୍ରାଚୂର୍ଯ୍ୟର ଭିତ୍ତିରେ ପ୍ରତିଷ୍ଠିତ ଓ ସଂଗୃଳିତ କରିବାପାଇଁ, ଯାହା ଯାହା ଦରକାର, ତାହା ସବୁ ସ୍ପଷ୍ଟ ଯୋଜନାର ସହିତ ଏଠି କରଣୀୟ । ସର୍ବୋପରି ଭୈଷଜ୍ୟ ଉଦ୍ୟାନ, ତଦୁପଯୋଗୀ ବିଜ୍ଞାନ-ମନ୍ଦିର ଓ ଯୋଜନାନୁରୂପ ଗ୍ରନ୍ଥାଗାର ।

ଧନର ବ୍ୟବସ୍ଥା—ମଠ

ସରକାର ଏସବୁ ପାଇଁ ବ୍ୟବସ୍ଥା କରନ୍ତୁ । ଆଜି ସରକାର ବ୍ୟବସ୍ଥା କରିବାର ଅର୍ଥ, ଲୋକେ ବେଶୀ ବେଶୀ ଟିକସ୍ ଦେଇ ଧନ ଯୋଗାଇବା । ତାହାତ ହେବ, ହେବା ଉଚିତ । ସ୍ୱାଧୀନତର ଶାସନର ପରିସ୍ଥିତିରେ ଅନ୍ୟ ପନ୍ଥା ନାହିଁ । କିନ୍ତୁ ପ୍ରସଙ୍ଗତଃ ଗୋଟିଏ କଥା ଏଠାରେ ଅନୁରୋଧ କରେ ସୂଚାଇ ଦେବାର ଅଛି । ପୁରୀରେ ଅଛି, ବହୁ ମଠର ବ୍ୟବସ୍ଥା । ସେଥିରେ, ଭାରତରେ ହେଉ ବା ନ ହେଉ, ବହୁ ଲୋକଙ୍କ ମହାପ୍ରସାଦ ସେବାର ବ୍ୟବସ୍ଥା ବି ରହି ଆସିଛି । କୁହା ଯାଇ ପାରେ କି, ବଳରାମପୁର ରାଜା, ଜଗନ୍ନାଥଙ୍କ 'ଅଟିକା' ପାଇଁ ଖଂଜାଥିବା ବାର୍ଷିକ ୧୩୦୦ଟଙ୍କା ଯେଉଁର ଘର ବୃତ୍ତିରେ ଖଞ୍ଜି ଦେଇ ଏଠି ସଂସ୍କୃତ କଲେଜର ମୂଳଭିତ୍ତି ପକାଇ ଥିଲେ, ମଠାଧୀଶମାନେ ଆଜି ପ୍ରାୟ ୮୦ ବର୍ଷପରେ ମଧ୍ୟ ଟିକିଏ ହେଲେ ସେଠି ବୃଦ୍ଧି-

ଧର୍ମ, ଅଳଙ୍କାର ଶାସ୍ତ୍ର, ପ୍ରାଚ୍ୟ ବିଦ୍ୟା ଗବେଷଣା ଓ ବୈଶିଷ୍ଟ୍ୟ ବଞ୍ଚେଇ ମଠର ଦୃଢ଼ ଭିତ୍ତି ଏଠାରେ ପକାଇବାରେ ଯତ୍ନଶୀଳ ହେବେ ? ସରକାର ମଧ୍ୟ ଏହି ପ୍ରଯତ୍ନରେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ । ସେ ତାହା କରିବେ । ଲୋକେ ମଧ୍ୟ ଏହି ଯୁଗୋଚିତ କ୍ରିୟା ଦେଖି ସେମାନଙ୍କୁ ସମାଜର ନାୟକ ରୂପେ ବରଣ କରିବେ ଓ ମନେ-ରଖିବେ ।

ଅଭଡ଼ାରେ ସାଧୁ ସେବା

ଅଭଡ଼ା ଭୋଗକର ସାଧୁନାମଧାରୀ ତଥା-କଥିତ ସନ୍ନ୍ୟାସୀଙ୍କୁ ବା ବାବାଜୀଙ୍କୁ ଖୁଆଇବାର ଯୁଗ ହୁଏତ ଗଲାଣି ବା ଶୀଘ୍ର ଯାଉଛି । ସେପରି ସାଧୁ ସଂନ୍ୟାସୀ ବାବାଜୀଙ୍କର ସମାଜରେ ଯାହା କିଛି ଉପ-ଯୋଗିତା କେବେ ଥିଲା, ତା ଆଜି ନାହିଁ । ଅସଲ ଯେଉଁମାନେ ସାଧୁ ସନ୍ନ୍ୟାସୀ, ସେମାନଙ୍କ ଲକ୍ଷଣ ଓ କ୍ରିୟା ଭିନ୍ନ । ମଠରେ ଅଭଡ଼ା ଖାଇ ବ୍ୟକ୍ତି ବା ସମାଜକୁ ଉନ୍ନତ କରିବା ଭଳି କାର୍ଯ୍ୟ ବା ଅଭ୍ୟାସରେ ଶକ୍ତି ବା ଜୀବନ ନ ଥିଲେ, ଆଉ ସାଧୁ ବୋଲାଇ-ବାର ବା ସେହି ହିସାବରେ ସମାଜଠାରୁ ନିଜର ଭରଣ ପୋଷଣ ଆଦି ଅଯଥା ଦାବି କରିବାର କୌଣସି ହେତୁ ନାହିଁ ।

ସାଧୁ ଓ ମନ୍ତ୍ରଘେନା

ଏବେ ଖାଲି ମନ୍ତ୍ର ଘେନି ସାଧୁ ହୁଅନ୍ତି ଓ ମନ୍ତ୍ର ଦେଇ ସାଧୁ-ଗିରି କରନ୍ତି । ଏ ମନ୍ତ୍ର ଦେବା ଓ ମନ୍ତ୍ର ଘେନିବା ପ୍ରଥାଟି ଠିକ୍ ଖ୍ରୀଷ୍ଟାନଙ୍କ 'ଡୁବନ' ଓ ମୁସଲମାନଙ୍କ 'ସୁନ୍ନତ୍' ଓ 'କଲମା-ପଢ଼ା' ଭଳି ଅନୁଷ୍ଠାନ । ଏହା ଏ ଭାରତ ଭୂମିରେ ଓ ଭାରତୀୟ ଧର୍ମ ସଂପର୍କରେ କେଉଁଠୁ କିପରି ପଶିଲା, ତା ବିଶେଷ ଅନୁସନ୍ଧାନ କରି-ବାର ସ୍ଥାନ ଏ ନୁହେଁ । ବଙ୍ଗ, ନେପାଳ, ତିବ୍ବତର ବଜ୍ରଯାନ

Digitized by srujanika@gmail.com

ତନ୍ତ୍ର ତଥା ତନ୍ତ୍ରରୁ ଜାତ ସହଜଯାନ, ହିନ୍ଦୁ ତନ୍ତ୍ର ଓ ଗୌଡୀୟ ବୈଷ୍ଣବ ଧର୍ମରେ ଏହା ଗୁରୁ ପ୍ରସିଦ୍ଧି ଲଭିଛି । ସେହି ସୂତ୍ରରେ ଶ୍ରୀବୈଷ୍ଣବୋଦ ଅନେକ ସନ୍ଥ ଧର୍ମରେ ମଧ୍ୟ ଏହା ଖୁବ୍ ସ୍ଥାନ ପାଇଛି । କାଳ ଗତିରେ ଖ୍ରୀଷ୍ଟ ଓ ଇସ୍‌ଲାମଧର୍ମାଶ୍ରୟର ପ୍ରଭାବ ଏଥିରେ ପଡ଼ି ଗୌଣତ୍ୱର ପ୍ରତିସ୍ପର୍ଧାରେ ଏହାକୁ ଅତି ଜୀରସ ଓ ଦୃଢ଼ କରିଥିବାର ଖୁବ୍ ସମ୍ଭବ । ସେଇ ସବୁ ଧର୍ମରେ ଥିଲାପରି ମତାନ୍ଧତା ଓ ଧାର୍ମିକତାର ଅହଂକାର ମଧ୍ୟ ଏଇ ଦ୍ୱାରରେ ଏ ସବୁ ଭାରତୀୟ ଧର୍ମରେ ଖୁବ ପ୍ରକାଶ ପାଇଛି । ହେଲେହେଁ, ଅତି ଦୁର୍ଦ୍ଦିନରେ ଏଦେଶରେ ଧର୍ମ ଓ ସମାଜରକ୍ଷା କରିବାରେ ଏହା କାମରେ ଲଗା ହୋଇଥିବାର ଦେଖାଯାଏ । ଏଇ ମନ୍ତ୍ରଦିକାରେ ଦଳବଦ୍ଧ ସଂନ୍ୟାସୀଏ ବା ବାବାଜୀମାନେ ଫିରେ ଇଂରେଜ ବିରୁଦ୍ଧରେ ଅଭିଯାନ ପର୍ଯ୍ୟନ୍ତ ମତାଇ ଥିଲେ । ଠଗ୍ ଓ ପିଣ୍ଡାରିଙ୍କ ଉପଦ୍ରବ ବେଳେ ଏଇ ମନ୍ତ୍ରଦିକାରେ ଦୃଢ଼ ଏତ ଦଳବଦ୍ଧ ହୋଇ 'ବନ୍ଦା' ବାହୁଗ୍ରୟ 'ନାଗା'ମାନେ ନିଃସ୍ୱାର୍ଥ ସମାଜ ସେବା ପାଇଁ ବାହାରି ଥିଲେ । ମାତ୍ର ସେ ସବୁ ମନେ ପକାଇ ଅପରିହାର୍ଯ୍ୟକୁ ସ୍ୱୀକୃତ ବୋଲି ଶାଶ୍ୱତ କରି ଧରିବା ସଂଗତ ବା ବହୃତ ନୁହେଁ । ମନ୍ତ୍ରଦେବା ଓ ମନ୍ତ୍ର ନେବା ସ୍ୱୀତ ଓ ବଧୂଠରେ କେବେ କିଛି ଉପଯୋଗୀତା ଥାଉ ବା ନ ଥାଉ, ଏବେ ତା ଏକାନ୍ତ ଅନ୍ତଃସାର-ଶୂନ୍ୟ ।

ମନ୍ତ୍ରଦିକା ସମାଜରୁ ଉଠିଯିବା ଲୋଡ଼ା

ଗୁରୁଙ୍କ ଠାରୁ ସାଧନା-ତତ୍ତ୍ୱ ବା ବିଦ୍ୟା ଗ୍ରହଣ କରିବାର ପରମ୍ପରା ପୁଣି ଏବେ ମନ୍ତ୍ର ନେବା ଓ ମନ୍ତ୍ର ଦେବାର ନୀରସ ଓ ବରଂ କୁତ୍ସିତ ଏକ କ୍ଷୁଦ୍ର କର୍ମକାଣ୍ଡର ଅବକାଶରେ ପରିଣତ ହୋଇଛି । ସେଥିରେ ଅଛି ସାଧନାର ତତ୍ତ୍ୱ ନାହିଁ କିମ୍ବା ବିଦ୍ୟାର ସମ୍ପର୍କ ନାହିଁ । ଗୀତାରେ ଶ୍ରୀକୃଷ୍ଣଙ୍କ କଥାରେ ଶିଷ୍ୟର 'ପ୍ରଣିପାତେନ

Digitized by srujanika@gmail.com

ପରିପ୍ରଶ୍ନେନ ସେବୟା' ତତ୍ତ୍ୱଦର୍ଶୀ ଜ୍ଞାନୀମାନେ ଯେଉଁ ଉଦାର ଉପଦେଶ ଦଅନ୍ତି, ତାହାର ପରିଣାମ ଅଳ୍ପ ଯଦି ଏଡ଼େ ମନ୍ଦ ହେବା ଓ ସନବାର ଅଭିନୟ ହୋଇ ଥାଏ, ତେବେ ମାନବ ସମାଜର କଲ୍ୟାଣ କଳ୍ପେ ସମାଜରୁ ସେ ବିଷ ଶୀଘ୍ର ଉଠିଯିବା ଦରକାର । ଏହା କେବଳ ସାଧୁ ସନ୍ନ୍ୟାସୀ ବାବାଙ୍କ ପ୍ରତି କୁହା ଯାଉନାହିଁ । ସମାଜର ରନ୍ଧ୍ରେ ରନ୍ଧ୍ରେ ଏହା ଗୋଟିଏ ଘୋର କୁସଂସ୍କାରର ଖୋଳ ସୃଷ୍ଟି କରି ସମାଜର ଅତ୍ମାକୁ ବିନାଶର ମାର୍ଗ ପର୍ଯ୍ୟନ୍ତ ନେଉ-ଛି । ହରିହରଙ୍କ ପରି ମନସ୍ୱୀ ବ୍ୟକ୍ତିତ୍ୱବାନ୍ ପଣ୍ଡିତପୁରୁଷମାନେ ସମାଜରୁ ଏ ସବୁର ଆମୂଳଚୂଳ ବହିଷ୍କାର ନିମନ୍ତେ ଶୀଘ୍ର ତତ୍ପର ହେବା ଦରକାର । ସେଇ ହରିହରଙ୍କ ଉତ୍ତରାଧିକାରୀ ଆପଣମାନେ ଏ କ୍ଷେତ୍ରରେ ଏବେ ନିଜର କର୍ତ୍ତବ୍ୟ ନିର୍ଣ୍ଣୟ କରି କାର୍ଯ୍ୟରେ ପତିତପାବନ ଧର୍ମ ଓ ଦରିଦ୍ର-ନାରାୟଣ-ସେବା ଆମ କୁଳ ଧର୍ମ ନୁହେ ।

ତା ପରେ କାଂଗାଳ ବା ଦରିଦ୍ର ଓ ତାଙ୍କ ସଙ୍ଗେ ପତିତଙ୍କ କଥା । ଆମ ବୈଷ୍ଣବ ଧର୍ମରେ କାଙ୍ଗାଳ ଭୋଜନରେ ଦରିଦ୍ର-ନାରାୟଣ-ସେବା କଥାଟି ଖୁବ୍ ପ୍ରକାଶ ପାଇଛି । ଚୈତନ୍ୟଦେବ ଜଗନ୍ନାଥ ମଧ୍ୟ 'ପତିତପାବନ ବାନା' ଉଡ଼ାଉଛନ୍ତି । ଏ ସବୁର ତତ୍ତ୍ୱ ଯେଉଁ ସମାଜର ସନାତନ ଗତି ନିରୂପିତ କରିବା ଦରକାର । ଏ ଦୁଇଟି ଯାକ କଥା ଭାରତର କୁଳଧର୍ମ ନୁହେ । ସୁଜାତା 'ଅନାହାର-ତପୋକ୍ଳିଷ୍ଟ ସିଦ୍ଧାର୍ଥଙ୍କୁ ଯେତେବେଳେ କ୍ଷୀର ସାନ୍ଧ ଖୁଆଇ ଥିଲେ, କିମ୍ବା ବଣିକ 'ଅନାଥପିଣ୍ଡଦ' ଯେତେବେଳେ ନିଃସ୍ୱ ଓ ଅବାସସ୍ଥାନ ସେଇ ସିଦ୍ଧାର୍ଥ ବୁଦ୍ଧଙ୍କୁ ଜେତବନ ବହୁ ଦ୍ରବ୍ୟ ଓ ବହୁଫଳ-ସୁରକ୍ଷିତ ଲୁମ୍ବିନୀ ଉଦ୍ୟାନ ଦାନ କରି-

ଥିଲେ, ସେତେବେଳେ ସେ ଦରିଦ୍ର-ନାରାୟଣ-ସେବା କରୁ ନଥିଲେ, ଅର୍ଥାତ୍, ସେ ବୁଦ୍ଧିରେ ତା କରି ହୋଇ ନ ଥିଲା । ଭାରତ ଧର୍ମରେ ଏସବୁ ସେବା ହେଉଛି, ବିଶ୍ୱଧର୍ମରେ ବ୍ୟକ୍ତିର ଆତ୍ମଦାନ । ବ୍ୟକ୍ତିର ଏହା ଆତ୍ମତ୍ରାଣ ଧର୍ମ—ଏହା ସ୍ୱଧର୍ମ । ଏହି ସାଧନାରେହିଁ ଆତ୍ମାର ସିଦ୍ଧି । ଦାନରେ ଅନ୍ୟର ଅଭାବ ପୂରଣ ହୁଏ—ଉପକାର ହୁଏ । କିନ୍ତୁ ଅନ୍ୟର ଉପକାର ପାଇଁ ଏହା କରି ହୁଏ ନାହିଁ । ଏହା କରି ହୁଏ, ଆତ୍ମ ସାଧନାରେ ବ୍ୟକ୍ତିର ନିଜ ସିଦ୍ଧି ପାଇଁ ।

ଆମ ମୈତ୍ରୀ-ଧର୍ମର କାଳତରେ ଗତ—ମହାଯାନର କରୁଣା

ମାତ୍ର ଏ ନିରଳଂବ ମୈତ୍ରୀ-ଧର୍ମର ପ୍ରତିଷ୍ଠା ନାନା କାରଣରୁ ଓ ନାନା ପ୍ରକାରରେ ପଣ୍ଡ ଭ୍ରଷ୍ଟ ହୋଇ ଥିଲା । ଏହି ଭ୍ରଷ୍ଟତାର ବୀଜ ଆମ ଇତିହାସରେ ପ୍ରଥମେ ଦେଖାଯାଏ, ମହାଯାନର ସେବାଧର୍ମରେ । ଜାଣିଥିବେ, ମହାଯାନରେ ମୈତ୍ରୀର ସାଧନା ଯାଇ, ସେଠାରେ ପଶିଲା କରୁଣା ଓ ସେଥିରେ ଅମୁକ୍ତର ବା ପତିତର ସେବା । କୁହାଗଲା, ନିଜେ ନିର୍ବାଣଲାଭ କରିଥିଲେ ମଧ୍ୟ ବା ନିର୍ବାଣର ପୂର୍ଣ୍ଣ ଅଧିକାରୀ ହୋଇ ଥିଲେହେଁ, ଜଗତରେ 'ପତିତ'ର ଉଦ୍ଧାର ଲାଗି ସର୍ବଦା କର୍ମ କରିବାକୁ; ସ୍ୱୟଂ ବୁଦ୍ଧ ମଧ୍ୟ ସେହିପରି ପତିତ-ସେବାରେ ଲାଗିଛନ୍ତି ଓ ଜଗତର ପ୍ରତ୍ୟେକ ଜୀବ ନିର୍ବାଣ ପାଇବାଯାଏ ସେ ଏହି ସେବା ଧର୍ମରେ ଲାଗିଥିବେ । ଏହିଠାରେହିଁ ପତିତପାବନ ଧର୍ମର ଅଂକୁରରୋପଣ । ଏହାର ବିକାଶରେ ଆଜି ଦରିଦ୍ର-ନାରାୟଣ ସେବା ଓ ତତ୍‌ସଂଗେ କାଂଗାଳ ଭୋଜନର ପ୍ରସିଦ୍ଧି । ଜଗନ୍ନାଥର ମୈତ୍ରୀଧର୍ମ ଏହାଠାରୁ ଭିନ୍ନ ।

Digitized by srujanika@gmail.com

ପଶ୍ଚିମ ଏସିଆର ପତିତପାବନଧର୍ମ ପ୍ରଭାବର ସଂକେତ

ପଶ୍ଚିମ ଏସିଆରେ ପ୍ରକାଶ ପାଇଥିବା ଇହୁଦୀଧର୍ମ, ଜୋରୋଅଷ୍ଟ୍ରୀୟଧର୍ମ, ତତ୍ ପ୍ରସୂତ ଖ୍ରୀଷ୍ଟଧର୍ମ ପ୍ରଭୃତି, ଯେଉଁ ଧର୍ମରେ ପୃଥିବୀର ମହାଶକ୍ତିଶାଳୀ ସମ୍ରାଟ୍ ଦୃଷ୍ଟିରୁ ତାଠାରୁ ଅଧିକ ବଡ଼, ଆଧ୍ୟାତ୍ମିକ ସମ୍ରାଟରୂପେ ଈଶ୍ୱରଙ୍କୁ ଏ କଳ୍ପନା କରି ତାଙ୍କ ଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା ଓ ଉପାସନାରେ ଲାଗିବାକୁ ହୁଏ, ସେ ସବୁ ମୂଳରୁ ସ୍ପଷ୍ଟତଃ 'ପତିତ ପାବନ' ଧର୍ମ। ସେଥିରେ ପାପୀ ମାନବର ତ୍ରାଣ କାର୍ଯ୍ୟରେ ଈଶ୍ୱର ତତ୍ପର ଲାଗି ଥାନ୍ତି ଓ ସେହି ଈଶ୍ୱରଙ୍କର ଦୟାର କାର୍ଯ୍ୟ କରିବାପାଇଁ ତାଙ୍କର 'ସତ୍ୟ ସମାଚାର' ର ଆଦେଶ ଓ ଉପଦେଶମାନ ଧରି ଧାର୍ମିକମାନେ ବି ଲାଗି ପଡ଼ିଥାନ୍ତି। ଏ ଧର୍ମ, ଚିନ୍ତା ବା ଦର୍ଶନହୀନ ଦୁଃସ୍ଥ ପ୍ରପୀଡ଼ିତ ମାନବକୁ ବଡ଼ ସୁଖ ଲାଗେ ଓ ସେ ତା ସହଜରେ ଧରିନିଏ। ତେଣୁ ପୃଥିବୀରେ ଏହି ଧର୍ମର ପ୍ରଭାବ ବେଶୀ। ଏହି ପ୍ରଭାବ ଚିରକାଳ ଭାରତ ଦ୍ୱାରରେ ଧକ୍କା ଦେଉଛି। ତେଣୁ ଅତି ଅଧମ କାଳରେ ଏକ ଆଡ଼େ ଏହି ପ୍ରାକୃତ ଧର୍ମ ବା ପତିତପାବନ ଧର୍ମ ଓ ଅନ୍ୟ ଆଡ଼େ ଅନ୍ୟ ଦାର୍ଶନିକ ଆତ୍ମଧର୍ମ ବା ମୈତ୍ରୀ ଧର୍ମ, ପୁଣି ଏଥି ମଧ୍ୟରେ ନାନା ଶାଖା, ପ୍ରଶାଖା, ପ୍ରଭାବ, ସର-ଣତରେ ଏ ଦୁହିଙ୍କ ଭିତରେ ଆଦାନ ପ୍ରଦାନର ଇତିହାସ, ଅପଶ୍ର ମାନଙ୍କର ଅତି ସ୍ୱାଦ୍ୟ, ରୁଚିକର ଓ ଆଗ୍ରହୋଦ୍ଦୀପକ ହେଲେହେଁ, ସେ ସବୁର ବିଶେଷ ଆଲୋଚନା ପାଇଁ ଅବକାଶ ଏଠି ଖୋଜିବା ଦରକାର ନାହିଁ। ଖାଲି ଦେଖିବାର ଅଛି, ବୌଦ୍ଧର ମହାଯାନ ସ୍ପଷ୍ଟ ପ୍ରକାଶ ପାଇଥିଲା, ଭାରତର ବାହ୍ୟବର୍ତ୍ତୀ ଦ୍ୱାରରୁ, ଅର୍ଥାତ୍, କୁଷାଣ ସାମ୍ରାଜ୍ୟ-ଭେଦ ପୁରୁଷପୁରରୁ। ଏହି ବୌଦ୍ଧ କୁଷାଣଙ୍କ ସାମ୍ରାଜ୍ୟ ପୁଣି ଭାରତରେ ଯେତେ ବ୍ୟାପି ଥିଲା, ତାଠୁ ବେଶି ବ୍ୟାପି ଥିଲା, ଭାରତ ବାହାରେ। ଖୁବ ମନେ କରାଯାଇ ପାରେ, ପଶ୍ଚିମର 'ପତିତ-

Digitized by srujanika@gmail.com

ଶରଣ' ଧର୍ମର ପ୍ରଭାବ ପଡ଼ି, ବୌଦ୍ଧର ମଙ୍ଗଳଂର 'ମୈତ୍ରୀ'ରେ ପ୍ରକାଶ ପାଇଥିଲା, ମହାଯାନର 'କରୁଣା' ଓ ତାହା ସଂଗେ ବୁଦ୍ଧ-ମୂର୍ତ୍ତି ଈଶ୍ୱରଙ୍କର ଓ ତାଙ୍କ ଭକ୍ତଙ୍କର ସାପିବାଣର ପ୍ରଚେଷ୍ଟା ; ସେଇଥିରୁ ପୁଣି 'ଯୋଗାଗ୍ନର'ବାଟେ କାଳକ୍ରମେ ନାନା ଶାଖା ପ୍ରଶା-ଖାରେ ଶାକ୍ତ,ବୈଷ୍ଣବ ଓ ସନ୍ଥ ଧର୍ମ ମାନଙ୍କର ପ୍ରକାଶ ଓ ପ୍ରତିଷ୍ଠା ।

ଅନ୍ୟଥା ଆଦାନ-ପ୍ରଦାନର ନିଦର୍ଶନ

ଏଇ ଆଦାନ ପ୍ରଦାନର ପ୍ରଭାବ ପୁଣି ଅନ୍ୟ ଅଞ୍ଚଳରୁ ବି ଦେଖା-ଯାଇ ପାରେ । ତା ହୁଏତ ଅନେକଙ୍କୁ ଏଠି ବେଶି ରୁଚିବ । କହୁ ଦେଉଛି, ସ୍ପଷ୍ଟ ନିଦର୍ଶନ ମିଳୁଛି, ସେସବୁ ପଶ୍ଚିମ ଭୂମିରେ ଏ ଅଞ୍ଚଳ ମୌଳିକ ସାଧନାର ପ୍ରଭାବ ମଧ୍ୟ କମ ପଡ଼ିନାଇ । କର୍ମତ୍ୟାଗ-ଯୋଗର କୃଚ୍ଛ୍ର ସାଧନା ଦିନେ ଖ୍ରୀଷ୍ଟପୂର୍ବ ଗ୍ରୀସ ଓ ଅଦକାଳର ଖ୍ରୀଷ୍ଟାନଙ୍କ ଭିତରେ ଖୁବ୍ ପୋଷି ଯାଇ ଥିଲା । ସେଇ ସବୁ ପ୍ରଭାବ ଭିତରେ ମହାଯାନର 'କରୁଣା' ଓ ଅନ୍ତତସେବା, ସେସବୁ ଭୂମିର ଧର୍ମ ଓ ଚଳଣିକୁ କିପରି କେତେ ପ୍ରଭାବିତ ଓ ଦୃଢ଼ କରିଥିଲା, ତାର ଗବେଷଣା ହୋଇନାଇ;ତେଣୁ ଠିକ କରି କହୁ ହେଉନାଇ । ମାତ୍ର ଗ୍ରୀକ୍ ଦାର୍ଶନିକମାନଙ୍କ ଉପରେ, ବିଶେଷରେ ଅଫ୍ଲୋଠ୍ନଙ୍କ ଦର୍ଶନଠାରୁ ଷ୍ଟୋଇକ୍‌ମାନଙ୍କ କୃଚ୍ଛ୍ରସାଧନାଦି ପର୍ଯ୍ୟନ୍ତ ସବୁଥିରେ ମୌଳିକ ଭାରତ ଦର୍ଶନ ଓ ଯୋଗସାଧନାର ଛାପ ସ୍ପଷ୍ଟ । ସେଇ ହିସାବରେ ବିଚାର କଲେ, ପାପୀର ଦୁଃଖଗ୍ରର ପାଇଁ ପଦେ ପଦେ ଈଶ୍ୱରଙ୍କ ପ୍ରତିଶୋଧ ଉପରେ ନିର୍ଭର ନ କରି,ଖ୍ରୀଷ୍ଟାନମାନଙ୍କ ଭିତରେ ଯେ ଅସୀମ ସହିଷ୍ଣୁ,ତା ସଙ୍ଗେ ଧର୍ମଦ୍ରୋହୀର ସମସ୍ତଅହଂକାର ପ୍ରଚ୍ଛନ୍ନ କରି ଧାର୍ମିକ ଖ୍ରୀଷ୍ଟାନର ଯେ ଅତିଂଦ୍ରିୟ ଜନସେବା ପ୍ରକାଶ ପାଉଛି, ତା ଭିତରେ ଭାରତୀୟ 'କରୁଣା' ର ପ୍ରଭାବ ଓ ପ୍ରକ୍ରିୟା କେତେ ଅଛି, ତା ମଧ୍ୟ ଏବେ କହିବା କଷ୍ଟକର । ସେବକର ଭଜୁ ଭକ୍ତଶ୍ରୀ ଓ ଏବର ବାଳକିମାତାଙ୍କ ପର ସନ୍ନ୍ୟାସୀ ସନ୍ନ୍ୟାସିନୀ ହେବା ଶ୍ରୀକୃ-

Digitized by srujanika@gmail.com

ଧର୍ମରେ ମଧ୍ୟ ଅନୁଷ୍ଠାନର ଭାବରେ ଖୁବ୍ ପ୍ରକାଶ ପାଇଛି । କିଏ କାହାକୁ କେତେ ଦେଇଛି, କିଏ କାହାଠାରୁ କେତେ ନେଇଛି, କିପରି ନେଇଛି, ଓ ନେଇ କଣ କରିଛି, ସେ ସବୁ ନିରପେକ୍ଷ ଭାବରେ ମାପି ଦେଖାଇବାର ଦିନ ହୁଏତ ଆସି ନାହିଁ । ସେ ଦିନ ଆସିବ । ଆପଣମାନେ ସେସବୁ ପ୍ରଭାବ ଓ ପରିଣାମ ମାପି ଦେଖା-ଇବେ । ତେଣୁ ସେ ସବୁ ଅନ୍ତର୍ଦ୍ଦୃଷ୍ଟା ଭିତରକୁ ନ ଯାଇ ମୋର ଏଠି ଏତିକି କହିବାର କଥା, ଯେତେ 'ପତିତ ପାବନ' ବୋଲି ଡାକିଲେ ମଧ୍ୟ, ଜଗନ୍ନାଥେ 'ପତିତ ପାବନ' ହୋଇ-ନାହାନ୍ତି ।

ପତିତ ପାବନ ଧର୍ମର ନଗ୍ନରୂପ—କାଙ୍ଗାଳ ସେବା

କାଙ୍ଗାଳ-ସେବା ବା କାଙ୍ଗାଳ-ଭୋଜନ ହେଉଛି, ଅଗ୍ରତରେ ପତିତ ପାବନ ଧର୍ମର ଅତି ନଗ୍ନ ରୂପ । ଏହାକୁ ଏକ କଦାଚାର ବୋଲି କୁହାଯାଇ ପାରେ ! ଅବଶ୍ୟ ସମାଜରେ ଭୋଜନ ଦେବା କଦାଚାର ନୁହେ । ଏହା ଯେପରି ଭାବରେ ଓ ନୀଚ ତୁଳନାରେ ମନୁଷ୍ୟକୁ ଯେଉଁ ଦୃଷ୍ଟିରେ ଦେଖି ଦିଆଯାଏ, ସେଇ କଥାକୁ କଦାଚାର ବୋଲି କୁହାଯାଉଛି । ଏଇ କାଙ୍ଗାଳ ଭୋଜନ-କଥାଟି ସ୍ପଷ୍ଟ ପତିତପାବନ ଧର୍ମରୁ ଆସିଛି । ଜନପଟିକୁ ପ୍ରଦର୍ଶୀ କରିବା ପାଇଁ ତାକୁ ନାମ ଦିଆଯାଏ, 'ଦରିଦ୍ର-ନାରାୟଣ-ସେବା' । ଅନେକ କରିବାର ଉତ୍ସବମାନଙ୍କରେ, ପୁଣି ପିତୃପୁରୁଷ, ଗୁରୁବର୍ଗ ଓ ମହା-ପୁରୁଷମାନଙ୍କ ଶ୍ରାଦ୍ଧ ବା ଜୟନ୍ତୀରେ ମଧ୍ୟ କାଙ୍ଗାଳ ଭୋଜନର ବ୍ୟବସ୍ଥା ହେଉଛି । ଏହା ପୁଣି ଏ ଦେଶରେ ଗୋଟିଏ ଅତି ଆଧୁନିକ ବିକାଶ । 'ଆମରି ପନ୍ଥା, ଯାହାର ନାହିଁ ତାକୁ ଖାଇବାକୁ ଦେଲେ ଯଥାର୍ଥ ସେବା ହେବ' । ଏହାଇ ଅଭିପ୍ରାୟ । କିନ୍ତୁ ଉତ୍ସବ ଶ୍ରାଦ୍ଧା-ଦିରେ ଭୋଜନ ଦେବାଟା ଆମର ନଥିଲା, ନୁହେ । ସେଥିରେ ନିମନ୍ତ୍ର-

Digitized by srujanika@gmail.com

ତାଙ୍କ ଭିତରେ ଦୁଃସ୍ଥ ବି ଥାନ୍ତି ସୁସ୍ଥ ବି ଥାନ୍ତି, ସନ୍ଥ ଥାନ୍ତି, ଅପକର୍ମୀ ଥାନ୍ତି, ଅଗନ୍ତୁକ ଥାଆନ୍ତି, ଅକର୍ମା ବି ଥାଆନ୍ତି । ସମସ୍ତେ କିନ୍ତୁ ଆମର ଅତିଥି—କେହି ବାଙ୍ଗାଳ ନୁହନ୍ତି । ଏବେର ଏଇ ନୀରସ ଜାତି-ଜଗତ-ଗ୍ରସ୍ତ ସମାଜରେ ମଧ୍ୟ ଶ୍ରାଦ୍ଧ ନିମିତ୍ତ ପବାଡରେ ପୁରୋହିତ ବ୍ରାହ୍ମଣଠାରୁ ବାଦ୍ୟକାର ହାଡ଼ି ପର୍ଯ୍ୟନ୍ତ ସମସ୍ତଙ୍କୁ ଆମେ ଡାକୁ—ଖାଇବାକୁ ଦଉଁ । କିନ୍ତୁ ସେ ସମସ୍ତେ ଆମ ଅତିଥି—କେହି ବାଙ୍ଗାଳ ନୁହେଁ । ଆପଣମାନେ ବେଶ୍ ଜାଣିଥିବେ, ଏବେ କୌଣସି କୌଣସି ବଡ଼ଲୋକ ବାବୁ ଭଦ୍ରାଙ୍କ ଘରେ 'ଗୃହର-ଦ୍ୱାର' 'ଗୃହର-ଛଅଣ୍ଡ' ରହି ଦେଖାପଡ଼େ ଆମ ଗ୍ରାମମାନଙ୍କ ଶ୍ରାଦ୍ଧନିମିତ୍ତରେ ବାଙ୍ଗାଳ ପାଇଁ ଅଲଗା ରନ୍ଧା ହୁଏ ନାହିଁ । ପୁଣି ଭଣ୍ଡାରଠାରୁ ହାଡ଼ି ପର୍ଯ୍ୟନ୍ତ ସମସ୍ତେ ଖାଇ ନ ସାରିବା ଯାଏ, ଅତିଥେୟ ଗୃହସ୍ଥ ଖାଏ ନାହିଁ । ଅଥଚ ବାଙ୍ଗାଳ-ଭୋଜନ ଏଇ ସଦାଚାରର ବିକାଶ କି ? ବାଙ୍ଗାଳ ଭୋଜନରେ ଏ ସାମାଜିକତା, ଏ ସରସତା, ମୈତ୍ରୀର ଏ ଆନ୍ତରିକତା ରହି ପାରେ କି ? ବାଙ୍ଗାଳ ଭୋଜନରେ ମନୁଷ୍ୟ ଖାଏ; କିନ୍ତୁ ମନୁଷ୍ୟ ସେଥିରେ ମନୁଷ୍ୟ ହୋଇ ରହେ ନାହିଁ । ଏଥିରେ ଦେବା ଲୋକର ଅହଂକାର ଓ ଖାଇବା ଲୋକର ଦୈନ୍ୟ ଭିତରେ କୌଣସି ସାମଞ୍ଜସ୍ୟ ବା ସମାଧାନ ଅସମ୍ଭବ । ଫଳରେ ଏଇ ଅଂଶ ବିରୋଧରେ ଦୈନ୍ୟର ବିଦ୍ରୋହ ହୁଏତ ଅନିବାର୍ଯ୍ୟ ହୋଇ ପଡ଼େ ଓ ସମାଜର ଶାନ୍ତି ଶୃଙ୍ଖଳା ଭଗ୍ନ ହୁଏ । ତାହାହିଁ ହେଉଛି ।

ପତିତପାବନ ଧର୍ମରେ ଯଥାର୍ଥ ଆସ୍ତିକତା ନାଇ

ପତିତପାବନ ଧର୍ମର ଭକ୍ତି ଝଲକରେ ଆସ୍ତିକତା ଗୋଟିଏ ଅଭାବ ମାତ୍ର । ଏଇ ସଂସାର ବା ସମାଜର ଦର୍ପ ଓ ଦୈନ୍ୟ, ଅଧୃଷ୍ଟତା ଓ ଦାରିଦ୍ର୍ୟ, ଧନମଦ ଓ ବଳହୀନତା ତଥା

Digitized by srujanika@gmail.com

ସ୍ୱର୍ଗ-ସମ୍ରାଟ ଓ ପ୍ରକାର ଧାରଣାକୁ ଅତିବସ୍ତୁତ କରି, ତାକୁ ଆଧ୍ୟାତ୍ମିକ ବୋଲି ଅବରଣରେ ଘୋଡ଼ାଇ, ଲୋକଙ୍କୁ ଡରାଇ, ମତାଇ, ଭୁଲାଇ ମନାଇବାରେ ଓ ବାରଂବାର ଅବୃତ୍ତିର ବିଶ୍ୱାସ କରାଇ ମତାନ୍ଧ କରିବାରେ ଯଥାର୍ଥ ଆଧ୍ୟାତ୍ମିକ ଦର୍ଶନ ପୁଷ୍ଟିବାର ନୁହେ । ଏଥିରେ ସାଧନା ଓ ଅନାଲଂବ ଆତ୍ମ-ଦର୍ଶନ ଆଡ଼କୁ ଉନ୍ମୁଖତା ବା ଅଭିମୁଖ୍ୟ ମଧ୍ୟ ରହେ ନାହିଁ । ତା ହୋଇ ନାହିଁ । ସେଥିପାଇଁ ଅନେକ ପୃଥିବୀରେ ଧର୍ମ ଓ ଈଶ୍ୱର ସ୍ୱର୍ଗ ବିରୋଧରେ ବିଦ୍ରୋହ । ଆତ୍ମଦର୍ଶନର ଅଭ୍ୟାସ ବା ସେଥିପ୍ରତି ଅଭିମୁଖ୍ୟ ନ ଥିବାରୁ ଏ ବିରୋଧରେ ସମାଧାନ ଅଡ଼କୁ ମଧ୍ୟ ବାଟ ଦିଶୁ ନାହିଁ । ଫରାସୀ ପଣ୍ଡିତ ଭଲଟେଅର୍ ସେଥିପାଇଁ ପ୍ରଚାର କରିଥିଲେ, "ଈଶ୍ୱର ନାହାନ୍ତି, ଏ ଧାରଣା ସାର୍ବଜନୀନ ନ ହେବାଯାଏ ଜଗତରେ କଦାପି ସୁଖ ଶାନ୍ତି ନାହିଁ" (୧୭) । ସେକାଳ ଫ୍ରାନ୍ସ ରାଜାଙ୍କ ଅତ୍ୟାଚାରର ଘୋର ପ୍ରତିବିଧାନ କଳ୍ପନାରେ ଉଦ୍ଭାବିତ ହୋଇ ହୁଏତ ସେ ଏହା କହିଥିଲେ । ଏବେ ଯେତେ ଚେଷ୍ଟା କଲେ ମଧ୍ୟ, ବହୁ ବିଶ୍ୱାସୀଙ୍କ ବାରଂବାର ଅବୃତ୍ତି ଓ ରାଜ୍ୟ ସାମ୍ରାଜ୍ୟମାନଙ୍କର ଏତେ କାତର ପ୍ରାର୍ଥନା ସତ୍ତ୍ୱେ 'ପତିତପାବନ' ଈଶ୍ୱର ଆଉ ଗାଦିରେ ବସିପାରୁ ନାହାନ୍ତି । ଅଥଚ ପରଂପରା ନ ଥିବାରୁ ଅନ୍ୟଥା ଯଥାର୍ଥ ଆତ୍ମଦର୍ଶନ ବି ପୁଷ୍ଟ ନାହିଁ । ମନୁଷ୍ୟ ଆଉ ଆଧ୍ୟାତ୍ମିକ ସମ୍ରାଟ ଟିଏ କଳ୍ପନାରେ ବସାଇ, ତା ପାଖେ ପାପୀ ପତିତ ହୋଇ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ନୁହେଁ । ତଥାପି ବାସ୍ତବ ଜଗତର ଅନନ୍ତ ପ୍ରକାଶ ଭିତରେ ଏକତ୍ୱ ଓ ଶୃଙ୍ଖଳାର ପୀଠରୂପେ ଅବାସ୍ତବ ଅସ୍ତିତ୍ୱ ବା ଅସ୍ମା ରୂପ ଅଛି, ସେ ଅଡ଼େ ଦର୍ଶନ ଦିଶାଇବାକୁ ତାର ଅଭିମୁଖ୍ୟ ଅଛୁ ନାହିଁ ।

Digitized by srujanika@gmail.com

ତେଣୁ ସମାଜରେ ଅନିବାର୍ଯ୍ୟ ବିଦ୍ରୋହ ଓ ଦ୍ୱନ୍ଦ୍ୱ

ଏଇ ଧାରାରେ କାଙ୍ଗାଳ ଭୋଜନର ପରିଣାମ ଦେଖ । କାଙ୍ଗାଳ ଭୋଜନ ହେଉଛି, ଦୁଃସ୍ଥ-ସେବା । 'ପତିତପାବନ ଧର୍ମ'ର ଏହା ସାମାଜିକ ଅଙ୍କୁର । ଚିରକାଳ ଏହା ପୃଥିବୀକୁ ଘୋଟି ରହିଥିଲା ଓ ଆଜି ବି ନ ରହିଛି, ନୁହେଁ । କିନ୍ତୁ ଏଥିରେ ଏକ ଦିଗରେ ଧନୀଙ୍କର ବଦାନ୍ୟତା ଓ ଅନ୍ୟଦିଗରେ କାଙ୍ଗାଳର ଦୀନତା ରହିବା ଅନିବାର୍ଯ୍ୟ । ପତିତ-ପାବନଙ୍କୁ ଯେତେ ସାକ୍ଷୀ କଲେ ବି, ଯେତେ ଡାକିଲେ ବି, ଏ ଦ୍ୱନ୍ଦ୍ୱର ତୀବ୍ରତା ଆଉ ସମ୍ଭାଳି ହେଉ ନାହିଁ । ଅଙ୍କୁରର ପ୍ରାକୃତ ନଗ୍ନତାକୁ ବଳି ପ୍ରତିକ୍ରିୟାର ବିରୋଧ ଆଜି ଧରିଛି, ସାକ୍ଷାତ୍ ନୃମୁଣ୍ଡ-ମାଳିନୀଙ୍କ ବୀଭତ୍ସ ନଗ୍ନ ରୂପ । ଦୀନତାର ଦର୍ପରେ କାଙ୍ଗାଳ ଆଜି ବସିଛି, ସେଇ ହେବ ରାଜ୍ୟର ଅଧିକାରୀ । ଧନୀଙ୍କର ବଦାନ୍ୟତା ତାର ଲୋଡ଼ା ନାହିଁ । କାଙ୍ଗାଳ ଦେଲେ ଧନୀକି ପାଇବ । ମାନବ ସମାଜର ଦୁରନ୍ତ ପ୍ରତିକ୍ରିୟାର ଗତି ଆଜି ଏଇ ଆଡ଼େ । ଟିକିଏ କବିତ୍ୱ କରି ଏଠାରେ ବରଂ କୁହାଯାଇ ପାରେ, ଦରିଦ୍ର ସେବାରେ ଯେଉଁ ନାରାୟଣଙ୍କ ସେବା କରାଯାଉ ଥିଲା, ସେଇ ନାରାୟଣ ଆଜି ପ୍ରବ-ପୁର ଦରିଦ୍ର ଓ କାଙ୍ଗାଳଙ୍କୁ ବରଣ କରିଚନ୍ତି—ଆପଣାର କରି-ଚନ୍ତି । ଆଉ ଧନୀକ ବା ଧନର ତଥାକଥିତ ମାର୍ଫତଦାରମାନ-ଙ୍କର ଅହଂକାରର ଉଦାରତା ଦରକାର ନାହିଁ । କାଙ୍ଗାଳଭୋଜ-ନର କଦାଗ୍ରହରେ ସମାଜର ପରିସ୍ଥିତି ଏଣିକି ଜଟିଳ ଓ ଭ୍ରଷ୍ଟ ହେବ । ବିଚାରର ବାଟ ଆଉ ସେ ବାଟ ନୁହେଁ ।

'ଜଗନ୍ନାଥ' ପତିତପାବନ ନୁହନ୍ତି

ସ୍ୱୟଂ ଜଗନ୍ନାଥ ମଧ୍ୟ ଆଉ ନିଜର ଭକ୍ତାବଶେଷ 'ନୈବେଦ୍ୟ' ଦାନ କରି 'ପତିତପାବନ' ବୋଲାଇବାକୁ ଲୋଡ଼ୁ ନାହାନ୍ତି ।

Digitized by srujanika@gmail.com

ପୁଣି ବୁଝିବାର ଅଛି, 'ପତିତପାବନ' ନାମଟି 'ପୁରୁଷୋତ୍ତମ-ଜଗନ୍ନାଥ' ନାମର ଗୋଟିଏ ଅତି କଦର୍ଯ୍ୟ ଅପଲାପ । 'କରୁଣା-' ଧର୍ମର ସାଧକମାନଙ୍କ ଅନୁକରଣରେ ବେଦଧର୍ମୀ ସ୍ମାର୍ତ୍ତମାନେ ମଧ୍ୟ ଏଇ ନାମଟି ଗ୍ରହଣ କରିଥିବେ ବୋଲି ମନେ ହୁଏ । ସମାଜରୁ ଦଳେ ଲୋକଙ୍କୁ ବା ସମସ୍ତ ସମାଜକୁ ପତିତ ମଣି ପାପୀ ଜଗତରେ ସାମ୍ୟନାୟାମକ, ବିଶ୍ୱ-ସତ୍ୟ ଓ ବିଶ୍ୱ-ତତ୍ତ୍ୱର ପ୍ରତୀକ ଜଗନ୍ନାଥଙ୍କଠାରେ ଏ ନାମଟିର ଅବେଶ୍ୱପ ଅଯଥାର୍ଥ । ଜଗନ୍ନାଥଙ୍କ ପାଖେ କେହି ପତିତ ନୁହେ— କେହି ଉନ୍ନତ ନୁହେ । ସେ କାହାକୁ ପତିତ କରନ୍ତି ନାଇ—ମଣନ୍ତି ନାଇ । ତାଙ୍କ ପାଖେ କାଂଗାଳ ଅପବିତ୍ର ନୁହେ; ବ୍ରାହ୍ମଣ, ରାଜା, ଶିଳ୍ପୀ, ବଣିକ୍, ଜମିଦାର ବା ମଠାଧୀଶ ସମାଜରେ ଧନୀ ବା ପ୍ରଭାବଶାଳୀ ବୋଲି ବେଶୀ ପବିତ୍ର ନୁହନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାଇ, ବା ପତିତ ବୋଲି କେହି ଅପବିତ୍ର ନୁହେ, ସେ ପୁଣି 'ପତିତପାବନ' ହେବେ କିପରି ? 'ଜଗନ୍ନାଥ', 'ପତିତପାବନ' ନୁହନ୍ତି । ସେ ହେଉଛନ୍ତି, ଅନନ୍ତ ବିଶ୍ୱପ୍ରକାଶର ବହୁରେ ଏକ; ପୁଣି ବିଶ୍ୱ-ତତ୍ତ୍ୱର ଏକରେ ପ୍ରକାଶ-ରୂପ ବହୁ । ସେ ବିଶ୍ୱ ମୈତ୍ରୀର ପ୍ରତୀକ, ମୈତ୍ରୀ-ଦେବ ପୁରୁଷୋତ୍ତମ । ସେ ହେଉଛନ୍ତି ଶୁଦ୍ଧ, ବୁଦ୍ଧ, ଜଗନ୍ନାଥ । ଯେଉଁ ଧାର୍ମିକଂମନ୍ୟମାନେ 'ଅଭଢ଼ା'କୁ 'କୈବଲ୍ୟ' ନାମ ଦେଇ, ତାହାର ଭୋଜନରେ କାଂଗାଳଙ୍କ ସେବା କରି ପରଂ-ପରାରେ 'ପତିତ-ପାବନ ବାନା' ନାମରେ ନିଜ ବେଦ ଧର୍ମର ଧ୍ୱଜା ଉଡାଇ ଆସିଛନ୍ତି, ସେମାନେ ଏବେ ଏହା ବୁଝି ତାବନ୍ଧ କରନ୍ତୁ । ତେବେ ଏକା ଯଥାର୍ଥରେ ବ୍ରାହ୍ମଣର ଉପାସ୍ୟ ଶବରଦେବତା ଜଗନ୍ନାଥ, ଯୁଗଯୁଗର ଅବେଶ୍ୱପଜନିତ ମଳିନତା ତୁଟାଇ, ନିଷ୍କଳଙ୍କ ହେବେ ? ତେବେ ଯାଇ ତାଙ୍କ ସେବାରେ ସାଂଖ୍ୟର 'ଭୂତ-ପ୍ରକୃତି-ମୋକ୍ଷ' ଯଥାର୍ଥ 'କୈବଲ୍ୟ' ମିଳିବ ।

Digitized by srujanika@gmail.com

ଚତୁର୍ଦ୍ଧାମୂର୍ତ୍ତି ପୁରୁଷୋତ୍ତମ ଜଗନ୍ନାଥଙ୍କରେ ସମାଧାନ

ଏ କୈବଲ୍ୟର ଅବେଗ୍ୟ ଆଜି ପୃଥିବୀରେ ମାନବ ସମାଜକୁ କଲଙ୍କ । ପତିତ-ଉନ୍ନତ, ନ୍ୟୂନ-ବଦାନ୍ୟ, କାଂଗାଳ-କୁଶଳର ଦୈନ୍ୟ-ଦର୍ପ ଯେଉଁ ଯେଉଁ ଦ୍ୱନ୍ଦ୍ୱ, ତାର ନିତ୍ୟବର୍ଦ୍ଧମାନ ଘୋର ତାଣ୍ଡବର କରାଳ ଜ୍ୱାଳାରେ ମାନବ ସମାଜ ଆଜି ଉଦ୍‌-ବ୍ୟସ୍ତ । ସେ, ସମାଧାନର ବାଟ ପାଉନାହିଁ । ପତିତପାବନ ଧର୍ମର ଅତିରଞ୍ଜିତ ଆଧ୍ୟାତ୍ମିକତା, କଳ୍ପିତ ସ୍ୱର୍ଗଭୋଗର ବାକ୍‌ପଟୁତା ଓ ବିଶ୍ୱାସର ମତାନ୍ଧତା, ସମାଧାନ ଦେଇ ପାରିନାହିଁ; ପାରିବ ନାହିଁ । ବିଶ୍ୱସତ୍ୟ ବା ଧର୍ମ-ପ୍ରକାଶର ଅନନ୍ତ ବୈଷମ୍ୟ ଭିତରେ ଭିତରେ ଶୃଙ୍ଖଳା ଫୁଟାଇବା ପତିତପାବନ ଧର୍ମର ଧର୍ମ ନୁହେଁ । ସମାଜରେ ବାସ୍ତବ ରାଜାଙ୍କ ପରି ଦଣ୍ଡ ଓ କ୍ଷମା ଯେଉଁ ବିଶ୍ୱ ସମ୍ରାଟଙ୍କୁ କଳ୍ପିତ ସ୍ୱର୍ଗର ଗାଦିରେ ବସାଇ ଦେଇ, ବିଶ୍ୱ ଦୁଷ୍କୃତର କାରଣ ବୋଲି ଈଶ୍ୱରଙ୍କର ଅନଧୀନ ଓ ଦ୍ୱେଷୀ 'ଅହ୍ରିମନ୍' ବା 'ଅଂଗ୍ରମୈନ୍ୟୁ' ତଥା ସଇତାନ ମୁଣ୍ଡରେ ସବୁ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର ବୋଝ ଲଦିଦେଇ, ତାର ପ୍ରରୋଚନାରେ ଜନ୍ମତଃ ଓ ପୁରୁଷାନୁକ୍ରମେ ନିତ୍ୟ ପାପୀ ବୋଲି ମନୁଷ୍ୟକୁ ମନାଇ ବିଶ୍ୱାସ କରାଇ, ଶାନ୍ତି ପାଇଁ ସେହି କରୁଣାମୟ, କ୍ଷମାଶୀଳ ବିଶ୍ୱସମ୍ରାଟଙ୍କ ଗୋଡ଼ତଳେ ପକାଇ ଦେଲେ ବୁଦ୍ଧିଧାରୀ ମାନବ ଚିରକାଳ ପାଇଁ ଶାନ୍ତ ହେବ ନାହିଁ । ବ୍ୟକ୍ତିର ଅପ୍ରକାଶ ପୁରୁଷଙ୍କୁ ଧର୍ମର ପ୍ରକାଶମୟ ସତ୍ୟରୂପେ ବୁଝିବାକୁ ହେବ । ପୁରୁଷୋତ୍ତମ ହେଉଛନ୍ତି, ବ୍ୟକ୍ତି ତଥା ବିଶ୍ୱର ଏହି ଅପ୍ରକାଶ ଓ ପ୍ରକାଶର ସମନ୍ୱୟ ତଥା ସମାଧାନର ସ୍ୱରୂପ । ସେହି ହେଉଛନ୍ତି, ଧର୍ମର ଅନନ୍ତ ବୈଷମ୍ୟ । ପୁଣି ସେହି ହେଉଛନ୍ତି, ସେ ସବୁ ବୈଷମ୍ୟ ଭିତରେ ବିଶ୍ୱଭିତରେ ମହାଶୃଙ୍ଖଳା । ଏକାଧାରେ ବହୁ

Digitized by srujanika@gmail.com

ହେବା ଓ ବସ୍ତୁରେ ଏକ ହେବା ହେଉଛି, ତାଙ୍କର ଜ୍ୱଳନ୍ତ ତପସ୍ୟା ବା 'ଯୋଗମାୟା' । ସେଥିପାଇଁ ବେଦ କହନ୍ତି,

"ଋତଂ ଚ ସତ୍ୟଂ ଚାଭୀଦ୍ଧାତ୍ ତପସୋଽଧ୍ୟଜାୟତ"

ଋଗ୍‌ବେଦ---୧୦. ୧୯୦

(ଋତ ବା ବିଶ୍ୱ ଶୃଙ୍ଖଳାର ସାମ୍ୟ ପୁଣି ସତ୍ୟ ବା ବିଶ୍ୱପ୍ରକାଶର ବୈଷମ୍ୟ, ପ୍ରଦୀପ୍ତ ତପସ୍ୟାରୁ ବାହାରିଛି ।)

ସେହି ହେଉଛନ୍ତି, ଘୋର ଅପ୍ରକାଶ, ସୁଦର୍ଶନ; ସେହି ହେଉଛନ୍ତି, ସମସ୍ତ ପ୍ରକାଶର ଅବ୍ୟକ୍ତ କାରଣ, ଜଗନ୍ନାଥ; ସେହି ହେଉଛନ୍ତି, ତପସ୍ୟାର ଯୋଗମାୟା, ସୁଭଦ୍ରା; ପୁଣି ସେହି ହେଉଛନ୍ତି, ବିଶ୍ୱ ପ୍ରକାଶର ବା ସତ୍ୟର ପ୍ରତୀକ, ଅନନ୍ତ ଫୁଲରୂପ, ଜଗନ୍ନିବାସ, ଦେବେଶ ବା ବଡ଼ଠାକୁରେ । ଏହି ସବୁ ଚତୁର୍ଧାମୂର୍ତ୍ତି ଜଗନ୍ନାଥ ହେଉଛନ୍ତି, ପୁରୁଷୋତ୍ତମ ।

ପୁରୁଷୋତ୍ତମ ଧାରଣାଇ ମୁକ୍ତିର ପନ୍ଥା

ଏହି ପୁରୁଷୋତ୍ତମ ଧାରଣାରେ ପ୍ରତିଷ୍ଠିତ ରହି କର୍ମମୟ ସତ୍ୟରେ ଆତ୍ମପ୍ରକାଶ କରିବା, ଅର୍ଥାତ୍, ସ୍ୱଧର୍ମର ନିରାଲମ୍ବ ଓ ଅନାସକ୍ତ ଆଚରଣରେ ନିଜକୁ ବିଶ୍ୱରେ ତଥା ସମାଜରେ ମିଶାଇ ଦେବା ନିଜେ ଯଥାର୍ଥରେ କିଏ ତା ଜଣାଇ ଦେବା, ବ୍ୟକ୍ତି ସଂହତିର ସମ୍ପର୍କରୁ ଭୋଗ ଓ ସ୍ୱାଧୀନ ସ୍ୱାର୍ଥ ନ ଲୋଡ଼ି, ସେହି ସମ୍ପର୍କର ନିତ୍ୟତାରେ ନିଜକୁ ମିଶାଇ ଦେବା, ହେଉଛି ବ୍ୟକ୍ତିର ଯଥାର୍ଥ ଆତ୍ମଲାଭ । ଏଇସବୁ ନିତ୍ୟସତ୍ୟ ବା ଅନାସକ୍ତ କର୍ମ ବା କର୍ତ୍ତବ୍ୟରେ ଆତ୍ମଦାନର ତପସ୍ୟାଇ ମୁକ୍ତିର ପନ୍ଥା । ଏଥିରେହିଁ ଆତ୍ମପ୍ରକାଶ ବା ଆତ୍ମ ଲାଭର ବାଧା ବନ୍ଧନ ତୁଟିଯିବ ଓ ଅନନ୍ତ ବୈଷମ୍ୟ ଭିତରେ ସମାଜର କର୍ମ ପ୍ରବାହ, ବିଶ୍ୱଶୃଙ୍ଖଳାର ଶାନ୍ତ ଓ ସନାତନ ବା ନିତ୍ୟନୂତନ ଧାରା ଧରି ସ୍ୱଚ୍ଛନ୍ଦ ଗତିରେ ଚାଲିବ ।

Digitized by srujanika@gmail.com

ଏହି ଭାରତ ଧର୍ମର ଆଦି ପୀଠ—ଜଗନ୍ନାଥ ଭୂମି

ଏହି ଶାନ୍ତ ଜୀବନ୍ତ ଓ ସନାତନ ବା 'ଭୂତଶ୍ରେୟୋଭବ-କର' ଧର୍ମର ଭୂୟୋ ବିକାଶରେ ନିତ୍ୟବିବର୍ଦ୍ଧମାନ ଏହି ମାନବ ଧର୍ମ, ପ୍ରଗତିପଥରେ ସମାଜ ଶୃଙ୍ଖଳାର ଏକ ମହାସତ୍ୟ, ହେଉଛି, ଯଥାର୍ଥ ଭାରତ ଧର୍ମ। ଅତି ଅଧମ କାଳରେ ଏହା ପ୍ରକାଶ ପାଇଥିଲା, ଏହି ଜଗନ୍ନାଥ ଭୂମିରେ। ଅଧ୍ୟାତ୍ମ ଓ ଅଧିଭୂତର ଏ ମହା ସମାଧାନ ଜ୍ଞାନରେ ପୁଣି ପରପ୍ରଶ୍ନର ସ୍ପଷ୍ଟ ବୈଜ୍ଞାନିକ ଧାରା ଧରି ଯୁକ୍ତିଯୁକ୍ତ ଓ ସମୀଚୀନ ସିଦ୍ଧାନ୍ତରେ ପ୍ରତିଷ୍ଠିତ ହୋଇଥିଲା।

ଶତ ବିପ୍ଲବ ସତ୍ତ୍ୱେ, ତା ଆଜି ଜଗତର ଗତିପାଇଁ ଜୀବନ୍ତ ଅଛି

ସେତେବେଳେ ବି ଏହି ସିଦ୍ଧାନ୍ତ ଓ ସୃଷ୍ଟିର ମନ୍ଥ ପ୍ରଗତି କରିବାର ଉଦ୍ୟମ ନ ହୋଇ ଥିଲା, ନୁହେଁ। ମାତ୍ର ଭୋଗଲିପ୍ସା-ଗ୍ରସ୍ତ ଦୃପ୍ତ ମାନବର ଘୋର ଆକ୍ରମଣରେ ସେ ପ୍ରଗତିଧାରା ଛିନ୍ନ ହୋଇଗଲା। ଅବଶ୍ୟ ଜଗତରେ ଏହା ନୂଆକଥା ନୁହେଁ। ରୁକ୍ଷ ଓ ଅସଭ୍ୟ ବା ଅଳ୍ପସଭ୍ୟ ମାନବ ସମାଜ ଶାନ୍ତ ଓ ସଭ୍ୟତର ସମାଜକୁ ଏପରି ଅଭିଭୂତ କରିବାର ଦୃଷ୍ଟାନ୍ତ ପୃଥିବୀରେ ବହୁତ ଅଛି। ଗ୍ରୀସ୍‌କୁ ଜିଣିଥିବା ରୋମ୍, ପ୍ରାଚୀନ ପାରସ୍ୟକୁ ପଲ୍ଲବ, ବାବିଲନକୁ ଅସୁର, ସୁମେରକୁ ଅକାଡ଼ ଓ ବାବିଲନ, ଚୀନ ପାରସ୍ୟାଦିକୁ ମୋଗଲ, ପାରସ୍ୟ ଓ ମିଶରକୁ ଆରବ ମୁସଲମାନ ପ୍ରଭୃତି ଏହାର ଦୃଷ୍ଟାନ୍ତ। ଏପରି ବିଜୟରେ ପୁଣି ବିଜେତା, ବିଜିତର ସଭ୍ୟତା ପ୍ରାୟ ଗ୍ରହଣ କରିଥାଏ; କିନ୍ତୁ ପୂରା ଗ୍ରହଣ କରିପାରେ ନାହିଁ। ବିଶେଷତଃ ଭାରତର ଆସ୍ତିକ ତତ୍ତ୍ୱ ଗ୍ରହଣ କରି ଠାବ ଠିକ୍ ରଖିବା ବିଜେତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ। କହୁଛି, ତୁର୍କୀ କୁଷାଣମାନେ ବୌଦ୍ଧର ବିଶ୍ୱମୈତ୍ରୀକୁ ଗ୍ରହଣ କରିବାକୁ ଯାଇ ସେଥିରେ ପଡ଼ାଇ

Digitized by srujanika@gmail.com

ସ୍ୱରେ କରୁଣାର ଦର୍ପ-ଦ୍ୱନ୍ଦ ଓ ଫଳରେ ଭାରତ ଭୂମିରେ ପତିତ-ପାବନ ଧର୍ମ । ତଥାପି ଆପଣମାନଙ୍କ ପାଇଁ ମୈତ୍ରୀ ଧର୍ମର ସଙ୍କେତ ଲୋପ ପାଇ ନାହିଁ । ଶତ ଆକ୍ରମଣରେ ଅପପ୍ରଭାବ ସତ୍ତ୍ୱେ ତା ଅଙ୍ଗ ଜୀବନ୍ତ ଅଛି । ଭାରତ ପୁଣି ଆଜି ଦୀର୍ଘ ଶୀତରାତ୍ରିର ଘନାନ୍ଧକାର-ପରେ ଦିଗନ୍ତ ବ୍ୟାପୀ ନିଦ୍ରାରୁ ଉଠୁଛି । ଭାରତର ସେଇ ମୈତ୍ରୀ-ମନ୍ତ୍ର ପୃଥିବୀରେ ମଧ୍ୟ ଆଜି ଲୋଡ଼ା ପଡ଼ୁଛି । ମନେ ହେଉଛି, ସେଇ ମନ୍ତ୍ର ଦୀକ୍ଷା ଦେଇ ପୃଥିବୀର ଘୋର ବିବାଦଗ୍ରସ୍ତ ମାନବଙ୍କୁ ଶାନ୍ତିର ସମାଧାନ ଓ ପ୍ରଗତିର ସ୍ୱଚ୍ଛନ୍ଦ ଅବକାଶ ଦେବାପାଇଁ, ଯେପରିକି, ଭାରତ ଏତେ ଦୀର୍ଘ ରାତ୍ରିର ଶୀତ ଓ ଅନ୍ଧକାରରେ ନ ମରି ବଞ୍ଚି ରହିଛି । ନ ହେଲେ ପୃଥିବୀରେ ଏତେ ବିଶାଳ ଓ ବରିଷ୍ଠ ସଭ୍ୟତାମାନ ତ ଯାଇଛି, ଧ୍ୱଂସ ପାଇଛି, ଭାରତ ରହିଛି କାହିଁକି ? ତେଣୁ କହେଁ, ଏଇ ମହାମନ୍ତ୍ର ଆଜି ପୃଥିବୀକୁ ଦେଇ ପୃଥିବୀକୁ ଚିର ରୋଗରୁ ମୁକ୍ତ କରିବାକୁ ହେବ ।

ଏ ମନ୍ତ୍ରର ପାରଂପରିକ ସାଧନା—ବୌଦ୍ଧାଗ୍ରରରେ

ମନ୍ତ୍ରଦେବା କଥାଟି ଶୁଣି କେହୁ ଯେପରି ଏଠି ନ ବୁଝନ୍ତୁ, ଏ ଗୋଟିଏ ନୂତନ ମନ୍ତ୍ରଦେବା ଓ ମନ୍ତ୍ର ଘୋଷିବାର ଶୁଷ୍କ ଓ ନୀରସ ଅନୁଷ୍ଠାନ । ନା, ତା ନୁହେଁ । ଏଥିରେ ଭେକ ନାହିଁ, କି ତିଳକ ନାହିଁ, ଢ଼ବନ ନାହିଁ, କି ସୁନତ ନାହିଁ, କଲମା ନାହିଁ, କି କାନ ଫୁଙ୍କା ନାହିଁ । ଏ ମନ୍ତ୍ରର ସାଧନା ଓ ପ୍ରଚାର ପାଇଁ ଏଇ ଭୂମିରେ ଅଗ୍ରର ଓ ଅନୁଷ୍ଠାନମାନ କଳ୍ପନା କରାଯାଇ ଥିଲା । ଇତିହାସରେ ମଧ୍ୟ ତା ଅବଶେଷର ସଙ୍କେତ ମିଳେ । ସେ ହେଉଛି 'ଚୈତ୍ୟ', 'ବିହାର', 'ସଂଘ' ଓ 'ମହାସଭା', ପୁଣି 'ଆଶ୍ରମ' ଓ 'ଗୁରୁକୁଳ' । କେବଳ ମହାସଭା ଛଡ଼ା, ବାକି ସ୍ଥାନଗୁଡ଼ିକ ଥିଲା ବିଦ୍ୟାଚର୍ଚ୍ଚାର ନିତ୍ୟ କେନ୍ଦ୍ର । ବିଶେଷରେ ଅଧ୍ୟାତ୍ମବିଦ୍ୟା ଓ ତଦନୁରୂପ ଧର୍ମ ବା

Digitized by srujanika@gmail.com

ଅଗ୍ରହକୁ ବିଦ୍ୟା ବୋଲି କହୁଥିଲେ । ଧର୍ମ ବୋଇଲେ, ଏ ଦେଶରେ ବୁଝୁଥିଲେ, ଆଚରଣ ବା 'କର୍ତ୍ତବ୍ୟ । ଯେଉଁଠାରେ ମନୀଷୀ ମହାପୁରୁଷଙ୍କ ମୂର୍ତ୍ତି ପ୍ରତିଷ୍ଠା କରାହୋଇ ଥିଲା, ସେ ହେଉଛି ଚୈତ୍ୟ । ସେଠାରେ ଦର୍ଶନାର୍ଥୀମାନେ ପ୍ରତିଦିନ ବିଦ୍ୟାଚର୍ଚ୍ଚା କରୁଥିଲେ । 'ବିହାର' ହେଉଛି, ଏକପ୍ରକାର ଏବେର ବିଶ୍ୱବିଦ୍ୟାଳୟ । ଅଧ୍ୟାପକ ବା ଗୁରୁ ଓ ଶିଷ୍ୟ ସେଠାରେ ଏକତ୍ର ବାସ କରୁଥିଲେ । ଶିଷ୍ୟମାନଙ୍କୁ ପରୀକ୍ଷାକରି ନିଆ ହେଉଥିଲା । ଗ୍ରାମମାନଙ୍କରେ ସବୁଠି ଯେଉଁ ଚତୁଷ୍ପାଠୀମାନ ଥିଲା, ସେଥିରେ ଉତ୍ତୀର୍ଣ୍ଣ ଓ ଉପଯୁକ୍ତ ନ ହୋଇ କେହି ବିହାରରେ ପ୍ରବେଶ କରିବାକୁ ଯୋଗ୍ୟ ନ ଥିଲେ । ସଂଘରୁ ପ୍ରସିଦ୍ଧ ଭିକ୍ଷୁମାନେ ଏହି ବିହାରମାନଙ୍କରେ ଅଧ୍ୟାପନା ପାଇଁ ଯୋଗ୍ୟ ହୋଇ ଆସୁଥିଲେ । 'ସଂଘ' ଥିଲା କେବଳ ଭିକ୍ଷୁଙ୍କ ସ୍ଥାନ । କୃତବିଦ୍ୟମାନେ ବିହାରରୁ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାଜୀବନ ଧର୍ମର ଚର୍ଚ୍ଚା ଓ ଆଚରଣ କରିବା ଉଦ୍ଦେଶ୍ୟରେ ସଂଘରେ ପ୍ରବେଶ କରୁଥିଲେ । କାଳକ୍ରମେ ଅବଶ୍ୟ ମଠରେ ମାତ୍ରା ଖସିଲା ପରେ ଭିକ୍ଷୁଣୀମାନେ ସଂଘରେ ପଶି ସେ ଅନୁଷ୍ଠାନକୁ ଭ୍ରଷ୍ଟ କରିଥିଲେ । ମାତ୍ର ସେ ସ୍ୱତନ୍ତ୍ର କଥା । ଏଠି ତା ବର୍ଣ୍ଣନା ଅବାନ୍ତର ।

ବର୍ଣ୍ଣାଶ୍ରମରେ

ଏ ଗଲା ବୌଦ୍ଧାଚାର । ଏହି ଅନୁକ୍ରମେ ବୈଦିକମାନଙ୍କ ବର୍ଣ୍ଣାଶ୍ରମାଚାରରେ ଗୁରୁଗୃହରେ 'ବ୍ରହ୍ମଚର୍ଯ୍ୟ'ର ଅଧ୍ୟୟନ ଶେଷକରି ଗୃହସ୍ଥାଶ୍ରମରେ କେହି କେହି ବହୁ ବ୍ରହ୍ମଚାରୀଙ୍କୁ ଘରେ ରଖି 'କୁଳପତି' ହେଉଥିଲେ । ତାଙ୍କ ଗୃହକୁ କହୁଥିଲେ 'କୁଳଗୃହ' । ଗୃହସ୍ଥାଶ୍ରମ ପରେ ପ୍ରବୀଣମାନେ କରୁଥିଲେ 'ବାନପ୍ରସ୍ଥ' । ସେମାନେ ଲୋକାଳୟ ବାହାରେ ବଣରେ ରହି ବିଦ୍ୟାଚର୍ଚ୍ଚା ଓ ବିଦ୍ୟାଦାନ କରୁଥିଲେ । ପ୍ରତିଷ୍ଠିତ ବିଦ୍ୟାବନ୍ତ ବାନପ୍ରସ୍ଥମାନେ ହେଉଥିଲେ,

Digitized by srujanika@gmail.com

ସଂନ୍ୟାସୀ । ଏଇ କୁଳଗୁରୁ ଗୋଟିଏ ଗୋଟିଏ ବଡ଼ ବିଦ୍ୟାଳୟ ଓ ବାନପ୍ରସ୍ଥର ଆଶ୍ରମ ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟ ପରି ଥିଲା ।

ଗୁରୁଶିଷ୍ୟ, ପ୍ରଣିପାତ, ସେବା ଓ ପରିପ୍ରଶ୍ନ

କିନ୍ତୁ ଏ ସବୁଠାରେ କଣ ହେଉଥିଲା । ଶିଷ୍ୟମାନେ ଅତିଶୟ ପ୍ରଣିପାତକରି ଗୁରୁଙ୍କ ପାଖକୁ ଯାଉଥିଲେ ଓ ସେବା ପରାୟଣ ହୋଇ ଗୁରୁଙ୍କ ଘରେ ଖାଇ ପିଇ ରହୁଥିଲେ । ମାତ୍ର ସେ ପ୍ରଣିପାତ ଗୁରୁଙ୍କୁ ହଠାତ୍ ବାଟରେ ଦେଖି ଲମ୍ବ ହୋଇ ଧୂଳିରେ ପଡ଼ିବା ନୁହେଁ, କିମ୍ବା ସେ ସେବା ଗୁରୁଙ୍କୁ ଖାଇବାକୁ ଦେଇସାରି ସେଥିରୁ ଉଚ୍ଛିଷ୍ଟ ନେଇ ଆପେ ଖାଇବା ନୁହେଁ । ଏ ପ୍ରଣିପାତ ହେଉଛି ଅନ୍ତରରେ ବିନମ୍ର-ଶ୍ରଦ୍ଧା ସଂସ୍କାରଯୁକ୍ତ ଶିଷ୍ଟାଚାର । ଏ ସେବା ହେଉଛି, ଶିଷ୍ୟଙ୍କ ଭରଣ ପୋଷଣାଦି ପରିଚାଳନାରେ ଗୁରୁଙ୍କୁ ସାହାଯ୍ୟ କରିବା । ତାହିଁ କିନା, ଜାଣିଥିବେ, ଏଇ ପ୍ରଣିପାତ ଓ ସେବା ସଙ୍ଗେ ଶିଷ୍ୟର କାର୍ଯ୍ୟ ଥିଲେ ବହୁତ, 'ପରିପ୍ରଶ୍ନ', ଅର୍ଥାତ୍, ବିଦ୍ୟା ଗ୍ରହଣ ଓ ଅନ୍ତରରେ ନିଜର ସଂପୂର୍ଣ୍ଣ ଶଙ୍କା ସଂଶୟ ତୁଟିବା ଯାଏ ବାରଂବାର ଖୋଳିଖୋଳି କରି ପଚାରି ତନଖନ କରି ବୁଝିବା । ଏଇ ପରିପ୍ରଶ୍ନର ଗୋଟିଏ ସ୍ପଷ୍ଟ ଉଦାହରଣ ଗୀତାର କୃଷ୍ଣାର୍ଜୁନ ସମ୍ବାଦରେ ଅଛି । କୁଳକ୍ଷୟାଦି କଥାରୁ କହୁ, ଯେ ଗୁଡ଼ାକ 'ଅନାର୍ଯ୍ୟଜୁଷ୍ଟ' ବୋଲି ବୁଝିସାରି, ଅର୍ଜୁନ ନିଜର ପ୍ରଣିପାତ ପ୍ରକାଶ କରି କହୁଛନ୍ତି, "ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍" (ମୁଁ ତୁମ ଶରଣାଗତ ଶିଷ୍ୟ ମତେ ବତାଇ ଦିଅ) । ଶ୍ରୀକୃଷ୍ଣ ଜ୍ଞାନ ଭକ୍ତି କର୍ମ ସବୁ ଅର୍ଥ, ତତ୍ତ୍ୱ ଓ ଯାବତୀୟ କଥା କହି ସାରି କହିଲେ, 'ଏବେ ଯୁଦ୍ଧ ଠିଆ ହୁଅ' । ଏଠାରେ ମହାଯୋଗେଶ୍ୱର କୃଷ୍ଣ ହେଉଛନ୍ତି ଗୁରୁ । ଶିଷ୍ୟ ହେଉଛନ୍ତି,

Digitized by srujanika@gmail.com

ପୁଣି ଅର୍ଜୁନଙ୍କ ପରି ବିଜ୍ଞ ବିଚକ୍ଷଣ ଧୁରନ୍ଧର ମହାପୁରୁଷ । ତଥାପି ଠିକ୍ ଏ ମାନସ ସନ୍ଦେହ ଦେଖାଇ ଅର୍ଜୁନ କୃଷ୍ଣ ପଚାରିଲେ—

"ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦନ ।
ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥
ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ॥
(୩ୟ ଅଧ୍ୟାୟ-୧, ୨)

ଓଡ଼ିଆରେ କହିଲେ, ଏହା ହେବ—କର୍ମଠୁ ବୁଦ୍ଧି ଭଲ ବୋଲି ଯେବେ ତମ ମତ, ତେବେ ମତେ ଏ ଘୋର କର୍ମରେ କାହିଁକି ପୂରାଉଛ, ଜନାର୍ଦନ ? ଗୋଳିଆ ମୋଳିଆ କଥା ଗୁଡ଼ାଏ କହି ମୋ ବୁଦ୍ଧିକି ବିଗାଡ଼ ଦଉଛ । ଠିକଣା ଭାବେ କଥାଏ କହ, ଯଦ୍ଦ୍ୱାରା ମୋର ଶ୍ରେୟ ହେବ ।

ଶେଷକୁ ମହାସଭା

ଏଇପରି ପରିଦ୍ରଷ୍ଟାର ଦଣ୍ଡୀ ଚକଟାରେ କଥା ନ ଛିଡ଼ିଲେ, ବିବାଦ କ୍ରମେ ଉଠିଉଠି ବିହାରରୁ ସଂଘ ଓ ସଂଘରୁ ମହାସଂଘକୁ ଯାଉଥିଲା । ବୌଦ୍ଧ ଧର୍ମର ଇତିହାସରେ ପ୍ରମାଣ ଅଛି, ଏଇ-ପରି ଗୁଟିଏ ମହାସଭା ଡକା ହୋଇଥିଲା । ସେଥିକୁ ସମସ୍ତ ବୌଦ୍ଧ ଜଗତରୁ ଭିକ୍ଷୁମାନେ ଡକା ହୋଇ ଆସୁଥିଲେ । ସେଠାରେ ପ୍ରଚାର ଆସନ, ସମୟ, ବିଚାର-ପଦ୍ଧତିରେ ଯେ ଶୃଙ୍ଖଳା ଓ ଶିଷ୍ଟାଚାରମାନ ଥିଲା, ତା ମନେକଲେ ଆଜି ବିସ୍ମିତ ହେବାକୁ ହୁଏ ।

ମଠ ଓ ସଦାବ୍ରତ

ଅଛ ଏଇ ଭାରତରୁ ମାନବ 'ସାଧନାର ମହାମିଳନ' ପୁଣି

Digitized by srujanika@gmail.com

ପ୍ରଚୁର କରିବା କଥା ଭାବିଲା ବେଳେ ସେହି କାଳର ଅନୁଷ୍ଠାନ ଓ ଶିକ୍ଷାଗୁରୁ କଥାକୁ ମନ ଯିବା ସ୍ୱାଭାବିକ । ସେହି ସବୁଥିରୁ ପ୍ରେରଣା ନେଇ ତାକୁ ଏବେ ଜଗତର ଉପଯୋଗିତାରେ ମିଶାଇ ଦେବା ଦରକାର । ବିଶେଷତଃରେ ଏବେ ଯେଉଁ ମଠମାନ ଅଛି, ସେସବୁ ସେହି ବୌଦ୍ଧ ଯୁଗ ବିହାରର ଛାଞ୍ଚରେ ଗଢା ହୋଇଥିଲା । ବିହାରର ଅଧ୍ୟକ୍ଷ ଭିକ୍ଷୁମାନେ ବେଳେ ବେଳେ ଥିଲେ, ଅନେକ ବ୍ରହ୍ମଚାରୀ । ସଂନ୍ୟାସୀମାନେ କଦାଚିତ୍ ବ୍ରହ୍ମଚାରୀ ଅବସ୍ଥାରୁ ସଂନ୍ୟାସ ନେଉଥିଲେ । ଏହି ମଠମାନଙ୍କରେ ବୁଭୁକ୍ଷୁ ଯାକ ପ୍ରଚାରର ଅଛନ୍ତି । ତଥାପି ମଠସବୁ ଏବେ ଖାଲି ଶୁଷ୍କ ପରଂପରା ଧରି ରଖିଛନ୍ତି ମାତ୍ର । ଏ କ୍ଷେତ୍ରରେ ସେହି ଶୁଷ୍କ ପରମ୍ପରାକୁ ଅଗ୍ର ସଜସ କରିବାକୁ ହେବ । ଏହି ପ୍ରସଙ୍ଗରେ ସେ କାର୍ଯ୍ୟ ଆରମ୍ଭ କରିବାର ସୁବିଧା ବି ଅଛି । ସେଥିପାଇଁ ଏହି କହୁଛି—ଏହି ଥରେ କହୁଛି—ଶହେ ଥର କହୁଛି, 'ସଦାବ୍ରତ' ରେ ଖଂଜା ହୋଇଥିବା ଧନର କ୍ୟାର୍ଯ୍ୟ, ପାରିଂପାରିକ ବିସର୍ଗ, ଉତ୍ସର୍ଗ ବା ତ୍ୟାଗଧନର ଦାୟାଦ, 'ବିହାର'ର ଉତ୍ତରପନ୍ଥୀ ମଠାଧ୍ୟକ୍ଷମାନେ ଆଜିର ମଠକାମ, କେବଳ ପରଂପରାର ନାମ ସ୍ମରଣ ବା 'ନାମ-ଧର୍ମ'ରେ ନୁହେଁ, ଯଥା ଦର୍ଶନର 'ସଦାବ୍ରତ'ର ବିନିଯୋଗରେ ସାର୍ଥକ କରନ୍ତୁ । ବାବାଜୀ-ନାମୀ ତଥା ମାତା-ନାମୀଙ୍କୁ ପୁଣି ଭାଷାଲଙ୍କୁ ଭେଟିବେଳେ ମୁଠାଏ ଖୁଆଇବା ତାଙ୍କର ସଦାବ୍ରତ ନୁହେଁ । ବିଶ୍ୱଧର୍ମରେ ଅନ୍ୟୋତ୍ସର୍ଗ ହେଉଛି ତାଙ୍କର 'ସଦାବ୍ରତ' । ଏହି ପୁଣି ସମାଜର ଗତି ଦେଖି ସେମାନେ ବେଳଥାଏ ତତ୍ପର ହୁଅନ୍ତୁ । ନିଜର ତଥା ଅନୁଷ୍ଠାନର କାଳୋପଯୋଗୀ ସଂସ୍କାର କରନ୍ତୁ । 'ମଠ'ର ଅର୍ଥ ହେଉଛି, 'ଛାତ୍ରାବାସ' । ଧନେ ହୁଏତ ବୌଦ୍ଧ ବିହାରର ପ୍ରତିସ୍ପର୍ଦ୍ଧାରେ ସଂପ୍ରଦାୟିକ ବିଦ୍ୟା ଶିଖାଇବା ପାଇଁ ଏହି

Digitized by srujanika@gmail.com

ସ୍ଥାନାଧୀନ ଲୟମାନ ସ୍ଥାପନ କରିଥିଲେ, ଏପରି ସେହି ସାଂପ୍ରଦାୟିକ ସନ୍ନ୍ୟାସୀ ବ୍ରହ୍ମଚାରୀ ପୁଣି କେବେ ବା ଗୃହସ୍ଥମାନଙ୍କୁ ସେଥିରେ ଅଧ୍ୟକ୍ଷ କରିଦେଉଥିଲେ । ହୁଏତ କେ ଜାଣି ଦୁର୍ଦିନର ଘନାନ୍ଧକାର କେବଳ ଅସୂୟା ଲାଗି ରହି ସଂପ୍ରଦାୟମାନଙ୍କର ସ୍ପର୍ଦ୍ଧା ଓ ପ୍ରତି ସ୍ପର୍ଦ୍ଧାରେ ଭାରତ ଧର୍ମର, ତଥା ବିଶେଷରେ ଏହି ଜଗନ୍ନାଥ ଭୂମିର ନିତ୍ୟ ମୈତ୍ରୀକୁ ଭଗ୍ନ କରି ଦେଉଥିଲ । ଆଜିର ଜ୍ଞାନାଲୋକ ତଥା ଉପଯୋଗିତାରେ ସଂପ୍ରଦାୟର ଅର୍ଥ ବା ମୂଲ୍ୟ କାହିଁ—ଜଗନ୍ନାଥଙ୍କ ମୈତ୍ରୀ ଧର୍ମରେ ତାର ସତ୍ତା ପର୍ଯ୍ୟନ୍ତ ନାହିଁ । ସେତିକି ନୁହେଁ । ସାଂପ୍ରଦାୟିକତା ଏ ଧର୍ମରେ ତଥା ଏ ଭୂମିରେ ବରଂ ଗୋଟିଏ ଦୁଷ୍କୃତ । ତେଣୁ ମଠାଧ୍ୟକ୍ଷମାନେ ଏହି ଜଗନ୍ନାଥ ଭୂମିରେ ଅଗ ଯଥାର୍ଥ ସ୍ଥିରତ୍ୱ ପ୍ରତିଷ୍ଠା କରିବାରେ ପୂର୍ବପୂର୍ବ ନିଜର ନ୍ୟାସଧନର ସଦ୍ବ୍ୟବହାର କରନ୍ତୁ । ଏହା କରି ସାରା ଭାରତରେ ପ୍ରେରଣାର ଜ୍ୟୋତି ଖେଳାଇ ଦିଅନ୍ତୁ । ସ୍ୱୟଂ ଜଗନ୍ନାଥ ସେଥିରେ ସନ୍ତୁଷ୍ଟ ହେବେ । ଅତୀତ ମଧ୍ୟ ଅମ ମଠାଧୀଶମାନେ ନିଜର ଯଥାର୍ଥ ଦର୍ଶନକୁ ସମାଜ ସେବାର 'ସଦାବ୍ରତ'ରେ କାର୍ଯ୍ୟରେ ପରିଣତ କରି କାଳେ କାଳେ ସ୍ମରଣୀୟ ରହିବେ । ଉପଯୋଗିତାକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ, 'ମନକୁ ମିଳିଥିବା ପିଠା ସ୍ୱର୍ଗଦ୍ୱାର ପରି ଏପରି ଯୁଦ୍ଧ ସୁଖୀ କ୍ଷତ୍ରିୟଙ୍କୁ ଏକା ମିଳେ' (ଗୀତା—୨·୩୨) । ଜଗନ୍ନାଥେ ଅଜ ପେଟରକ୍ଷ କହୁଛନ୍ତି, 'ଶିକ୍ଷାଧନରେ ଏପରି କାଳୋଚିତ ଯଥାର୍ଥ ସଦାବ୍ରତ ସାଧନା କରି ତହିଁରେ ପୁଣି ସ୍ମରଣୀୟ ହେବାର ସୁଯୋଗ ଭାଗ୍ୟବାନ୍ ମଠାଧୀଶଙ୍କୁ ଏକା ମିଳେ ।' ଏଠାରେ ଏହି ସଂପର୍କରେ ସମାଦରର ବହୁମାନ ପ୍ରକାଶ କରି କହୁଛି, ଏହି ପର-ଛିଦାୟ ସ୍ୱାଗତ, ଏମାର ମଠରେ ଅଧ୍ୟକ୍ଷ ମହନ୍ତ ଶ୍ରୀଗଦାଧର ସ୍ୱାମୀଙ୍କ

Digitized by srujanika@gmail.com

ଦାସ ଏଠର ପୁରୋହିତ ଭୂମିରେ କାର୍ଯ୍ୟ କରିବାର ଇଚ୍ଛା କରି କର୍ମାରମ୍ଭ କରନ୍ତି । ଜଗନ୍ନାଥଙ୍କୁ ସ୍ମରଣ କରି କହୁଛି, ସେଇ ଜଗନ୍ନାଥଙ୍କ ପ୍ରେରଣାରେ ତାଙ୍କର ଏ ଇଚ୍ଛା ପୂର୍ଣ୍ଣ ହେଉ ଓ ଅନ୍ୟମାନେ ତାଙ୍କ ଅନୁସରଣରେ କାର୍ଯ୍ୟତଃ ପ୍ରବୃତ୍ତ ହୁଅନ୍ତୁ ।

ସମାପ୍ତ

ମୁଦ୍ରାକର—ବନମାଳୀ ମିଶ୍ର ବି. ଏ. ନବଭାରତ ପ୍ରେସ,
କଟକ—୧୯୫୧—୧,୦୦୦

Digitized by srujanika@gmail.com

ପୁସ୍ତକରେଥିବା ସଂକେତାଙ୍କମାନଙ୍କର ନିର୍ଦ୍ଦେଶ ଓ ବିବରଣ—

ପୃଷ୍ଠା ସଂକେତ

୭—(୧) The Aryans—1926 Edition—pp. 4 and 5.

୧୦—(୨) Adolf Kaegi's 'Life in Ancient India,' Note, 9.

୧୦—(୩) Ibid—
Susil Gupta (India) Lt, Edition p. 16.

୧୦—(୪) Ibid—P. 16.

୩୩—(୫) ରେଭରେଣ୍ଡ କିଟେଲ ସାହେବ, ନିଜ 'କାନାଡ଼ୀ ଶବ୍ଦକୋଷ' (Kanarese Dictionary) ର ଭୂମିକାରେ ବାଛି ବାଛି ଦେଇଥିବା ମୂଳତଃ ଓ ଅବିକଳ, ଦ୍ରାବିଡ଼ ପ୍ରାକୃତରୁ ପ୍ରାଚୀନ ଓ ଅର୍ବାଚୀନ ସଂସ୍କୃତକୁ ଆଗତ ୪୨୮ ଶବ୍ଦ ଭିତରୁ କେତୋଟି—

ଗାଲେ (ଭୂ° ଗାଲ) । ଗୌଣି, ଗୋଣି, ସଂ ଗୋଣୀ ଥଳି (ଉପର ନୂଡ଼େ) । ଝୋଲି, <ଝୋଲ । ଥଳି, ଥୋଳିଗଣ୍ଠି । ଚୋଖିଣି । ପଟ୍ଟ—ଲୁଗାପଟା, ତମ୍ବୁପଟା ବନ୍ଧା, ଅଣ୍ଡେଧ ବଳ—ଶକ୍ତି, ସେନା । ବଲ—ବଲ, ଗାଡ଼ । ମଂଚ । ମଣି । ମଲ୍ଲ, ମାଲ । ମାଲେ <ମାଲା । ଲଟେ, ଗଛ, ଲଟି । ସବଳ, ସାବଳ । କଷ, କାଶ । କଟ୍—କାଟ୍; କଟୁଦ୍ଧାଘର । ଗଣ୍ଡ, ଗାଲ । ଖଞ୍ଜ । କାଲ, ଜଲ ପାଣି, ସୁଅପାଣି । କୁଂଜ, ଦାନ୍ତ—କୁଂଜର = ହାତୀ । କୁନ୍ତଳ । କେୟୂର—କେୟୁ = ହାତ + ଉରୁ, ଲଗେଇବା । ଗୁଡ଼, ଗାଣ୍ଡ—ଦ୍ରା. କୁଣ୍ଡେ; ତୁଲ୍‌: କୁଡ଼ । ପକ୍ଷ, ପାଖ, ପଖା । ଅଡ଼ଂବର—ଅଡ଼ୁ = ପତାଖଡ଼ିବା; ପଟେ = ଅଖିପତା; ଯହିଁରେ ଆଖିପତା ପଡ଼େ ବା ଆଖିବୁଜି ହୋଇଯାଏ । ବେର, ଶରୀର । ସିଂଘାଣ, ସିଂଘାଣି । ଆଲାନ (ହାତୀ ବନ୍ଧା ଖୁଣ୍ଟ ବା ଖଂବ) । ଏଡ଼କ (ଏକ ପ୍ରକାର ମେଣ୍ଢା ବା ଛେଳି) । ଏଣ୍ଡି । ଗର୍ଦ୍ଦଭ । ଖର । ଘଣ୍ଟ । ଘୋଟ, ଘୋଡ଼ା, ଘୋଟକ । ଝିଲ୍ଲୀ ।

Digitized by srujanika@gmail.com

ଜଳୋକା । ନକ୍ର । ପକ୍ଷୀ, ଟିଟ୍ଟିପିଟ୍ଟ । ବଳାକ, ବଗ । ବିଡ଼ାଲ । ମର୍କଟ—ମଂକ=ନିର୍ବୋଧ, ନ ବୁଝି କରି ଯେ ଅନୁକରଣ କରେ । ମୀନ । ମୁକ୍ତା । ଅର୍କ, ଅରଖ ଗଛ । ଏରଣ୍ଡ, ଗବ । ଏଳା, ଅଳେଇଚ —ଏହାର ଅର୍ଥ, ହାତୀର ଶୃଙ୍ଖଳ ବା ହାତୀର ଖାଦ୍ୟ; ଦ୍ରା: ଏଲ =ହାତୀ+ଅଟି, ଅଟ ବା ଅଡ=ଶୃଙ୍ଖଳ; ହାତୀ ବନ୍ଧିବା ଭଳି ବନ୍ଧରେ ଏହା ହେଉଥିଲା; ତେଣୁ, ଏଲଖି, ଏଲକ୍କି ବା ଏଲଚ । କଣ୍ଟକ । କନ୍ଦ—କନ୍ଦମୂଳ ଭଳି । କର୍ପୂର, ବାଉଁଶ କରଡ଼; ଦ୍ରା: କଡ଼ଲେ । କାନନ । କାନ୍ତାର । କାଷ୍ଠ, କାଠ । କଟ୍ (ଡ଼୍) ମଲ—କଡ଼ି, କୁଟ୍ମଲ; ଦ୍ରା: ମଲର୍—ଫୁଲ । କଟୁ; କେତକ. କେମ୍ବୁକ, କର୍ମ୍ବୀ=ସାରୁ । ଗୁଚ୍ଛ, ଗୋଚ୍ଛା; ଫୁଲ ଗୋଛ; ଦ୍ରା: ଗୁଟ୍ଟି, ଗୁଣ୍ଡି, ଗୋଂଚୁଲ, ଗୋଁଚ, ଗୋଚନ, ଗୋଲେ । ଗୁଂଜା, ଚଂଚ (ଚାଂଚ)—ମଲବାଣ୍ଡି, ଅଚ୍ଛକ୍ଷୁଦ୍ର; ଦ୍ରା: କୁନ୍ନି, ଅଚ୍ଛନ୍ଦ୍ର; ତେ: କୁନ, ଖ୍ବଦ୍ ଗ୍ଲେଟ । ଚଂଚୁ, ଚଂଚୁଞ୍ଜ ଓ କର୍ଣ୍ଣ=କଂଚୁ-ଫନ୍ଗୁଲି; (ତାମିଲ, 'ପୁଲକାଇ' ଶବ୍ଦରୁ 'ପୁଲ' ଲୋପ ହୋଇ 'କଇ'ରୁ କର୍ଣ୍ଣ ହୋଇଛି - ଭୂପାଠକାଓ) । ଝୁଣ୍ଟି, ଝାଟି, ଗ୍ଲେନ ଗଛ । ତାମରସ, ପଦ୍ମପଦ୍ମ । ତାମ୍ର, ତମ୍ବା । ଚମ୍ପକ, ଚଂପ—+କନକ=ଚଂପାଫୁଲ ଓ ଚଂପାଗଛ । ତାଲ; ଦ୍ରା. ତାଡ଼୍, ତେ: ତାଡ଼ି । ନାରଂଗ କମଳା, ଇ. ଅରେଂଜ; ଫାରସି. ନାରଂଜ୍ —ଏ ସବୁ ଶବ୍ଦ ଦ୍ରାବିଡ଼ମୂଳକ ତାମିଲର 'ନାରଂଗ' ଶବ୍ଦରୁ ହୋଇଛି । ପନସ, ପଣସ । ପଲାଣ୍ଡୁ, ପିଆଜ । ପିପ୍ପଳୀ । ପୁନ୍ନାଗ । ପୁଷ୍ପ—ଫୁଲ ଓ ତାହାର ଭଳି । ଫଳ । ବୀଜ । ମରିଚ । ବେଷ୍ଟକ, ମରିଚ । ମକ୍ଷୀ, ମକ୍ଷିକା । ମୁକୁଳ, କଢ଼ି । ମୂଳ । ବେଣୁ, ବାଉଁଶ । ବେଣ, ବେତ । ବ୍ରୀହି (ଧାନ) । ଶିମ୍ବି, ଶିମ୍ବ—ଛୁଇଁ । ଶୁଣ୍ଠି; ତା: ଚୁକ୍କୁ; ତେ: ଚୁଣ୍ଠଂଗୁ । କାଂଚନ; ଦ୍ରା: କନ୍

Digitized by srujanika@gmail.com

ବା ଚନ୍=ଚକ୍ ଚକ୍ କବା; ସେଇଥିରୁ ସଂ. ଚନ୍=ଚକ୍ ଚକ୍ କରିବା, ଦ୍ରା. ଚନ୍ଦି, ଟଙ୍କ ଓ ବେଂଚ୍ ବା ଚାଂଚୁ=ସୁନା । ପିଣ୍ଡ, ସୁନା; ଦ୍ରା. ପିଣ୍ଡ=ଖଣ୍ଡ, ମୁଣ୍ଡା, ସଂ. ପିଣ୍ଡ=ଖଣ୍ଡ, ମୁଣ୍ଡା, ଗଡା । ଅଟବୀ । ଉଲ୍କା । କଚ୍ଛ, ତଟଭୂମି । କଜ୍ଜଳ, ମେଘ—ଦୀପ ଶିଖାରୁ ପଡ଼ିବା କଳା । କୁଣ୍ଡ । କୂପ । କଳ । କେଦାର । ଚନ୍ଦ୍ର; ଦ୍ରା: ଚନ୍ଦ୍ର, ଅନେକ ରେଖା; ଚନ୍ଦିର, ନିଅଁ । ଗଣ୍ଡ; ଦ୍ରା. ପଚ୍ଖା; ଓ. ଗଣ୍ଡଅ । ଚଣ୍ଡାଳ୍ । ତୀର । ତୋୟ । ନୀର । ଜଡ଼—ଜଳ; ଦ୍ରା. ଚଣ୍ଡରେ ଅର୍ଥ, ଅତି ଥଣ୍ଡା, ବରଫ, ଶୀତକାଳ; ପାଣି, ଜ୍ଞାନହୀନ, ନିର୍ବୋଧ—ମାତ୍ର ଏ ଶବ୍ଦ ଦ୍ରବ୍ୟ ମୂଳତଃ ଅର୍ଥ ପ୍ରକାର କି ହୋଇପାରେ । ବନ୍ଦୁ । ମାଲ, (ଜଂଗଲ) । ମଳୟ । ମୁଦର । ଶୁଷିର, ଛିଦ୍ର । କଷାୟ, ଲଲ୍—ଟେଗ୍ରୁଅ । କାଳ—କୃଷ୍ଣ, କଳା । ଗୋଷ୍ଠ; ଦ୍ରା. ଗୋଷ୍ଠ, ଓ. ଗୋଟ୍—ଟୋଟ୍ ଭଲ । ନୀଳ, କଳା—ନେଲି । ଫଲ୍ଗୁ, ଲଲ୍, ଲଳଗୁଣ୍ଡ; ଦୁର୍ବଳ, ମୂଲ୍ୟହୀନ । ଶୋଣ, ଅତଲଲ । ଅଳି, ସଖୀ । ଓଡ୍ର । କର୍ଣ୍ଣାଟ; ଦ୍ରା. କର୍, କଳା+ନାଟ, ଦେଶ । କଲିଂଗ; ଦ୍ରା. କଲ୍=ଛିଦିବ । କୁଣ୍ଠ (ଣ୍ଠି) ନୀ, ଜାବଡରେଇ । କୋଂକଣ (ଦେଶ ବିଶେଷ) । କର୍ବୁର, କର୍କଶ, କଂସୁକ । ଖଳ । ଚାମୁଣ୍ଡା—ଦ୍ରା: ମୁଣ୍ଡ ବା ଶବଥିବା ଦେବୀ । ପଙ୍କ । ପଣ୍ଡିତ । ପିଶାଚ । ମୂକ—ଦ୍ରା: ଯେ କଥା ହୋଇଛନ୍ତି । ପୁଳିନ୍ଦ, ଅସଭ୍ୟଜାତି ଲୋକ । ପୁଲୋମ, ବକ୍ଷସ । ପୋଗଣ୍ଡ, ନବାଳକ । ଭିଲ୍ଲ, ଜଙ୍ଗଲୀ ଲୋକ । ମ୍ଲେଚ୍ଛ—ଦ୍ରା. ପଦ୍ମରେ ଅଗ୍ରତର ଅଟେଇବାକୁ ପ୍ରଯତ୍ନପର । ବାଳକ, ବାଳ । ଅଳି, ବନ୍ଧ; ଓଡ଼ିଆ: ଭୃତ, ଅଳ୍ । କଟକ, ସହର—ଘର । କୁଟ, ଘର । କୁଟୀ, କୁଡ଼, କୁଡ଼ିଆ, କୁଟୀର, କୁଟିକ । କୁଟୁମ୍ବ । ପତ୍ତନ, ପାଟଣା, ପଡ଼ା । ପତ୍ତା, ପକ୍ଷୀ, ମନ୍ଦର । ମନ୍ଦୁରା, ଘୋଡ଼ାଶାଳ—ପାଞ୍ଚ ଘୋଇଲ ମୂଳଦୁଆ । ବଳ,

Digitized by srujanika@gmail.com

।

ଘର । ବୃକ୍ଷ, ବୃକ୍ଷ । ଅମ୍ବର, ଲୁଗା । ବସ୍ତ୍ର—ବସନ, ଲୁଗାକାନି; ଓଃ ବସ୍ତ୍ର । କମ୍ବଳ; ଦ୍ରଃ କମ୍—ଜଳ+ବଳ ବା ପଟ । ବସନ—ବସଣ; ଦ୍ରା. ଯାହା ଘୋଡ଼ାଇ ହୁଏ । ଚୀର୍ଣ୍ଣ, ଲୁଗା କାନି; ସଂ. ଚୀର; ଓଃ ଫେର । ନୀବୀ । ଅଡ଼ୁଣି, ଡାଲ; ଓଃ ଏଡ଼େଣି । ଅର୍ଗଳ, କିଳଣି । କଂଭଣ—କଙ୍କଣ, ଖଡ଼ୁ । କଟାର, କଟୁରି, କଟରି । କଟ, ଖଟ । କୁଠାର, କୁରହାଡ଼ି । କୁଦ୍ଦାଳ, କୋଦାଳ, କୋଡ଼ି । କୁଣ୍ଡ, ଗୋଡ଼ର ଖଡ଼ୁ । ଡୋଳ, ଭେଳା । ଗଡ଼, ଦୁର୍ଗ, ମୁହାଁଇ ବା ଟୁଆ । ଖଟ୍ୱା, ଖଟ । ଖଡ୍ଗ । ଖଞ୍ଜନ, କଳିଆର । ଗଦା । ଗୁଣ, ସୂତା, ଦଉଡ଼ି । ଚଳୁକ—ଚଳୁକ, ଚୁଳା, ପାଣି ଧରିବା ଭଙ୍ଗୀରେ କରାହୋଇଥିବା ଅଙ୍ଗୁଳି ସହିତ ପାପୁଲି । ଚୂଡ଼ା, ଶିଖର; ଓଃ ଜୁଡ଼ା, ଚୁଟି । ତଳ୍ପ, ଶେଜ । ତାଳ—କରତାଳ । ପିଠ, ପୀଠ, ଚୌକୀ ପେଡ଼ିକା, ପିଢ଼ା (ଚୌକେଇ) । ପୁଟ, ପୁଟିକା, ପୂଟୀ ପୁଡ଼ା; ଦ୍ରଃ ଅର୍ଦ୍ଧ—ଟଙ୍କା ବଙ୍କା କରି ସିଅାଁଇ କରିଥିବା ଆଣ୍ଡ, ଦନା । ବାଳ—ପାଳ, ଶସ୍ତ୍ର; ଯଥା, କରବାଳ, ଭିନ୍ଦିପାଳ । ମସି, ମସି, କାଳି, କଜ୍ଜଳ । ବଳସ୍ତ୍ର । ବୀଜନ, ବିଂଚଣା । ଶଣ, ଶର । ସୂଚୀ, ଛୁଂଚ । ଦ୍ୱାର, ଦୁଆର । ଓଦନ, ଗୁନ୍ଦଳ । ବିଶିପୁ, ଖାଦ୍ୟ—ଭକ୍ଷଣୀୟ-ବିଶିପୁ, ସୁନା ଖାଦ୍ୟ ଯାହାର । ଖଣ୍ଡ; ଦ୍ରଃ ଖଣ୍ଡ—ଦଣ୍ଡଖଣ୍ଡ । ଖଦଡା, ଖଇ । ହଳ, ବିଷ; ହଳାହଳ । କଚ୍ଛୁ, କଣ୍ଡୁ, ଖର୍ଜ୍ଜୁ, ଖସ (କୁଣ୍ଡିଅ କାଛୁ) । ଶବ, ମଡ଼ା । ଶ୍ମଶାନ, ଶବଶାନ ବା ଶବ ଶୋଇବା ଥାନ । ଅଂଶ, ଅଂସ, ଭାଗ । ଅଟ୍ଟ, ବୁଲିବା । ଅଟ୍ଟ, ଡେଇଁ; ଅଟ୍ଟହାସ । ଅରଣି, କାଠରେ ଘଷି ନିଆଁ କାଢ଼ିବା କାଠ । ଅର୍ବ୍ବୁଦ, ଅବୁ । ଅଳଂ, ଯଥେଷ୍ଟ । ଅମ୍ଳ, ମିଠ । ଅଳେ, ଅଲେଲେ—ଅରେ, ଅରେରେ; ଦ୍ରଃ ନିଳା । କଟ, ଏକପାଖିଆ; କଟାକ୍ଷ । କଟୁ, କଡ଼ା । କଠିନ । କନକ, ଲଢ଼େଇ । କଦମ୍ବ, ସମୂହ ।

Digitized by srujanika@gmail.com

କଳଂକ, କାଳିମା । କଳା; ଶିଳ୍ପକଳା । କଳୁଷ । କଳୁଷ । କୁଞ୍ଚ, ଭାଂଗି ଚୂନା କରିବା, କୁଟିବା । କୃଷ୍ଠ, କୁଣ୍ଡ, ଗଦା; ମାଡ଼ କୁଣ୍ଡ । କେତୁ, ଉଜ୍ଜ୍ୱଳ ପ୍ରକାଶ; ଧୂମକେତୁ । କୋଟି, ପ୍ରାନ୍ତ; ଧନୁଷ୍କୋଟି । କୋଣ । ଖଟିକକ୍କା, ଖଡ଼ିକା । ଗବେନ୍ଦୁକ—ଗଠବନ୍ଧୁକ, ଗୋରୁ । ଗୁଳି, ଗୁଟିକା, ଗୁଳ, ଗୁଡ଼ (ପିଣ୍ଡୁଳା, ଗୋଲକ) । ଚର୍ମ, ଚେଷ୍ଟ, କୁଂଶ କୁଂଶଅ; ଚର୍ମ କୁନ୍ତଳ । ନର୍ମ—ଖେଳ, ଖୁସି, ସୁଖ, ଆନନ୍ଦ । ପୁଣ୍ୟ, ଠିକ, ଉତ୍ତମ । ପୁନର, ପୁଣି । ପୁଲକ, ରୋମାଂଚ । ପୁସ୍ତ, ପୁସ୍ତକ, ପୋଥି, ଦ୍ରାଃ 'ପୁସ୍ତ' ଧାତୁରୁ ପୁସ୍ତିତ=ଲେଖା ହୋଇ ଥିବା ବା ଭାଳି ପ୍ରଭୃତିରେ ରଂଜିତ ହୋଇଥିବା । ପୂଜା । ବଳି, ନୈବେଦ୍ୟ । ମଳ, ଅଧିକ; ମଳ ମାସ । ମାୟା, ଭ୍ରାନ୍ତି, ଠକେଇ । ମାଳା । ଋଦ୍ଧି । ରୁଦ୍ର । ବଳକ୍ଷ, ଧଳା । ବୀଚୀ, ଲହରୀ । ସୂଚ, ସୂଚନ—ଦେଖାଇଦେବା, ଲକ୍ଷ୍ୟକରିବା । ହମ୍ବା, ଗାଈବୋବା ଶବ୍ଦ । ହେଳିକା, ପ୍ରହେଳିକା । ଅଂକ, କୋଡ଼ ।

[କମା ଦେଇ ଅନେକ ସ୍ଥଳରେ କେବଳ ଅର୍ଥ ଦିଆଯାଇଛି । ଯଥା, ଓଦନ, ଗୁଡ଼ୋଲ । ସେଇପରି ସେମିକୋଲନ୍ ପରେ ଦୃଷ୍ଟାନ୍ତ ଯଥା, କଳା; ଶିଳ୍ପକଳା । ଦ୍ରା:=ଦ୍ରାବିଡ଼=ଦ୍ରା.; ତେ=ତେଲଗୁ: ଓ. ବା ଓ:=ଓଡ଼ିଆ—ଇତ୍ୟାଦି ।]

୩୪—... "Yaska' has an interesting discussion on the Theory of 'Sakatayana', which he himself follows, that nouns are derived from verbs. 'Gargya' and some other grammarians, he shows, admit this theory in a general way, but deny that it is applicable to all nouns."

Digitized by srujanika@gmail.com

ସୁଷ୍ଠୁ ସଂସ୍କୃତ

(A.A. Macdonell's 'A History of Sanskrit Literature'—Appleton modern Library Edition—P. 268).

୩୨·········(୪ମ, ୬ଷ୍ଠ ଧାଡ଼ି)

"ଅଚୋ ରହାଭ୍ୟାଂ ଦ୍ୱେ" ଏହା 'ପାଣିନିସୂତ୍ର'। ଏହାର ଅର୍ଥ ହେଉଛି, ସ୍ୱରବର୍ଣ୍ଣ ପରେ 'ର୍' ବା 'ହ୍' ବର୍ଣ୍ଣ ଥିଲେ, ସେହି ର୍ ବା ହ୍ ବର୍ଣ୍ଣର ପରବର୍ତ୍ତୀ ବ୍ୟଂଜନ ବର୍ଣ୍ଣ ବିକଳ୍ପେ 'ଦ୍ୱିତ୍ୱ'-ଉଚ୍ଚାରଣ ପାଏ। ଯଥା :—ଅର୍ଜ୍ଜୁନ, ଅର୍ଜୁନ, ଧର୍ମ; ଧର୍ମ୍ମ; ସୂର୍ଯ୍ୟ, ସୂର୍ଯ୍ୟ; ବ୍ରାହ୍ମଣ, ବ୍ରାହ୍ମ୍ମଣ; ବାହ୍ୟ, ବାହ୍ୟ୍ୟ। ଅନ୍ତଃସ୍ଥ 'ଯ'-ର ଉଚ୍ଚାରଣ ବିକଳ୍ପେ ବର୍ଗ୍ୟ 'ଜ'-ପରି ହେଉଥିବାରୁ, ବାହ୍ୟ ହୋଇଯାଏ, 'ବାହ୍ଜ', 'ବାହ୍ଜ୍ୟ' ବା 'ବାହ୍ଜ୍ଜ'।

୬—··· In South India the earliest literary movement was predominantly Jaina. In Tamil literature from the earliest times for many Centuries Jaina poets held a great place.

× × × × ×

More famous still is the Kurral. × × Bishop Caldwell 'considers its tone more Jaina than anything else' (Imperial Gazetteer, ii, 435.) × × Nor was it only amongst the fields of poesy that the Jaina gained renown; a famous old dictionary and the great Tamil grammar are also accredited to them.

Jaina writers also laid the foundations of Telugu literature and classical Kanarese

Digitized by srujanika@gmail.com

ପୃଷ୍ଠା ୪°୬୨୭

literature begins with a great succession of Jaina poets and scholars."

—The Heart of Jainism by Mrs. S. Stevenson—pp. 286 and 287.

ଟୀ—(୯) "In 715 B. C. Ashdod near (Palestine) revolted, under the leadership of a Greek adventurer, a '*Yavani*' from Cyprus or Ionia, but with little success. The *Yavani* escaped towards Egypt, but was captured, and sent in chains to Assyria".—H. R. Hall's Ancient History of the Near East—7th Ed. p. 479.

ଟୀ—(୧୦) In the Bible 'Javan', son of Japhet—Genesis, Chap. X.

Vide—Z. A. Ragozin's Chaldia—'Story of Nations' Series—Chap. II—The Great Races – Chapter X of Genesis.

"Each name in the list is that of a race, a people, or a tribe, not that of a man".

Ibid. P. 131.

"Thus the name of the Assyrians is really Asshur. Why ? Clearly, they would answer, if asked the question, because their Kingdom was founded by one whose name was Asshur. Another famous nation, the Arameans, are supposed to be so called

Digitized by srujanika@gmail.com

ପୃଷ୍ଠା ୫୨୧ର

Aram. The Hebrews name themselves from a similarly supposed ancestor, Heber".

—Ibid. P. 132.

"St. Augustine, one of the greatest among the Fathers of the early church, pointedly says that the names in it represent "nations, not men."

—Ibid. P. 133.

"Among the posterity of Japhet the Greeks indeed are mentioned (unde the name of *Javan*, which should be pronounced *Yawan*.)

Ibid. P. 135.

"A mixed race, inheriting something of the Aegean civilisation and highly 'selected' amid the turmoil of migrations, the Ionians, from about 800 B. C. developed precociously. Indeed, the whole achievement of Greek colonisation and Greek rationalism belongs to them & to those neighbouring Greeks who come within their orbit. Throughout the East 'Yawani' ('Javan'—Genesis X. 2) became generic term for Greek.

The Oxford Classical Dictionary—Ionians.

୨୨—(୧୧)

"Dr Buhler has shown that this writing (Brahmi) is based on the Semitic or Phoenician type, represented on Assyrian weight and on the Moabite Stone, which dates from 890 B. C. He argues, with much probability,

Digitized by srujanika@gmail.com

ପୃ.ୁ॥ ଷଂଶୋଧ

that it was introduced about 800 B.C. into India by traders coming by way of Mesopotamia."

Macdonells—History of Sanskrit Literature—A. M. Library Edition—P. 16.

The above date 890 B. C. has been corrected by Dr H. R. Hall to a date about 40 years' later.

Hall's Ancient History of the Near East—7th. Edition—P. 451.

୭୮—(୧୨) A. A. Trever's "History of Ancient Civilisation" Vol. 1, P. 82.

୭୫—(୧୩) Macdonell's History of Sanskrit Literature—P 17.

୧୦୨—(୧୪) 'The Shu King' or 'The Chinese Historical Classic' by W. G Old, Book I, Section I and Book II Section IV.

୧୧୦—(୧୫) 'ଆମାଦେର ଜ୍ୟୋତିଷୀ ଓ ଜ୍ୟୋତିଷ'—ପୃ.୪୭୯ ।

୧୧୮—(୧୬) D. A. Mackenzie's Myth of Babylonia and Assyria. P. 319.

୧୧୯—(୧୭) Ibid P. 309.

୧୩୧—(୧୭) "The world will **never** be happy till atheism is universal"—Voltaire

—*—

Digitized by srujanika@gmail.com